ପ୍ରବଚନ ଓ

# ପ୍ରବନ୍ଧ ସଂଗ୍ରହ

—ସଙ୍କଳକ—

ଶ୍ରୀ ସର୍ବେଶ୍ୱର ଦାଶ, ଏମ୍. ଏ.

ଅଧ୍ୟାପକ, ବେସିକ୍ ଟ୍ରେନିଂ କଲେଜ,

ଅନୁଗୁଳ

ପ୍ରଥମ ସଂସ୍କରଣ

୧୯୬୧

—ପ୍ରକାଶକ—

ଶ୍ରୀ ଅଭିରାମ ମହାପାତ୍ର, ବି.ଏ.

ଗ୍ରନ୍ଥ ମନ୍ଦିର

[illegible]-୨ : ବ୍ରହ୍ମପୁର

ମୂଲ୍ୟ—ଟ୪.୫୦

# ଭୂମିକା

ସାହିତ୍ୟର ମୁଖ୍ୟତଃ ଦୁଇଗୋଟି ଧାରା । ଶାସ୍ତ୍ରଗତ ଭାବରେ ଏହି ଦୁଇଗୋଟି ଧାରାକୁ ଶିଷ୍ଟ ସାହିତ୍ୟ ଓ ଲୋକ ସାହିତ୍ୟ ନାମରେ ଅଭିହିତ କରାଯାଇଥାଏ । କାବ୍ୟ କବିତା, ଛନ୍ଦ, ଚମ୍ପୁ, ନାଟକ, ଉପନ୍ୟାସ ଓ ପ୍ରବନ୍ଧାଦି ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ । ଏହା ସୁପରିକଳ୍ପିତ ଓ ସପରିବର୍ଦ୍ଧିତ । ଏହାର ସର୍ବାଙ୍ଗରେ ଅଭିଜାତ୍ୟର ଚିହ୍ନ ଓ ଅଳଙ୍କାରାଦିର ଶୋଭନ ସମାବେଶ । ଏହାର ରଚନାକୁ ନିୟମିତ ଓ ଶୃଙ୍ଖଳିତ କରିବାପାଇଁ ଅସଂଖ୍ୟ ଲକ୍ଷଣ ଶାସ୍ତ୍ର ରଚିତ ହୋଇଅଛି ।

ଦ୍ୱିତୀୟ ଶ୍ରେଣୀର ସାହିତ୍ୟ ସ୍ୱତଃ ସ୍ଫୂର୍ତ୍ତ । ଲୋକଗୀତ, ଲୋକ କାହାଣୀ, ପ୍ରହେଳିକା, ଛଡ଼ାମାଳା, ପ୍ରବାଦ, ପ୍ରବଚନ, ଡାକଚୌଷି ବଚନ, ଲଳନା ଓ ଢୁଆ ଏହି ଧାରାର ଅନ୍ତର୍ଗତ । ଏଗୁଡ଼ିକ ଯଥାର୍ଥରେ ଲୋକ ସାହିତ୍ୟ । କେବେ କାହାଦ୍ୱାରା ଏଗୁଡ଼ିକ ରଚିତ ହୋଇଥିଲା କହିବା ସହଜ ନୁହେଁ । ଯୁଗରୁ ଯୁଗ ପ୍ରଚଳିତ ହୋଇ କାଳକ୍ରମେ ଏହା ବର୍ତ୍ତମାନ ରୂପ ପ୍ରାପ୍ତ ହୋଇଅଛି । ତେଣୁ ବେଦବାଣୀପରି ଏ ଗୁଡ଼ିକ ଯଥାର୍ଥରେ ଅପୌରୁଷେୟ ।

ଏଗୁଡ଼ିକ ଯଥାର୍ଥରେ ଲୋକମାନସର ଅନାବିଳ ପ୍ରକାଶ । ଶିଷ୍ଟ ସାହିତ୍ୟ ସର୍ବଦା ଆଡ଼ମ୍ବରପ୍ରିୟ । ତାହା ସଭ୍ୟତା ଓ ସଂସ୍କୃତିର

ସୁକବିଙ୍କ ଓ ଧାତୁବସ୍ତୁ ଚରିତ୍ରକୁ ଅପଣାର ସମ୍ପୂର୍ଣ୍ଣ ରୂପେ ମୁକ୍ତ ରଖିବା ଏହା ପେଶେର ସମ୍ଭବପର ନୁହେଁ । କିନ୍ତୁ ଲୋକ ସାହିତ୍ୟ ସ୍ୱସ୍ଥ ଓ ସ୍ୱୟଂସମ୍ପୂର୍ଣ୍ଣ । ଆହରଣର ପବିତ୍ରତା ତାକୁ ଅଭିଭୂତ କରିନାହିଁ । ଜାତୀୟ ଜୀବନର ପ୍ରାଣ-ସ୍ପନ୍ଦନରେ ତାହା ଚିର ଅଭିଷିକ୍ତ । ଜାତୀୟ ସଂସ୍କୃତିର ପ୍ରକୃତ ସ୍ୱରୂପ ଏଥିରେ ଯେପରି ରୂପାୟିତ ତାହା ଅନ୍ୟତ୍ର ଦୁର୍ଲଭ ।

ଓଡ଼ିଆରେ ଅସଂଖ୍ୟ ପ୍ରବାଦ ଓ ପ୍ରବଚନ ରହିଅଛି । ଏ ସମ୍ବନ୍ଧରେ କେତେ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଥିଲେ ହେଁ ସେଗୁଡ଼ିକ ସମ୍ପୂର୍ଣ୍ଣ ବୋଲି କହି ହେବ ନାହିଁ । ଏବଂ ମଧ୍ୟ ଜିଲ୍ଲାର ଗାଁ ଗହଳିରେ ଏପରି ପ୍ରବାଦ ପ୍ରବଚନ ଅଛି ଯେଉଁଗୁଡ଼ିକୁ ଲିପିବଦ୍ଧ ଓ ସଙ୍କଳନ କରିବାର ପ୍ରୟାସ ଏ ପର୍ଯ୍ୟନ୍ତ ହୋଇନାହିଁ । ସଙ୍କଳିତ ପୁସ୍ତକ ଯେ ଏ ତ୍ରୁଟିରୁ ମୁକ୍ତ, ଏହା କୁହାଯାଇ ନ ପାରିଲେ ହେଁ, ଏଥିରେ ଜିଲ୍ଲାର ବିଭିନ୍ନାଞ୍ଚଳରେ ପ୍ରଚଳିତ ଯାବତୀୟ ପ୍ରବାଦ ଓ ପ୍ରବଚନ ସନ୍ନିବେଶ କରିବାର ଉଦ୍ୟମ ହୋଇଅଛି । ପ୍ରବାଦ ଓ ପ୍ରବଚନ ଉଦ୍ଭଟଶ୍ଳୋକଠାରୁ ସ୍ୱତନ୍ତ୍ର । ପ୍ରବଚନରେ ଯେଉଁ ବ୍ୟଞ୍ଜନା ଓ ସୁଦୂରପ୍ରସାରୀ ଅର୍ଥଗୌରବ ଅଛି ତାହା ଉଦ୍ଭଟରେ ନାହିଁ । ତେଣୁ ଉଦ୍ଭଟଠାରୁ ପ୍ରବଚନର ସାହିତ୍ୟିକ ମୂଲ୍ୟ ଅଧିକ । ଏ ସଙ୍କଳନରେ ଉଦ୍ଭଟମାନର ସନ୍ନିବେଶ କରାଯାଇ ନାହିଁ । ପୁନଶ୍ଚ ସଂସ୍କୃତ ତଥା ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କବିମାନଙ୍କର ଉକ୍ତି ସମୂହ ଅତ୍ୟନ୍ତ ଉପାଦେୟ ହେଲେହେଁ ସେଗୁଡ଼ିକ ପ୍ରବାଦ ଓ ପ୍ରବଚନ (Proverb)ର ପର୍ଯ୍ୟାୟଭୁକ୍ତ ହୋଇ ନ ପାରେ । ତେଣୁ ଉକ୍ତ ସଙ୍କଳନରେ ସେଗୁଡ଼ିକ ଯଥା ସମ୍ଭବ ପରିହାର କରାଯାଇଅଛି । ଜିଲ୍ଲାରେ ପ୍ରଚଳିତ ହିନ୍ଦୀ ଓ ବଙ୍ଗଳା ପ୍ରବଚନଗୁଡ଼ିକ ମଧ୍ୟ ସେହି

କାରଣରୁ ଏହାର ଅଙ୍ଗୀଭୂତ କରିପାରି ନାହିଁ । ସାହିତ୍ୟର କାବ୍ୟରସ-ବୋଧ ଦୃଷ୍ଟିରୁ ଏହାର ସମୀଚୀନତା ପାଠକଗଣ କେବଳ ସ୍ଥିର କରିବେ ।

ପ୍ରବାଦ ଓ ପ୍ରବଚନ ସମ୍ବନ୍ଧରେ ବହୁକାଳ ପର୍ଯ୍ୟନ୍ତ ସାହିତ୍ୟର ବ୍ୟବହାରରେ ଅସ୍ପୃଶ୍ୟ ଏବଂ ଅପାଂକ୍ତେୟ ବିବେଚିତ ହେଉଥିଲା । ଅଧୁନିକ ଯୁଗରେ ଯେତେଦୂର ଜଣାଯାଏ ଫକୀର ମୋହନ ହିଁ ପ୍ରଥମେ ଏଗୁଡ଼ିକୁ ବ୍ୟାପକ ଭାବରେ ସାହିତ୍ୟରେ ପ୍ରଚଳିତ କଲେ । ସେହି ଦିନଠାରୁ ଏଗୁଡ଼ିକର ସାହିତ୍ୟିକ ମୂଲ୍ୟ ସ୍ୱୀକୃତ ହୋଇ ଏବେ ଉପନ୍ୟାସ, ନାଟକ, କ୍ଷୁଦ୍ର ଗଳ୍ପ, ଜୀବନୀ, ଭ୍ରମଣ କାହାଣୀ ଓ ପ୍ରବନ୍ଧାଦିରେ ଅଗଠାରୁ ଅଧିକ ବ୍ୟବହୃତ ହେଉଅଛି । ଏହା ଫଳରେ ଓଡ଼ିଆ ସାହିତ୍ୟ ଜୀବନ୍ତ ଓ ଋଦ୍ଧିମନ୍ତ ହୋଇଅଛି, ସନ୍ଦେହ ନାହିଁ ।

ଓଡ଼ିଆ ପ୍ରବାଦ ଓ ପ୍ରବଚନ ଗୁଡ଼ିକର ରଚନାକାଳ ନିର୍ଣ୍ଣୟ ଏକ କଠିନ ସମସ୍ୟା । କାରଣ "ବାମଣ ବଢ଼େଇରେ ଦାସ୍ତୁ କି ମୁଅରେ ଦାସ୍ତୁ" କିମ୍ବା "ଭଲ ଗୁମସ୍ତି ଭକ୍ଷରେ, ତଳାପାହାଡ଼ିକୁ ବେଧାଇଲେ ବସାଇ ଭଲ ପାଣି ଆଣି ଗଲରେ"—ପ୍ରବାଦ ଦୁଏଡ ସୁରଖଣ୍ଡା କିମ୍ବା ପାଞ୍ଚ ଶହ ବର୍ଷତଳେ ରଚିତ ହୋଇଥିବ । ସେହିପରି "ଗଙ୍ଗା ବୋଇଲେ ଥିବ, ଗାଗୀ ବୋଇଲେ ଦିବ ।" କିମ୍ବା "ହିମିଶି ରେକେଲୁ ମହାଭାରତ" ପ୍ରବଚନ ଶାରଳା ମହାଭାରତର ବିଷୟବସ୍ତୁ ଅବଲମ୍ବନରେ ତାହାଙ୍କ କଥିତ ପରବର୍ତ୍ତୀ କାଳରେ ରଚିତ ହୋଇଥିବ । ଏହା ମଧ୍ୟ ସମ୍ଭବପର ଯେ ଶାରଳା ଦାସଙ୍କ ଭଳି ଲେଖକକବି ଦେଶରେ ପ୍ରଚଳିତ ବହୁ ଲୋକକଥା, କିମ୍ବଦନ୍ତୀ, ପ୍ରବାଦ ଓ ପ୍ରବଚନକୁ ସ୍ୱରଚନାର ଅଙ୍ଗୀଭୂତ କରିଥିବେ । ତେଣୁ ପ୍ରଚଳିତ ପ୍ରବାଦ ଓ ପ୍ରବଚନଗୁଡ଼ିକ କାଳକ୍ରମେ ପରିବର୍ତ୍ତିତ ଓ

ରୂପାନ୍ତରିତ ହୋଇ ବର୍ତ୍ତମାନ ଅବସ୍ଥାକୁ ଆସିଥିବା ସ୍ୱାଭାବିକ । ଏ ଦୃଷ୍ଟିରୁ ବିଚାର କଲେ ଦେଖେଛ ଓଡ଼ିଆ ପ୍ରବାଦ ଓ ପ୍ରବଚନର ପ୍ରାଚୀନତା ସୁସ୍ପଷ୍ଟ ସୂଚିତ ହୁଏ । "ଲୁକଣ୍ଠ କରିବ ଗୁଲିସ, ମାଛ ଖାଇବ ଲଳିସି" କିମ୍ବା "ସୁନାର ଢାଳଟେଲ୍ଲି ଗଲ, ଅଳ ଅଛି କାଳି ଗାଣ୍ଡି" ପ୍ରବଚନର ଅର୍ବାଚୀନତା ସମ୍ବନ୍ଧରେ ଅନୁମେୟ । ଏହିପରି ଭାବରେ ଓଡ଼ିଆ ପ୍ରବାଦ ପ୍ରବଚନ ଗୁଡ଼ିକରେ ଐତିହାସିକ କାଳକ୍ରମ ବିଶ୍ଳେଷଣ କରି ଦେଖାଇ ଦିଆଯାଇପାରେ; କିନ୍ତୁ ଏଥିପାଇଁ ସ୍ୱତନ୍ତ୍ର ଗବେଷଣା ହେବା ଆବଶ୍ୟକ । ଭୂମିକାର କ୍ଷୁଦ୍ର କଳେବର ମଧ୍ୟରେ ତାହା ସମ୍ଭବ ନୁହେଁ ।

ପ୍ରବାଦ ଓ ପ୍ରବଚନ ଯେ କୌଣସି ସାହିତ୍ୟର ଅମୂଲ୍ୟ ମଣି-ମାଣିକ୍ୟ । ସାହିତ୍ୟକୁ ସରସ, ଜୀବନ୍ତ ଓ ଗତିଶୀଳ କରିବା ପାଇଁ ଏବଂ ସ୍ୱଳ୍ପ ପରିସର ମଧ୍ୟରେ ସୁବିସ୍ତୃତ ଭାବରେ ସହଜ ପ୍ରକାଶ ପାଇଁ ଏହାଠାରୁ ବଳି ଉତ୍କୃଷ୍ଟତର ଉପାଦାନ ଆଉ ନାହିଁ । ଏଗୁଡ଼ିକର ବ୍ୟଞ୍ଜନା ଓ ଅର୍ଥଗୌରବ ଅତୁଳନୀୟ । ଅର୍ଥ ଦୃଷ୍ଟିରୁ ଏଗୁଡ଼ିକର ମୂଲ୍ୟ ଯେତିକି ଶୋଭା ତାଠାରୁ ବେଶୀ । ଯଥା—"ଅକାଳର ବିଜୁଳିରେ ବିଜୁଳି ଲଗେଇ ଝିଙ୍କା," କିମ୍ବା "ତୋପାଦିଲି ତୋଡେଇ ସେତେ ମାଡ଼ି ସେତେ" ଏହି ପ୍ରବଚନ ପାଠକ ବା ଶ୍ରୋତାର ମାନସପଟରେ ଭାବର ଯେଉଁ ଅପୂର୍ବ ଝଲକ ସୃଷ୍ଟି କରେ ଏକ ଦୀର୍ଘ ଅନୁଚ୍ଛେଦ ଦ୍ୱାରା ତାହା ବ୍ୟକ୍ତ ହେବାର ନୁହେଁ । ଉକ୍ତ ଶବ୍ଦ ବଳରେ ବସ୍ତୁ ଶୈଳୀ ଓ ଚମତ୍କାର ହୋଇଥିଲି ଏଗୁଡ଼ିକ ସାହିତ୍ୟରେ ପ୍ରାଣଶକ୍ତି ସଞ୍ଚାର କରନ୍ତି । ଓଡ଼ିଆ ଭାଷା ଏହିପରି ଅସଂଖ୍ୟ ପ୍ରବଚନରେ ସମୃଦ୍ଧିବନ୍ତ ।

ଅରଣ୍ୟ ପ୍ରସୂନର ଅନାଘ୍ରାତ ସୌରଭ ପରି ଏଗୁଡ଼ିକର ଭାଷା ଓ ଛନ୍ଦ-ମାଧୁରୀ ଅତ୍ୟନ୍ତ ଉପଭୋଗ୍ୟ । ସ୍ୱର୍ଗୀୟ ଶ୍ୟାମସୁନ୍ଦର

ଗ୍ରନ୍ଥକାରଙ୍କ ରଚିତ "ପ୍ରବଚନାବଳୀରୁ" ଜଣାଯାଏ ବହୁ ଓଡ଼ିଆ ଛନ୍ଦ ଢଗ ଢମାଳି ଓ ପ୍ରବାଦ ପ୍ରବଚନରୁ କ୍ରମ ବିକଶିତ ହୋଇଅଛି । ଟିକିଏ ଗମ୍ଭୀର ଭାବରେ ଅନୁଧ୍ୟାନ କଲେ ଏଗୁଡ଼ିକର ସରଳ ଅନାଡ଼ମ୍ବର ଭଙ୍ଗୀ ପାଠକଙ୍କୁ ମୁଗ୍ଧ କରେ । ଭାଷାତତ୍ତ୍ୱ ଓ ଅର୍ଥ ତତ୍ତ୍ୱ ( Semantics ) ଦୃଷ୍ଟିରୁ ମଧ୍ୟ ଏଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ । ଅତମ କଥାରେ ଅଛି "ମାର୍କଣ୍ଡେଶ୍ୱର ଭଣ୍ଡାର ।" ପୁରୀର ମାର୍କଣ୍ଡେଶ୍ୱର-ଠାରେ ବହୁ ଶାଢ଼ୀ ସମାଗମ ହୁଏ । ତେଣୁ ବାହ୍ୟ ଅର୍ଥଲୋଭୀଙ୍କର ଏକାଧିକ ଶାଢ଼ୀକୁ ମୂଲାଏ ମୂଲାଏ ଦିଅର କର ଅଧିକାର ରହେ । ଏବେ ସେ ପ୍ରଥା ପ୍ରଚଳିତ ଅଛି କି ନାହିଁ ମୋତେ ଜଣାନାହିଁ ; କିନ୍ତୁ ଉକ୍ତ ପ୍ରବଚନଟି ସାର୍ବଜନୀନ ହୋଇପାରିଛି । କୌଣସି ବ୍ୟକ୍ତି ଗୋଟିଏ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ବହୁକାମ ଅଧୁରା ପକାଇ ଥିଲେ ଏହା ଉଚ୍ଚାରଣ କରାଯାଇଥାଏ । "ରୁକ୍ମିଣୀ ରଥ ଅଣଚାଳିଲିଆ," କିମ୍ବା "ଶିବେଇ ସାନ୍ତରାପର ଛାଇ ଖାଇବା" ମଧ୍ୟ ଏହିପରି ଏକ ଏକ ବିଶିଷ୍ଟ ଘଟଣା, ବ୍ୟକ୍ତିକୁ ଲକ୍ଷ୍ୟ କରି ଗଢ଼ା ଯାଇଥିବା ପ୍ରବଚନ । ଏହିପରି ବହୁ ସ୍ଥାନ, ନାମ ଓ ଘଟଣା ଭାଷାରେ ସେମାନଙ୍କର ସ୍ମୃତିର ରଖିଯାଇଛନ୍ତି । ସେଗୁଡ଼ିକର ମୂଳ ଅର୍ଥ ପରିବର୍ତ୍ତିତ, ପରିବର୍ଦ୍ଧିତ ଓ ରୂପାନ୍ତରିତ ହୋଇ ସେଗୁଡ଼ିକ ଏବେ ସାର୍ବଜନୀନ ପ୍ରବଚନ ରୂପେ ବ୍ୟବହୃତ ହୋଇଅଛି । ଓଡ଼ିଆ ଭାଷା ବିଭବ ବଢ଼ାଇବାରେ ଏଗୁଡ଼ିକର ଦାନ ଅତୁଳନୀୟ ।

ଇତିହାସ, ସମାଜତତ୍ତ୍ୱ ନୃତତ୍ତ୍ୱ ଓ ଭୂଗୋଳ ଦୃଷ୍ଟିରୁ ମଧ୍ୟ ଓଡ଼ିଆ ପ୍ରବାଦ ଓ ପ୍ରବଚନ ଗୁଡ଼ିକ ଅତ୍ୟନ୍ତ ଉପାଦେୟ । ଉତ୍କଳର ବହୁ ଐତି-ହାସିକ-ତଥ୍ୟ ଏବେ ମଧ୍ୟ କିମ୍ବଦନ୍ତୀର ଅନ୍ତରାଳରେ ଲୁଚି ରହିଛି । ପୁରୀ ଅଞ୍ଚଳରେ ଗୋଟିଏ ପ୍ରବଚନ ଅଛି—"ନଈରେ ବାଲିଆ ଚଢ଼ିଛି,

କଉଳ ସିନ୍ଦୂର ଗାଆଁରେ ରଣ୍ଡି ପୁଣି ଦ୍ବିତୀୟ ଲୋଡ଼ୁଥିଲା ।” ଏହି ପ୍ରବଚନକୁ ଭିତ୍ତିକରି ଉତ୍କଳର ଅମର ସାଧ୍ବୀ ଦ୍ବିତୀୟସ୍ତ୍ରୀଅଙ୍କ ଜୀବନ କାହାଣୀ ବର୍ତ୍ତମାନ ବାଳକ ବାଳିକାଙ୍କୁ ଉଦ୍ଧାର କରି ଆସୁଛି । ଏହିପରି କେତେ ଯେ ଐତିହାସିକ ତଥ୍ୟ କିମ୍ବଦନ୍ତୀ ଓ ପ୍ରବାଦ ଆକାରରେ ଲୁଚି ରହିଛି, ତାହା କିଏ କହିବ ? ଲୋକେ କଥାରେ କହନ୍ତି “ତା ମୁଣ୍ଡରେ ହାତ ସୁନା କଳସ ଢାଳିଲା ।” ଏ ଉକ୍ତିଟି ବହୁ ପ୍ରାଚୀନ କାଳରୁ ଉତ୍କଳରେ ଲୋକ-ପରମ୍ପରାରେ ଚାଲି ଆସୁଛି । ପଣ୍ଡିତ ନୀଳକଣ୍ଠ ଏହାକୁ ଭିତ୍ତିକରି ତାହାଙ୍କ “ଓଡ଼ିଆ ସାହିତ୍ୟର କ୍ରମ ପରିଣାମ”ରେ ପ୍ରମାଣ କରି ଅଛନ୍ତି ଯେ ପୂର୍ବେ ଉତ୍କଳରେ ମହା ସାମନ୍ତଙ୍କ ବା ସାମନ୍ତମାନଙ୍କର ଶାସନ ପଦ୍ଧତିର ପ୍ରଚଳନ ଥିଲା ।

ଆଉ ଗୋଟିଏ ପ୍ରବଚନ ଅଛି—“ଶ୍ରୀମନ୍ତ ଦାପକୁଣ୍ଡା ଉପରକୁ ଉଠିଲେ ଆଉ ଛତ୍ର ଦେଖ ମାନେ ନାହିଁ ।” ଦାପକୁଣ୍ଡା କଥାଟି ଜୈନ ପରମ୍ପରାରୁ ଗୃହୀତ । ଜୈନ ଚୈତ୍ୟ ଉପରୁ ଲୁଗା ଉଡ଼ାଇ ଆସିଥିବା କଥା ଡକ୍ଟର ଲକ୍ଷ୍ମୀନାରାୟଣ ସାହୁ ତାଙ୍କ “ଓଡ଼ିଶାରେ ଜୈନ ଧର୍ମ” ପ୍ରବନ୍ଧରେ ସୂଚାଇଛନ୍ତି । ପୁଣି ଓଡ଼ିଆର ବହୁ ପ୍ରବାଦ ଓ ପ୍ରବଚନ ଭିତ୍ତିକୁ ଭେଦ କରି ଗଠିତ ହୋଇଛି । ଏଥିରୁ କେହି କେହି ଅନୁମାନ କରି ଥାଆନ୍ତି ଯେ ଉତ୍କଳରେ ପ୍ରଥମେ ଅଷ୍ଟ୍ରିକ ଜାତୀୟ ଲୋକ ବାସ କରୁଥିଲେ । ସେହିପରି “ଅପୁତ୍ରା ଦେବତାଙ୍କୁ ପଡ଼ର ସଉଳୁଣୀ ଭୂଆଣୀ”ରୁ ଶବର ସଭ୍ୟତାର ସଙ୍କେତ ମିଳେ । “ଧନ୍ୟ କରଞ୍ଜ ମରଣ ନାହିଁ” କିମ୍ବା “ନ ଖାଅ ଶୋଷ, କେବେ ନ ଯିବ ସର । ସେତେ ଶିବ ଘର ଦେବେ କାଉଡ଼ି ଭର” ଇତ୍ୟାଦିରୁ ଏକ ପ୍ରାଚୀନ ଅନାର୍ଯ୍ୟ ସଭ୍ୟତାର ପରିଚୟ ମିଳେ । ଏହିପରି ଭାବରେ ସଭ୍ୟତା ଓ ସଂସ୍କୃତିର ଧାରା ଧରି ଏଗୁଡ଼ିକର ଆଲୋଚନା ଓ ବିଶ୍ଳେଷଣ କରାଯାଇ ପାରେ । ପ୍ରକୃତରେ

ଗବେଷଣା ପାଇଁ ଏ ଗୁଡ଼ିକରେ ଯେ ପ୍ରଚୁର ଉପାଦାନ ରହି ରହିଛି ଏଥିରେ ସନ୍ଦେହ ନାହିଁ ।

ସେହି ବ୍ୟକ୍ତିଗତ ସ୍ୱାସ୍ଥ୍ୟ, କୃଷି, ଆହାର, ବାସ୍ତୁ ଓ ଗୃହ ନିର୍ମାଣ ସମ୍ବନ୍ଧରେ ବହୁ ତଥ୍ୟ ଓ ଅନୁଭୂତି ଏଗୁଡ଼ିକରେ ସୂତ୍ର ଭାବେ ବର୍ଣ୍ଣିତ ହୋଇଅଛି । ଏଥିରୁ ଅନେକ ଯେ ବିଜ୍ଞାନସମ୍ମତ ତାହା ଏବେ ପ୍ରତିପାଦିତ ହେଉଅଛି । ସମାଜର ଗ୍ରହଣୀ ଓ ଲୋକଙ୍କୁ ଢଗଢମାଳିରୁ ଦେଖି ସେମାନଙ୍କ ସମାଜର ଗଠନ, ବିକାଶ ଓ ଜନପରମ୍ପରାର ଆଲୋଚନା ପାଇଁ ଏଗୁଡ଼ିକ ଅତ୍ୟନ୍ତ ସହାୟକ । ନାନା ସାମାଜିକ ରୀତିନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟ ଏଗୁଡ଼ିକରେ ବାଣୀବଦ୍ଧ ହୋଇ ରହିଅଛି । ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ଯେ ନିତାନ୍ତ ଅଶ୍ଳୀଳ ଓ ମାର୍ଜିତ ରୁଚିର ବାଧକ ତାହା ସତ୍ୟ । ଅଧିକନ୍ତୁ କେତେକ ପୁଣି ଘୋର ସାମ୍ପ୍ରଦାୟିକତା ଦୋଷରେ ଦୁଷ୍ଟ ଏବଂ ଜାତୀୟ ଐକ୍ୟ ଓ ସଂହତିର ପରିପନ୍ଥୀ । ଯେପରି "ବ୍ରାହ୍ମଣ ଭକ୍ଷା, ଖଣ୍ଡ ଚରକ୍ଷା" ... ବା ତେଲି ଚେଲି କରଣ ...." ଇତ୍ୟାଦି । କେହି କେହି ମତ ପୋଷଣ କରିବାର ଶୁଣାଯାଏ ଯେ ଏତାଦୃଶ ପ୍ରବଚନ ସର୍ବତୋଭାବେ ବର୍ଜନୀୟ । କିନ୍ତୁ ଏ ପ୍ରକାର ମତ ଖଣ୍ଡ ଓ ସୀମିତ ଦୃଷ୍ଟିଭଙ୍ଗୀର ପରିଚାୟକ । ଉକ୍ତ ପ୍ରବାଦ ଓ ପ୍ରବଚନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଆଲୋଚନା କଲେ ଜଣାଯାଏ ଯେ, ସେଗୁଡ଼ିକରେ ଦୃଷ୍ଟି ସଙ୍କୀର୍ଣ୍ଣ ଊର୍ଦ୍ଧ୍ୱକୁ । ପୃଥିବୀରେ ଏପରି କୌଣସି ଜାତି ନାହିଁ, ଯେଉଁ ଜାତିରେ ପ୍ରବଚନ ରଚିତ ନ ହୋଇଛି । ଯଥାର୍ଥରେ ଏଗୁଡ଼ିକ ଉକ୍ତ ସାମାଜିକ ଜୀବନର ମୁକୁର । ଏପରିକି ଚୌର୍ଯ୍ୟବୃତ୍ତି ଏବଂ ବେଶ୍ୟାବୃତ୍ତି ଭଳି ଜଘନ୍ୟ ବିଷୟ ମଧ୍ୟ ବାଦ୍ ଯାଇନାହିଁ । କିନ୍ତୁ ତାହା ଧର୍ମ, ନୀତି, ରୁଚି ଓ ମାନବ କଲ୍ୟାଣର ପରିପନ୍ଥୀ ତା ପ୍ରତି ଏଗୁଡ଼ିକର କଶାଘାତ

ସମର୍ଥନ ନାହିଁ । ବରଂ ସକଳ ପ୍ରକାର କ୍ଷୁଦ୍ରତା, ସ୍ୱାର୍ଥପରତା, ଅନାସ୍ଥା ଓ ଅତ୍ୟାଚାରକୁ ଲକ୍ଷ୍ୟ କରି ଏଗୁଡ଼ିକରେ ଯେଉଁ ତୀବ୍ର କଠୋର ଓ ଶାଣିତ ଶ୍ଳେଷର ଅବତାରଣା କରାଯାଇଛି ତାହା ବାସ୍ତବରେ ଅନୁଧ୍ୟାନର ଯୋଗ୍ୟ । ଓଡ଼ିଆର ଜୀବନ ଦର୍ଶନ, ଉଦାର ବିଶ୍ୱମାନବିକତା ଓ ଉନ୍ନତ ନୈତିକ ଦୃଷ୍ଟିଭଙ୍ଗୀ ଏ ଗୁଡ଼ିକରେ ଅତ୍ୟନ୍ତ ନିପୁଣତାର ସହିତ ରୂପାୟିତ ହୋଇଛି । ଏକ ନିତ୍ୟ, ଶାଶ୍ୱତ ଆଦର୍ଶ ରୂପରେ ଓଡ଼ିଆ ସମାଜକୁ ଯୁଗଯୁଗ ବ୍ୟାପୀ ଧରି ରଖିଅଛି, ତାହାର ସଙ୍କେତ ଏହି ପ୍ରବାଦ ଓ ପ୍ରବଚନ ଗୁଡ଼ିକରୁ ସ୍ପଷ୍ଟ ଜଣାପଡ଼େ । ଯେଉଁ ସୁଦୂର ଅତୀତର ସ୍ୱପ୍ନ ଭଳି ଏମାନେ ଆମକୁ ବାରମ୍ବାର ଆମର ସଂସ୍କୃତି, ପରମ୍ପରା ଓ ଆଦର୍ଶ ସମ୍ବନ୍ଧରେ ଚେତାବନୀ ଶୁଣାଇ ପଥଭ୍ରଷ୍ଟ ନହେବାପାଇଁ ଦୃଢ଼ ସଙ୍କେତ ଦେଇଅଛନ୍ତି ।

— ଅ —

୧ । ଅଗଷ୍ଟରେ ଚେଙ୍କା ଶ୍ରାବଣ; ଭାଦ୍ରବ ଭରଣି ଧାନ;
ଆଶ୍ୱିନ ମାସର ଗହ୍ଳା ଗହ୍ଳ; ଭାଙ୍ଗିବ ପାଇବ ଧାନ ।

[ ଧାନ ବୋଇବା ସମ୍ବନ୍ଧରେ କୃଷି ବଚନ । ]

୨ । ଅଘ୍ରା ପଶୁ ମଲେ ମଶା, ପାହୁଅ ହେଲେ ମୁହଁଫଟା ।

[ ଶୀତ ପଡ଼ିଲେ ମଶାମାନେ ମରିଯାନ୍ତି ଓ ମୁହଁରେ ଫାଟ-ହେବାରୁ ପାହୁଆମାନେ ଭଲ ହୋଇ ପାରନ୍ତି ନାହିଁ । ]

୩ । ଅଳଧର୍ମଙ୍କୁ ବାଇଗଣ ପୋଡ଼ାଭଜା ।

[ ଅଗ୍ନିପୂର୍ଣ୍ଣିମା କିମ୍ବା ଦୋଳପୂର୍ଣ୍ଣିମା ଭିତରେ ଅଳଦେଶ୍ୱରଙ୍କୁ ବାଇଗଣ ପୋଡ଼ାଭଜାପରି ଫଳପ୍ରାପ୍ତିର ନିଶ୍ଚୟତା ନ ଥାଇ କୌଣସି କାର୍ଯ୍ୟରେ ହାତ ଦେବା । ]

୪ । ଅଇଲା କଳା ପାହାଡ଼; ଭାଙ୍ଗିଲା ଲୁହାର ବାଡ଼; ପିଇଲା ମହାନଦୀ ପାଣି; ସୁବନ୍ୟ (ସୁବର୍ଣ୍ଣ) ଥାଳରେ ଚହ୍ଳା (ଖୀର) ପରଶିଲେ ମୁକୁନ୍ଦଦେବଙ୍କ ରାଣୀ ।

[ କଳା ପାହାଡ଼ର ଓଡ଼ିଶା ଆକ୍ରମଣ ସମ୍ବନ୍ଧରେ ଐତିହାସିକ କିମ୍ବଦନ୍ତୀ । ]

୫। ଅକର୍ମୀ ଦେଉଳେ ଯାଏ, ଗମ୍ଭୀରିରୁ ଲିଙ୍ଗ ଲୁଚି ପଳାଏ।

[ କର୍ମହୀନ ବ୍ୟକ୍ତି ପ୍ରତି କୌଣସି ଦେବତା ପ୍ରସନ୍ନ ହୁଅନ୍ତି ନାହିଁ। ତାର ସମସ୍ତ ଶ୍ରମ ପଣ୍ଡ ହୁଏ। ]

୬। ଅଜାଣ କାଣ୍ଡ କପାଳେ ବାଜେ।

[ ପାଣ୍ଡୁରାଜା ମାଦ୍ରୀଙ୍କ ସହିତ ସହବାସ କରିବା ସମୟରେ ଋଷି ଶାପରୁ ପାଷାଣ ଧରି ପୁଟି ଶୂନ୍ୟରୁ ଗୋଟିଏ କାଣ୍ଡ ଆସି ତାହାଙ୍କ ହୃଦୟରେ ବାଜନ୍ତେ ସେ ପ୍ରାଣତ୍ୟାଗ କରିଥିଲେ। ଅଚାନକ ଦୈବୀ ବିପତ୍ତି ପଡ଼ିବା। ]

୭। ଅଜାଡେଲ ଖଜାଲେ କଲି ବେଶଭୂଷା, ମୁଣ୍ଡରେ ପଡ଼ିଲା କୁରାଢ଼ି ଚଷା।

[ ବ୍ୟବସାୟରେ ଅନଭିଜ୍ଞ ବ୍ୟକ୍ତି ହଠାତ୍ ବାଣିଜ୍ୟ କଲେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା। ]

୮। ଆକାମାବୈ, ପାନଗୁଆ ଥୋଇ; ପାନଗୁଆ ତୋର, ମାସକ ଧର୍ମ ମୋର।

[କାର୍ତ୍ତିକ ପୂର୍ଣ୍ଣିମା ଦିନ ପୁଷ୍କରିଣୀରେ ସ୍ନାନ ଶେଷରେ ସ୍ତ୍ରୀ ଓ ବାଳକ ବାଳିକାଗଣ ଭଙ୍ଗାଗୁଆ ସହିତ ଡୋଙ୍ଗା ଭସାଉଥିବା ପାନଖିଲି ଗଙ୍ଗା ଦେବୀଙ୍କୁ ଉପହାର ଦେଇ ଉପରୋକ୍ତ ବାକ୍ୟ ଉଚ୍ଚାରଣ କରନ୍ତି। ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ପୁଷ୍କରିଣୀରେ ସ୍ନାନ କଲେ ଧର୍ମ ହୁଏ। ]

୯। ଅଣ ଗୁଲୁଥିଲେ ତଳ ବୁଲୁଥାଏ, ବୁଲି ପଡ଼ୁଥାଏ ପକ୍ଷୀ; ସଂସାର ଭିତରେ ଦିନ ଭଲଥିଲେ ପଥର ପଲଟେ ସଖୀ।

[ ଭାଗ୍ୟର ସମ୍ବର୍ଦ୍ଧିତ ଅନୁଯାୟୀ ମନୁଷ୍ୟଙ୍କୁ ସୁଖ ଓ ଦୁଃଖ ଭୋଗ କରିବାକୁ ପଡ଼େ । ]

୧୦ । ଅଖାଇ ନାଣୀ କହୁଛି ଓଷା, ନଡ଼ିଆ ଗୋଟାକ ଛଅ ପଇସା ।

୧୧ । ଅଖାଇ ଖାଇ ମନ କଲା, ବାରବାଟୀ ଶାଗ ଧୋଇବାରେ ଗଲା ।

[ କୃପଣ ବ୍ୟକ୍ତି ଭୋଗ କରିବାକୁ ଇଚ୍ଛାକଲେ ପ୍ରକୃତ ଭାବରେ ତାର କୃପଣତା ଆଚରଣ କରେ ତାହାର ଏହ ଉଦାହରଣ ।]

୧୨ । ଅଗସ୍ତି କଲେ ଦାନ, କଷା ଗୁଆ ପସ୍ତ ପାନ ।

[ କୃପଣ ବ୍ୟକ୍ତିର ବଦାନ୍ୟତା ସମ୍ବନ୍ଧରେ ବ୍ୟଙ୍ଗୋକ୍ତି । ]

୧୩ । ଅଣ୍ଟାଏ ମହାର୍ଦ୍ଦ ଲୁଟିଁଲେ ଦେଇ କଣିକାଏ ନାମିଲ୍ୟ ଲୁଟିଁବାକୁ ଦେଇ ।

[ମହାପ୍ରସାଦରେ ଅଳ୍ପ ବହୁତ ଭେଦ ବିଚାର୍ଯ୍ୟ ନୁହେଁ ।]

୧୪ । ଅଗ୍ନିକି ପବନ ସାହା ।

[ କୌଣସି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଉତ୍ତମରେ ଲୋକର ଅଭାବ ରହେ ନାହିଁ । ]

୧୫ । ଅତି ଜଳାଣ୍ଟ ଶୀତ ଝଲକ, ବୋଲ୍ ହରି ବୋଲ୍ ।

[ ମାଘ ମାସ ପୂର୍ଣ୍ଣିମାଠାରୁ ଶୀତର ପ୍ରକୋପ କ୍ରମେ ଯାଏ । ]

୧୬ । ଅଡ଼ାନ୍ତା ନାଞ୍ଚ ବାପଘର ଯାଏ, ମନ ଗୁଲ୍ଲଣିଆ ଶୀଘ୍ର ଗାଏ ।

[ ପିଲାଙ୍କୁ ଜ୍ଞାନ ନ ଥିବା ସ୍ତ୍ରୀ ପ୍ରତି ପ୍ରଯୁଜ୍ୟ ବଚନ । ]

୧୭ । ଅଲ୍ଲୁଅ ମାଙ୍କୁ ଗଣ୍ଡୁ ଦେବା ନ୍ୟାୟ ।

[ ଉପମାର ଅଯୋଗ୍ୟ ବସ୍ତୁକୁ ଜାଣି ତାହାକୁ ଉପମା ଦେବା । ]

୧୮ । ଅଗଣା ଗୁହାଳର ଘିଅ ଖାଇବା ।

[ ଅତି ସାଧାରଣ ବସ୍ତୁରେ ନିଜର ଅଜ୍ଞତା ପ୍ରଦର୍ଶନ କରିବା । ]

୧୯ । ଅଙ୍ଗରକୁ ଦାଣ୍ଡି ରାମ, ମୁହଁରେ ବୋଲିଲ୍ ରାମ ରାମ ।

[ ଅଳସ୍ୟପରାୟଣ ବ୍ୟକ୍ତି ପରିଶ୍ରମ ନ କରି ଜୀବନ ଧାରଣ ପାଇଁ ଦୈବ ଉପରେ ନିର୍ଭର କରିବା । ]

୨୦ । ଅଳା ଛେଳି, ବୁଢ଼ା ମେଣ୍ଢ, ଦୁଧର ଉପର, ଦହିର ତଳ; ମାଛମା, ଶାଗର ଝି, ସ୍ତ୍ରୀକୁ ନ ଖାଇବ ଖାଇବ କି ?

[ ଖାଦ୍ୟସମ୍ବନ୍ଧୀୟ ପ୍ରବଚନ—ଛୋଟ ଛେଳି, ବଡ଼ ମେଣ୍ଢା, ଦୁଧର ସର, ତଳିତଳିଆ ଦହି, ବଡ଼ ମାଛ ଓ କଅଁଳିଆ ଶାଗ ଏମାନେ ସୁଖାଦ୍ୟ । ]

୨୧ । ଅଜାଗଳ ସ୍ତନ ନ୍ୟାୟ ।

[ ଛେଳିଙ୍କ ବେକତଳେ ଓହ୍ଲାଇଥିବା ସ୍ତନ ସଦୃଶ ଦୁଇଟି ମାଂସ ପିଣ୍ଡ ଭଳି ଯାହା ଅନାବଶ୍ୟକ । ]

୨୨ । ଅଜାଗା ଘା ଦେଖି ହୁଏ ନାହିଁ କି ଦେଖେଇ ହୁଏ ନାହିଁ ।

[ କୌଣସି କଳଙ୍କମୟ ଓ ଲଜ୍ଜାଜନକ ଅଥଚ ଅପ୍ରକାଶ୍ୟ ଘଟଣା ପ୍ରତି ପ୍ରୟୋଜ୍ୟ ଉପଲକ୍ଷ ବଚନ । ]

୨୩ । ଅନ୍ଧା ଭିକାରୁ ଦହି ଭିକ୍ଷ ।

[ ଖମିର ଓ ସ୍ତୁବକ, ନାଟଶାଳା ଓ ନାୟକ ଭବସ୍ଥ ପଟଳ କାର୍ଯ୍ୟରେ ଦେଖିଥିଲା ପ୍ରଦର୍ଶନ । ]

୨୪ । ଅହିକାଳ ବଣିଆ ସଉଦା ଦିଏ ।

[ଦୋକାନୀର ପଇସା ଗଣ୍ଠିକାଠାରେ ବାକି ଥିଲେ ସେ ବାକି ପଇସା ଅଦାୟ କରିବା ଆଶାରେ ବାକିଦାରଙ୍କୁ ପୁଣି ସଉଦା ବାକିରେ ଦିଏ ।]

୨୫ । ଅଠାକାଣ୍ଡିଅରେ ପକାଇବା ।

୨୬ । ଅଠାକାଠିରେ ପଡ଼ିବା ।

[ ଚକଳା ପକ୍ଷୀ ଧରିବା ପାଇଁ ଯେଉଁ ନଳ ବ୍ୟବହାର କରେ, ତାର ଅଗ୍ରଭାଗରେ ଏକ ଅଠାଯୁକ୍ତ କାଠି ଥାଏ । ପକ୍ଷୀର ପର ସେହି କାଠିରେ ଲାଗି ଯିବାରୁ ସେ ଆଉ ଉଡ଼ି ନ ପାରି ଅଟକି ଯାଏ । ତଦ୍ରୂପ କୌଣସି ବିପଦ ପରିସ୍ଥିତିରେ ପଡ଼ିବା । ]

୨୭ । ଅଣ୍ଡିରା ବିଲୁଆର ଡାକ, ମଡ଼ା ପାଟିଅଙ୍କୁ ଡାକ ।

[ ଅଣ୍ଡିରା ବିଲୁଆ ଡାକିଲେ ଶୁଣାଯିବା ଅଞ୍ଚଳରେ କାହାର ମୃତ୍ୟୁ ଘଟିବାର ଆଶଙ୍କା ଲୋକେ କରନ୍ତି । ]

୨୮ । ଅଣ୍ଟା ଭଙ୍ଗା ହୋଇ ଯେବଣ ବାଣ୍ଟ, ପୁଣି ହୋଇବାର ଯେଉଁ ଘଟାଇ, ସେହି ସ୍ତ୍ରୀଙ୍କର ଅଣ୍ଟାରେ ବାନ୍ଧ, କହେ ଦାନାଇ ଏ ଭନାହିଁ ମାନ୍ତୁ ।

[ ଦାନାଇ ଦାସଙ୍କ ଉକ୍ତି । ]

୧୯ । ଅଣ୍ଟାରେ ନାହିଁ ଧନ, ମୁଖ ବାହ୍ଲାଙ୍କର ମନ ।

[ ଦରିଦ୍ର ବ୍ୟକ୍ତିର ବୃଥା ଉଚ୍ଚାଭିଳାଷ ପୋଷଣ । ]

୨୦ । ଅଣ୍ଟାରୁ ପଇସା ବାହାର ନାହିଁ, ମୁଖରୁ ହୁଙ୍କାର ରହିବ ନାହିଁ ।

[ ଏକଣା ଅର୍ଥଦେଇ, ଷୋଳଣା କାର୍ଯ୍ୟ ସାଧନ ପାଇଁ ବାଳବାଞ୍ଛା, ଏଥିପାଇଁ ଦୋଷାଳରେ ପଡ଼ି କୃପଣ ବ୍ୟକ୍ତି ଶତ୍ରୁସନ୍ତୁଷ୍ଟ ହୁଏ । ]

୨୧ । ଅଣ୍ଟିରେ ଗୁଣ୍ଡା ଥିଲେ କେତେ ଭାଇ ଆସିବେ ।

[ ଧନ ଥିଲେ ଲୋକଙ୍କର ଅଭାବ ରହେ ନାହିଁ । ]

୨୨ । ଅଣ୍ଡି ଗୁଣ ଭଣ୍ଡି ଜାଣେ ।

୨୩ । ଅଣ୍ଡା ଗୁଣ ଭମର ଜାଣେ ।

[ ଅଶ୍ଳୀଳ ଅଥବା ଗୁପ୍ତଶ୍ଳୀଳ ବ୍ୟକ୍ତିର ସ୍ୱାଭାବିକଙ୍କ ଆଚରଣ । ]

୨୪ । ଅଣ୍ଡିରୁପୁଅର ଲଣ୍ଡି, ପାଉଁଶିଆ ଡିଅର ଗଣ୍ଡି ।

[ ସେହେତୁ ପୁଂସ୍ତ୍ୱହୀନ ହେଲେ ମଧ୍ୟ କର୍ମଦକ୍ଷତାରେ ପୁରୁଷ ସଙ୍ଗେ ସ୍ତ୍ରୀ ସମକକ୍ଷ ହୋଇ ପାରେ ନାହିଁ । ]

୨୫ । ଅତି ଲୋଭେ ତନ୍ତୀ ମରେ ।

[ତନ୍ତୀ ଜାତିର ଅତ୍ୟଧିକ ଲୋଭ ସମ୍ପର୍କରେ ଉକ୍ତି । ]

୨୬ । ଅତି ଦର୍ପରୁ କୌରବ ନଷ୍ଟ ।

[ ଅତ୍ୟଧିକ ଦମ୍ଭ ବା ଅହଂକାର ସର୍ବନାଶକାରକ । ]

୩୭ । ଅତି ଭକ୍ତି ଚୋରର ଲକ୍ଷଣ ।
[ ଅତ୍ୟଧିକ ବିନୟ ଷଡ଼ଯନ୍ତ୍ରର ପରିଚୟସୂଚକ ।]

୩୮ । ଅତି ଲେମ୍ବୁ ଚିପୁଡ଼ିଲେ ପିତା ।
[ ଲେମ୍ବୁରସ ସ୍ୱାଦକର ହେଲେହେଁ ବେଶୀ ଚିପୁଡ଼ିଲେ ଶେଷକୁ ପିତା ଲାଗେ । ସେହିପରି ପ୍ରତ୍ୟେକ ବିଷୟରେ ମାତ୍ରାଧିକ୍ୟ ବର୍ଜିତ ଅଟେ ।]

୩୯ । ଅତି ସିଆଣୀ କାଉ ଗୁହ ଖାଏ ।
[ ଅତି ବୁଦ୍ଧିମାନ୍ ବ୍ୟକ୍ତି ଶେଷକୁ ଠକାମିରେ ପଡ଼ିବା ନ୍ୟାୟ ।]

୪୦ । ଅତି ଦେଖୁଆ ଜାତି ଯାଏ, ଅତି ଦେଖୁଆ ଗାଳି ଖାଏ ।

୪୧ । ଅତି ନିର୍ଲଜ୍ଜ ଗୀତ ଗାଏ, ଅତି ଚୋଡ଼ା ମୁହାଁ ଜାତି ଖାଏ ।
[ ସଙ୍କୋଚ ତ୍ୟାଗ ନ କଲେ ନୃତ୍ୟ ଗୀତାଦିରେ ସଫଳତା ଲାଭ ଅସମ୍ଭବ ।]

୪୨ । ଅତି ଭଲ୍ କୁହେଁ ଦେଖର ଦେବର, ଅତି ଭଲ୍ କୁହେଁ ଚୁନ;
ଅତି ଭଲ୍ କୁହେଁ ବର୍ଷା ବାଦଲ୍, ଅତି ଭଲ୍ କୁହେଁ ଧୂପ ।
[ ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ ।]

୪୩ । ଅତି ମଧୁର୍ କୀଡ଼ା ଖାଏ । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ )
[ ଅତି ମିଠା ପଦାର୍ଥରେ ପୋକ ଲାଗେ ।]

୪୪ । ଅତି ସୁକୁମାର ରାଜକୁମାରୀ, କଉଁଚରେ ଗୋଟି ଗଳିଲା,
[ ଅତି ସୁକୁମାରୀ କନ୍ୟା ପ୍ରତି ଭର୍ତ୍ସନାସୂଚକ ବାକ୍ୟ ।]

୪୫ । ଅତି ଶଉକୁଣୀ ଅଙ୍ଗାର ଗୁଣ, ଅତି ଶିଉକୁଣୀ ଭଣ୍ଡାର୍ଦ୍ଧ ଭାତ ।
[ ଅଙ୍ଗାର ଗୁଣପରି ଭଣ୍ଡାର୍ଦ୍ଧ ଭାତ ଉତ୍ସାହୀ । ]

୪୬ । ଅତ୍ୟନ୍ତ ପ୍ରୀତି କଲେ ଲଣ୍ଡଭଣ୍ଡ, ଅତ୍ୟନ୍ତ ପ୍ରୀତି ଘଟେ ବାଘୁମୁଣ୍ଡ
[ ଅତ୍ୟଧିକ ପ୍ରୀତି ପରିଣାମରେ କ୍ଷତିକାରକ । ]

୪୭ । ଅଦା ଚରିଜା ଚେଳିଗଲେ ଋଷି ବାହାରେ ।
[ ପ୍ରଜାଙ୍କ ପ୍ରତି ଅତ୍ୟାଚାର କଲେ ସେମାନଙ୍କଠାରୁ କର ଅଦାୟ ହୁଏ । ]

୪୮ । ଅଦା ବେପାରିର ଜାହାଜ ମୂଲ୍ ।
[ ଅନଧିକାର ଚର୍ଚ୍ଚା, ଛୋଟ ମୁହଁରେ ବଡ଼ କଥା । ]

୪୯ । ଅଦେଖିଲା ଘରେ ଖୁଦୁକୁଦୁଣି ଝିଅ ।
[ ବ୍ୟଙ୍ଗୋକ୍ତି, ଅସମ୍ଭବ କଥା ]

୫୦ । ଅଧ ନଈକୁ ଠେଲି ଦେବା ।
[କୌଣସି ବ୍ୟକ୍ତିକୁ ଅତର୍କିତଭାବରେ ବିପଦରେ ପକାଇବା ।]

୫୧ । ଅଧର୍ମ ବାଣ୍ଡ, ଭିତର ବନ୍ଧୁତ, ଯେତେବେଳେ ଯାଏ ମୂଳ ସମେତ ।
[ ଅନ୍ୟାୟ ଉପାୟରେ ଅର୍ଜିତ ସମ୍ପତ୍ତିର ବିନାଶପ୍ରାପ୍ତି ସମ୍ବନ୍ଧରେ ସାମାଜିକ ମନ୍ତବ୍ୟ । ]

୫୨ । ଅଧୁଆ ମୂଳା ଚେର, ଧୁଆମୂଳା ଚେର ।
[ଯେଉଁଠାରେ ଭଲ, ମନ୍ଦ, ଉତ୍କୃଷ୍ଟ, ନିକୃଷ୍ଟର ବିଚାର ନାହିଁ । ]

୫୩ । ଅଧୁଆମୁହାଁ ହାଣ୍ଡିରେ ଚୁଲି ଲଗେ ନାହିଁ ।
[ ସାମାଜିକ କୁସଂସ୍କାର । ]

୫୪ । ଅନଳନଳ, ଓଦାକାଠ ସବୁ ଜଳ ।
[ ଅଗ୍ନିର ଦହନଶକ୍ତି ପ୍ରତି ଉପଲକ୍ଷ୍ୟ ବଚନ ]

୫୫ । ଅନୁକୂଳ ଚେଷ୍ଟା । [ ଅମଙ୍ଗଳକାରକ । ]

୫୬ । ଅନ୍ତ ମୋଟ ସୁଅ ହୁଗଣା ସହେ ।

[ ସୁସ୍ଥ ସବଳ ଶିଶୁକୁ ଛୋଟ ରୋଗ ଧରିଲେ, ସହଜରେ ବାଧେ ନାହିଁ । ]

୫୭ । ଅନ୍ତରୀକ୍ଷୁ ରୋଗ, ଅକାଳରୁ ମନ୍ବନ୍ତର ।
[ ପେଟ ଗୋଳମାଳରୁ ରୋଗ ଏବଂ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ହୁଏ । ]

୫୮ । ଅନୁଭବୀ ଥିଲେ କହୁ, ପାଠ ପଢ଼ିଥିଲେ ଗୀତ ଗାଉଥାନ୍ତ ବାଇଶ୍ ଜଣ୍ଡର ପୁଅ ।
[ ଗୋଡକାଟିଆ ବ୍ୟକ୍ତି ନିଜର ବିଦ୍ୟା ଦେଖାଇ ହେବା । ]

୫୯ । ଅନ୍ତେ ଭକ୍ତି ଦାନ୍ତେ ଲୁଣି, ପେଟ ପୂରିବ ଉଣାକୁଣି । ମଥାରେ କାପଡ଼ ପାଦରେ ତେଲ, ବଇଦ ସଙ୍ଗତେ କରିବା ଗେଲ ।
[ ସ୍ୱାସ୍ଥ୍ୟସମ୍ବନ୍ଧୀୟ ପ୍ରବଚନ । ]

୬୦ । ଅଳ୍ପ ପାଣି ବୋହୁଲେ ଡଣାଡଣି ଦେଖେଇ ( ନିଜମା ) ।

[ ଅଯୋଗ୍ୟ ବ୍ୟକ୍ତି ହାତରେ କାର୍ଯ୍ୟର ଦାୟିତ୍ୱ ଦେଲେ ଛଣକ ସ୍ଥାନରେ ଦଶ ଛଣ ଦେଖା ହୁଅନ୍ତି ।]

୬୧ । ଅନ୍ଧ ଆଗେ ନାଚ, ବଧିର ଆଗେ ଗୀତ ।

[ ଅନ୍ଧ ଅଭିନୟର ଏବଂ ବଧିର ଗୀତର ମହତ୍ତ୍ୱ ବୁଝିବା ପାଇଁ ଅକ୍ଷମ । ]

୬୨ । ଅନ୍ଧକୁ ଅନ୍ଧ ବାଟ କଢ଼ାଇବା ।
[ ଦୁଇ ଜଣ ଅଜ୍ଞଙ୍କ ବ୍ୟକ୍ତି ପରସ୍ପରକୁ ନିର୍ଦ୍ଦେଶ ଦେବା । ]

୬୩ । ଅଳିଅ କି ଦାନ ଘୃତ ।
[ ଚେହୁମାନ ବ୍ୟକ୍ତି ପକ୍ଷରେ ଦାନ ଘୃତ ସମାନ । ]

୬୪ । ଅନ୍ଧ ଲୋକର ଚନ୍ଦ୍ର ସୂର୍ଯ୍ୟ ନାହାନ୍ତି ।
[ ନିଜର ଅକ୍ଷମତା ହେତୁ ପ୍ରକୃତ ସତ୍ୟଙ୍କୁ ଅସ୍ୱୀକାର କରିବା ।]

୬୫ । ଅନ୍ଧ ଗାଁକୁ ଏକଆଖିଆ ରଜା ।
[ ମୂର୍ଖ ଅଥବା ଅଯୋଗ୍ୟ ଲୋକଙ୍କ ପାଖରେ ଅଳ୍ପଜ୍ଞ ବ୍ୟକ୍ତି ନିଜର ବାହାଦୁରୀ ଦେଖାଏ ]

୬୬ । ଅନ୍ଧର ଚାଳିକା ଘୋଡ଼ା ଲଗୁଆଳ ।
[ ନିଃସହାୟ ବ୍ୟକ୍ତିର ଭଗବାନ ଭରସା । ]

୬୭ । ଅନ୍ଧର ସାକ୍ଷୀ ଖୁର ଦାସ ।
[ ଅନ୍ଧ କଣାକୁ ସାକ୍ଷୀଦେବା ନ୍ୟାୟ । ]

୬୮ । ଅନ୍ଧ ହାତରେ ରତ୍ନମୁଦି ।
[ ଅଯୋଗ୍ୟ ବ୍ୟକ୍ତି ହାତରେ ମହାମୂଲ୍ୟବାନ୍ ବସ୍ତୁ ଅର୍ପଣ । ]

୬୯ । ଅନ୍ଧ ହାତରେ ବଇଠା ଥିଲେ କି ପଦାର୍ଥ ଜାଲୁ ଦେଖଣ ।
[ ଅନଧିକାରୀ ବ୍ୟକ୍ତି ହାତରେ ଅଧିକାର ଦେଲେ
ସେ ତହିଁର ସଦ୍‌ବ୍ୟବହାର କରି ଜାଣେ ନାହିଁ । ]

୭୦ । ଅନ୍ଧ ହାତୀ ଦେଖିବା ନ୍ୟାୟ ।
[ ଅନ୍ଧ ହାତୀର କୌଣସି ଗୋଟିଏ ମାତ୍ର ଅଙ୍ଗକୁ ସ୍ପର୍ଶଦ୍ୱାରା ଅନୁଭବ କରି ତାହାକୁ ହାତୀ ବୋଲି କହିବା ପରି କୌଣସି ବସ୍ତୁର ଅଂଶ ମାତ୍ର ଜାଣି ତାହାକୁ ପୂର୍ଣ୍ଣ ବୋଲି ବିଚାରିବା । ]

୭୧ । ଅଣ୍ଟାଳୁଅ ଚୋଷ୍ଟିଙ୍କ କଥା ଫୋଟକା ପାଡ଼ୁ ।

[ ଲୋକ ଅସୁବିଧାରେ ପଡ଼ିଥିବା ବେଳେ ତାଙ୍କ ଉପରେ ପୁଣି ଦଣ୍ଡ ଦେବା । ]

୭୨ । ଅନ୍ଧାର ଘରେ କାଳୀ ଗୋରୀ ସମାନ ।

[ ଯେଉଁଠାରେ ଗୁଣ ବା ମହତ୍ତ୍ୱ ନିର୍ଣ୍ଣୟର ସୁଯୋଗ ନାହିଁ, ସେଠାରେ ଭଲ ମନ୍ଦ ସବୁ ସମାନ । ]

୭୩ । ଅନ୍ଧାର ଘର, ଚୋରଙ୍କ ଲାଭ ।

[ ଦୁର୍ବୃତ୍ତଙ୍କର ଲାଭ ଅନ୍ଧାର ଘର ପରି ଅବସ୍ଥାରେ । ]

୭୪ । ଅନ୍ଧାର ଘରେ ଲକ୍ଷ୍ମୀର ଅଳିଅ, ଯେତିକି ଧନ ତେଲି ସେତିକି ଧନ ଭଲ ।

[ ଅପ୍ରତ୍ୟାଶିତ ଭାବରେ ପ୍ରାପ୍ତ ଅର୍ଥ ବା ସୁଯୋଗ ଯେତିକି ଧନ ପାଖରେ ଥିଲେ ମଧ୍ୟ ମଙ୍ଗଳକର । ]

୭୫ । ଅନ୍ଧାର ଘରକୁ ଢେଲା ଫିଙ୍ଗିବା ।

୭୬ । ଅନ୍ଧାର ଘରେ ବାଡ଼ି ବୁଲାଇବା ।

[ ଅନିଶ୍ଚିତ ପ୍ରାପ୍ତି ଆଶାରେ ଠାଉକ ବା ଅନୁମାନ ଉପରେ ନିର୍ଭର କରି କାର୍ଯ୍ୟ କରିବା । ]

୭୭ । ଅନ୍ଧାର ଘରେ ମାଣିକ ।

[ ଅଜ୍ଞାତ ଦରିଦ୍ର ଓ ଅଖ୍ୟାତ ପରିବାରରେ ପ୍ରତିଭାଶାଳୀ ଓ ଗୁଣବାନ୍ ପୁଅ ଜନ୍ମଗ୍ରହଣ କରିବା । ]

୭୮। ଅନ୍ଧାରରେ ଗାଉଥିଲ ଯେଉଁ ଗୀତ, ଆଲୁଅରେ ଗାଉଥିଲ ସେଇ ଗୀତ ।
[ ପରିସ୍ଥିତିରେ ପରିବର୍ତ୍ତନ ହେଲେ ବସ୍ତୁର ପ୍ରକୃତ ସ୍ୱରୂପରେ କୌଣସି ପରିବର୍ତ୍ତନ ହୁଏ ନାହିଁ । ]

୭୯। ଅଧର ଘରେ ଯୋଗ, ଭଙ୍ଗାଘରେ ବଡ଼ା ଭୋଗ ।
[ ଧନୀ ଦରିଦ୍ର ମଧ୍ୟରେ ପ୍ରଭେଦ । ]

୮୦। ଅପନ୍ତିଅଣି, ନାଁ ଲକ୍ଷ୍ମଣି ।
[ ବଡ଼ ପୁଅ କିମ୍ବା ବଡ଼ ଝିଅ ମରି ଯାଇଥିଲେ ଲୋକେ ପରବର୍ତ୍ତୀ ସନ୍ତାନମାନଙ୍କୁ ଅଶୁଭର, ଅପରିଚ୍ଛନ୍ନ ନାଁ ଦେଇଥାନ୍ତି । ]

୮୧। ଅଫଳିକ ଗ୍ରାମରେ ବାଲୁଙ୍ଗା ଲଟେଇ ଝଙ୍କା ।
[ଯେଉଁଠାରେ ଯେଉଁ ବସ୍ତୁ ଦୁର୍ଲଭ ସେଠାରେ ତାହାର ଅଳ୍ପ ମାତ୍ର ମୂଲ୍ୟବାନ୍ ବିବେଚିତ ହୁଏ । ]

୮୨। ଅପାଳ ପାଇଁ ଗିଅର ତପାଳ ବଡ଼ ।
[ଅଯୋଗ୍ୟ ବ୍ୟକ୍ତି କର୍ମବଳରୁ ସମ୍ପଦ ଲାଭ କରିବା ।]

୮୩। ଅଦା ପରିଜୁ କଲି ଭଣା କଣି; ମୂଳକୁ ଭରି ସ୍ଥାନ ସେମେଞ୍ଚି ପକାଇ ଦେଲା ।
[ଅଶିକ୍ଷିତ ବ୍ୟକ୍ତିଠାରୁ ଶ୍ରଦ୍ଧା କଣିଲେ ସେମାନେ ମୂଳକୁ ଧ୍ୱାନି କରି ଅଧିକ ଦେଇଛନ୍ତି ବୋଲି ଭାବନ୍ତି (ବ୍ୟଙ୍ଗୋକ୍ତି ।)]

୮୪। ଅମୁକା ଦେବତାଙ୍କୁ ଦେଇଥିବ ଗୁଡ଼ାଏ ।
[ଅମୁକା ଦେବତାଙ୍କୁ ଦେଇଥିବ ସନ୍ତୁଷ୍ଟ କରିବା ପରି କୌଣସି ନେବାଦିଅ ଲୋକର ମନକଥା ବୁଝି ତାର ସନ୍ତୋଷ ବିଧାନ କରି ପାରିବା ବ୍ୟକ୍ତି ପ୍ରତି ।]

୮୫ । ଅବଧାନଙ୍କୁ କୁଣ୍ଡାଦେଇ ପାଠ ପଢ଼ିବା ।
[ଅବଧାନେ ଦକ୍ଷିଣା ସ୍ୱରୂପ କୁଣ୍ଡା ପାଉଥିବାରୁ ପିଲାଙ୍କୁ ମନଦେଇ ପଢାନ୍ତି ନାହିଁ । ଫଳରେ ପିଲା ମୂର୍ଖ ହୁଏ ।]

୮୬ । ଅବିବେକୀ ରାଜାଠାରେ ବୁଦ୍ଧିର ଇଚ୍ଛା; ମାଟି ଘୋଡ଼ା ଚଢ଼ି ପୋଖରୀ ପିବାର ବାଞ୍ଛା ।
[ମୂର୍ଖ ରାଜାଠାରୁ ସୁବିଚାର ଏବଂ ମାଟି ଘୋଡ଼ାଠାରୁ ଦୂରପଥ ଯାତ୍ରା ଇଚ୍ଛିବା ବୃଥା ।]

୮୭ । ଅବୁଝାମଣା ରାଜାକୁ ପାଲକଣ୍ଡା ମନ୍ତ୍ରୀ ।
[ଯେଉଁ ରାଜ୍ୟର ରାଜା ଅବିବେକୀ ଓ ମନ୍ତ୍ରୀ ଅଯୋଗ୍ୟ ସେଠାରେ ସୁବିଚାରର ଆଶା କଳ୍ପନା ମାତ୍ର ।]

୮୮ । ଅବୋଲକରା ଭଣ୍ଡାରକୁ ଘଣ୍ଟାଭଙ୍ଗା ଯାଆନ୍ତି । [ତୁଳନା]

୮୯ । ଅଭାଗ୍ୟକୁ ଏମିତି ଘଟେ, ଅଣ୍ଟି ସୁନା ପିତଳ ପାଲଟେ ।
[ଭାଗ୍ୟ ବିରୂପ ହେଲେ ହସ୍ତଗତ ଧନ ହଜିଯାଏ ।]

୯୦ । ଅଭାଗା କପାଳକୁ ସମୁଦ୍ର ଶୁଖେ ।
[ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ ସମ୍ପଦ ଦେଖୁଁ ଦେଖୁଁ ଉଭେଇଯାଏ ।]

୯୧ । ଅଭାବରେ ସ୍ୱଭାବ ନଷ୍ଟ । [ଅନୁରୂପ]

୯୨ । ଅଭିଆଣରେ ଭିଆଣି ଦେଲ, ଫେଙ୍କିଥିଲେଁ ବାଜୁଛି ଠେଁ ।
[ହାସ୍ୟାସ୍ପଦ କଥା]

୯୩ । ଅଭ୍ୟାସ ଦ୍ୱିତୀୟ ପ୍ରକୃତି ।

୯୪ । ଅମୃତ ଭ୍ରାନ୍ତିରେ ବିଷ ଭଣିବାଏ । [ଦୃଷ୍ଟାନ୍ତ]
[ଭଣିବାଏ ବିଷ ଭ୍ରାନ୍ତିଏ ଅମୃତକୁ ବିଷମସ୍ତ କରି ପକାଏ ।]

୯୫ । ଅମର ଲୁମର କାଠେଇ ଘୋଷ, ଅନ୍ୟ ସବୁ ପାଠ ଗୁଳରେ ଚୋଷ ।
[ପ୍ରାଚୀନ କାଳରେ ଅମର କୋଷ ଏବଂ ଲୁମର ବ୍ୟାକରଣର ଅଧ୍ୟୟନ ଉପାଦେୟ ବିବେଚିତ ହେଉଥିଲା ।]

୯୬ । ଅମାନିଆ ପୁଅ କଣରେ ପଡ଼େ, ମାନିଆ ପୁଅ ଢୋଲରେ ବସେ । [ଅନୁଭବ]

୯୭ । ଅରଣ୍ୟ କଣ୍ଟା ପାଦରେ ଗୋଞ୍ଜା ।
[ପ୍ରତିଜ୍ଞା ଅଟେବଦ୍ଧାଣ ।]

୯୮ । ଅରକ୍ଷିତକୁ ଦାରୁ ସାହା ।
[ଭଗବାନ ଅସହାୟର ସହାୟ ।]

୯୯ । ଅରସ୍ୱଳରେ ଅର୍ ସଲା, ପାଇବ ଦେଉଚେ ଜେଷ୍ଟବଣ୍ଡ ।
[ସମ୍ବଲପୁରୀ]
[ପୁରୁଷ ଓ ସ୍ତ୍ରୀ ଜନ୍ମସୁ ଅଭାଗ୍ୟ ।]

୧୦୦ । ଅରଜା ଛଡ଼ି କୃପଣ ମରେ, ଗୁଣ୍ଡମାଟିଏ ମାଲିଆ ମାରେ ।
[କୃପଣ ବ୍ୟକ୍ତି ବହୁ କଷ୍ଟରେ ସଞ୍ଚିଥିବା ପଦାର୍ଥକୁ ବଳବାନ୍ ବ୍ୟକ୍ତି ତାହାର ଜବରଦସ୍ତି କରି ନେଇଯାଏ ।]

୧୦୧ । ଅକାଳକାଳେ ବହଲ (ବର୍ଷା) ବନ୍ତର୍ (ବନ୍ତ) ଡରର ଧାନ ।
[ସମ୍ବଲପୁରୀ]
[ଅଳ୍ପ ଦେହକୁ ପୁଷ୍ଟ କରେ ଏବଂ ବସ୍ତ୍ର ଅଭାବରେ ମର୍ଯ୍ୟାଦା-ହାନି ଘଟେ ।]

୧୦୨ । ଅରକ୍ଷିତ ମଣ୍ଡା ଗାଁ ଦୁଆରେ ପଡ଼ୁଛି ଢେଲି ।
[ଦରିଦ୍ର ବ୍ୟକ୍ତିର ଖାଦ ଉଠିବାବେଳେ କର୍ପୂର ଚନ୍ଦନ ଲୁଣି ହେବା ଭଳି ଅବାସ୍ତବ ଓ ହାସ୍ୟାସ୍ପଦ କଥା ।]

୧୦୩ । ଅସୁର ଖାଇବେ ସ୍ୱସୁର ମିଠା, ମନୁଷ୍ୟ ମିଠା ଟୋଇ, ଦେବତା ଖାଇବେ କାଳିଆ ମିଠା, ସବୁରି ମିଠା ଖୋଇ ।
[ଟୋଇ ମଣ୍ଡା, କାଳିଆ ଜଗନ୍ନାଥ, ଘାକାରବାଦ ଓ ଖୋଇର ଶ୍ରେଷ୍ଠତା ଏଥିରେ ବର୍ଣ୍ଣିତ ହୋଇଅଛି ।]

୧୦୪ । ଅଘାସୁର ପରି ବଢ଼ୁଛି ।
[ଭାଗବତ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ଅଘାସୁର ବେଶଧାରୀ ମହାକାୟ ବ୍ୟକ୍ତି ପରି ବଢ଼ିବା ।]

୧୦୫ । ଅର୍ଥ ସବୁ ଅନର୍ଥର ମୂଳ । [ଅନୁବାଦ]

୧୦୬ । ଅର୍ଥଗ୍ରାହ୍ୟ ସନ୍ନ୍ୟାସୀ କା ଦଣ୍ଡ ପ୍ରଣାମରେ ସନ୍ତୋଷ ।
[ଅନୁବାଦ]

୧୦୭ । ଅଳପ ଧନ ବାକଣି ମନ ।
[ଅଭାବଗ୍ରସ୍ତ ଲୋକ ଭଲ ଜିନିଷ ଦେଖିଲେ କିଣି ନ ପାରି ମନ ଦୁଃଖ କରେ ।]

୧୦୮ । ଅଳଙ୍କାର ପିନ୍ଧିଲେ ଓଢ଼ଣି ଭୁଲି, ଘୁଅ ବେଇଲେ ଘୋଡ଼େଇ ଭୁଲି । [ଲୋକଙ୍କ ଦୃଷ୍ଟି ପଡ଼ିବା ଉଦ୍ଦେଶ୍ୟରେ ।]

୧୦୯ । ଅଲଣାରେ ସୁଆଦ କି ? ପରଧରେ ମାନ କି ? [ନିରର୍ଥକ]

୧୧୦ । ଅଳପ ଦେହରେ ବସ୍ତ୍ରର ବୋଝ ତାକୁ ଲାଗିବ ଭରା, ମହର୍ଘ କାଳରେ ଖାଦ୍ୟ ପଦାର୍ଥ ତାକୁ ଲାଗିବ ଅଗ୍ରା ।
[ଖାଲି କଥା କହିବାରେ ବହୁତ ଫଳ ଫଳେ ।]

୧୧୧ । ଅଳପ ବେଣ୍ଟା, ମାଳପ ଦଣ୍ଡା, ମଟୁଆ ବଳଦ ଷାଣ୍ଢ,
ସମଦର ଶାଳୁ ସ୍ତ୍ରୀ ଘର ମିଳାବ ନା'ଭ ମରଣ ତାର ।
[ଏସବୁ ଲୋକଙ୍କ ଇଙ୍ଗିତମନ୍ତୁ ଜୀବନ ଜୀବନ୍ତ ମରଣ ସଙ୍ଗେ ସମାନ । ]

୧୧୨ । ଅଳସୁଆ କପାଳକୁ ଗଙ୍ଗା ବାଟେ ବହିବା ।
[ଅଳସୁଆ ଲୋକ ଗଙ୍ଗାସ୍ନାନକୁ ଯାଇପାରେ ନାହିଁ । ଯା କପାଳକୁ ବାରୁଣୀ ଯୋଗ ପଡ଼ିଲେ ତା ଘର ପାଖ ନଦୀ, ପୋଖରୀ ବା ଗାଡ଼ିଆ ଗଙ୍ଗାସ୍ନାନ ଫଳ ଦିଏ । ]

୧୧୩ । ଅଳସୁଆ ଘୋଡ଼ାକୁ ଦେଢ଼ ଅଣ୍ଡା ।
[ଅଳସ୍ୟପରାୟଣ ବ୍ୟକ୍ତିର ବାହାନା ଛଳନା । ]

୧୧୪ । ଅଳସୁଆର ଧାରବାଟି ଭୁଖ ।
[ଅଳସୁଆ ଓ କାମଚୋର ଲୋକର ଗାଲୁଚିର ଓ ଭୁଆ ପ୍ରୀତି । ]

୧୧୫ । ଅଳପ ଭୁଖ କୁଟୁମ୍ବ ପୋଷ, ବହୁତ ଭୁଖ ରଙ୍ଗାଲୁ ପୋଷ ।
[ ବହୁତ ଭୁଖାଏ ଜମି ଭୁଖ କଲେ କେବଳ ଖାଇଣା ଜଣିବା ସାର ହୁଏ । ]

୧୧୬ । ଅଳଙ୍କାର ଭିତରେ ନାମ କାଠି ।
[ ସେଇଁଠାରେ ନାମକାଠି ଏକମାତ୍ର ଅଳଙ୍କାର । ]

୧୧୭ । ଅଟିଲାଇ ବାଟିଲାଇ ରଜାର ମୁଣ୍ଡେ ।
[ ରାଜାଙ୍କର ପାପ, ଅପବାଦ ପାଇଁ ରାଜା ଦୋଷୀ ବିବେଚିତ ହୁଅନ୍ତି । ]

୧୧୮ । ଅଳ୍ପ ବିଦ୍ୟା ଭୟଙ୍କରୀ । [ ଅନୁଭବ ]

୧୧୯ । ଅଳ୍ପ ଦୁର୍ଖିଁଳ ଗୋଡ଼ଘଷି ରହେ, ବହୁତ ଦୁର୍ଖିଁଲେ ବାହୁଡ଼ି ରହେ, ଘର ଛାଡ଼ି ଦୁଃଖୀ ଯୋଗିତ ନ ଅଛେ ।

[ ଦୁଃଖୀ ଘରର ସନ୍ତୋଷ ବିଧାନ କରି ରାଜି କରିବା ଅତ୍ୟନ୍ତ କଠିନ । ]

୧୨୦ । ଅଳପ ଅସ୍ତ୍ରୀ, ବହୁତ ବାସ୍ତ୍ରୀ, ଟିକ୍କେ ଟୋକା ଶଗାଡ଼ୁ ଦେଖୁ ।

[ ସ୍ୱଳ୍ପ ଅସ୍ତ୍ର ଟେକ୍କ ପଣ୍ଡିତ ନିଜ ଯବଦା ନାଅଣ୍ଟ ହୁଏ । ]

୧୨୧ । ଅଗି ଗରଡେଉ ଗଭି ବାଳୁଙ୍ଗା । [ କୃଷି ବଚନ ]

[ ଗରଡେଉ ୮୦ ଧାଡ଼ି ଏବଂ ବାଳୁଙ୍ଗା ୧୦ ଧାଡ଼ି ପାଠର ।]

୧୨୨ । ଅସୁନ୍ଦରର ସଙ୍ଗିଆ, ଅସନ୍ଦରର ସଙ୍ଗ ହେଲେ କାଠ ଘଣ୍ଟ ଲମ୍ବିଆ ।

[ ଦୋଷୀ ଲୋକର ସଙ୍ଗ ହେତୁ ନିର୍ଦ୍ଦୋଷର ଦଣ୍ଡ । ]

୧୨୩ । ଅସଣ ଭୁଞ୍ଜିଲ ପଲଙ୍କ ସୁଆଡ଼, ଭୁଲବାଟ ହୁଏ ଦାସୀ,
ଖାଇ ପାଇ ହୋଇ କୁଳର ଗୋଦର ମଦ ଖାଳୋଣେ ବସି ।
[ ଅନୁଭବ ]

## — ଅ —

୧। ଅ କୁଳିଣି ଦେବକରେ ବାସ । }
୨। ଅ ବିକଧ ଚେମାତ୍ର ବାସ । }

[ ବିପଦକୁ ବରଣ କରିବା । ]

୩। ଅଁ କଟେଣା ବଗଳ ଗାନ୍ତ ଘାଟେ ।

[ ଗାଡ଼ିର ଗୁମର ପଦାରେ ପଡ଼ିଯାଏ । ]

୪। ଅଇଲା ବ୍ରାହ୍ମଣି ମାଳିଙ୍କ ଥାଳି, ଦେଖିଗଲା ମୋର ଦୋହେଣି ଥାଳି ।

[ ଉପକାର କରିବା ବାହାନାରେ ସର୍ବସ୍ୱ ଲୁଟି ନେବା । ]

୫। ଅସ୍ପୃଷ୍ଟ ନଥିଲେ କେଶ୍ବୁ ନଳଦେଶ । [ ଅନୁଭବ ]

୬। ଅଜର ଦେଖିଲ ଅଜର ଦେଖ ।
ଖୋସା ଉପରେ ଗୁଣ୍ଡିଏ ଦେଖ ।

[ ବଢ଼ିଆ ଉପରେ ବଢ଼ିଆ ହେବା । ]

୭। ଅଜୁ ଦେଖ ଗୁଣ ନାହିଁ ଦେଲା ସଜନୀ, କୃଷ୍ଣ ମଥୁରା ପାର ହୋଇ ଗଲେଣି ।

[ କୃଷ୍ଣ ଗୋପୀମାନଙ୍କୁ ଛାଡ଼ି ମଥୁରା ଚାଲିଗଲା ସମୟରେ ଉକ୍ତି । ]

୮ । ଅଇଁଠିଲା କୁକୁର ମୁହଁରେ ଚୋଟ ।
[ଦୁଷ୍ଟ ଲୋକକୁ ମୁହଁ ଦେଲେ ସେ ଭୁଜରେ ଚଢ଼େ ।]

୯ । ଅକାଶ କଇଁଆ ଶିଳିଆ ମାଛ ।
[ଅକାଶରେ କଇଁଆ ଫଳିବା ଅସମ୍ଭବ ଏବଂ ଶିଳଖାରେ ମାଛ ମିଳିବା ଅନିଶ୍ଚିତ । ସେହିପରି ଅନିଶ୍ଚିତ ଓ ଅସମ୍ଭବ ବସ୍ତୁ ପ୍ରତି ଅଭିଳାଷ ପୋଷଣ ।]

୧୦ । ଆକାଶକୁ ଟେକା ମାରିଲେ ଆପଣା ମୁଣ୍ଡରେ ପଡ଼େ ।
[ ଅସମ୍ଭବ ପ୍ରଚେଷ୍ଟା ଦ୍ୱାରା କ୍ଷତିର ସମ୍ଭାବନା । ]

୧୧ । ଆଖି କାଟିଲେ ସହି ହୁଏ, ଚିହ୍ନା କାଟିଲେ ସହି ହୁଏ ନାହିଁ ।
[ ପ୍ରତିବେଶୀ ବା ଶତ୍ରୁ ସ୍ଥାନୀୟ ବାଂକ୍ତ ଚିହ୍ନ (ଶୁଲ୍କଦ୍ୱାର) ବା ଅସ୍ଥାନରେ କଣ୍ଟକ ପୋତିଲେ ଦୁଃଖ ତାହା ଅଧିକ ବରଦାସ୍ତ କରିପାରେ ନାହିଁ । ପ୍ରତିବେଶୀର ଆଳାପ ମନ୍ତ୍ରଣା ଶେଷରେ ଅସହ୍ୟ । ]

୧୨ । ଆଖି ଥାଉଁ ଥାଉଁ ଅନ୍ଧ ହେବା ନ୍ୟାୟ ।
[ ଅନ୍ୟମନସ୍କତା ଯୋଗୁଁ ଦେଖି ନ ପାରିବା । ]

୧୩ । ଆଖି ଫୁଟି ବଥା ଯାଉ । [ଅନୁଭବ]

୧୪ । ଆଖି ଗଲେ ଦେହୁ ଗଲା । [ ଅନୁଭବ ]

୧୫ । ଆଖି ବୁଜିଲେ କୁଆଁଙ୍କର ରାଜ୍ୟ ।
[ନିଜର ବସ୍ତୁ ସମ୍ପତ୍ତି ପ୍ରତି ଦୃଷ୍ଟି ନ ଦେଲେ ତାହା ବାହାର ଲୋକଙ୍କ ଖାଇଯାନ୍ତି । ]

୧୬। ଆଖିରେ ଅଙ୍ଗୁଠି ଦେଖିବା ନ୍ୟାୟ।
[ କୌଣସି ଲୋକକୁ ଜୋର ଜବରଦସ୍ତି କରି ଦେଖାଇ ଦେବା। ]

୧୭। ଆଖି ଆଗରେ ଆଙ୍ଗୁଠି ହଲାଇବା।
[ ଅବଜ୍ଞା ବା ବିରକ୍ତି ପ୍ରକାଶ କରିବା। ]

୧୮। ଆଖି ବୁଜିଦେଲେ ଦୁନିଆ ଅନ୍ଧାର। [ ଅନୁଭବ ]

୧୯। ଆଖିରୁ କଜଳ କାଢ଼ି ନେବା ନ୍ୟାୟ।
[ ଲୋକ ଜାଣୁ ଜାଣୁ ତାକୁ ଠକି ତାଠାରୁ ପଦାର୍ଥ ନେଇ ଯିବା। ]

୨୦। ଆଖିରେ ଧୂଳି ପକାଇବା।
[ ଠକିବା ବା ବଞ୍ଚିନେବା। ]

୨୧। ଆଖିଠି ବଡ଼ ପେଟଠି ସାନ।
[ ଯେଉଁ ଲୋକର ଆପଣା ପେଟର ଆକଳନ ନଥାଏ ଓ ପତ୍ରରେ ବହୁତ ଖାଦ୍ୟ ବଢ଼ାଏ, ଅଥଚ ଖାଇପାରେ ନାହିଁ। ]

୨୨। ଆଖି ନ ଫିଟୁଣୁ ମହାଭାରତ।
[ ଅତି ବାଲ୍ୟ ବୟସରୁ ବଡ଼ ବଡ଼ କଥାରେ ମୁଣ୍ଡ ପୂରାଇବା। ]

୨୩। ଆଖି ବଡ଼ ପେଟ ସାନ, ହାଣ୍ଡି ଭୁଟେଇ ପୋଛି ଦେଇ ଅଣ।
[ ଅତ୍ୟଧିକ ଖାଦ୍ୟ ଲାଳସା। ]

୨୪। ଆଖିର ଭୋକ କେବେ ଯାଏ ନାହିଁ।
[ କେତେ ସୁନ୍ଦର ଦୃଶ୍ୟ ଦେଖିଲେ ମଧ୍ୟ ପୁଣି ଦେଖିବାକୁ ମନ ହୁଏ। ]

୨୪ । ଅଣ୍ଟ କଅଣ୍ଟରେ ପଶିବା ।
[ ସବୁ ଅଣ୍ଟାଙ୍କ ସମାନ ଦେଖି କେଉଁଟି ନେବ ନିର୍ଣ୍ଣୟ କରି ନ ପାରିବା । ]

୨୫ । ଅଣ୍ଟାବାଣ୍ଡରେ ଝିଙ୍କ ପଶିବା ନ୍ୟାୟ ।
[ଝିଙ୍କ ଯେପରି ଅଣ୍ଟା ବାଣ୍ଡ ଧୂଆଁ ଗଡେ, ସେହିପରି ଭଣ୍ଡିବା ।]

୨୬ । ଅଟା, କାକୁଡ଼ି, ଜଡ଼ିଆ, ମକା; ଦାନ୍ତ ପଡ଼ିଲେ ଚଳକୁ ପକା ।
[ ଦାନ୍ତ ନଥିବା ଲୋକ ଏ ସବୁ ପଦାର୍ଥ ଚୋବାଇ ଖାଇ ପାରେ ନାହିଁ । ]

୨୭ । ଅଣ୍ଟ ଦେଖିଁ ଏ ଦଉଡ଼ି, ଗୁଣ ଦେଖିଁ ଦଉ ।
[ ଅଳ୍ପରେ ଲକ୍ଷଣୀ ନ ଦେଖାଇ ବହୁ ଅର୍ଥ ଦେବାକୁ ବାଧ୍ୟ ହେବା । ]

୨୯ । ଅଣ୍ଟେଇଲି, ଅଣ୍ଟାଳି ଅଣ୍ଟାଳି ଖାଉଁଥିଲି, ଖାଇଲି ଖାଇଲି ଦେଖୁଥିଲି, ଦେଖିଲି ଦେଖିଲି ଚାଟୁଥିଲି ।
[ ଏଣୁଟି ଗୋଟେ ଗୋଟେ ବାହ୍ୟା ପଶିବା ନ୍ୟାୟ । ]

୩୦ । ଅଟଳ ଘୁଣ୍ଟା ପରି ଗାଈଗୁଆଁ ଏ ଦୁହେଁ ସମାନ ।
[ ଭିନ୍ନ ବିଷୟର ଅବତାରଣା । ]

୩୧ । ଅଗତ ଖୁଦିଆର ଜାଣେ ନେଇ ଛଣିଆ ପାଳେ ଠାଣେ ସେ ।
[ ସାଧ୍ୟ ଦଣ୍ଡନୀ ଜଣ ଖୁଦିଆର କଥା କହିବା ଲୋକ ଅତି କୃପଣ ଲୋକମାନଙ୍କୁ ମଧ୍ୟ ଧନ ଲାଭ କରେ । ]

୩୨ । ଅଗାଧ ନେଉଳଙ୍କ ଦେଖାଦେଖି ।
[ ନେଉଳ ଶିକାର କରି ଘରକୁ ଆଣିବା ପୂର୍ବରୁ ନେଉଳ ମାଂସ ରାନ୍ଧିବା ପାଇଁ ଦେବଦେବୀ ବାଟି ରଖିବା ପରି ଅନିଶ୍ଚିତ ଫଳପ୍ରାପ୍ତି ପାଇଁ ଆଗରୁ ପ୍ରସ୍ତୁତ ରହିବା । ]

୩୩ । ଅକଡ଼ ପଣୀ, ଷଣ୍ଢ ଭଣୀ ।

୩୪ । ଅଗଡ଼ ପାଣି ଭଲ କୁହେଁ !
[ ଭଣୀ ଫଳ ପାଚିଲେ ଖାଇବାର ଆଶା ଓ ଭବିଷ୍ୟତରେ ଫଳିବା କଥାକୁ ଭାବିବା ଏକା କଥା । ]

୩୫ । ଅଗ୍ର ପୁଅ ଭାଗ ।
[ ଜ୍ୟେଷ୍ଠ ପୁତ୍ର ସବୁ ପୁଅଙ୍କ ଅପେକ୍ଷା ବଳୁଆ ବା ଶ୍ରେଷ୍ଠ ବିବେଚିତ ହୁଏ ।]

୩୬ । ଅଗ ପୂଜା ପାଉ, ପଛ ଗୁହ ଚୋଷୁ ।
[ମା'ମାନେ ପିଲାଙ୍କୁ ଶୀଘ୍ର କାର୍ଯ୍ୟ ସମାପନ କରିବା ପାଇଁ ଉତ୍ସାହିତ କରିବା ବାକ୍ୟ । ]

୩୭ । ଅଗ ଟେକେ, ପଛ ଚୋବାଏ, ମଝି ବନ୍ଧୁ ଦର୍ଶନ କରାଏ ।
[ ଗୋଡ଼ ତଳିପାର ଅଗ, ମଝି ଓ ପଛ ଅଂଶ କୁଣ୍ଡାଇ ହେଲେ ଯଥାକ୍ରମେ ପଥଭ୍ରମଣ, ଭଲ ଖାଇବା ଓ ବନ୍ଧୁଦର୍ଶନ ଫଳ ଘଟେ ବୋଲି ଲୌକିକ ସଂସ୍କାର ଅଛି । ]

୩୮ । ଅଗ ଦେଲୁ, ଘର ଖାଲି କୁଣ୍ଡି, ପୁଅ ଗଲା; ନାଥ ହୋଇଲି ଦୁଆରେ ଜାଁଇ ଥାଇଁ ଥାଇଁ ମଲୁ ।
[ ଏମାନେ ଲୋକଙ୍କୁ ବିପଦରେ ପକାନ୍ତି ।]

୩୯ । ଅଗ ମାଣ୍ଡିଆ କି, ମାଣ୍ଡିଆ ହାତରେ ଟଙ୍କା ଦେଇକରି, ମାଣ୍ଡିଆ ମଣିଷ ଚିହ୍ନିବ କି ?
[ ଦରିଦ୍ର ବଂଶୀ ଧନୀ ହେଲେ ସେ ଅନ୍ୟଙ୍କୁ ଖାତିର କରେ ନାହିଁ । ]

୪୦ । ଅଗ କାଳକୁ ବାଧ ଦୀନ୍ଦ୍କୁଣି । [ ସମୟର ପରିବର୍ତ୍ତନ । ]

୪୧ । ଅଗ ହାର୍, ପାଗ ଢାର ।
୪୨ । ଅଟ ଚୋନ୍ଦିଲେ ପାତ । [ କୃଷି ବଚନ ]

୪୩ । ଅଗେ ଘୁଦ, ପଛେ ଘୁଦ ତାକୁ ନେଇ ମଡି ଚ୍ଚୁଣ୍ଡରେ ବାନ୍ଧ ।
[ ଗୋପାଳନ ସମ୍ବନ୍ଧୀୟ ଉକ୍ତି ।]

୪୪ । ଅଗେ ଉଦର, ପଛେ ସୋଦର ।
[ ଅଗେ ଆପଣା ପେଟ ଚିନ୍ତା କରି ଥାଇ ପରେ ଅନ୍ୟ ଚିନ୍ତା କରିବା । ]

୪୫ । ଅଗେ ସୁଅ, ପଛେ ଦିଅଁ ।
[ ଦିଅଁଙ୍କୁ ଦର୍ଶନ ଦେବା ପୂର୍ବରୁ ପ୍ରଥମେ ସୁଅ ଗଆ ବୁଡ଼ିବା । ]

୪୬ । ଅଗେ ଗଲେ ବାଘ ଖାଏ, ପଛେ ଗଲେ ସୁନା ପାଏ ।
[ ଅଗ୍ରଗାମୀ ଲୋକ ଉପରେ ସର୍ବଦା ବିପଦ ପଡ଼େ । ]

୪୭ । ଅଗେ ମାଡ଼, ପଛେ ବାଗୁର ।
[ ପ୍ରଥମେ ଦଣ୍ଡ ଦେଇ ପରେ ସାନ୍ତ୍ୱନା ଦେବା । ]

୪୮ । ଅଗେ ଭୁଣ୍ଡ ପଛେ ଭୁଣ୍ଡ, ଟର୍ଣ୍ଣୀକୁ ହୁଣ୍ଡ ହୁଣ୍ଡ ।
[ ଅଗେ ହେଉ ବା ପଛେ ହେଉ, ଭୁଣୀ ହୋଇଥିବା ସବୁ ଧାନ ଟର୍ଣ୍ଣୀ ସଂଗ୍ରହକୁ ଯୋଗ ହୁଏ । ]

୪୯ । ଅଗେ ଟେଲୁନି ପଛେ ଡାଳି, ଏହି ସ୍ମସିଅଁର ଦୂରେଇ କାଳି ।
[ ଲୌକିକ ସଂସ୍କାର, ଧାନ୍ୟରେ ଟେଲୁନି ଓ ବାଲୁଙ୍ଗେଟେ ଡାଳି ଗଛ ଲଗାଇବା ଅଶୁଭ । ]

୫୦ । ଅଙ୍ଗୁଠି ଫୁଲି ଫୁଲି ବାଙ୍ଗା ପଡ଼ିବା ।

୫୧ । ଅଙ୍ଗୁଠି ଦେଖାଇଲେ ବାହା ଗିଳିବା ।
[ ଅଳ୍ପ ଅଳ୍ପ ଅଗ୍ରସର ହୋଇ ସମୁଦାୟ ହସ୍ତଗତ କରିବା । ]

୫୨ । ଅଗ୍ରରେ ବ୍ରାହ୍ମଣ, ବାମରେ ପଣ୍ଡିତ ।

୫୩ । ଅଗ୍ରରେ ଲକ୍ଷ୍ମୀ, ବାମରେ ଚଣ୍ଡିକା ।
[ ଅଗ୍ରର ଓ ବାମର ଭେଦମୂଳରେ ଏହ ଶ୍ରେଷ୍ଠ । ]

୫୪ । ଆଜି କଥା କାଲିକି ଉଧାର ।

୫୫ । ଆଜିର ମଡ଼ କାଲିକି ବାସିଦ ।
[ ଅଭିଜ୍ଞଲୋକଙ୍କୁ ପୀଡ଼ା ଦେଇ କୌଣସି ବିଷୟରେ ବାଟଖଣ୍ଡ ହେବା । ]

୫୬ । ଆଜି ନଗଦ, କାଲି ବାକି ।
[ ବିକା କିଣା ସମ୍ବନ୍ଧୀୟ ପ୍ରବଚନ । ]

୫୭ । ଆଜିର ମନୁଷ୍ୟ କାଲିକି ନାହିଁ ।
[ ମନୁଷ୍ୟ ଜୀବନ କ୍ଷଣଭଙ୍ଗୁର । ]

୫୮ । ଆଜି ଦେବା କାଲି ଦେବା, ଦେବା ଦେବା କହୁଥିବା, ଯାବତ୍‌ଚନ୍ଦ୍ର ଦିବାକର ।
[ ଦେବା ଦେବା କହି ସମୟ ଗଡ଼ାଇବା । ]

୫୯ । ଆଜି ମଲେ କାଲିକି ଦି ଦିନ ।
୬୦ । ଆଜି ମଲେ କାଲିକି ମାଟି ।
[ଦିନ ବସି ରହେ ନାହିଁ ।]

୬୧ । ଆଜିହୁଁ ଏତେ, ପାଣି ପଡ଼ିଲେ ହେବୁ କେତେ ।
[ ଛତୁ ଫୁଟିବା ସମ୍ବନ୍ଧରେ ଉକ୍ତି । ]

୭୨। ଅଳ୍ପ ଖାଇଁ, କାଲି ପଳାଇ ଯାଇଁ, ଲୁଦୋ (ଟୋକୁଅ)
ସୁଅରେ ଲୁଚି ଲଗାଇ ଦେଇଁ ।
[ ଦରିଦ୍ର ଯାଯାବର ଜୀବନ ସମ୍ବନ୍ଧରେ ଉକ୍ତି ।

୭୩। ଅଟିକା ଚୁଲ୍ଲୀରେ ମାଇପ ମରେ ।
[ ଘରଁ ଲୋକ ଅଟିକାରେ ଥିବା ଖାଦ୍ୟଦ୍ରବ୍ୟ ପ୍ରତି ସର୍ବଦା
ଦୃଷ୍ଟିରଖିଲେ ଘର ସ୍ତ୍ରୀ ଖାଇବାକୁ ନପାଇ ଉପାସ ରହେ । ]

୭୪। ଅଟିକା ମାପକୁ ପଳମ ।

୭୫। ଅଠ ଦୁମୁଖାଣି, ଚଉଳ ଅଖଣ୍ଡ, ବଡଗାଁ ଝିଙ୍କି ଝିଙ୍କି ତେଲପଠି
ଫୁଲ୍ରାଝିଞ୍ଚ, ତେବେ ଯାଇ ଦେଖାର ଓଡ଼ିହୁଏ ମୁହଁ ।
[ ଧାନ ଫସଲପାଇଁ ବର୍ଷା ପାଣିର ଆବଶ୍ୟକତା ସମ୍ବନ୍ଧରେ
ଉକ୍ତି । ]

୭୬। ଅଠରଟୋ ଚଉଳ ବଳି,
ତେବେ ଦେଖିବ ଧାନର କଳି । ( କୃଷିବଚନ )

୭୭। ଅଠ ବାହୁଡ଼ା ଚଉଳ ଟୋଡ଼ା, ତେବେ ଖାଇବ ବାଇଗଣ
ପୋଡ଼ା ।
[ ବାଇଗଣ ଚାଷ ସମ୍ବନ୍ଧରେ ଉକ୍ତି । ]

୭୮। ଅଠ ଝଗା ଚଉଳ ଦୂରା, ତେବେ ଦେଖିବୁ ବ୍ରାହ୍ମଣର ଚୂଳ ।
[ ବ୍ରାହ୍ମଣ ଘରେ ସ୍ବୀକାର କରିବା ବଡ଼ କଷ୍ଟ । ]

୭୯। ଅଣରେ ଚିଲ୍ଲୁ ମୁଣ୍ଡ ଯାଚି, ମେଘ ଥାଉ ଫସଲ ପାଚି ।
[ ମେଘଛୋଟିବା ସମସ୍ତରେ ଛିଲମାରେନ ତେନ୍ତୁଳିଗଛରେ
ବୋଲିବା ନୀତି । ]

୨୦ । ଅଣି ଫୋପାଡ଼ିଲି ତାଳ, ପେଷ ଢେଙ୍କି ମୋତେ କାଳ ।

[ ବାଘ ଗୁହ ନିକଟରେ ତାଳଫଳ ଫୋପାଡ଼ିଲେ ତାହା ଭଲ୍ଲୁକଙ୍କରେ ପଡ଼ିବାରୁ ଲୋକଙ୍କର ବିପଦର କାରଣ-ହେଲାପରି ଅପକୃତ ବ୍ୟକ୍ତିଦ୍ୱାରା ଅପଣାର ଅନିଷ୍ଟ ହେବା । ]

୨୧ । ଅଣିଥିବୁ ମୂଳାଡ଼ିଙ୍ଗୋଲୁ ଭସି, କାନ୍ଦୁଥିବୁ ଗୁଡ଼ ମୁଣ୍ଡରେ ବସି ।
[ ବଳଦ କିଣିବା ସମ୍ବନ୍ଧରେ ପ୍ରବଚନ । ]

୨୨ । ଅଣ୍ଡୁ କୁଡ଼ା ଘରେ ଶୁକୁଟା ଝିଅକ ନଂଟେ ଟଙ୍କା ।
[ ଅସୁନ୍ଦିକ ଘରେ ଶୁକୁଟା ଟେଙ୍ଗଣା ସୁଅଟିଏ ଜନ୍ମିଲେ ମଧ୍ୟ ପିତାମାତା ତାଙ୍କୁ ବହୁମୂଲ୍ୟ ମନେ କରନ୍ତି । ]

୨୩ । ଅଡ଼ଙ୍କି ବାଡ଼େଇ ଖାଉନ୍ତି କୁକୁଡ଼ା, ଅଡ଼ଙ୍କ ଟଳେ ଧୁଅନ୍ତି ଠେଙ୍ଗା ।

[ ବିପଦ ସମୟରେ ଲୋକେ ମାନସିକ କରି ଦେବତାଙ୍କୁ ବଳି ଖାଉନ୍ତି, କିନ୍ତୁ ବିପଦରୁ ପାର ହୋଇଗଲେ ପ୍ରତିଶ୍ରୁତି ପାଳନ କରିବା ପାଇଁ କୁଣ୍ଠିତ ହୁଅନ୍ତି । ]

୨୪ । ଅଦାର ନଥାଇ ଯେଉଁ ଭୋଜନ; ଲବଣ ନଥାଇ ଯେଉଁ ଭକ୍ଷଣ; ତାମ୍ବୁଲ ନଥାଇ ଯେଉଁ ସ୍ନାହାନ; ସଣ୍ଠୋଟଗା ମନ ଏ ।

୨୫ । ଅଦାରେ ସୁଜନ, ଘି କରେ ବ୍ୟଞ୍ଜନ ।

[ ଅଦାର ଥିଲେ ବିନା ତରକାରୀରେ ମଧ୍ୟ ଆହାର ତୃପ୍ତିପ୍ରଦ ହୁଏ । ]

୨୬ । ଅପ କଥା, କାଟେଁ ମଥା ।
[ ଅଳିକ ନିନ୍ଦାର ବିନାଶର କାରଣ ହେବା । ]

୭୭ । ଅଠ କଥା, ଲୋକ ବ୍ୟଥା ।
[ ମନୁଷ୍ୟ ଯେତେକ ଓଠ, ସଂସାରରେ ଲୋକ ତାର କଥା ଖୋଜନ୍ତି । ]

୭୮ । ଅପ କାର୍ଯ୍ୟ ଲାଉପର୍ଣ୍ଣ, ପରକାର୍ଯ୍ୟ ହେବା ଦେବା ।
[ ବ୍ୟଙ୍ଗ ଶ୍ଳୋକ । ଲୋକେ ନିଜେ କାର୍ଯ୍ୟ ପ୍ରତି ଯେପରି ଦୃଷ୍ଟି ଦିଅନ୍ତି, ପର କାର୍ଯ୍ୟ ପ୍ରତି ସେପରି ଦୃଷ୍ଟି ଦିଅନ୍ତି ନାହିଁ । ]

୭୯ । ଅପେ ଜାଣେ ପାପ, ମା ଜାଣେ ବାପ ।
[ ଦ୍ଵିତୀୟ ବ୍ୟକ୍ତି ଜାଣିବା ଅସମ୍ଭବ । ]

୮୦ । ଆପଣା ଘରେ କୁକୁର ( ବାଘ ) ରଜା ।
[ନିଜ ଘରେ • ନିଜେ ରଜା ହେବା ।]

୮୧ । ଆପଣା ଗୁଡ଼ିରେ ଠାକୁର, ପରଗୁଡ଼ିରେ କୁକୁର ।

୮୨ । ଆପଣା ଗୁଡ଼ିରେ ଯୋଗୀ ହେବ ଭେଲେ, ପରଗୁଡ଼ିରେ ରଜା ହେବ ନାହିଁ ।
[ ପରଗୁଡ଼ିରେ ରହିବା ଲୋକ ଅପଦାରେ ପଡେ । ]

୮୩ । ଆପଣା ଚିଉ ଯେତେବ ଦୁଃଖ, ଯେତେବ ଦାସ ସାହୁରେ ଘର ।

୮୪ । ଆପଣା ହାତ, ଜଗନ୍ନାଥ ।
[ ମନୁଷ୍ୟ ନିଜ ହାତରେ ଯାହା କରିଥାଏ, ତାହା ଭଲ ହେଉ ବା ମନ୍ଦ ହେଉ, ତହିଁ ପ୍ରତି ତାର ଆଦର । ]

୮୫ । ଆପଣା ଆପଣା ଡୁଙ୍ଗା, କିଏ କରିବ କାଣ୍ଡା ।
[ ପକ୍ଷମାନେ ଅପଣାପଣରେ ଯୁଦ୍ଧ ବାଧିଲେ, ମୋକଦ୍ଦମାରେ ବିଚାରପତିଙ୍କ ଦରକାର ହୁଏ ନାହିଁ । ] ( ସ୍ମୃତି ପ୍ରବଚନର [illegible] । )

୮୬। ଅପଣା ଠାଁ ମଗାଣି, ପର ଠାଁ ଗାଣି ।
[ ଏ ଭୁଲଟି ସ୍ଥାନଭ୍ରଷ୍ଟ ଲୋକଙ୍କ ମନରେ ସର୍ବଦା ଜନ୍ମୁଥାଏ । ]

୮୭। ଅପଣା ଦେଶରେ ଗୁଣୀର କାଳ କୁକୁର, ପରଦେଶରେ ଗୁଣିଆ ଗଢିଲ ଠାକୁର ।

୮୮। ଅପଣା ଦୋଷେ ମରଣ ଯାଇ, କି କହିବେ ବ୍ରହ୍ମା ଶଙ୍କର ଲାଗି ।

୮୯। ଅପଣା କାଆକୁ ଉଲଗ୍ନ କାଆ ।
[ଅନେକ ସମୟରେ ଲୋକେ ନିଜ ଦୋଷ ବୁଝିନପାରି ତେଣୁ କୁର୍ଣ୍ଣ ନାକୁଞ୍ଚି ଓ ଭିଡଥି ପ୍ରତ୍ୟାଶା କରି ଅନ୍ୟକୁ ଖଁଏଚ୍ଛି ଦେବାକୁ ମତନ କରନ୍ତି ।]

୯୦। ଅପଣା ଦୋଷରେ ଅଟେ ମଣ୍ଡ, ପର ଦୋଷରେ ବ୍ରହ୍ମସୂତ୍ର ।

୯୧। ଅପଣା ମୁହଁରେ ଅପଣ ମିଆଁମିଠୁ ବଣିବା ।
[ଆତ୍ମବଡ଼ିମା ଦେଖାଇ ହେବା ।]

୯୨। ଅପଣା ନେହରେ ଦେଇ ପରକୁ ଦିଏ ତା ମୁଣ୍ଡରେ ଦୋଷ ।
[ନିଜର ଅଧିକାର ପରକୁ ଦେବା ବ୍ୟକ୍ତି ପ୍ରତି ଉପାଳମ୍ଭ ବଚନ ।

୯୩। ଅପଣାକୁ ଟେଟ ବୁଝିଲେ ସବୁର ଅନ୍ତଥା, ବାଳବଧୂକୁ ଦେଖଦେଲେ ଲଜ୍ଜା ଲାଗୁଥା ।

୯୪। ଅପଣା ନାକ କାଟି ପରର ଯାତ୍ରାଭଙ୍ଗ ।
[ପରର ସାମାନ୍ୟ ଅନିଷ୍ଟ କରିବାକୁ ଇଚ୍ଛାକରି ନିଜର ଘୋର କ୍ଷତି ଘଟାଇବା ।]

୯୫ । ଅପ ରୁଚି ଭୋଜନ, ପରରୁଚି ପିନ୍ଧଣି ।

[ହିନ୍ଦୀ ପ୍ରବଚନର ଅନୁକରଣରେ ରଚିତ ।]

୯୬ । ଅପଦ ପଡ଼ିଲେ ଗୋଟପର୍ଦ୍ଦିଙ୍କୁ (ଖୁଲ ଜନୀଙ୍କୁ) ଡାକନ୍ତି ।

[ଯେଉଁ ଲୋକ ତାହାର ହିତାକାଂକ୍ଷୀ ବନ୍ଧୁମାନଙ୍କୁ ଅନ୍ୟ ସମୟରେ ଚିହ୍ନେ ନାହିଁ, ଅପଦ ବିପଦ ବେଳେ ସେମାନଙ୍କର ଦ୍ୱାରସ୍ଥ ହୁଏ ।]

୯୭ । ଅଠ ଖାଏ ଗୀତା, ବଂଶ ଖାଏ ଚଣ୍ଡୀ ।

[ଗୀତା ପାଠରେ ଭୁଲ୍ କଲେ ପାଠକର ଅର୍ଥ ହୁଏ କିନ୍ତୁ ଚଣ୍ଡୀ ପାଠରେ ଭୁଲ୍ କଲେ ବଂଶ ନାଶ ହୁଏ ।]

୯୮ । ଅପଣା ସ୍ୱାର୍ଥ ବଣିଚେଡ଼ିଭ ।

[ଅତ୍ୟନ୍ତ ସ୍ୱାର୍ଥପର ବ୍ୟକ୍ତି ।]

୯୯ । ଅପଣା ସୁନାଭ ଝେଣ୍ଡି, ପର ସଙ୍ଗେ କାହିଁ ବାଳ ଓପାଡ଼ି ।

[ନିଜର ପୁଅ, କନ୍ୟା ବା ଅନ୍ୟ ଆତ୍ମୀୟ ବ୍ୟକ୍ତିର ଅଯୋଗ୍ୟତା ହେତୁ କୌଣସି ବିବାଦ ଉପୁଜିଲେ ବୃଥାରେ ଅନ୍ୟ ସଙ୍ଗେ ଝଗଡ଼ା କରି ଲାଭ ନାହିଁ ।]

୧୦୦ । ଅପଣା ଶିଙ୍ଗରେ ଭୂଇଁ ଖାଣ୍ଡିବା ।

[ସ୍ୱାବଲମ୍ବୀ ହେବା ।]

୧୦୧ । ଅପଣା ଦୋଦାର ଚୋଡ଼ ଦୁଆରେ ଦେଖନାହିଁ, ପରଘରେ ଭାତ ଶିକାସୁ କରୁଛି ।

[ବହୁଦୋଷଯୁକ୍ତ ବ୍ୟକ୍ତି ଅପର ବ୍ୟକ୍ତିର ଦୋଷ ଖୋଳନା ପାଇଁ ଉପଦେଶ ପ୍ରଦାନ କରିବା ।]

୧୦୨ । ଅପୁଅ ବେଲୁର, ଗଡଞ୍ଜିଆ ଭୋଗ, ଧୂଆଁ ଓଳୁଅର ଘରର ନାଶ ଗଲା ।

୧୦୩ । ଆପେ ବଣିଜ ପୁତେ ଚାଷ,
ଚାକର କଲେ ସର୍ବନାଶ । [କୃଷି ବଚନ ]

୧୦୪ । ଆପେ ଚଷିଲେ ପୁରା ଲାଭ, ପୁଅ ଚଷିଲେ ଅଧା ଲାଭ, ମୂଲିଆ ଲାଭ ଖସିଯାଏ । [କୃଷିବଚନ]

୧୦୫ । ଆପେ ଆଖି ବୁଜିଲେ, ସଂସାର ଅନ୍ଧାର ।
[ ମୃତ ବ୍ୟକ୍ତି ପକ୍ଷରେ ସଂସାର ନିରର୍ଥକ । ]

୧୦୬ । ଆପେ ଭଲ ତ ଦୁନିଆ ଭଲ ।

୧୦୭ । ଆପେ ମଲେ ସ୍ୱର୍ଗ ଯାଏ, ପର ମଲେ ଭୂତ ହୁଏ ।

୧୦୮ । ଆପେ ମଲେ ଘୃତଭୂତ, ପରମଲେ ପାଣି ଭୂତ ।

୧୦୯ । ଆପେ ମଲେ ଘୃତ ଖାଏ, ପର ମଲେ କାନ୍ଦୁଥାଏ ।

୧୧୦ । ଆପେ ନ ମଲେ ସ୍ୱର୍ଗ ଦିଶେ ନାହିଁ ।
[ ସାକ୍ଷାତ ଅନୁଭୂତ ନହେଲେ କୌଣସି ବସ୍ତୁର ପ୍ରକୃତ ଜ୍ଞାନଲାଭ ଅସମ୍ଭବ । ]

୧୧୧ । ଆପେ ବଞ୍ଚିଥିଲେ ବାପର ନାଁ ।
[ ନିଜେ ବଞ୍ଚିଥିଲେ ବାପର ନାଁ ରହିବ ଏଣୁ ଛଳନାରେ କୌଣସି ପ୍ରକାରେ ଆତ୍ମରକ୍ଷା କରିବା । ]

୧୧୨ । ଆପେ ମନ୍ଦ ପରଙ୍କୁ ଲୋଡ଼େ ।
[ ନିଜପରି ବ୍ୟକ୍ତି ଅନ୍ୟମାନଙ୍କୁ ସମଦୃଷ୍ଟିସମ୍ପନ୍ନ ହେବାକୁ ଇଚ୍ଛା କରିବା । ]

୧୧୩ । ଆପେ ରାଣ୍ଡୀ ସାହି ପଡ଼ିଶାଣୀ ବୋଲେଇ ରାଣ୍ଡ ।
[ ବିଧବା ସ୍ତ୍ରୀମର ଅନ୍ୟାନ୍ୟ ସ୍ତ୍ରୀମାନଙ୍କୁ ସମଦଶାପନ୍ନ ହେବାକୁ ଇଚ୍ଛା କରିବା ନ୍ୟାୟ । ]

୧୧୪ । ଆପେ ରାନ୍ଧି ଆପେ ଖାଏ, ସୁଆଦ ସୁଆଦ ବୋଲୁଥାଏ ।
[ ନିଜ କାର୍ଯ୍ୟର ପ୍ରଶଂସା ନିଜ ମୁଖରେ ବଖାଣିବା । ]

୧୧୫ । ଅଜବ ପଣ୍ଡିଆ, ଗାଁର ଓଣ୍ଟିଆ, ବାବୁ ପରଶୁରାମ ।
[ ଲୋକର ପ୍ରଭାବ ବଢ଼ିବା ସଙ୍ଗେ ସଙ୍ଗେ ସମାଜରେ ତାର ଆଦର ଓ ସମ୍ମାନ ବଢ଼ିଥାଏ । ]

୧୧୬ । ଅନ୍ନ ପାଚେ, ଚଣାବ ପାଚେ, ତାହିଁ ସଙ୍ଗେ ନେଉଳ ନାଚେ ।
[ ସତ୍କର୍ମହୀନ ବ୍ୟକ୍ତି କୌଣସି ଉତ୍ସବରେ ଆନନ୍ଦ ପ୍ରକାଶ କରିବା । ]

୧୧୭ । ଅମ୍ବ କାଟିଲ ହାଣ୍ଡିକୁ ଲୁହାର ।
[ କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ କୌଣସି ସ୍ୱଜନବାକ୍ୟର ଉପେକ୍ଷାପନ୍ନ ହେବା । ]

୧୧୮ । ଅମ୍ବ ଦାନେ ପଣାର ଚିନ୍ତା ।
[ ଏକ ସୂତ୍ରକୁ ପାଇବା ପରେ ଅନ୍ୟସୂତ୍ରକୁ ଚିନ୍ତା କରିବା ]

୧୧୯ । ଅମ୍ବ ଦାନେ ପଣାଏ, କଥା ନ କହିଲୁ ମଣିଷ ।
[ ସମ୍ପଦର ପ୍ରାଚୁର୍ଯ୍ୟ ହେତୁ ଦମ୍ଭ ପ୍ରକାଶ କରିବା । ]

୧୨୦ । ଅମ୍ବ ଶିମ୍ବ (ପଣାସ) ଅଳ୍ପଦିନ ଦାନ,
କୁଳ (ଅସ୍ଥା) ଦମ୍ଭକରି ମଣିଷ ଚିହ୍ନ ।
[କ୍ଷଣିକ ସମ୍ପଦରେ ଭୋଳ ହୋଇ ପାରମ୍ପରିକ ବନ୍ଧୁବାନ୍ଧବ-
ମାନଙ୍କୁ ଭୁଲି ନ ଯିବା ପାଇଁ ଉପଦେଶ । ]

୧୨୧ । ଅମ୍ବ ହଣ୍ଡିବାକୁ କାଉ ବାଡ଼ିବାକୁ ।
[ଭାଗି କାରଣ ସମର୍ଥ ନ ଥାଇ ଅପେକ୍ଷ ଘଟିବା ଘଟଣା ।]

୧୨୨ । ଅମ୍ବ ଗଛରେ ପାଣି ଦାଉ ଦାଉ ଶିମ୍ବଳେ ମଲ ।
[ଜଣକୁ ରକ୍ଷାକରିବାକୁ ଯାଇ ଅନ୍ୟ ଜଣକୁ ମାରିବା । ]

୧୨୩ । ଅମ୍ବନିଁ ଡେର ଅନୁଭା ଭଣ୍ଡାଇବା ନ୍ୟାୟ ।
[ଅଇଲି ଗୁଣିଆ ବୋଲି କହି ନଇଲି ଜଣିଆ ଭଣ୍ଡାଇବା ।]

୧୨୪ । ଅମ୍ବଭିଜ ଦୁଅ ଶୁ ଝାଳୁଅବର ବୋଧହେବ ।

୧୨୫ । ଅମ୍ବ ପାଚିଲେ ଯମ ରାଜା, ନଡ଼ିଆ ବଢ଼ିଲେ ବୈକୁଣ୍ଠ ରଜା ।
[ଅମ୍ବ ପାଚିଲେ ଗ୍ରୀଷ୍ମ କାଳର ଦେହର ଅମ୍ବଟାଇ ବଢ଼ିଲି ।
ନଡ଼ିଆ ବଢ଼ିଲେ ବୈକୁଣ୍ଠର ବୋଲକାଳର ହୁଏ ।]

୧୨୬ । ଅମ୍ବର ବଣ, ଆମ୍ବ ସରିଗଲେ ଝାଳୁଅ ବଣ ।

୧୨୭ । ଅମ୍ବ ଖଜା, ଖେଜୁରି ଦଙ୍କା, କୁକୁର ଲେଞ୍ଜ ନୁହେଁ ସଳଖା ।
[ ଖରାପ ମନ୍ଦ ହେଲେ ମଧ୍ୟ ସ୍ୱଭାବ ସିଧା ହୁଏ ନାହିଁ । ]

୧୨୮ । ଅମ୍ବ କାଉମଉ, ଖେଜୁରି ଚେମଉ । [ ତୁଳନା ]

୧୧୯ । ଅମ୍ବ ଦେଖି ବାଉଁଶ କର । [ ଉପଦେଶ ]

୧୩୦ । ଅମ୍ଳ ମୁରିଲେ କେହି ନ ରହେ ।

୧୩୧ । ଅଷ ଜନମରେ ଲୁହା ଚେରଣୀ । [ ଦେବତାଙ୍କର ଅହଁ ଠାକୁର ]
ଏ ଜନମରେ ପେଟୁ । [ ଅଳ ଦିଶାଦ ]

୧୩୨ । ଅଟର ତେଘା ଘୁରି ତେମା ବୋଲି ଶୁଣ; ବେଳଥାଉଁ ଥାଉଁ ବୁଝିବୁ ଯାନ । [ କୃଷି ବଚନ ]

୧୩୩ । ଅରେ ଅଳସୁଆ ମଠ ନ କର,
ସେତେବେଳେ ହେଲେ ତୋହ୍ମ ଉଦର । [ ଉପଦେଶ ]

୧୩୪ । ଅରେ ଚୋର, ଯେତେବେଳେ ସେ ।
[ ସୁବିଧାବାଦୀ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ ]

୧୩୫ । ଅରେ ଲଣ୍ଡା, ତୋର ଗାଲ ଟୋପେ ଦଣ୍ଡା ।
[ ଉପକାରୀ ବ୍ୟକ୍ତିର ଅପକାର କରିବା ]

୧୩୬ । ଅରେ ଭାଇ, ଅର୍ଜି ପାଇଲି ଚର୍ଜି ନାଇ ।

୧୩୭ । ଅର ଗଳ୍ପରେ ଲଙ୍କା ମରିଚ [ ଚେଲ୍ଭଟିଅ କଥାର ] ହୋଇ
ଲୁଚିବା । [ ଖୋଷକଥାର ]

୧୩୮ । ଅଳି କୁଳିଣ, ଚୈଳଙ୍ଗଣୀ ତେଲେଣି, ଅଷ୍ଟୁବେଣୁର ସାମନ୍ତବାମୀ,
ସୁଣ୍ଡି ଜେନା । [ ଏ ସବୁଚୋଟି ପ୍ରଧାନ ]

୧୩୯ । ଅଳି ସାହିଭିତରେ ଅନେକ କଥାପ, ସାଇଁରେ କମ୍ମୀର ଖାଏ ।
[ ଅନୁଷ୍ଠାମଣୀ ସଞ୍ଚୟର ବିପଳ । ]

୧୪୦ । ଅଲିଆ ଚେଲ୍ଲାରେ ବାଲିଅ ବାନ୍ଧ ।
[ ଲେଖାପୋଡାରେ ଭୁଲ ସମ୍ପର୍କୀୟ ବ୍ୟକ୍ତି । ]

୧୪୧ । ଅଷ୍ଟ ଚୋଳି ଚୋଳି ମହାଦେବ ବାହାରିବା ନ୍ୟାୟ ।
[ ଟୋଟିଏ ବିଷୟ ଅନୁସନ୍ଧାନ କରୁ କରୁ ଅନ୍ୟ ଏକ
ରହସ୍ୟ ପ୍ରକାଶ ପାଇବା । ]

୧୪୨ । ଅଲେଖ ସଖି, ଅପଣା ମହୁତ ଅଟେ ଭଖି ।
[ ନିଜର ସନ୍ତାନ ନିଜ ଠାରି ଉପରେ ଗର୍ବର କରେ । ]

୧୪୩ । ଅରେ ମଜୁଷା । ଭାଙ୍ଗ ପେଡ଼ୁଆ ।
[ ଅର୍ଥବିନା କୌଣସି କାର୍ଯ୍ୟ ସିଦ୍ଧ ହୁଏ ନାହିଁ । ]

୧୪୪। ଆଶା ବୈତରଣୀ ନଦୀ।
[ ମନୁଷ୍ୟର ଆଶାର ସୀମା ନାହିଁ। ]

୧୪୫। ଆଶା ଦେଇଥା ଅଟାଳ; ତୋର ମାମୁଁ ଯାଉଛି ସତାଳ।
[ ସମ୍ବଲପୁର ଅଞ୍ଚଳର ପ୍ରଚଳିତ। ଅନିଶ୍ଚିତ ବସ୍ତୁ ପ୍ରାପ୍ତି ପାଇଁ ଆଶାୟୀ ହୋଇ ରହିବା। ]

୧୪୬। ଆଷାଢ଼ ଖୁଏ ବଲଦେ, ଶ୍ରାବଣ ଖୁଏ ଗାଲ୍‌ହେ, ଭାଦ୍ରବ ଖୁଏ କୁକୁରେ, ଆଶ୍ୱିନ ଖୁଏ ଉପରେ।
[ ସମ୍ବଲପୁର ଅଞ୍ଚଳର ପ୍ରଚଳିତ ଢ଼ଗବଚନ। ]

୧୪୭। ଅଷାଢ଼ ମାସରେ ବନ୍ଧୁକି ହୁଏ, ଅତି ଭାଗ୍ୟ ଥିଲେ ପାଏ; ଠିଆ ହେଉଛି ଭୂଇଁଥିଲେ ବସି ବଳ ଖାଏ। [ କୃଷିବଚନ ]

୧୪୮। ଅସ୍ତ୍ର ଯା ନ ଦେଲୋ ଧନ ଯାଉ।

୧୪୯। ଆସିବୁ ଏକା, ଯିବୁ ଏକା, କେହି ନଥିବେ ସାଙ୍ଗ ସଖା।
[ ଜନ୍ମ ମୃତ୍ୟୁସମ୍ବନ୍ଧୀୟ ବଚନ। ]

୧୫୦। ଆହାର ଉପରେ ପ୍ରହାର।
[ କୌଣସି ବ୍ୟକ୍ତିଙ୍କୁ ଖାଇବାକୁ ଦେଇ ପରକ୍ଷଣରେ ପ୍ରହାର କରିବା। ]

୧୫୧। ଅସ୍ମାର ଖୁଣ୍ଟ, ଜଗି ନ ରହିଲେ ଯମର ଦେଉଳ।
[ ଅପସ୍ମାର ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ସବୁଦା ନ ଜଗିଲେ କେତେବେଳେ ମୂର୍ଚ୍ଛା ଯାଇ ମୃତ୍ୟୁ ଘଟିବା ସୁନିଶ୍ଚିତ। ]

୧୫୨। ଅଟିଲୁ ନନା, ପେଟକୁ ନାହିଁ ଦାନା, ଓଢ଼ଣୀର ଅଧା ଚନା।
[ ଖାଦ୍ୟ ଓ ବସ୍ତ୍ର ଏହି ଦୁଇଟି ପଦାର୍ଥ ମନୁଷ୍ୟର ମୌଳିକ ପ୍ରୟୋଜନ। ]

—ଉ—

୧। ଉଠିକାଲି ମିଠିକାଲି ପୂରିଗଲା କାଇଁତ, ଟମର ଥମର ନାଲି ପଇଁତ; ନାଲି ଟପି ଟେଁ ବାଉଳି ପ୍ରାଣ, ଟଗାଟିକ ଉପରେ ଟୋଟିଏ ଟାଣ।

[ ଯାହା ବାହାରୁ ସୁନ୍ଦର ଦେଖାଯାଉଲେ ମଧ୍ୟ ନାନା ଦୋଷ ଦୁର୍ବଳତାରେ ପୂର୍ଣ୍ଣ। ]

୨। ଉଷ୍ ବୋଇଲେ କି ଥଣ୍ଡ ଯାଏ ?

[ ଶୀତଦିନରେ ଥଣ୍ଡ ମାଡ଼ିବା ବେଳେ ମୁହଁରୁ ଉଷ୍ ଶବ୍ଦ ବାହାରି ପଡ଼େ। କିନ୍ତୁ କେବଳ ଉଷ୍ ଶବ୍ଦ ଉଚ୍ଚାରଣ କଲେ ସେ ଥଣ୍ଡ ଯାଇବ ନାହିଁ ସୁତେଇଁ। ]

୩। ଉଲଗି ମାଛର କଣ୍ଟା ସାର।

୪। ଇନ୍ଦ୍ର ଗଲୁ ଗଲୁ ଗଲେଣି, ଶଚୀ ଗୋଟିଏ ବସିଛୁ।

[ ପୌରାଣିକ କଥନ। ଇନ୍ଦ୍ରଙ୍କର ପରିବର୍ତ୍ତନ ହୁଏ, କିନ୍ତୁ ଶଚୀ ସେହିପରି ରହିଥାନ୍ତି। ]

୫। ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ନିମନ୍ତେ।

## —ଭ—

୧ । ଭଅ ଭସ୍ନା କେତକୁଣୀଙ୍କ ମୁହଁରେ ।
[ ଭଅ ଚୂଡ଼ା ଭସ୍ନା ଚୂଡ଼ା ଚିହ୍ନିବା ସହଜ ନୁହେଁ ।
ତେଣୁ କେତକୁଣୀ ଯେଉଁ ଚୂଡ଼ାକୁ ଭଅ ଚୂଡ଼ା ବୋଲି
କହିବ, ତାକୁ ଭଅ ବୋଲି ଗ୍ରହଣ କରି କିଣିବାକୁ ବାଧ୍ୟ ।]

୨ । ଭୂଆଁସୀ କନ୍ୟାକୁ ଅଟଳନ୍ତିପିଅ ବର ।
[ ଯେଉଁ କନ୍ୟା ଅମାବାସ୍ୟା ଦିନ ଜାତ ହୁଏ, ସେ ବିଧବା
ହୁଏ ବୋଲି ଲୋକପ୍ରବାଦ ଅଛି । ]

୩ । ଭଇଁ ନ ଭଣେ, ଝୁସି ଫଣେ, ଭଣ୍ଡର ମେଘ ଦକ୍ଷିଣେ ଅସେ,
ସଞ୍ଜ ଗୋବରସରେ ଅଣ୍ଟିର ବସେ, ନାଥ ବୋଲେ ·ଶୁଣ
ଶାଣ୍ଡଙ୍କ ବାରସେ ।
[ଭାକ ଶୁଣିବାଣ । ଶୀଘ୍ର ବର୍ଷାହେବାର ଲକ୍ଷଣ । ]

୪ । ଭଲ, ଓଢ଼ଣ, ପିନ୍ଧଣ, ମଣା,
ଏହି ଚାରି ଜାତ ଆଗନ୍ତୁ ବଶ ।

୫ । ଭଙ୍ଗୁଣୀ ମୁଣ୍ଡରେ ଖୋପା, ଅନ୍ଧବୁଣା ଚଷା, ଲୁଙ୍ଗିଭିଡ଼ିଆ
ବୈଷ୍ଣବ, ଲଣ୍ଡିଆ ମୁଣ୍ଡକୁ ଅଣା, ବର୍ଷୀ ଟଙ୍ଗା, ମନ୍ଦ ଏ ।

୬ । ଉଷୁଡ଼ା ପାଇଲେ ପୁରାଣ ଶୁଣା ଶେଷ ।
[ କେବଳ ପ୍ରସାଦ ପାଇବା ଲାଗି ଯେଉଁମାନେ ପୁରାଣ ଶୁଣିବାକୁ ଆସନ୍ତି ସେମାନଙ୍କ ପ୍ରତି ଉପଲକ୍ଷ୍ୟ ବଚନ । ]

୭ । ଉଆଁଇଥିବୁ ମାରିବୁ ନାହିଁ, ଟୋଡ଼ାଇଥିବୁ ଧରିବୁ ନାହିଁ ।
[ ଉପଦେଶ । ପିଲାମାନଙ୍କୁ ଶାସନ କରିବାର ପ୍ରକୃଷ୍ଟ ଉପାୟ । ]

୮ । ଉଡ଼ ଉଣ୍ଡର ଢୋପାନିକୁ ଡର ।

୯ । ଉଜା ଗାଁରେ କୁଜା,
ଯେଉଁ ଗାଁରେ ଦେବତା ନାହାନ୍ତି ଶିଳପୁଅଟାଏ ପୂଜା ।
[ଯେଉଁଠାରେ ଯୋଗ୍ୟ ଲୋକ ନାହାନ୍ତି, ସେଠାରେ ଅତି ସାମାନ୍ୟ ଲୋକ ମଧ୍ୟ ପୂଜା ପାଏ । ]

୧୦ । ଉଠିଲା ମାଛ ମୁହଁରେ ପାହାର ।
[ ଯେ କୌଣସି ବିଷୟରେ ଆଗୁଆ ଲୋକ ଉପରେ ପ୍ରଥମେ ଆପଦ ପଡ଼େ । ]

୧୧ । ଉଠିଲୁ ଗଛ ପତ୍ରରୁ ଜାଣି ।

୧୨ । ଉଠି ନ ପାରି ମାଟେଇଙ୍ଗା ।
[ ଅପାରଗ ଲୋକ ମୁହଁବଡ଼ାଇ ଦେଖାଇବା । ]

୧୩ । ଉଠ୍ କହିଲେ ଉଠିବା, ବସ୍ କହିଲେ ବସିବା ।
[ ଅତ୍ୟନ୍ତ ଆଜ୍ଞାନୁବର୍ତ୍ତିତାର ଚିହ୍ନ । ]

୧୪ । ଉଚ୍ଛିଷ୍ଟା ଖାଇ ଗୋବିନ୍ଦାୟ ସ୍ୱାହା ।
[ ପବନରେ ଉଡ଼ୁ ଯାଉଥିବା ଗାଈ ଗୋବିନ୍ଦଙ୍କୁ ନୈବେଦ୍ୟ କଲାପରି ଯେଉଁ ପଦାର୍ଥ ଆପଣାର ସ୍ୱସ୍ତ୍ରୋତ

ହୋଇ ଯାଉଥାଏ ତାହାକୁ ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନକୁ ଦାନ କରି ବାହାଦୁରି ନେବାପାଇଁ ଚେଷ୍ଟା କରିବା । ]

୧୫ । ଜ୍ୱାଇଁଙ୍କ ଚେଳିର ପରଶେ ଦେବା ।
[ ତୀକ୍ଷ୍ଣ ବୁଦ୍ଧିମତ୍ତାର ଚିହ୍ନ । ]

୧୬ । ଡଙ୍ଗ ନ ଜାଣି ଟୋପା ମାରିବା ।
[ହିଙ୍ଗୁ ଜାଣି ନ ଥିବା ଟେଡ଼ିଲ ମନୁଷ୍ୟ ହସ୍ତରେ ଧରି ପଡ଼ିବା. ମାଟେଣି ଟୋପା ମାରିବା ପରି ଖାଇବା ଲୋକ ଅନେକ୍କୁ ଲୋଷ ହୋଇ ଶରଣ ପଶିବା । ]

୧୭ । ଲୁଣା ଲେଉ ପଦ ଗାଏ, ହରି ଗୋଡ଼କୁ ଗୀତ ଗାଏ ।
[ ଅଳ୍ପ ଲୋକ ଉତ୍ତମ ପଦ ପାଇଲେ ତାର ଦର୍ପର ସୀମା ରହେ ନାହିଁ । ]

୧୮ । ଧୂଣୀ ଲୋକର ଭୁଲି ଗୁଣୀ ପରେ । ଦୁଷ୍ଟ ଲୋକର ମାଡ଼ୁପ ମରେ ।

୧୯ । ଧଣ୍ଡା ଭୁଞ୍ଜେ ଚେଙ୍ଗ ଚିଁ, ଜାଲ ଟେକେ ପେଟି ।
[ଦୁର୍ବଳ ଲୋକଙ୍କର ଦୁର୍ବଳତାର ସୁଯୋଗ ନେଇ ଲୋକେ ତାପରେ ଆଧିପତ୍ୟ ବିସ୍ତାର କରନ୍ତି । ]

୨୦ । ଉଦୟ ବେଳେ ଅସ୍ତ ନାହିଁ କି ଅସ୍ତବେଳେ ଉଦୟ ନାହିଁ ।
[ସମୃଦ୍ଧି ବେଳେ ପତନ ନାହିଁ କି ପତନ ବେଳେ ଉନ୍ନତି ନାହିଁ । ]

୨୧ । ଜୁଆରି ମାଣିକ ଭଣଜା ।
[ଲୋକେ ଧାନ,ଭାତ ଆଦି ଶସ୍ୟ ଜୁଆରି ବା କରଜ ଦେଉ-ବେଳେ ଢଙ୍ଗ୍ କରି ଦିଅନ୍ତି । ]

୨୨ । ଉଧାର ମାଗିବା ପାଇଁପା ଖୁଣ୍ଟି ।

[ମାଗଣେ ଜିନିଷ ଉଧାର ବା 'କରଜ ଆଣିଲେ ଚାଇଁପା ଖୁଣ୍ଟି-ବାକୁ ହୁଏ । ]

୨୩ । ଉଧାର ମିଳିଲେ କରନ୍ତି ଘାଟା, ଖୁଣ୍ଟିଲେ ଖୁଣ୍ଟିବେ ସୁଅଙ୍କ ନାଡ

[ଶିଖକୁ ଖୁଣ୍ଟିବାକୁ ନ ପଡ଼ିଲେ ଲୋକେ ବିସ୍ମୃତିର ବସ୍ତୁ ଧାରି ଭଣ୍ଡ ଅଣନ୍ତି । ]

୨୪ । ଉପର ଚେହେରା ସୁନ୍ଦର, ଭିତର ଖୋଳା ଅଙ୍ଗାର; ଖାଲି ମହାକାଳ ଫଳ ।

[ ବାହାରେ ମିଷ୍ଟଭାଷୀ ଓ ଭିତରେ କପଟାଚାରୀ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ । ]

୨୫ । ଉପରେ ଉପରେ ପାଣି ଛିଞ୍ଚିଲୁ, ଭିତରେ ଭିତରେ ଚେର କାଟିଲୁ ।

[ ଗଛ ଉପରେ ପାଣି ଢାଳି ଭିତରୁ ଚେର କାଟିଲେ ଗଛ ମରିଯାଏ । ସେହିପରି 'ଉପରେ ମିଠାଇ କଥା କହି ଗୋପନରେ ଅନିଷ୍ଟ ସାଧନ କରିବା । ]

୨୬ । ଉଷ୍ଣ ମୁଠି, ଅଣ୍ଡ ଧ'ମୁଠି, ବାଇଶ ମଣିରେ ପୋଖରୁ ଛାଟି, ଶାଳରେ ଭଲିଙ୍କୁ ପାଣି ସମାନ, ବେଗ ଶିଟରେ କୁଣ୍ଡିବୁ ଧାନ, ଯେବେ ନୋହିବ ଓଣ୍ଟରେ ଧାନ, ତେବେ କାଟିବୁ ଆକର କାନ ।

[ ଧାନ ଫସଲ ସମ୍ବନ୍ଧରେ ଖନା ବୃଷ୍ଟି ବଚନ । ]

୨୭ । ଝୁଣ୍ଟ ଡାଳ, ପୋଡା ଶାଳ, ଲୁଅ ଖେଳୁଆଳ, ଶଣ୍ଢ ଦେବାଳ,
ଘରଣୀ ଚେତୁଆଳ, କେତେବ ସେ ଘର ଯାଏ ଅପାର କାଳ ।

[ ଡାଳ ଶେଣୀ, ଶାଳ କାଠର ଖୁଣ୍ଟ, ଖେଳୁଆଳ ଲୁଅ ଏବଂ ଝାମଡ଼ା ବଢ଼ାଇବା ପାଇଁ ଦେବତ ଲଇ ବ୍ୟବହାର କଲେ ଏବଂ ଝୁଇ ଓ ନିଆଁ ପାଣିକୁ ଘରଣୀ ସର୍ବଦା ସାବଧାନ ଥିଲେ ସେ ଘର ବହୁତ କାଳ ଯାଏ । ]

୨୮ । ଉଖୁରା ଘର, ମୁକୁଳା ବାଳ, ଏହା ନ ରଖିବ ବହୁତ କାଳ ।
[ ଘର ଉଖୁରା ରଖିଲେ ସର୍ପ, ମୂଷିକ ଆଦି ଜନ୍ତୁ ଘରେ ପଶିବାର ଏବଂ ବାଳ ମୁକୁଳା ରଖିଲେ ଉକୁଣି ପଶିବାର ଭୟ ଅଛି । ]

୨୯ । ଉଲବଲ ଘର, ମକୁଳାଲ ବର, ସ୍ତ୍ରୀକୁ ନ ରଖିବ ବହୁତ କାଳ ।

୩୦ । ଉଲିଆ ଗାଈ ବଇଁଶ ଖାଇ ।
[ ଉଲିଆ ଗାଈ ଗୃହସ୍ୱାମୀକୁ ନାନା ବିପଦରେ ପକାଏ । ]

୩୧ । ଉଷୁନା ଧାନ ଗଜା ହେବା ନ୍ୟାୟ ।
[ ଅସମ୍ଭବ କଥା । ]

## — ଓ —

୧ । ଋଣ ଶେଷ, ବ୍ୟାଧି ଶେଷ, ଶତ୍ରୁ ଶେଷ, ଏ ତିନିଙ୍କି ନ ରଖିବ ଲେଶ ।

[ ସମୂଳେ ଉତ୍ପାଟିତ ନ କଲେ ପଛରେ ଘୋର ବିପଦର ସମ୍ଭାବନା । ]

୨ । ଭିଡ଼ି ବାଳ ଛିଣ୍ଡାଇ ମଡ଼ବା ନାସ୍ତ ।

[ ଅତି ସହଣିତ ଲୋକ ମଧ୍ୟ ଯେଉଁ କଥାକୁ ବରଦାସ୍ତ କରି ନ ପାରି କ୍ରୋଧରେ ବାଳ ଛିଣ୍ଡାଇ ପକାଇବାକୁ ବାଧ୍ୟହବା । ]

୩ । ଭଣି ଗୋଡ଼ରେ କୁକୁର ଚୁମ୍ବିବ ବୋଲି କି ଭଣି କୁକୁର ଟୋଙ୍କ ଚୁମ୍ବିବ ।

[ କେଣେ ନୀଚ ବ୍ୟକ୍ତି କୌଣସି ମହତ୍ ବ୍ୟକ୍ତିଙ୍କୁ ଅପମାନ ଦେଲେ ମହତ୍ ବ୍ୟକ୍ତି ସେଥିକୁ ଦେଖା ନାଭରେ ତାହାଙ୍କୁ ଅପମାନ ଦେବା ତାଙ୍କ ମହତ୍ତ୍ୱର ପରିଚୟ ନୁହେଁ । ]

## —ଏ—

୧ । ଏକ ଆଖି ଆଖି ନୁହେଁ, ଏକ ସାକ୍ଷୀ ସାକ୍ଷୀ ନୁହେଁ ।

୨ । ଏକ ଅଖାଡ଼ାରେ ଦୁଇ ପେହ୍ଲମା ରହି ପାରନ୍ତି ନାହିଁ ।
[ ଏକ ସ୍ଥାନରେ ସମାନ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ରହି-ପାରନ୍ତି ନାହିଁ । ]

୩ । ଏକ ଖଣ୍ଡ, ଦୁଇ ଖଣ୍ଡ, ତିନି ଖଣ୍ଡ ହେଲେ କମ୍ପିଲ ବ୍ରହ୍ମାଣ୍ଡ ।
[ ଚଲ୍ଲାନୁବାଦ । ଏକୋଠି ବାଧା ଏକଥି ରହିଲେ ଅଶାନ୍ତି ଉପୁଜେ । ]

୪ । ଏକ ଖୁଣ୍ଟରେ ଦୁଇ ଘୋଡ଼ା ବନ୍ଧା ହେବା ନାସ୍ତି ।
[ ଦୁଇ ଜଣ ପ୍ରତିଦ୍ୱନ୍ଦୀ ସମକକ୍ଷ ବ୍ୟକ୍ତି ଏକ ସ୍ଥାନରେ-ରହିବା । ]

୫ । ଏକ କୁଢା ଶ୍ୱଶୁର ଘରର ଖାଲି,
ଏକ କୁଢା ଭଉଣୀ ଘରର ଭାତ ।
[ ଶ୍ୱଶୁର ଘରେ ଖାଲି ଓ ଭଉଣୀ ଘରେ ଭାତ ଅଧିକ କାଳ-ରହିଲେ ଅବଜ୍ଞାର ଗାଳି ଶୁଣନ୍ତି । ]

୬ । ଏକ ଦେଶରେ ଗାଳି, ଅନ୍ୟ ଏକ ଦେଶରେ ବୋଲି ।
[ ଏକ ଦେଶର ଅଶ୍ଳୀଳସୂଚକ ଶବ୍ଦ ଅନ୍ୟ ଦେଶର-ଭାଷାରେ ଭଲ ଅର୍ଥ ବୁଝାଏ । ]

୭। ଏକା ଟେହ୍ଲିଆ ଭଳି ଲାଗେ।
[ ଅତିର ଲୁଣା ଖାଇଥିବା ଲୋକଙ୍କୁ ପୁଣି ଲୁଣିବା ଅସଙ୍ଗତ। ସେହିପରି ଏକ ବାଂକ୍ରଙ୍କୁ ଦୁଇଥର ଦଣ୍ଡିବା ଅନ୍ୟାୟ। ]

୮। ଏକ ଥାଅ ନ ଖାଏ ଲୋଭୀ, ଦୁଇ ଥାଅ ନ ଖାଏ ରୋଗୀ,
ତିନିଥା ନଖାଏ ମୂର୍ଖଅ ବାଉଳା, ଚାରି ଥାଅ ନ ଖାଏ ଯୋଗୀ।
[ ଏମାନେ ଭିନ୍ନ କାରଣରୁ ପେଟପୂରା ଖାଆନ୍ତି ନାହିଁ। ]

୯। ଏକ ପୁଅ ପୁଅର ଲେଖା ନୁହେଁ।
[ ଯାହାର ଗୋଟିଏ ଝୋଲି ପୁଅ ସେ ବଂଶରକ୍ଷା ସମ୍ବନ୍ଧରେ ନିଶ୍ଚିନ୍ତରେ ରହିପାରେ ନାହିଁ। ]

୧୦। ଏକ ହାତରେ ତାଳି ବାଜେ ନାହିଁ।
[ ଯେପରି ତାଳି ମାରିବା ପାଇଁ ଦୁଇ ହାତ ଲୋଡ଼ା ହୁଏ, ସେହିପରି ଦୁଇ ପକ୍ଷରୁ ଉତ୍ତେଜନା ନ ଥିଲେ ବିବାଦ, କଳହ ବା ଯୁଦ୍ଧ ଇତ୍ୟାଦି ସମ୍ଭବପର ହୁଏନାହିଁ। ]

୧୧। ଏକା ହୁଲୁସି ନ କର ଦେଖା ସଲାମି କରିବା।
[ ଯାହାର ଯାହା ପ୍ରାପ୍ୟ ବା ଦେୟ ତାହାକୁ ତାହା ନ ଦେଇ ପରେ ଅବସ୍ଥାଗତିରେ ପଡ଼ି ବାଧ୍ୟ ହୋଇ ଦୁଇ ଗୁଣରେ ଶୁଝିବା ନ୍ୟାୟ। ]

୧୨। ଏକ ପୁଅର ଅଠ, ନଣ୍ଡ ବୁଢ଼ାରେ ରୁଣ୍ଡ।
[ ନଣ୍ଡକୁଳିଆ ବୃକ୍ଷ ପରି ଗୋଟିଏ ପୁଅ ଥିଲେ ବଂଶରକ୍ଷା ଅନିଶ୍ଚିତ। ]

୧୩। ଏକ ମନ ହେଲେ ସମୁଦ୍ର ଶୁଖେ। [ ଏକତା ବଳରେ ଅସାଧ୍ୟ ସାଧନ କରି ହୁଏ। ]

୧୪ । ଏକା ଠେଙ୍ଗାକୁ ସହସ୍ରେ ହାଣ୍ଡି ।
[ ଗୋଟିଏ ଠେଙ୍ଗାରେ ସହସ୍ରେ ହାଣ୍ଡି ଭାଙ୍ଗି ପାରିବା ସଦୃଶ ଜଣେ ବଳୁଆ ଅଥବା ବୁଦ୍ଧିମାନ୍ ବ୍ୟକ୍ତି ବହୁ ଦୁର୍ବଳ ଅଥବା ନିର୍ବୋଧ ଲୋକଙ୍କୁ ଅନାୟାସରେ ଜବତ କରିବା । ]

୧୫ । ଏ କାନରେ ପଶି ସେ କାନରେ ବାହାରିଯିବା ।
[ ମନୋଯୋଗ ଦେଇ ନ ଶୁଣିବା କିମ୍ବା କଥା ଅନୁସାରେ କାର୍ଯ୍ୟ ନ କରିବା । ]

୧୬ । ଏକ କାନରୁ ଦୁଇ କାନ ହେଲେ ମନ୍ତ୍ରଭେଦ ।
[ କୌଣସି ଗୁପ୍ତ କଥା ଜଣାଙ୍କରୁ ଅଧିକ ଲୋକର କାନରେ ପଡ଼ିଲେ ତାହା ପ୍ରତି ଗୁରୁତ୍ୱ ପ୍ରକଟ ହୋଇଯାଏ । ]

୧୭ । ଏକା ନଈ ସହସ୍ରେ କୋଶ ।
[ଗୋଟିଏ ନଈ ପାର ହେବା ହଜାର କୋଶ ବାଟ ଚାଲିବା-ଠାରୁ ଅଧିକ କଷ୍ଟକର ।

୧୮ । ଏ କାନରୁ ସେ କାନ ନ ହେବା ।
[ ଗୁପ୍ତ ରଖିବା । ]

୧୯ । ଏକା ମାଘରେ ଶୀତ ଯାଏ ନାହିଁ ।
[ ଗୋଟିଏ ମାଘରେ ଶୀତ ଶେଷ ହୁଏ ବୋଲି ଭାବିବା-ପରି ଏକା ଥରକେ ସବୁ ଅସୁବିଧା ଦୂର ହୋଇଗଲା ବୋଲି ଭାବିବା ଭ୍ରମାତ୍ମକ । ]

୨୦ । ଏକା ମାଳୀ ତିନି ଦେଉଳ ପୂଜିବା ।
[ ଜଣେ ଲୋକ ଏକାଧିକ ଲୋକଙ୍କୁ ସେବା କରିବା । ]

୨୧। ଏକା ବିଦ୍ୟା ।
[ ଲୋକ ଏକୁଟିଆ ଥିଲେ ତାହାର ସବୁ ବୁଦ୍ଧି ହଜିଯାଏ । ]

୨୨। ଏକା ଚାହାଳିର ପାଠ, ଏକା ଅବଧାନ ଘୁଣ୍ଟ ।
[ ଦୁଇଜଣ ବ୍ୟକ୍ତି ସମାନ ଜାତି, ଚୌକି ବା ଗୁରୁଗିରି କରିବା ସ୍ଥଳରେ ଉଲ୍ଲେଖ କରାଯାଏ । ]

୨୩। ଏକା ତୁଣ୍ଡରେ ଭୁଅ ଉତୁନା ।
[ ଜଣେ ଲୋକ ଗୋଟିଏ ପ୍ରକାର କଥା କହୁ ଭିନ୍ନ ସମୟରେ ସମ୍ପୂର୍ଣ୍ଣ ବିପରୀତ ମତ ପୋଷଣ କରିବା ।]

୨୪। ଏକା ମାଣ୍ଡିଆ ବାଉଁଶି ଫଳ ।
[ ଅର୍ଥ, ବିଦ୍ୟା ଏବା ବୁଦ୍ଧିରେ ଜଣେ ବଡ଼ ଲୋକଙ୍କୁ ଅତିକ୍ରମ କଲେ ଏହି ଉପଲକ୍ଷ୍ୟ ଦିଆ ଯାଇଥାଏ । ]

୨୫। ଏକା ଗଛର ମଞ୍ଜି ।
[ ସମାନ ସ୍ୱଭାବବିଶିଷ୍ଟ ବ୍ୟକ୍ତି । ]

୨୬। ଏକାଟିଆ ବାହାସା, ମୁଣ୍ଡି ମୁଣ୍ଡି ସାହାସା ।
[ ଟାଳି । ]

୨୭। ଏକେ ଶିରୀ ଓ ଏକେ ହତଶିରୀ ।
[ ମନୁଷ୍ୟମାନଙ୍କ ଭିତରୁ ଜଣକର ସୁପୁଣ୍ୟ ହେତୁ ଗୃହର ଶ୍ରୀ ବଢ଼ିଲା ବେଳକୁ ଆଉ ଜଣକର ମନ୍ଦ ଗୁଣ ହେତୁ ଶ୍ରୀ ତୁଟିବାର ଦେଖାଯାଏ । ]

୨୮। ଏକୋଦର ବଳା ବାଞ୍ଛିକେଶର ।
[ ସୁବର୍ଣ୍ଣବର୍ଣ୍ଣିତ କର୍ଣ୍ଣରାଜାଙ୍କ ଏକମାତ୍ର ପୁତ୍ର । ]

୨୯। ଏ ଘରେ ମାଉସୀ ସେ ଘରେ ପିଉସୀ।
[ ଯେଉଁ ଲୋକ ଉଭୟ ପକ୍ଷରେ ଥାଏ। ]

୩୦। ଏଣ୍ଡୁଅ ଧାଇଁଲେ କାଇଁ (ପିଣ୍ଡି) ବା (କୁଦା)କୁ ଯାଏ।
[ ଯାହାର ଶକ୍ତି ସୀମାବଦ୍ଧ। ]

୩୧। ଏଣୁ ମାଇଲେ ବ୍ରହ୍ମହତ୍ୟା, ତେଣୁ ମାଇଲେ ଗୋହତ୍ୟା।
[ ଦୋଦାଛ ବା ଦୋଯନ୍ତରେ ପଡ଼ି କର୍ତ୍ତବ୍ୟ ଶଙ୍କଟରେ ଅଥୟ ହେବା। ]

୩୨। ଏଣ୍ଡୁଅ ଉପରେ ଓଁଳ ଟବାଇ।
ଅନୁଭବଯୁକ୍ତି ବ୍ୟକ୍ତି ଉପରେ କୌଣସି ଗୁରୁଦାୟିତ୍ୱ ନ୍ୟସ୍ତ କରିବା।

୩୩। ଏଣ୍ଡୁଆର ଦାଉଡ଼ କୁଢ଼ ଯାଏ।
[ ଯେଉଁଠାରେ କୌଣସି ବ୍ୟକ୍ତିର ବଳ, ବୁଦ୍ଧି ବା ସାମର୍ଥ୍ୟ ଅତ୍ୟନ୍ତ ସୀମାବଦ୍ଧ ସେହିପରି ସ୍ଥଳରେ ଏହି ଉଦାହରଣ ଦିଆଯାଏ। ] ( ଗ୍ରାମ ଅଞ୍ଚଳରେ ପ୍ରଚଳିତ ପ୍ରବଚନ। )

୩୪। ଏ ବର୍ଷର ମଞ୍ଜି ଆର ବର୍ଷକୁ ବୈଦ୍ୟ।
[ ଅନୁଭୂତିରୁ ଅଭିଜ୍ଞତା ଅର୍ଜନ କରିବା। ]

୩୫। ଏ ବର୍ଷର ମାଇଣା ଆର ବର୍ଷକୁ ଜର।

୩୬। ଏ ପୁନଅରେ ସେ ପିଠା ନାହିଁ।
[ କୌଣସି ବସ୍ତୁ ଉପସ୍ଥିତ ଘଟଣାରେ ଅନୁପଯୋଗୀ ହେବା ସ୍ଥଳେ କୁହାଯାଏ। ]

୬୭ । ଏଣ୍ଡା ଲୋକ କେଣ୍ଡା, ଚଳିଶିଆ ଲୋକ ଆଜିଠୁଁ ଖାଏଲେଁ ଲୋକ ଶିକ୍ଷା ଦେଇ ଦେଣ୍ଡା ?

[ଲୋକଙ୍କର ଅବସ୍ଥାରେ ଉନ୍ନତି ହେଲେ ସେ ମଣିଷ ଚିହ୍ନା ନାହିଁ । ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବାଦ । ]

୬୮ । ଏ ମନ ଭାବୁଥାଇ ଯାହା, ଦାତିଲ ପ୍ରାପତ ହୁଏ ତାହା ।

୬୯ । ଏମିତ ଚଳୁଣି କାଳ, କାଲୁ ଦେହବେଲେ ଘାଲିଲ ।

[ଏକ ଅବସ୍ଥାରେ ଜୀବନର ସର୍ବକାଳ ଅତୀତ ହେବା ।]

୭୦ । ଏ ମୁଣ୍ଡ ଘୋଡ଼େଇଲେ ଗୋଡ଼ୀ ଦେଖି ମୁଣ୍ଡକୁ ଯାଏ । ସେ ମୁଣ୍ଡ ଘୋଡ଼େଇଲେ ଗୋଡ଼ୀ ଶିଙ୍ଘାଣାଦି ଦାଏ ।

[ଭଣ୍ଡାରି ଉପରେ ନିର୍ଭର କରି ରହୁଥିବା ଲୋକର କୌଣସି ପକ୍ଷ ନ ଥାଏ ।]

୭୧ । ଏମନ୍ତ ଭାବରେ ଦୁଃଖ ଯାଉଥିବ କେହି ନ ବୋଲିବ ହୁଁ,
ଏମନ୍ତ ସଙ୍କଟରେ ବସି ଯାଉଥିବ କେହି ନ ବୋଲିବ ଉଠ;
ଏମନ୍ତ ମଜାରେ ଭୁଲି ଯାଉଥିବ କେହି ନ କହିବ ଛୁଅଁ ।
[ଭୀମଭୋଇ]

୭୨ । ଏସା କରେଙ୍ଗା ତେସା କରେଙ୍ଗା, ସିପେଇ ଦେଖିଲେ ଖୋଲି ପଡ଼େଙ୍ଗା । [ହିନ୍ଦୀମିଶା ବାକ୍ୟ ।]

[କଥାରେ ଖୁବ ବାହାଦୁରିକ ବୋଲି ଘଣ୍ଟେ ଦେଇ ଅସଲ କାର୍ଯ୍ୟ ବେଳକୁ ଖାଲି ଭଲ ଆଚରଣ କରିବା ।]

୪୩ । ଏହି ଦେହ ଯେବେ ଏମନ୍ତ ହୋଇ ହାତୀକୁ ପାରଇ ବାନ୍ଧି ।
ଏହି ଦେହ ଯେବେ ଏମନ୍ତ ହୋଇ ମୂଷାକୁ ନ ପାରେ ଛନ୍ଦି ।
[ଦେହରେ ବଳ ଥିଲାବେଳେ ମନୁଷ୍ୟ ଅସାଧ୍ୟ ସାଧନ କରିପାରେ । ପୁନର୍ବାର ଦେହ ଦୁର୍ବଳ ହୋଇଗଲେ ସେହି ମନୁଷ୍ୟ ଅତି ସାମାନ୍ୟ କାର୍ଯ୍ୟ ମଧ୍ୟ କରିବା ପାଇଁ ଅକ୍ଷମ ହୁଏ ।]

୪୪ । ଏହି ପେଟ, ଏହି ପେଟଲାଗି ବଙ୍ଗଳା ବାଟ, ଏହି ପେଟଲାଗି ଛଟପଟ, ଏହି ପେଟ ଲାଗି ଧାନକୁଟ, ଏହି ପେଟଲାଗି ନଟକୁଟ, ଏହି ପେଟଲାଗି ବସିଣ୍ଡ ଘାଟ, ଏହି ପେଟଲାଗି ଡେଙ୍ଗୁଲି ଲୁଟ, ଏହି ପେଟ ଲାଗି ଚାଞ୍ଚି କାଠ, ଏହି ପେଟ-ଲାଗି ବଦନ ହେଟ, ଏହି ପେଟଲାଗି ଦେଖ ଘୁଲୁଟ, ଏହି ପେଟଲାଗି ଯମର ଭେଟ ।

୪୫ । ଏହି ମନ ଯେବେ ପ୍ରସନ୍ନ ହୁଅଇ ଧରଇ ଅମ୍ବର ବର,
ଏହି ମନ ଯେବେ ପ୍ରସନ୍ନ ନୁହଇ କହୁଥାଏ ହରବର ।

୪୬ । ଏହିଁକି ଏତେ, ମୁଣ୍ଡ ନାହିଁ ଗୋଡ଼ କହୁଛୁ କେତେ ?

୪୭ । ଏଣୁଁ ଏତେ, ପାଏନ୍ ପଡ଼ିଲେ ହେବୁ କେତେ ?
[ସମ୍ବଲପୁର]

୪୮ । ଏହି କଥାକୁ, ନାଆ ପେଲିଦେଲି କଲିକତାକୁ ।

## —ଓ—

୧ । ଓଠ ମୁଁହକୁ ଜବ୍ ।

[ଯେ ବହୁତ ଖାଦ୍ୟ ଖାଏ ତାକୁ ଅଳ୍ପ ମୁଠାଏ ଖାଦ୍ୟଦେବା ।]

୨ । ଓଡ଼, ଗଉଡ଼, ଭଣ୍ଡାରି ଏ ତିନିହେଁ ଧର୍ମର ବଇଷ ।

୩ । ଓଡ଼ଶ ବାଅଣ ।

[ବହୁ ସନ୍ତାନ ପ୍ରସବ କରବା ସ୍ତ୍ରୀ ପ୍ରତି ପ୍ରଯୁଜ୍ୟ ।]

୪ । ଓଧ ସଙ୍ଗେ ବଣିଙ୍ଗୁଅ ବାଲି ।

[ଦୁହେଁ ମାଛ ଖୋଜୁ । କିନ୍ତୁ ଓଧ ପାଣିରେ ବୁଡ଼ିପାରେ । ମାତ୍ର ଙ୍ଗୁଅ ପାରେ ନାହିଁ । ଧନୀ ବା ସମର୍ଥ ଲୋକ ସହିତ ଗରିବ କିମ୍ବା ଅସମର୍ଥ ଲୋକ ଏକାଠି ମାଡ଼ିବା ।]

୫ । ଓପର ଲୁଗାରେ ନ ପୁରେ ପେଟ, ସେଇଁ ନଅଣ୍ଠିକୁ ସେଣ୍ଠା-ନଅଣ୍ଠ ।

[ଭଦ୍ରଲୋକ ତେଣୁ କେହି ନିଜର ଅଭାବ ଦେଖାଇ ପାରେ ନାହିଁ ।]

୬ । ଓର ଭଣ୍ଡି ମାରିବ ହାତ, ରୁଷିବେ ମାରିବେ ଜଗନ୍ନାଥ ।

[ଚୋରଙ୍କ ପ୍ରତି ଅନ୍ୟ ଚୋରଙ୍କର ଉପଦେଶ ।]

୭ । ଓର ଭଣ୍ଡି ବସିଥା, ବେଲ-ଭଣ୍ଡି ଛୁଟିଗା ।

୮। ଓଲଟି ଦାଟରେ ଯୋଡ଼ା ଦେଖିବା ।
[କୌଣସି ନ୍ୟାୟ ନିଷାପରେ ଯେଉଁ ପକ୍ଷର ଦୋଷ ଥାଇଲେ ସେ ଓଲଟି କରି ଅପର ପକ୍ଷକୁ ଦୋଷୀ ବୋଲି କହିବା ।]

୯। ଓଲମି ତେଲ-ଘରେ ଥା, ଓଲେଇ ଲୋକ ଘରୁ ଖା ।

୧୦। ଓଲଟ ଦାଣ୍ଡିଆ ଖାଏ, ଧୂଆଁର ବୁଲାର ଯୋଗାଏ ।

୧୧। ଓଲେଇର ପାଣିପାଣ ଦଶୀ, ସ୍ତ୍ରୀମାନଙ୍କର ଦାନ୍ତପାଣ ସିଙ୍ଘା ।

୧୨। ଓଲେଇ ହାତରେ ଶୁଖୁଆ ପୋଡ଼ା ।
[ଓଲେଇ ହାତରେ ଶୁଖୁଆ ପୋଡ଼ା ଦେଲେ ସେ ଖାଇଦେବା ପରି ଠକ ବା ଅସାଧୁ ବ୍ୟକ୍ତି ହାତରେ ଧନ ସମ୍ପଦ ସ୍ଥିର ନ୍ୟସ୍ତ କରିବା ।]

୧୩। ଓଲୁ ନା ଓଲୁଙ୍କ ବୁଲୁବୁଲୁ । [ନିପଟ ମୂର୍ଖ ଲୋକ ।]

୧୪। ଓଳାତଳେ ଲୁଚ କି ଓଳାତଳେ ବାସ ।
[ଓଳାତଳେ ଲୁଚ କିମ୍ବା ଅନ୍ୟର ଓଳାତଳେ ପରବଶ ରହିବା ଭଲ ନୁହେଁ ।]

୧୫। ଓଳା ବେଣୀ କୋଳି, ପଲମ ବେଣୀ ଧଳୁଚକୁଳି ।
[ମାଟିସୁଟେଣି-କୋଳି ମିଠା ବା ଝୋଠା ଏବଂ ପଲମ ବେଣୀ ଚକୁଳି ଘଣ୍ଟ ବା ମୋଟ -ହେବା ପରି ପିତାମାତା ଗୁଣେ ପୁତ୍ର ଭଲ ବା ମନ୍ଦ ହୋଇଥାଏ ।]

୧୬। ଓଳଥାରୁ ପଢ଼ ଗଙ୍ଗା ।
[ ଗଙ୍ଗା ସୃଷ୍ଟି ହେବା ପୂର୍ବରୁ ସେଥିରୁ ଗଙ୍ଗା ବାହାରିଥିବା ପଞ୍ଚ-ଜ୍ୟୋତିର ସମସ୍ତ ପୂର୍ବରୁ ଓଳ ବାହାରିଥିବ ଦେଖାଏ । ]

୧୭ । ଓଲଟ ଡଅରେ ବଣ ଖାଲୁକୁ, ତୁ ଗଲୁ ମୁଁ ଗଲୁ [ଯାଙ୍କ ହୋଇ ଯିବା ବାହାଘରକୁ ।
[ ଦୁଇ ମନ୍ଦ ବା ଦୁଷ୍ଟ ଲୋକ ଏକାଠି ହେଲେ ଭଲ କାର୍ଯ୍ୟରେ ବିଘ୍ନ ଘଟେ ।]

୧୮ । ଓଷଦ ଖାଲାଠାରୁ (ରାଗରେ) ଛାଟିଆ କାମୁଡ଼ିବା ।
[ ଜଣକ ଉପରେ ରାଗର କାରଣ ଥାଇ ରାଗି ନ ପାରି ଅନ୍ୟ ଜଣକ ଉପରେ ରାଗିବା ।]

---

## —ଔ—

୧ । ଔଷଧାର୍ଥେ ସୁରା ପାନ ।
[ ଔଷଧ ପାଇଁ ବ୍ୟବହାର କରାଗଲେ ·ସୁରାପାନ ଦୂଷଣୀୟ ନୁହେଁ ।]

---

## —ଜ—

୧ । ଜଅଁଳ ଲୁହାକୁ ବିରାଡ଼ି କାମୁଡ଼େ ।

୨ । ଜଅଁଳ ( କୋମଳ ) ଲୁହାକୁ ଜଙ୍ଗ ଖାଏ ।
[ ସରଳ, ଶାନ୍ତଶିଷ୍ଟ ବ୍ୟକ୍ତିକୁ ସମସ୍ତେ ଦଣ୍ଡ ଦିଅନ୍ତି । ]

୩ । ଜଙ୍ଘ ଥିଲେ ମା ବାପ ଲକ୍ଷେ ସଙ୍କୁ ମିଳେ ।

୪ । ଜଙ୍ଘ ଥିଲେ ବାଘଦୁଧ ମିଳ ।
[ଧନ ଥିଲେ କୌଣସି ବସ୍ତୁ ଦୁର୍ଲ୍ଲଭ ହୁଏ ନାହିଁ । ]

୫ । ଜଙ୍ଘ ନବ ଟଣି ପାଣି ପିଇବ ଛାଣି [ଉପଦେଶ]

୬ । ଜଙ୍ଘ ନ ହଟେ ବନ୍ଧୁ ଅବନ୍ଧୁ ।
[ଘୋର ସଙ୍କଟରେ ଆପଣା ପର ଜ୍ଞାନ ନାହିଁ । ]

୭ । ଜଳଢ଼ାକୁ ଗୋଳା ପାଣି ସୁହାଏ ।
[ ମାଛ ଆଦି ଜଳଚର ଜନ୍ତୁଙ୍କୁ ଗୋଳାପାଣି ଭଲ ଲାଗେନାହିଁ । କିନ୍ତୁ ଜଳଢ଼ାର ଗୋଳାପାଣିରେ ରହିବାର ଅଭ୍ୟାସ ଥିବାରୁ ତାକୁ ଭଲ ଲାଗେ । ସେହିପରି ଅସାଧୁ ବ୍ୟକ୍ତି ଗୋଳମାଳିଆ କାରବାରକୁ ଭଲ ପାଏ । ]

୮ । ଜଳଢ଼ାଅଣିଆ ମୁହଁ ବୋଲ, ନା-କ୍ଷଏ ଗୋଟିଏଁ ନ ଜାଏ ଶ୍ୱେର । [ ଶୋଜବୀତନ ସମ୍ବନ୍ଧରେ ପ୍ରବଚନ । ]

୯। କକଡ଼ା ହୁଡା, ସିଂହ ଚହୁଟା, କନ୍ୟା ଶିଘରେଁ ଗୋ, ତୁଳରେ ରୋଇଲେ ମୂଳରେ ଫଳେ, ବାଞ୍ଝ ବାଞ୍ଝ କରି ଥୋ ।
[ଧାନ ରୋଇବା ସମ୍ବନ୍ଧରେ କୃଷିବଚନ ।]

୧୦। କକଡ଼ା ବରଷା ମଣ୍ଡୁରେ ଧାର ।
ମିଥୁନ ବରଷା ନଈରେ ଧାର । [ବର୍ଷା ସମ୍ବନ୍ଧରେ ପ୍ରବଚନ]

୧୧। କାକଡ଼ାକଣ୍ଟିଆ ବାନ୍ଧିଲ ବା, ମୂଳ ତୋଳିହାରୁ ଧାଅ ତୋ ମା ।
[କୃଷି ବଚନ ।]

୧୨। ଛଗାରୁ ଚୋରକୁ ମୁଣ୍ଡକାଟ ଶାସ୍ତି ।
[ଲଘୁ ଅପରାଧ ପାଇଁ ଗୁରୁ ଦଣ୍ଡର ବ୍ୟବସ୍ଥା ।]

୧୩। କାଖେଲୁ ଚୋର, ଲାଉ ଚୋର, ଚୋରଣ ଚୋରଣ ବଡ଼ ଚୋର ।
[ଅଳ୍ପ ଅଳ୍ପ ଚୋରି କରି ପରେ ବଡ଼ ଚୋରରେ ପରିଣତ ହେବା ।]

୧୪। କଣାକୁ କାଠି ଦାନ ଦେବା ।
[କୃପଣ ପ୍ରତି ଆକ୍ଷେପୋକ୍ତି ।]

୧୫। କୁମ୍ଭୀନିଦ ଭଙ୍ଗେଇବ ନାହିଁ ।
[ଅଳସପଣ ପୂର୍ବକ ଶୋଇଥିବା ବ୍ୟକ୍ତିର ନିଦ ଭଙ୍ଗାଇବା ଉଚିତ ନୁହେଁ ।]

୧୬। କଟକ ଭଣ୍ଡାର ଦେଖିଲୁ ଲଜ୍ଜା ।
[କଟକ ବା ସେହିପରି କୌଣସି ବଡ଼ ସହରର ଧାମାନଙ୍କ ଭଡ଼ଙ୍ଗ ଗୁଳଚଳ ଓ ଠାଣିମାଣି ଦେଖି ମଫସଲ ଲୋକ ନିଜକୁ ତାଙ୍କୁ ପ୍ରତି ଭଳି ଭୟ ଓ ସମ୍ମାନ ପ୍ରଦର୍ଶନ କରନ୍ତି ।]

୧୭। କଟକ ସହରରେ କ ଘୋଡ଼ା ଅସୁବ ?
[ପୂର୍ବେ କଟକରେ ବହୁତ ଘୋଡ଼ା ଥିଲେ ।]

୧୮। କଟକରେ ଭାତ ନାହିଁ, ସୁବର୍ଣ୍ଣମନରେ ଖାତ ନାହିଁ ।

୧୯। କଟକ ଯୋବଣୀ ବେଶରେ ରାଣୀ । [ରାଣୀପର ବେଶଭୂଷା-ଯୁକ୍ତା ।]

୨୦। କଟକୀ ପାନ୍ଥ, ଖଟକ ବେପାରି ଅଟକ ଜେନା,
ବାଲେଶ୍ୱରୀଆ, ଧଥା କହୁଥିଲେ ଲଦେଇ ଗଲୁଅ ।

୨୧। କଟକ ଜେନା ବାଦମୁଣ୍ଡି କା । (ଐତିହାସିକ କିମ୍ବଦନ୍ତୀ)
[ପୂର୍ବେ କଟକରେ ବାଦମୁଣ୍ଡି ନାମରେ ଜଣେ ସାମାନ୍ୟ ଲୋକ ଥିଲା । ନଈ ବଢ଼ିରେ କଟକ ସହର ଭାସିଯିବ ବୋଲି ସେ ରାଜାଙ୍କୁ ଗୁହାରି କରି କାଠଯୋଡ଼ି ନଦୀରେ ପଥର ବନ୍ଧ ପକାଇଥିଲା ବୋଲି ପ୍ରବାଦ ଅଛି ।]
[ସେହିପରି ସାମାନ୍ୟ ଲୋକ ହୋଇ କୌଣସି ଗୁରୁତର ବିଷୟରେ ମୁଣ୍ଡ ଖେଳାଇବା ।]

୨୨। କଟା ଘାରେ ଚୂନ (ଲୁଣ) ।
[କଷ୍ଟ ବା ଅପମାନ ଉପରେ ଅଧିକ ଅପମାନ ବା ଯନ୍ତ୍ରଣା ଦେବା ।]

୨୩। କଟାଣ ଭୁଞ୍ଜିରେ ବାଗଡ଼ ମାଗାଲ୍ ।
[ଓଠ ସଙ୍ଗେ କଣଭୁଆ ବାଇ ଦେଖ ।]

୨୪। କଟକ ପାଏନ୍ ବାରିଅଭର ଘୋଡ଼ା । (ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ)
[ବାଣ୍ଡଦେଇ ଥିବା ଘୋଡ଼ାଠାରୁ କଟକ ଅଡ଼୍ ଦଶି ଅସୁଥିବା ମେଦ ଅଧିକ ଦ୍ରୁତଗାମୀ ।]

୨୪ । କଡ଼ାଟେଇ ଭଲ, କଡ଼ାଟେ ମନ୍ଦ, କଡ଼ାଟେକ ପର ଦୁଆର ଭଲ ।
[ ଅତି ସାମାନ୍ୟ ଧନ ଦ୍ୱାରା ଲୋକ ଯେପରି ରକ୍ଷାପାଏ ସେହିପରି ସାମାନ୍ୟ ଧନ ଯୋଗୁ ପ୍ରାଣ ଯିବାର ଭୟ ମଧ୍ୟ ଅଛି । ପୁଣି ଅଳ୍ପ ଧନକୁ ପାଣ୍ଠିକରି ଲୋକେ ବଡ଼ ଲୋକ ହୁଅନ୍ତି । ]

୨୬ । କଣା କହେ ଦୋହିପରେ ଦେଖ ଖଳୁଆ ଗୁଲିକା ।
ତୁ ମୁଁ ଏତେହିଁ ସାଙ୍ଗ ହେଲେ ଗୋଟେସହିଁ ଖାଇବା କାଳିକି ?
[ କଣା ବଳଦ ଓ.ଖଳୁଆ ବଳଦ ସମ୍ବନ୍ଧରେ ଡାକରଣି-ବଚନ । ]

୨୭ । କଣା ଠେଙ୍ଗ ଥାଇ କଣାକ ଗୁଣ ।
[ ଦୁର୍ବଳ ବ୍ୟକ୍ତି ସବୁବେଳେ ଅଧିକ ସୁବିଧାକୁ ଅପେକ୍ଷା କରିବା । ]

୨୮ । କଣା ଥରେ ବାଡ଼ି ହଜାଇଲା ବୋଲି କଣ ଦୁଇଥର ହଜାଇବ ।
[ ଅଭିଜ୍ଞତାରୁ ଶିକ୍ଷା କରିବା । ]

୨୯ । କଣ୍ଟାରେ ବସନ ପକାଇ ଛିଡ଼ି ହେବକୁ କାହିଁକି ?
[ ଜାଣିଜାଣି ବିପଦ ବରଣ କରି ଛଟପଟ ହେବା । ]

୩୦ । କଣ୍ଟା ବାଡ଼ିରେ ଲୁଗା ପକାଇ ଟଣା କରିବା ।
[ ବିବାଦକୁ ଆହ୍ୱାନ କରିବା । ]

୩୧ । କଣ୍ଠରୁ ଟିପାଟେକିଲ ହେଲେ ଯମ କି ଛାଡ଼ିବ ।

୩୨ । କଥାକେ ଦଣ୍ଡପାଟ, କଥାକେ ମୁଣ୍ଡ କାଟ ।
[ ମଧୁର କଥାରେ ରାଜ୍ୟ ବା ପୁରସ୍କାର ମିଳେ ଏବଂ କର୍କଶ କଥା ଯୋଗୁ ମୁଣ୍ଡକାଟ ଶାସ୍ତି ମଧ୍ୟ ମିଳେ । ]

୩୩ । କଥାଟାକୁ କିଥାଟାଏ ।
[କଥା ସଙ୍ଗରେ ଯୋଡ଼ା ଯାଇଥିବା ଅର୍ଥହୀନ ଶବ୍ଦର ଆଳଙ୍କାରିକ ପ୍ରୟୋଗ ଯଥା —ଘର ଫର, ବାଘ ଫାଗ,-ଶାଗ ମାଗ ।]

୩୪ । କଥାରେ ଚେପି ଅଛି, ଗୁଳିକୁ ଗିଳି କରି ଭରି କରିଛି ।
[ କୌଣସି ଗୁପ୍ତ କାରଣ ହେତୁ ଅସ୍ପଷ୍ଟଭାବ ଛଳନା କରିବା । ]

୩୫ । କଥା ମାଡ଼ିଲେ ମୋଟ, ସୂତା ମାଡ଼ିଲେ ସରୁ ।
[ ଗୋଟିଏ କଥାକୁ ଧରି ବସି ବାରମ୍ବାର ଅଲୋଚନା କଲେ ତାହା କ୍ରମେ ବଡ଼ ଆକାର ଧାରଣ କରେ । ]

୩୬ । କଥା ହୁଁ କୁ, ଚୀର ମୁହଁ କୁ ।
[ ଶୁଣିବା ଲୋକ ହୁଁ କହିବା ଦ୍ୱାରା କଥକ ଏବଂ ଶ୍ରୋତାର ହାତଗୁଡ଼ିକ ଦ୍ୱାରା ଚାବୁକ ସ୍ୱ ସ୍ୱ କାର୍ଯ୍ୟରେ ଉତ୍ସାହିତ ହୁଅନ୍ତି । ]

୩୭ । କଥା ଜାଣିଥିବ ଜାତି, ସୂତକୁ ଥିବଟି ସଙ୍ଗୀ ।
କେବେ ନୋହିବାର ରୋଗୀ, ସୁଖି ଟୋ ଭଲ ଏ ।

୩୮ । କଥା ରସକୁ ଫୁଲ ବାସକୁ ।
[ ରସମୟ କଥା ଓ ବାସଯୁକ୍ତ ଫୁଲ ଭଲ । ]

୩୯ । କଥା କହୁଥାଏ ଅରମକୁ, ଭିତରେ ଭିତରେ ଯାହା ହେଉଥାଏ ଯାଣି ହେଉଥାଏ ମରମକୁ ।
[ ମରମର ବେଦନା ପ୍ରକାଶ କରି ନପାରି ଲୋକଦେଖାଣିକୁ କଥାବାର୍ତ୍ତା କରିବା । ]

୪୦। କଦଳୀ ଗଛରେ ମଞ୍ଜିକାଲା ମାରିବା ନ୍ୟାୟ ।

[ ଅଲକ୍ଷିତ କାରଣରୁ କୌଣସି ବଂଶର ସର୍ବସ୍ୱ ନଷ୍ଟ ହେବା । ]

୪୧। କଦଳୀର ପୁଅ ବାଉଁଶର ନାତି; ଅପଣା ଭୁଲାରେ ବଢ଼ାନ୍ତି ଜାତି ।

[ କଦଳୀ ଓ ବାଉଁଶ ଗୁଳ୍ମ ସମ୍ବନ୍ଧରେ ପ୍ରବଚନ । ]

୪୨। କଦଳୀ, ବାଉଁଶ, କିଆ; ଏ ତିନିଙ୍କୁ ନାହିଁ ପରଶିଆ ।

[ ପାଖରେ ଥିବା ଅନ୍ୟ ଗଛର ସାର ଗ୍ରହଣ କରି ଏମାନେ ନିଜକୁ ପୁଷ୍ଟ କରନ୍ତି । ]

୪୩। କନ୍ୟାଦେଖା ବାଇଗଣିବାଲା ଏକା ହାଣ୍ଡିରେ ହେବା ନ୍ୟାୟ ।

[ ଏକ ସ୍ଥାନକୁ ଯାଇ ଦୁଇ ଉଦ୍ଦେଶ୍ୟ ସାଧନ କରିବା । ]

୪୪। କନ୍ୟା ଯେଉଁ ଘରଣାରେ ଗୁଡ଼ିକ ପକାଇଛି, ଧରି ବାନ୍ଧି ସେଇଠିକି ଦିବ । [ ଲୋକବ୍ୟବହାର ]

୪୫। କନ୍ୟା କଦଳୀ ମିଥୁନ ଅନ୍ତ ।

[ କୃଷିବଚନ । ]

୪୬। କପା କପୁର ଏକା ମୂଲ ।

[ ଯେଉଁଠାରେ ଭଲ ମନ୍ଦର ପ୍ରଭେଦ ସ୍ଥିର ଜାଣିବା ବୁଦ୍ଧି ଦିଆଯାଏ ନାହିଁ । ]

୪୭। ଢପା କାଠଉରେ ଟୋଲୁ ମୁଣ୍ଡ ଆସିବା ।
[ ଗାଛ ହେଲେ ଭୂଇଁରେ ମନୁଷ୍ୟ, ଜଳରେ ଜନ୍ତୁମାନେ ଫସଲ ନଷ୍ଟ କରିବେ ନାହିଁ । ଗୋଟିଏ ଅସାର ଓ ଅକୃତ ଶକ୍ତିହୀନ ବସ୍ତୁକୁ ଉପଲକ୍ଷ୍ୟ ମାତ୍ର କରି କାର୍ଯ୍ୟ ସାଧନ କରିବା । ]

୪୮। ଢପାଗୋଡ଼ରେ ଲୁଚା ପଡ଼ିବା ।
[ ଦୋଷବନ୍ଧରେ ପଡ଼ିବା । ]

୪୯। କପା ବଣାକୁ ସେତେ କପୂର ବଣାକ ତେତେ ମୂଲ୍ୟ ।
[ ଅନ୍ୟାଯ୍ୟ ବିଚାର । ]

୫୦। କପାସିଆ ଛ' ମାସିଆ ।
[ କପାସୂତାରେ ତିଆରି ଲୁଗା ବ୍ୟବହାର କଲେ ଛ' ମାସରୁ ଅଧିକ ଯାଏ ନାହିଁ । ]

୫୧। କପାଳେ ଥିଲେ ଗୋପାଳେ ଦେବେ ।

୫୨। କପାଳେ ନ ଥିଲେ ଗୋପାଳେ କାହୁଁ ଦେବେ ?
[ କର୍ମ ଅନୁସାରେ ଫଳ । ]

୫୩। କପାଳ ଗୁଣେ ଗୋପାଳ ଗୋସେଇଁ ।
[ କର୍ମ ବଳରେ ଗୋପାଳ ନାମକ ଜଣେ ମୂର୍ଖ ବ୍ରାହ୍ମଣ ପୂଜା ପାଇଥିବା ପ୍ରବାଦକୁ ଲକ୍ଷ୍ୟ କରି କୁହା ଯାଇଛି । ]

୫୪। କପାଳ ଛଡ଼ା ବାଟ ନାହିଁ ।

୫୫। କପାଳ ଫାଟିଲେ ବେଳକୁ ଘରଢିଙ୍କି କୁମ୍ଭୀର ହୁଏ ।
[ ଅସମୟ ବେଳକୁ ଆପଣା ଲୋକେ ଶତ୍ରୁତା ଆଚରଣ କରନ୍ତି । ]

୫୬ । କର୍ପୂର ଉଡ଼ି ଗଲଣି, କନାଟା ପଡ଼ି ରହିଛି ।
[ ଅସଲ ପଦାର୍ଥ ଚାଲିଗଲଣି; କେବଳ ନାମମାତ୍ର ବାକି ଅଛି । ]

୫୭ । କପୋତ ଯୋଗୁଁ କପୋତୀ ପଡ଼ିଲା ଜାଲେ ବନ୍ଧନ ।
[ ପୌରାଣିକ ପ୍ରବାଦ । କପୋତକୁ ଜାଲରେ ଧରାପଡ଼ିବା ଦେଖି କପୋତୀ ନିଜ ଇଚ୍ଛାରେ ଧରା ଦେଇ ମୃତ୍ୟୁ ବରଣ କଲା । ]

୫୮ । କଣ୍ଢା ତୁଣ୍ଡ ମେଣ୍ଢା ମୁଣ୍ଡ ।
[ ମେଣ୍ଢା ମୁଣ୍ଡ ବଡ଼ ଟାଣ ଓ କଣ୍ଢା ତୁଣ୍ଡ ବଡ଼ ନିର୍ଭୀକ । ]

୫୯ । କଣ୍ଢ ଆଗରେ କାବ୍ୟ ପଢ଼ିବା ନ୍ୟାୟ ।
[ ଜଡ଼କୁ କାବ୍ୟ ଶୁଣାଇ ହାସ୍ୟାସ୍ପଦ ହେବା । ]

୬୦ । କମଳ ( କମ୍ବଳ ) ଯାକ ବାଳ ।
[ ଅସଂଖ୍ୟ ଦୋଷରେ ପରିପୂର୍ଣ୍ଣ । ]

୬୧ । କମଳରୁ ବାଳ ବାଛିବା ।
[ ଯାହା ଅସଂଖ୍ୟ ଦୋଷର ପୂର୍ଣ୍ଣ ତହିଁରୁ ଗୋଟାଏ ଗୋଟାଏ ଦୋଷ ବାଛି କାଢ଼ି ହେବ ନାହିଁ । ]

୬୨ । କମାର ଲୁହା ଜାଣି ପାଣି ଦିଏ ।
[ ଯେ ଯେପରି ତାହା ପ୍ରତି ତଦ୍ରୂପ ବ୍ୟବହାର କରିବା । ]

୬୩ । କରକଟେ ଘର ଘର କନ୍ୟାରେ କାନ, ଭଟନ ବାଏ ତୁଳେଇ ବରଷିଲେ କାହିଁ ରହିବୁ ଧାନ ।
[ କୃଷିବଚନ ]

୬୪ । କରଣ ପାଅନ୍ତଙ୍କ ଭଳ ।
[ ଦୁଇଟ୍ କରଣ ସମାଜରେ ପରିଲକ୍ଷିତ ଅଭଦ୍ର ବାହ୍ୟା-
ଡମ୍ବରକୁ ଲକ୍ଷ୍ୟ କରି । ]

୬୫ । କାଉମ ଗୁଡ଼ିଏ ଚରମଙ୍ଗା ପଡ଼ିଲେ, ଘଷ ଲଗେଇଲେ ଚାଲିଣୀ
ପଡ଼ିଲା ।]

୬୬ । କରଡର ଧା ସହିବ ଯେ, ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା
ଖାଏ ସେ ।
[ କୃଚ୍ଛ୍ର ସହୁଥିବା ଲୋକ ପରେ ସୁଖ ଭୋଗ କରେ । ]

୬୭ । କରମ ପଡ଼ିଲା ଧରମ ଗୁଡ଼େ, ସରମ କଥାରେ ମରମ ସୁଡ଼େ ।

୬୮ । କରମରେ ଥାଉ ଯାହାରି ଦଶା ସେ କାହିଁ କରଇ ପରକୁ
ଆଶା । ପର ମୁଣ୍ଡି ଘି ସେତେ ମାରିବ ଧୁଂଆ । କହେ ଦନାଇ ଏ
ପାପ ଦୁର୍ଦ୍ଦଶା ।

୬୯ । କର ବାଣ୍ଟି ଖାଇଁ ସୁଖ ସିଝୁକାଇଁ ।

୭୦ । କର୍ଣ୍ଣ ମଲେ ପାଞ୍ଚ, ଅର୍ଜୁନ ମଲେ ପାଞ୍ଚ ।
[ ପୌରାଣିକ ପ୍ରବାଦ । କୁନ୍ତୀ ଦେବୀ କର୍ଣ୍ଣଙ୍କୁ ପାଣ୍ଡବ-
ମାନଙ୍କ ସଙ୍ଗରେ ମହାଭାରତ ଯୁଦ୍ଧରେ ଯୋଗ ଦେବା ପାଇଁ
ଅନୁରୋଧ କରିବାରୁ ସେ ତାହାଙ୍କୁ ନାସ୍ତି ବାଣୀ ଶୁଣାଇ
କହିଥିଲେ ଯେ ତୁମେ ପାଞ୍ଚ ପାଣ୍ଡବଙ୍କର ଜନନୀରୂପେ ଖ୍ୟାତି
ଲାଭ କରିଅଛ । କର୍ଣ୍ଣ ବା ଅର୍ଜୁନ ଯେ କେହି ମରନ୍ତୁ ପଛକେ
ତୁମର ପୁଅ ସଂଖ୍ୟା ପାଞ୍ଚ ରହିବ । ]
[ ସଂଖ୍ୟା ବା ସ୍ଥିତିରେ କୌଣସି ପରିବର୍ତ୍ତନ ନ ହେବା । ]

୭୧ । କରମ ମନ୍ଦ, ଯାଉଁ ଦେବତା କାହିଁ ଅନ୍ଧ ।

୭୨ । କର୍ମ ଅବଳକୁ କହୁଣୀ ଟୋକିଁ ଘଉଡ଼ା ।
[ ଅବସ୍ଥାଚକ୍ରରେ ବାଧ୍ୟ ହୋଇ କୌଣସି ଅନୁଚିତ ବା ଅସମ୍ମାନଜନକ କାର୍ଯ୍ୟ କରିବା । ]

୭୩ । କରଅ ବି ଗଲା, କଷ୍ଟମ ବି ଗଲା ।
[ ଗାମୁଛାରେ ବାନ୍ଧି ରଖିଥିବା ଜିନିଷ ଗାମୁଛା ସହ ପଳାଇ ଯିବା ପରି ଏକାଏ ଦୁଇଟି ବସ୍ତୁ ହରାଇବା । ]

୭୪ । କଲ୍ଲୁ ଯେତେ ଭଲ୍ଲୁ କାନ୍ଦିବ, ଭଲ୍ଲୁ ଯେତେ କଲ୍ଲୁ କାନ୍ଦିବ ।

୭୫ । କଲମ ଶାଗକୁ ଘିଅ ଫୋଡ଼ଣା ।
[ ସାମାନ୍ୟ କାର୍ଯ୍ୟ ନିମନ୍ତେ ବିଶେଷ ଆଡ଼ମ୍ବର । ]

୭୬ । କରମ ଲିଖନ କେ କରିବ ଆନ ।

୭୭ । କଲମ୍ବର ଆଗରେ ଘୋଡ଼ା ଦୌଡ଼ି ପାରେ ନାହିଁ ।
[ କଲମ ଠକାର ସୁଅ ଧୁ ଧୁ ବଢ଼ିଯାଏ । ]

୭୮ । କଳାକୁହୁଡ଼ିଆ ଗୁଣ୍ଡି ଯେ କଳିକୁହୁଡ଼ିଆ ।
[ ପରିବାରରେ କିଛି ନା କିଛି କଳହ ଥାଏ । ]

୭୯ । କଳକି ଅବତାରରେ ଚନ୍ଦ୍ରଘାତ ଶତ୍ରୁକୁ ବାରମ୍ବାର ଦେଖିଲ । [ଚିତ୍ତବଶ୍ଣାସ]

୮୦ । କଳାକନା ଝୁଲାଇବା । [ସର୍ବସ୍ୱ ଲୁଟି ନେବା ।]

୮୧ । କଳାକୁ ଧଳା ଓ ଧଳାକୁ କଳା କରିବା ।
[ସତକୁ ମିଛ ଓ ମିଛକୁ ସତ୍ୟ ରୂପେ ପ୍ରତିପାଦିତ କରିବା ।]

୮୨ । କଳା କମ୍ବଳ, ଧୁଏଁ ଉଜଳ ।
[ଯାହାର ପ୍ରକୃତି ମନ୍ଦ, ତାହାକୁ ପରିବର୍ତ୍ତନ କରିବା ସମ୍ଭବ ନୁହେଁ ।]

୮୩ । କଳି ନ ଥିଲେ ଭୁଇ ମାଡ଼ପ କର, କଳହ ନଥିଲେ ଦୋହସ୍ତ ଘର ।

୮୪ । କାଳି ଯେତେବେ କାହ୍ନି ବସିବ ସଙ୍ଗେ ଥିବ ଖଣ୍ଡା,
ଭୁଖ ଯେତେବେ ଖାଇ ବସିବ ପେଟେ ଥିବ ଗଣ୍ଡା ।

୮୫ । କଳିଯଠା ଷାଠିଏ ।
[କଳି କାଳରେ ସାଧାରଣତଃ ମନୁଷ୍ୟର ଆୟୁ ଷାଠିଏ ବୋଲି ଧରାଯାଏ ।]

୮୬ । କଷ୍ଟ କଲେ କୃଷ୍ଣ ମିଳେ ।
[ଲକ୍ଷ୍ୟସିଦ୍ଧି ପାଇଁ ଉଦ୍ୟମ ଆବଶ୍ୟକ ।]

୮୭ । କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର ।

୮୮ । କହି ଜାଣିଲେ କଦଳୀ ମୁଣ୍ଡା ବିକାଯାଏ,
କହି ନ ଜାଣିଲେ ମାଣ୍ଡୁର ମାଛ ଲୁହିଁଥାଏ ।

୮୯ । କହି ଜାଣିଲେ ସୁଇଁ ଚୁଲୁଡ଼ି ବିକାଯାଏ, କହି ନ ଜାଣିଲେ ଲାଡୁ କଣ୍ଠାକୁ ଗଡ଼ଗଡ଼ଉ ଥାଏ ।

୯୦ । କହି ଜାଣିଲେ ବାର ହାତ କାକୁଡ଼ିର ତେର ହାତ ମଞ୍ଜି ।
[କଥାର ଗୁରୁତ୍ୱ ବଳରେ ଅବାସ୍ତବକୁ ବାସ୍ତବ ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରତିପାଦିତ କରିବା ।]

୯୧ । କହି ଯୋଁ ଜାଣେ ସେ ସୁଇଁ ଚୁଲୁଡ଼ି ବିକେ ସେ ।

୯୨ । କହୁ ଦେଉଥାଏ ପରକୁ, ବୁଦ୍ଧି ନ ଆସଇ ଘରକୁ ।

୯୩ । କହ୍ନିଲ ଲୋକକୁ ପୁଛ ନାହିଁ ।
[ଯେଉଁ ଯୁଦ୍ଧରେ ସହସ୍ର ସହସ୍ର ଲୋକ ପ୍ରାଣ ହରାନ୍ତି ତାକୁ ଛୋଟ ଅଙ୍କରେ ବର୍ଣ୍ଣନା କରାଯାଏ ।]

୧୯୪ । କହି ନ ଜାଣିଲେ କଥା ଅଡୁଆ, ଧରି ନ ଜାଣିଲେ ସୂତା ଅଡୁଆ ।

୧୯୫ । କହୁବା ଲୋକ ବଡ଼ ନୁହେଁ ସହୁବା ଲୋକ ବଡ଼ ।

୧୯୬ । କହିଲେ କୁଳ କୁଟୁମ୍ବ ଲାଜ, ନ କହିଲେ ଲୁଳ ଖସି ଯାଉଛି ।
[ପରିବାର ହିତ ଦୃଷ୍ଟିରୁ କୌଣସି ଲଜ୍ଜାଜନକ ଘଟଣା ବା ବିଷୟ ପ୍ରକାଶ କରିବାକୁ ବାଧ୍ୟ ହେବା ।]

୧୯୭ । କହିବା ନାହିଁ, କହିଲେ ଏ ଘରେ ରହିବା ନାହିଁ ।
[ଅପ୍ରକାଶ୍ୟ ଲଜ୍ଜାଜନକ ବିଷୟ ପ୍ରତି ଉପଲକ୍ଷ୍ୟ ବଚନ ।]

୧୯୮ । ଛୁଞ୍ଚି ଦେ ଜଣେ ନାହିଁ, ଭରେ ଦେ ଭଞ୍ଜ ନାହିଁ ।
[ଅନୁଭବ ।]

୧୯୯ । କଟକରୁ ଛଡ଼ା କାର୍ତ୍ତିକ ନାହିଁ ?

୨୦୦ । ଘଟଣାରୁ ପୋଟେଇ ଟାଣ ଗୁହାରି
[କୌଣସି କାର୍ଯ୍ୟ ବା ଅନୁଷ୍ଠାନର ମୂଳରେ ଥିବା ବ୍ୟକ୍ତିପ୍ରତି ପ୍ରଯୁଜ୍ୟ ବଚନ ।]

୨୦୧ । କଂସା ବଜାରେ ହଳଦୀ ଅଣି, ଶୋଇଲେ ଶୋଇବା ଉପାୟ ପୁଣି ।
[ଗରିବର ରହି ବିଳାସ ସାମଗ୍ରୀ କିଣିବା ଭଳି ମୂର୍ଖତା ।]

୨୦୨ । କଂସାର ଘର ପାଣି, ଛାନ୍ଦୁ କୁଳ ଭାଙ୍ଗି ଗାଙ୍ଗି ଭରି ।
[କଂସାର ଘରେ ଯେଉଁ ପାଣି ବଢ଼ି ଆସିଛି ସେ କୁଳ କାହିଁକାହିଁକୁ ଗୋଡ଼ର ନ କଲ ପର ନାର୍ଯ୍ୟକ ଅଲଙ୍କ ବ୍ୟକ୍ତି ସାମାନ୍ୟ ବସ୍ତୁ ପ୍ରଦର୍ଶନରେ ଖୁବ ଚକିତ ନ ହେବା ।

୧୦୩ । କଂସା ଧନ ଅର୍ଦ୍ଧ ଧନ, ଗୋରୁ ଧନ ନିଧନ ।
[କଂସା ଭାଙ୍ଗିଗଲେ ପୁରୁଣା କଂସା ଅଧା ମୂଲ୍ୟରେ ବିକାଯାଏ, କିନ୍ତୁ ଗୋରୁ ମରିଗଲେ କିଛି ମିଳେ ନାହିଁ ।]

୧୦୪ । କଂସ ତୁଣ୍ଡରେ ପୁଣି କୃଷ୍ଣ କଥା ।
[ଦୁଷ୍ଟବ୍ୟକ୍ତି ମୂର୍ଖଙ୍କୁ ଭଲ କଥା ଶୁଣାଇବା ଭଳି ବୃଥା ।]

୧୦୫ । କାଉ ଝୁମିବାକୁ ତାଳ ଫଟିବାକୁ ।
[କାର୍ଯ୍ୟକାରଣ ସମ୍ପର୍କ ନ ଥାଇ ଦୁଇଟି ଘଟଣା ଏକାବେଳକେ ଘଟିବା ଦ୍ୱାରା ତହିଁରେ କାର୍ଯ୍ୟକାରଣ ସମ୍ବନ୍ଧର ଆରୋପ ।]

୧୦୬ । କାଉ କୋଇଲି ଏକା ବର୍ଣ୍ଣ, ରାବଦେଲେ ଅଲଗା ଗୁଣ ।

୧୦୭ । କାଉ ବସାରେ କୋଇଲି ଡିମ୍ବ ଦେଇ ନିଶ୍ଚିନ୍ତ ହେବା ।
[ନିଜର ଦାୟିତ୍ୱ ଅନ୍ୟର ଅଜ୍ଞାତସାରରେ ତା ଉପରେ ଅର୍ପଣ କରି ନିଜେ ନିଶ୍ଚିନ୍ତ ହେବା ।]

୧୦୮ । କାଉ ତୁଣ୍ଡରେ ପୁଣି କୃଷ୍ଣ କଥା ।
[ତୁଳନା । ଶୁଆ କୃଷ୍ଣ କୃଷ୍ଣ କହେ, କାଉ କହେ ନାହିଁ ।].

୧୦୯ । କାଉ ଖାଏ ପଣସ, ବଗ ମୁଣ୍ଡରେ ଅଠା ।

୧୧୦ । କାଉ ଖାଏ ଧାନ, ବଗ ପଡ଼େ ବନ୍ଧନ ।

୧୧୧ । କାଉ ହଗି ଦେଇ ଗଲା, ବଗ ବାଟେ ଧରା ପଡ଼ିଲା ।
[ଅନ୍ୟର ଅପରାଧ ନିମିତ୍ତ ଆଉ ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ଭୋଗ କରିବା ।]

୧୧୨ । କାଉ କୋଇଲିର ଭେଦ ନାହିଁ ।
[କୋଇଲି କାଉ ବସାରେ ଡିମ୍ବ ଦେଇଥାଏ । କାଉ ତାହାକୁ ଆପଣା ଡିମ୍ବ ବୋଲି ଅତି ଯତ୍ନରେ ଫୁଟାଏ ଓ

ପାଚିଲା । କିନ୍ତୁ ଚୋପାଳି ଫଳ ଲଟିବା ମାତ୍ରେ ତସ କାଉକୁ ଖଣ୍ଡ ପଡ଼ାଏ । ଉପକାରୀ ବ୍ୟକ୍ତିକୁ ତ୍ୟାଗ କରି ଅନ୍ୟତ୍ର ଗୁଳିଯିବା ।]

୧୧୩ । କାଉ ବସାରେ ଡାମଣା ।
[ଶାନ୍ତିପ୍ରିୟ ବ୍ୟକ୍ତି ଘରେ ଗୋଳମାଳ କରିବା ।]

୧୧୪ । କାଉ ! ମଲା ଉପରେ ଶଗଡ଼ ଗାଡ଼ି !
[ଦଣ୍ଡିତ ବ୍ୟକ୍ତିକୁ ପୁନର୍ବାର ଦଣ୍ଡଦେବା ନିରର୍ଥକ ।]

୧୧୫ । କାଉଁରିଆ କାଠି ଛୁଇଁବ ପଛକ ଗଲଁବ ନାହିଁ ।
[ଆଶ୍ଚର୍ଯ୍ୟ ଚଳକ ।]

୧୧୬ । କାଉରେ ! ବେଲ ପାଚିଲା, ନାଁ ମୋର କ ଚଳେ ।
କାଉରେ ! ଅମ୍ବ ପାଚିଲା, ନାଁ ମୋର ସେ ଭୁଖା ଗଲା ।

୧୧୭ । କାକର ଧରି ଘଡ଼ା ପୂରାଇବା !
[ବୃଥା ଚେଷ୍ଟା, ଅସମ୍ଭବ କଥା ।]

୧୧୮ । କାଳୁଣ୍ଡିଆ ଘାସକୁ ବୁଢ଼ା ବଳଦ ଛିଣ୍ଡାଇ ଖାଇ ପାରେ ନାହିଁ ।

୧୧୯ । କାକସ୍ନାନ, ଗଧଭୋଜନ, କୁକୁରଧାନ୍ଦ୍ରା, ତେବେ ସାର ଖାଇବ ପଥିକାର ପର ଜଗିଡ଼ି ।

୧୨୦ । କାଳୁଣ୍ଡି ଚୋରକୁ ମୁଣ୍ଡପାଟ ଶାସ୍ତି ।
[ସାମାନ୍ୟ ଦୋଷପାଇଁ ଗୁରୁତର ଦଣ୍ଡ ବିଧାନ କରିବା ।]

୧୨୧ । କାଳୁଣ୍ଡି ଚୋର, କଙ୍କଚୋର, ଚୋରଣ୍ଡ ଚୋରଡ଼, ସୁଲୁଣା ଚୋର ।
[ସାମାନ୍ୟ ପଦାର୍ଥ ଚୋରି କରୁ କରୁ ମନୁଷ୍ୟ ବଡ଼ ଚୋର ପାଲିଛି ।]

୧୨୨ । କାକୁଡ଼ି ପଇସ୍ତେ ପୀଉଷ ଦେଇ, ବାଘ୍ଘାଲିଲୁ ଭୁଲି ଭିତର ପାଣି । [ଉପହାସବାଞ୍ଛା ।]

୧୨୩ । କାନ୍ଦ ନ ଚାହ୍ଲି ଦେଇଅ ନାହିଁ ।

[ପୋଷଣ ଖୋଲା ହେବା ପାଇଁ କାନ୍ଦ ଅପରିହାର୍ଯ୍ୟ ବିବେଚିତ ହେଲେପର କୌଣସି କାର୍ଯ୍ୟ ପାଇଁ କୌଣସି ବ୍ୟକ୍ତିର ଉପସ୍ଥିତ ଏକାନ୍ତ ଲୋଡ଼ା ହୋଇଲେ , ଏହା କୁହାଯାଏ ।]

୧୨୪ । କାଟେବାଲିଅ ଗୁରୁକୁ କାଠପାଳିଅ ପାହାର !

[ବସ୍ତୁ ସ୍ଥଳକୁ ଶାସ୍ତ୍ରକ ଦଣ୍ଡ ଦେଲେ ଗୁରୁ ଶିଷ୍ୟ ସ୍ୱାସ୍ଥ୍ୟପ୍ରଦ ହୁଅନ୍ତି ।]

୧୨୫ । ଡାଳ କାଟ ମଣି ମଣି, ତମ୍ଭୁ ବାଜନ୍ତୁ ଖାଟେଲ ଖାଣି ।

୧୨୬ । କାଠ ଦଣ୍ଡରୁ ମୁଣ୍ଡି ଶିଳମୁଅ ।

୧୨୭ । ତାଳୁ ଗାଣ୍ଡିରୁ ଦେଇଲି ମିତ୍ରନୀ ଟୈଳାଣ୍ଟର ଜାଙ୍ଗ ଖାଡ଼ୁଛୁ ।
[ଅତ୍ୟାବଶ୍ୟକ ଅବଶ୍ୟକତା ମେଣ୍ଟାଇବା ପାଇଁ ଯାହାର ଅର୍ଥ ନାହିଁ ସେ ବିଳାସ ବ୍ୟସନରେ ଅର୍ଥବ୍ୟୟ କରିବା ଅସମ୍ଭବ ।]

୧୨୮ । କାଠ କଣ୍ଢାଳ ଖେଳାଟେଇ କିଏ ଖାଉଛୁ ? କୁଟୁମ୍ବି କଣ୍ଢାଳ ଖୋ ଯାଇ ଚୋ ଲୋକେର ପାଣି ଫେଡ଼ାଟେଇ ଖାଉଛୁ ।

[ଆପଣା ଘରର କୌଣସି ଲୋକ ଶତ୍ରୁ ପକ୍ଷରେ ଯୋଗଦେଇ ନିଜ ଦଳର ଅନିଷ୍ଟ ଘଟାଇବା ।]

୧୨୯ । କାଟିକଠାରୁ କାଟି ଯିବା ।
[କାଟି ଗଣନାର ଶେଷ ସୀମା । ସେଠାରୁ ଆଉ ଗଣନା ନାହିଁ । ]

୧୩୦ । କାଟିକର ମାଠ ।
[ଅତ୍ୟନ୍ତ କଞ୍ଜୁସ । ]

୧୩୧ । କାଟି ପାଇଁଣ କୁଅଁର ନ ଦେବା ।
[କୌଣସି ଅଧିକାର ନ ଦେବା ।]

୧୩୨ । କାଣି ଅଙ୍ଗୁଳି କାଟିଲେ କି ଭୁଜା ଅଙ୍ଗୁଳି ସରି ହେବ ।
[ ସାହାର ବିକାଶ ଅତ୍ୟନ୍ତ ସୀମାବଦ୍ଧ । ]

୧୩୩ । କାଣି ଜଉଁରିଙ୍କ ମିଠା ଢାଳ, ଝାଙ୍କୁ ଦଉଥିବ ହାଡ଼କାଳ ।
[ଅଭାବରେ ଠକିବା ସହଜ ।]

୧୩୪ । କାଣୀ ବଣ୍ଢଇ କୁଣ୍ଢୀ ଅଧରପା ଉପରକୁ ଟାଣି ।
[ଯେ ଦୁର୍ବଳ ସେ ତାହାଠାରୁ ଅଧିକ ଦୁର୍ବଳ ବ୍ୟକ୍ତି ଉପରେ ନିଜର ପ୍ରତାପ ଦେଖାଏ । ]

୧୩୫ । କାବୁଳିଅର ମାରିବ କାହିଁକି ? ଚୋଡ଼ ଧୋଇବ କାହିଁକି ?
[ଗୋଲମାଳ ବା ଅଡ଼ୁଆ ଭିତରକୁ ପଶିଲେ, ସେଥିରୁ ମୁକ୍ତ ହେବା ପାଇଁ ଦେହକୁ ଯାଏଁ ଶ୍ରମ କରିବାକୁ ହେବ ।]

୧୩୬ । କାନକୁ ନ ଅଟେ ଗୀତ, ଆଖିକୁ ନ ଅଟେ ବାଖ ।

୧୩୭ । ଜାନୁକୁ ନ ଅଟେ ଗୀତ, ପାଅକୁ ନ ଅଟେ ସୁତ ।

୧୩୮ । କାନମୁଣ୍ଡା ଆଖିଁ ଆଖିଁ ଘରକୁ ପେଲିଦିବା ।
[କୌଣସି ବ୍ୟକ୍ତିଠାରୁ ଲାଭ ପାଇବା ଆଶାରେ ଅଣି ଖିଆଣି ଛୋଡ଼ ପେଶିବା ।]

୧୩୯ । କାନରେ ଚର୍ଣ୍ଣି ପକାଇବା ।
[ସଂକଳ୍ପ କରିବା ।]

୧୪୦ । କାନ ଥିଲେ ସୁନା ନାହିଁ, ସୁନା ଥିଲେ କାନ ନାହିଁ ।
[ଧନ ଥିଲେ ମନ ନ ଥାଏ, ମନ ଥିଲେ ଧନ ନ ଥାଏ ।]

୧୪୧ । କାନ କାଟିଲେ ବଚନ ନ ବାହାରିବା ।
[ଅତ୍ୟନ୍ତ ଧୀରସ୍ଥିର ଲୋକ ।]

୧୪୨ । କାନ୍ତସ୍ଥାନ ନେବ ଅହିବାର ତା ଜୀବନଟା ବୃଥା, ମାତୃସ୍ଥାନ ଶିଶୁଜୀବନ ତା ଜୀବନଟା ବୃଥା ।

୧୪୩ । କାନ୍ଦୁଥିବୁ, ଖାଲ୍ଲା ପାଇବୁ ତା ବାଇଥିବୁ ।
[ଉପରେ ଦୁଃଖର ଛଳନା କରି ଗୋପନରେ ନିଜର ସ୍ୱାର୍ଥସାଧନ କରିବା ।]

୧୪୪ । କାନ୍ଧରେ ପଡ଼ିଲେ ବଜାଇ ଶିଖନ୍ତି ।
[ଆପଣା ଉପରେ କୌଣସି ଦାୟିତ୍ୱ ପଡ଼ିଲେ ଲୋକେ ଅଭିଜ୍ଞତା ଅର୍ଜନ କରନ୍ତି ।]

୧୪୫ । କାନରେ ଭୁଆଁଳି ପଡ଼ିବା ।
[ ସଂସାରର ଭାର ବହନ କରିବାର ଦାୟିତ୍ୱ ପଡ଼ିବା । ]

୧୪୬ । କାଣି ଲୋକର ଧାନ୍ଦିଣୀ ଘରେ ।

୧୪୭ । କାଣି ମଣ୍ଡାଣୀକୁ ନେଡ଼ିଗୁଡ଼ା ଟୋକି ।

୧୪୮ । କାମ ନ ଥାଇ ମୁଣ୍ଡର ସେବା ।
[ କାମ ନଥିଲେ ଅଳସି ଧରି ମୁହଁ ଦେଖିବା ବା ସେହିପରି ଅନ୍ୟ କୌଣସି ମୂଲ୍ୟହୀନ କାର୍ଯ୍ୟ କରିବା । ]

୧୪୯ । କାମ ସାରି ବସ, ଖଟାଇ ମାରି ହସ । ( ଉପଦେଶ )

୧୫୦ । କାମ ଭଲ କଲ କୂର୍ମ ପାଲଟିଯିବା ।

[ ଐତିହାସିକ କିମ୍ବଦନ୍ତୀ । ଇନ୍ଦ୍ରଦ୍ୟୁମ୍ନ ରାଜା ଜଗନ୍ନାଥଙ୍କ ମନ୍ଦିର ତୋଳାଇବ ପଥର ବୋହିବା ପାଇଁ ବହୁ ଶ୍ରମିକ ନିଯୁକ୍ତି କରିଥିଲେ । ସେମାନେ କଠିନ ପରିଶ୍ରମ କରି ଶେଷରେ କୂର୍ମ ପାଲଟି ଯାଇଥିଲେ ବୋଲି ଲୋକ-ବିଶ୍ୱାସ । ]

୧୫୧ । ଭୀମ ପଶିଲା ବେଳେ ଭଗବାନ୍ ଘଣ୍ଟ ପାଦ ଧରିଥିଲେ, ମଣିଷ କାହା ଛାର । [ ପୌରାଣିକ ପ୍ରବଚନ ]

[ ମହାଭାରତରେ ବର୍ଣ୍ଣିତ ଅଛି ଯେ, ଭୀମ କୀଚକକୁ ବଧ କରିବାକୁ ଯିବା ସମୟରେ ସଦର ଦରଜାରେ ଥିବା ଘଣ୍ଟ ବୋବାଇ ନ ଛାଡ଼ିବା ପାଇଁ ଶ୍ରୀକୃଷ୍ଣ ତା ମୁହଁରେ ଚଗାଟିଏ ଶଙ୍ଖ ଗୁଞ୍ଜି ଦେଇଥିଲେ, ସେହିପରି ଦରକାର ବେଳେ ଅତ୍ୟନ୍ତ ନୀଚ ଲୋକର ସାହାଯ୍ୟ ନେବାକୁ ପଡ଼େ । ]

୧୫୨ । କାମ ସରିଲେ ମେଲମୁହାଁ ଖୋଳା ।

[ ସ୍ୱାର୍ଥସିଦ୍ଧି ପରେ ଲୋକେ ଉପକାରୀର ଉପକାରକୁ ଭୁଲି ଯାଇ ତାଙ୍କୁ ଅନାଦର କରନ୍ତି । ]

୧୫୩ । କାର୍ତ୍ତିକ ମାସରେ କାଣ୍ଡରେ ପାଣି, ସାହୁଅ ଛାଡ଼ିଲେ ବାଡ଼ି ଟେକିଣି ।

[ କାର୍ତ୍ତିକ ମାସରେ ବର୍ଷା ହୋଇଲେ ଧାନ ଫସଲ ଭଲ ହେବା ଫଳରେ ଧାନ ଶସ୍ତା ହୁଏ । ]

୧୫୪। କାର୍ତ୍ତିକ ଶୀତ କଟରେ କୁଟିକ, ମଗୁଶିର ଶୀତ କଟରେ ଅନ୍ତରୀକ୍ଷ,
ପୁଷ ଶୀତ କଟରେ ଝୁମ୍ପ ଝୁମ୍ପ, ମାଘ ଶୀତରେ ବାଢ଼ ଦାଗ ।
ଫଗୁଣ ଶୀତ ଯାଏ ଦଗୁଣ, ଚଇତ୍ର ଶୀତ ଯାଏ ବୋଇତ ।
[ କାର୍ତ୍ତିକ ମାସରେ ଶୀତ ଅରମ୍ଭ ଚୈତ୍ର ଶେଷକୁ ଏକାବେଳେକେ ଛାଡ଼ିଯାଏ । ]

୧୫୫। କାର୍ତ୍ତିକେ ନ ଥାଏ ଅତ୍ରୁଳା, ମଗୁଶିରେ ନ ଥାଏ ଅଗାଡ଼ିଲା ।
[ ଧାନ ସମ୍ବନ୍ଧରେ କୃଷିବଚନ । ]

୧୫୬। କାଳ ଅଟଇ କି ବାଜଲ ।
[ କାଳ ବା ଯମ କାହାରି ମୁହାଁର ଶୁଣେ ନାହିଁ । ]

୧୫୭। କାଳି ପୁରିଲେ କେହୁ ନ ରହେ ।

୧୫୮। କାଳର ଅଟଇ ବିପରୀତ ଗତି, ଦଣ୍ଡକେ କୋରଡ଼ା ଦଣ୍ଡକେ ଛତ୍ର ।
[ କେତେବେଳେ ଦୁଃଖ ତ କେତେବେଳେ ସୁଖ । ]

୧୫୯। କାଳିଆ ଯାକ ଅଳ୍ପ ବର୍ଷି; ଅଷାଢ଼ ମାସରେ ପାଳୁଛି ଘସି ।
[ ପାର୍ଶ୍ୱରୀ ବାକ୍ୟ । ]

୧୬୦। କାଳୀ ଗାଈର ଦୁଧ ମିଠା ।
[ ଲୋକବିଶ୍ୱାସ । ]

୧୬୧। କାଳୀ ଗାଈର ଭିଡ଼ନ ଗୋଠ ।
[ ଗଣେଶ ଟେଳକ ଅନ୍ୟ ସନ୍ତାନଙ୍କ ଆଗରେ ନ ମିଳି, ନିଜର ବୋହିଏ ଓଷ୍ଟିଆ ଗୋଷ୍ଠୀ ଭିତରେ ଏହା ଉପମା ଦିଆଯାଏ ।]

୧୬୨। କାଳନେମିର ଲଙ୍କା ଭାଗ । (ପୌରାଣିକ ପ୍ରବଚନ ।)
[ ହନୁମାନ ଗନ୍ଧମାଦନ ପର୍ବତରୁ ମହୌଷଧି ଆଣି ଲକ୍ଷ୍ମଣଙ୍କୁ ବଞ୍ଚାଇବା ପୂର୍ବରୁ ତାଙ୍କୁ ମାରିବା ଅଭିଳାଷରେ ରାବଣ

କାଳନେମି ମାମୁଙ୍କୁ ରାବଣ ଲଙ୍କାର ଅର୍ଦ୍ଧେ ଦେବ ବୋଲି କହିଥିଲା। କାଳନେମି ତାହା କାର୍ଯ୍ୟ ସାଧନ ପୂର୍ବରୁ ଲଙ୍କାର କେଉଁ ଭାଗ ନେବ ବୋଲି ପ୍ରଥମେ ବାଣ୍ଟିବାକୁ ବସିଲା—ଅସାର କଳ୍ପନା । ]

୧୭୩ । କାଳିଆ ବଳଦ କାସକ୍ସ, ସ୍ନୁଙ୍କୁ ନ କରିବ ଚାସକ୍ସ ।

୧୭୪ । କାଳଭାଙ୍ଗର ଏକ ମୁଣ୍ଡ, ବ୍ରହ୍ମାଙ୍କର ଚାରି ମୁଣ୍ଡ ।

୧୭୫ । କାଲି ଅସରେ ମୂଳା ଦେଖୁବାଡ଼ି ।
[ ମୂଳା ଦେଖୁବାଡ଼ିବାର କେହି କାଳକୁ ଶୁଣେ ନାହିଁ। ସେହିପରି ସାହାର ଯେଉଁଥିରେ ପ୍ରୟୋଜନ ନାହିଁ ସେ ସମ୍ବନ୍ଧରେ ତାହା ଆଗରେ କହିଲେ ସେ ଶୁଣି ବୁଝେ ନାହିଁ ।]

୧୭୬ । କାଲି ଠାର କାଲି ମା ଗାଳି ।
[ ଯାହା ଏଠେ ଯେ ସର୍ବଦା ଦେଖୁଥିଲେ ସ୍ଥାନ ସେ ତାର ପ୍ରକୃତି, ଉଦ୍ଦେଶ୍ୟ ଓ କାର୍ଯ୍ୟ ଉତ୍ତମ ରୂପେ ବୁଝିପାରେ । ]

୧୭୭ । କାଳିଆ ଯୋଗୀ ମୁଣ୍ଡରେ ଜଟା ।
[ ଅଳ୍ପଦିନ ହେଲା ଗୃହ ଛାଡ଼ି ବାବାଜି ହୋଇଥିବା ବ୍ୟକ୍ତିର ମୁଣ୍ଡରେ ଜଟା ଦେଖିଲେ ଜାଣିବା ଯେ ସେ ଜଟା କୃତ୍ରିମ ଜଟା । ସେହିପରି ଅନଭିଜ୍ଞ ବ୍ୟକ୍ତି ବଡ଼ ବଡ଼ କଥା ଶୁଣାଇଲେ ଏହି ଉପମା ଦିଆଯାଏ । ]

୧୭୮ । କାଳର କଥା ଅଜାଣୁ ଅନ୍ତର । [ସଂସାର ପରିବର୍ତ୍ତନଶୀଳ]

୧୭୯ । କାଲି ମଲେ ଅଜାଣୁ ଦୁଇଦିନ । [ସମୟର ଗତି ଅତ୍ୟନ୍ତ କ୍ଷିପ୍ର ।]

୧୮୦ । କାଲି ଭରିଦା ଘାଇଛୁ, ନିଦକୁ ଭଟି ଥାଇଁ ଛୁ ।
[ପୂର୍ବ ଅଭିଜ୍ଞତାରୁ ସାବଧାନ ହେବା ।]

୧୭୧ । କାଶିଆ କପିଳାର ଭେଟ କାହିଁ ? (ଐତିହାସିକ କିଂବଦନ୍ତୀ) ।
[କପିଳେନ୍ଦ୍ରଦେବ ପିଲାଦିନେ କାଶୀନାଥ ମିଶ୍ର ନାମକ ଜଣେ ବ୍ରାହ୍ମଣ ବାଳକ ସହିତ ଏକାଠି ଗାଈ ଚରାଉଥିଲେ । କପିଳେନ୍ଦ୍ରଦେବ ନିଜର ପ୍ରତିଭା ଓ ସାଧନା ବଳରେ ଉତ୍କଳ ସିଂହାସନରେ ଅଧିରୂଢ଼ ହୋଇଥିଲେ । ବହୁକାଳ ପର୍ଯ୍ୟନ୍ତ ଦୁଇ ବନ୍ଧୁଙ୍କ ମଧ୍ୟରେ ଭେଟ ହୋଇ ନ ଥିଲା ।]

୧୭୨ । ହାତୀଋଣୀ କଜ୍ଜଳପାତି ପଣିକା ବନ୍ଧା ।
[ବେଶୀ ଧନ ଋଣ କରିବାକୁ ଯାଇ ସାମାନ୍ୟ ଜିନିଷ ବନ୍ଧାଦେବା ଭଳି ହାସ୍ୟାସ୍ପଦ କଥା ।]

୧୭୩ । କାହା ମୁହଁରେ ଫୁଲ ଫୁଟେ, କାହା ମୁହଁରେ ମଦାରଙ୍କା ଫୁଟେ ।
[ଦୁନିଆରେ ମଧୁରଭାଷୀ ଓ କର୍କଶଭାଷୀ ଉଭୟ ପ୍ରକାର ଲୋକ ଦେଖାଯାନ୍ତି ।]

୧୭୪ । କାହାକୁ ନ ଲୁଚେ ଷଣ୍ଢ ସିଙ୍ଗା ।
କିଏ ପାଉନାହିଁ ପଣସକୋଷା ।

୧୭୫ । କାହାକୁ ନ ଲୁଚେ ସକାଳବେଳି, କିଏ ଲେଉଟିଲେ ନ ପାଏ କାକରପାଣି ।

୧୭୬ । କାହାର ପାଲିଙ୍କି ଉପରେ ପାଟଛତା, କାହାର ବେକ ଉପରେ ବୋଝଭା ।

୧୭୭ । କାହାର ପୁଷମାସ, କାହାର ସର୍ବନାଶ ।
[ଦୁନିଆରେ ଲୋକମାନଙ୍କ ଅବସ୍ଥାରେ ତାରତମ୍ୟ ପ୍ରତି ଉପଲବ୍ଧ ବଚନ ।]

୧୭୮ । କାହାର ଘର ପୋଡ଼େ କିଏ ନିଆଁ ପୁହାଏ ।
[ଜଣକର ବିପଦରୁ ଅନ୍ୟ ଜଣେ ଲାଭ ଉଠାଇବା ।]

୧୭୯ । କାହାର କଣ୍ଡୁ ଯିବ ଜାହ୍ନି, ମରିବ ବୈଦ୍ୟର ଟୋପାଇଁ ।
[କୌଣସି କାର୍ଯ୍ୟରେ ଲିପ୍ତ ସବୁ ଲୋକ ଫାଶିଯାଇ କଷ୍ଟ ଧରି ଭୋଗିବା ।]

୧୮୦ । କାହିଁ ମୁକୁନ୍ଦଦେବ ମହାରାଜା କାହିଁ ମୁକୁନ୍ଦା ଭଣ୍ଡାରୀ ।
[ଗୁଣୀ ଓ ପ୍ରତିଷ୍ଠିତ ବ୍ୟକ୍ତି ସହିତ ନିର୍ଗୁଣ, ଅନାମଧେୟ ବ୍ୟକ୍ତିର ତୁଳନା ।]

୧୮୧ । କାହିଁ ରାଣୀ କାହିଁ ଚେନ୍ଦ୍ରୀକାଣୀ, କାହିଁ ମାଟିଦାଣ୍ଡ କାହିଁ ବାଇଁଶ କଣି ।
[ବଡ଼ ଲୋକ ସଙ୍ଗେ ଛୋଟଲୋକେ ସମ ହେବାକୁ ବସିବା ହାସ୍ୟାସ୍ପଦ କଥା ।]

୧୮୨ । ଜା ଗୁଣ ବାହୁନିବି କେତେ ଗନ୍ଥର, ପେଟ ଫୁଲନ୍ତି ଯାହାତ, ଛାହାତ ।
[ଯାହା ମୂଳରୁ ଚୂଳ ଯାଏ ଅନେକ ଦୋଷରେ ପରିପୂର୍ଣ୍ଣ, ସେଥିରୁ ଗୋଟିଏ ଦୋଷ ବାଛି ବାହାର କହିବା ଅସଙ୍ଗତ ।]

୧୮୩ । କିଏ ଖାଉ କିଏ ସଉରି, କିଏ କାଦା କିଏ ପଥର ।
[ସାମାନ୍ୟ ଭେଦ ସତ୍ତ୍ୱେ ସେମିତି ପ୍ରତ୍ୟେକଙ୍କର କିଛି ନା କିଛି ଦୋଷ ବା ଗୁଣ ରହିଛି ।]

୧୮୪ । କିଏ ଘୋଡ଼ା ପାଲିଙ୍କିରେ ବସି ହୁକାରହୁକାର, କିଏ ଭେଣ୍ଡିଆ ଖାଟୁରେ ବସି ହୁକର ହୁକର ।
[ଦରିଦ୍ର ବ୍ୟକ୍ତିର ମୁହଁଫୁଟାଣି ।]

୧୮୫ । କସ୍ତୁରିଅ ଗଣ୍ଡ, କୁମ୍ଭିରିଆ ପାଣି, ଗାଡ଼ିଆଳୁଣିବ ବେଳକାଳି ଜାଣି ।

୧୮୬ । କସ୍ତୁରିକୁ ଗୋଳିଆ ପାଣି ସୁହାଏ ।
[ଗୋଳିଆ ପାଣିରେ ଅସ୍ତ୍ରଗୋପନ କରି ଶିକାର ଧରିବା ସମ୍ଭବ ହେବ ବୋଲି । ସେହିପରି ଅସାଧୁ ଲୋକ ଗୋଳ-ମାଳିଆ ପରିସ୍ଥିତିର ସୁଯୋଗ ନେଇ ଲାଭ ଉଠାଏ ।]

୧୮୭ । କସ୍ତୁରି ନେଇ ନଈ ମଝିରେ ଢାଳସି, ମନ ଧରି ଥିବୁ ମୋହି ।
[ ତୋର ସମ୍ପଦରେ ଉତ୍ତରାଧିକାର ହେବେ ମୋର ମଧ୍ୟ ମନରେ ଚେଷ୍ଟା ନ ପଶିବା । ]

୧୮୮ । କୀଚକ ବାହୁବଳେ ବିରାଟ ରାଜା । ( ପୌରାଣିକ ପ୍ରବଚନ )
[ ମହାଭାରତବର୍ଣ୍ଣିତ ବିରାଟ ରାଜାଙ୍କର ନିଜର ବାହୁବଳ ନଥିଲା । କିନ୍ତୁ ସେ ନିଜର ଶ୍ୟାଳକ କୀଚକର ଶାରୀରିକ ବଳକୁ ସମ୍ବଳ କରି ରାଜ୍ୟ ଚଳାଉଥିଲେ । ଅନ୍ୟର ପରାକ୍ରମ ବା ସାହସ ବଳରେ କୌଣସି ଅଯୋଗ୍ୟ ବ୍ୟକ୍ତି ସମ୍ପଦ ବା ଅଧିକାର ପାଇଲେ ଏହି ଉପମା ଦିଆଯାଏ । ]

୧୮୯ । କୁଅ ବୋବାଏ ଗୁହାଳେ ନ ବସେ, ଡାଳ ଭୁଞ୍ଜିଥାଏ ଭୂମ ନ ଦିଶେ—ତାକୁ ବୋଲିବ ତୃଷା, ସବୁ ଗ୍ରହଯୋଗ ଥାଇ ହୋଇଲେ ଅଟମ ସେତେବେଳେ ମୂଷା ।
[ ତୃଷା କାଳରେ ପାଣି ଅନୁକୂଳ କରିବା ସୂତ୍ର । ]

୧୯୦ । କୁଆ ଧାନ ଖୋଳିବା ଦେଖି, ବଗ ଧାନ ଖୋଳିବା ।
[ଗୁଣୀ ଓ ସମର୍ଥଲୋକର କାର୍ଯ୍ୟକୁ ନିର୍ଗୁଣ ଓ ଅସମର୍ଥ ବ୍ୟକ୍ତି ଅନୁକରଣ କରିବା । ]

୧ । କୁଆ କାନ ନେଇଗଲା ବୋଲି ଶୁଣି, କାନ ନ ଦେଖି କୁଆ ପଛରେ ଗୋଡ଼ାଇବା ।
[ ଶୁଣା କଥାରେ ଭୁଲିଯାଇ କାମ କରିବା । ]

୧୯୨ । କୁଆକୁ ବାଟ ନାହିଁ, ଅନ୍ଧାରକୁ ଛାଟ ନାହିଁ ।
[ କାକ ପାଇଁ ରାସ୍ତା କିମ୍ବା ଅନ୍ଧାରରେ ଛାଟ ଅନାବଶ୍ୟକ ।]

୧୯୩ । କୁକୁର ଲାଙ୍ଗୁଡ଼ ବାରବରଷରେ ସଳଖ ହୁଏ ନାହିଁ ।
[ଯାହାର ଯାହା ପ୍ରକୃତି ତାହା ଶତଚେଷ୍ଟାରେ ବଦଳେ ନାହିଁ ।]

୧୯୪ । କୁକୁରକୁ ମୁହଁଦେଲେ ଉପରକୁ ଚଢ଼େ ।
[ନୀଚ ଲୋକ ପ୍ରତି କୋମଳ ବ୍ୟବହାର କଲେ ସେ ତାହାର ଅପବ୍ୟବହାର କରେ । ]

୧୯୫ । କୁକୁର, ବ୍ରାହ୍ମଣ, ଟଧାଡ଼ା; କେବେ ନୁହନ୍ତି ଯୋଡ଼ା ।

୧୯୬ । କୁକୁର କାମୁଡ଼ା ଅଣ୍ଟୁ ତଳକୁ ।

୧୯୭ । କୁହିଁକୁହିଁଆ ମାଙ୍କୁରକଣ୍ଢୁଆ ଦ୍ୱାରେ ନ ଥାଉ ଭାଲ ।
ଏଗୁଡ଼ିକୁ ଘରରେ ନ ଦିବୁ ବାନ୍ଧିବୁ ଚେଉଟରେଲ ।
[ଲୌକିକ ବିଶ୍ୱାସ ।]

୧୯୮ । କୁଞ୍ଚିକେଶ୍ରା ଟଙ୍କା ପାଲଟେ ।
[ସାମାନ୍ୟ ବସ୍ତୁ ମୂଲ୍ୟବାନ୍ ବସ୍ତୁରେ ପରିଣତ ହେବା ।]

୧୯୯ । କୁଟ ବଚନ, ମିଠା ଭଜଣ ପାତେସାର ନ ଖାଏ ମନ୍ଥୁ; ଧନ-ଧନୀକର କଥା ମନେ ପଡ଼ିଗଲେ ଘାରି ହୋଇଯାଏ ଭସ୍ମ ।

୨୦୦ । କୁଟା ଖଣ୍ଡିକ ଦାନ୍ତେ ନ କରିବା ।
[ଅକର୍ମଣ୍ୟ ଚିହ୍ନ ।]

୭୦୧ । କୁଣିଅଙ୍କୁ ଜଅଁ କାନ୍ତୁ ଘର ।
[ସମ୍ପର୍କଶୂନ୍ୟ ଅଥବା ସାମୟିକ ଉପସ୍ଥିତ ବ୍ୟକ୍ତିଙ୍କୁ ଅନ୍ୟ ବ୍ୟକ୍ତିର ସଂସାର ଚିନ୍ତା ଲାଗିବା ।]

୭୦୨ । କୁଣିଅ ଫେରିଗଲେ ଘର ଭଣ୍ଡାର ।

୭୦୩ । କୁଣ୍ଡାଦେଇ ପାଠ ପଢ଼ିବା ।
[ଗୁରୁଙ୍କୁ ଦକ୍ଷିଣା ନ ଦେଇ ପାଠ ପଢ଼ିଲେ ଗୁରୁ ସେ ଶିଷ୍ୟର ପାଠପ୍ରତି ଦୃଷ୍ଟି ଦିଅନ୍ତି ନାହିଁ । ଫଳରେ ସେ ଅପାଠ୍ୟ ହୁଏ ।]

୭୦୪ । କୁଡ଼ା ତ କୁଡ଼ା ଶ୍ୱଶୁର ଘରେ ଖାଇଁ ।
[ଶ୍ୱଶୁର ଘରେ କୌଣସି ବସ୍ତୁର ଧନ ରହିଲେ ସମ୍ମାନହାନି ଘଟେ ।]

୭୦୫ । କୁମ୍ଭକର୍ଣ୍ଣ ନିଦ୍ରା । (ପୌରାଣିକ ପ୍ରବଚନ)
[ରାବଣର ଭାଇ କୁମ୍ଭକର୍ଣ୍ଣ ବର୍ଷକଯାକ ଶୋଇ ରହୁଥାଏ ଏବଂ ଖାଇବା ପାଇଁ ବର୍ଷକରେ ଥରେ ଉଠେ । ଗାଢ଼ନିଦ୍ରା ଯାଉଥିବା ବ୍ୟକ୍ତିପ୍ରତି ଉପଲକ୍ଷ୍ୟ ବଚନ ।]

୭୦୬ । କୁମ୍ଭାରଘର କୋଣ୍ଡୁ, ଖଣ୍ଡିଏ ନ ଗଲେ ମାଟିକି ଯାଇ ।
[ପରିଶ୍ରମୀ ଲୋକ ଅଳସୁଆ ହୋଇ ବସିରହୁ ପାରେ ନାହିଁ, କୌଣସି ନା କୌଣସି କାର୍ଯ୍ୟକରେ ।]

୭୦୭ । କୁମ୍ଭାର ବଳଦ ମାଟି ଗାଡ଼ିଆ ପର୍ଯ୍ୟନ୍ତ ।
[କୁମ୍ଭାର ଘରର ବଳଦ ପର ଯାହାର କାର୍ଯ୍ୟର ପରିସର ଅତ୍ୟନ୍ତ ସୀମାବଦ୍ଧ ।]

୭୦୮ । କୁଳପତ୍ନୀ ବେଳକୁ ଘୋଡ଼ାମୁହାଁ ପୁଅ ଜନ୍ମ ହୁଅନ୍ତି ।
[ଅଯୋଗ୍ୟ ପୁତ୍ର ।]

୯ । କୁଳ ବୁଡ଼ିବାର ଏମନ୍ତ ହେତୁ, ଅଜା ଥାଉଁ ଥାଉଁ ମରୁଛି ନାତି ।

୧୦ । କୁଳକନ୍ୟା କି କାଳୀ ? ତୀର୍ଥ ପାଣି କି ଘୋଳା ?
[ଉଚ୍ଚକୁଳସମ୍ଭୂତା କନ୍ୟା କାଳୀ ହେଲେହେଁ ଗ୍ରହଣୀୟା ଏବଂ ତୀର୍ଥପାଣି ଘୋଳା ହେଲେ ମଧ୍ୟ ସର୍ବଦା ପବିତ୍ର ।]

୭୧୧ । କୁଳବୁଡ଼େଇ ଘରବୁଡ଼େଇ, ଏହେଁ ଅଟନ୍ତି ଦୋହ ଅଙ୍କୁର ।
[ଯେଉଁ ସ୍ତ୍ରୀ ଅପତ୍ୟପ୍ରଜା ଏବଂ ଯେଉଁ ସ୍ତ୍ରୀ ପରଘର ଭୁଙ୍ଗେ ଏ ଦୁହେଁ ସମ ।]

୭୧୨ । କୁଳବୁଡ଼ିଲାର ଢେଉର ଅଧିକା ।
[ଗୁଣୀମାନଙ୍କ ତାଲିକା ବାଦ୍ୟାବଳୀରେ କୁଳବୁଡ଼ିଲାଙ୍କ ଢେଉର ଅଧିକ ! ଏହି ପ୍ରଣାଳୀ ଅଟେ ବିଶ୍ୱାସଘାତକ ହୁଏଁ ।]

୭୧୩ । କୁଳର ମୁହେଁ ଖାଉଛି, ପୁଣି ମୁହିଁକୁ ଛପାଉଛି ।
[ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ପ୍ରବଚନ । ]
ଅନ୍ୟ ବାଟରେ ବାହୁ ଅର୍ଥ ଅପବ୍ୟୟ ହେଉଥିବାବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା । ]

୭୧୪ । କୁଳର ଗୁଣ୍ଡିଲି ଗୁଡ଼ିକୁ ଦେଇ ଦେଇ ମୁଠାକୁ ଅଣ ।
[ନିଜର ବହୁତ ବସ୍ତୁ ଅନ୍ୟମାନଙ୍କ ହାତ ଯାଉଥିବାବେଳେ ସେଥିପ୍ରତି ଦୃଷ୍ଟି ନ ଦେଇ ସାମାନ୍ୟ ବସ୍ତୁ ପ୍ରତି ଅଧୋ ଘୋଷଣା କରିବା । ]

୭୧୫ । କୁଣ୍ଡକୁ ମୋଟ, ବେଣୀକୁ ସରୁ ।
[ ଯାହା ଦେଇଥିବ ଯୋଗ୍ୟ ହୁଏହିଁ । ]

୨୧୬ । କୁସୁମ ପରଶେ ଫଣି ଶାସ୍ତ୍ରରେ ।
[ ଫୁଲର ସ୍ପର୍ଶରେ ହେଁ କଦଳୀପତ୍ରକା ପରି ମଣ୍ଡ;
ଲୋକର ସଙ୍ଗ ଦେଖିଲେ ଶୀଘ୍ର ଲୋକ ଦୁଃଖ ଭାଜନ ହୁଏ ।

୨୧୭ । କୁହୁ ଘେରେଡ଼ି, କୁହୁଁ ଫେଟେଡ଼ି ।
[ ଦେଖିଁ ଲୋକର କଥା ଓ କାର୍ଯ୍ୟ ସମାନ ନୁହେଁ । ]

୨୧୮ । କୁଡୁକୁଡ଼ି ପହଁରିବା ।
[କୁଡୁକୁଡ଼ି ପହଁରିବାକୁ ଚେଷ୍ଟାକର ଲୋକ ତେଙ୍ଗର ବାହାରିବା
ଜୁଏ ଚେଷ୍ଟାପର କୁଆଡେ ଭ୍ରମିଦେବା । ]

୨୧୯ । କୁଅକୁ ଝର, କୁଅକୁ ଘର ।
[ ଝର ଥିବା କୁଅ ଏବଂ ଘର ପଡ଼ୁଥିବା କୁଅ ଜଳ । ]

୨୨୦ । କୂଅରେ ବେଙ୍ଗ ପଡ଼ିବା ନ୍ୟାୟ ।
[କୂଅ ଭିତରେ ପଡ଼ିଥିବା ବେଙ୍ଗପରି ଉପାୟାନ୍ତରହୀନ
ଅବସ୍ଥା ।]

୨୨୧ । କୂଅରେ ବେଙ୍ଗ ପଡ଼ିଲେ ସମସ୍ତେ ଦେଲେ ଦେଲେ
ମାରନ୍ତି ।
[କୌଣସି ବ୍ୟକ୍ତିର ଅସହାୟ ଅବସ୍ଥାର ସୁଯୋଗ ନେଇ
ଅନ୍ୟ ଲୋକେ ତା ପ୍ରତି ଅତ୍ୟାଚାର କରିବା ।]

୨୨୨ । କୂଅରେ ଥିବା ବେଙ୍ଗ ସଂସାର କେତେ ବୁଝିବ ।
[କୂଅରେ ଥିବା ବେଙ୍ଗ ବାହାର ଦୁନିଆର ଖବର
ରଖେ ନାହିଁ । ସଙ୍କୀର୍ଣ୍ଣଚେତା ବ୍ୟକ୍ତି ।]

୨୨୩ । କୃପଣ ଲୋକର ଧନୁଣି ଘରେ ।

୧୧୪ । କୁମ୍ଭୀରଙ୍କ ବୋଲ୍ ତେନ୍ତେଡ଼ି ମାପ ।
[ଙ୍ଗରେ ସ୍ୱାସ୍ଥ୍ୟ ଦେଇ ନିଜର ସତୋଷପଣିଆ ଜାହିର କରିବା ।]

୧୧୫ । କେଉଁଠି ଧରିବ ମାଛ, ଯାଏ ଡଙ୍ଗ୍ଡ଼ା ।
[କେଉଁଠି ମାଛ ଧରିଲେ ମଧ୍ୟ ଅଧିକ ପଇସା ପାଇବା ଉଦ୍ଦେଶ୍ୟରେ ଡଙ୍ଗ୍ଡ଼ା ଖୋଳିଲା ପରି ଧନୀ ଲୋକର କୃପଣତା ଆଚରଣ ।]

୧୧୬ । କେଉଁ ସଉତୁଣୀ ପାତଳ ନାତିନ, ଭଉଣୀ ସଉତୁଣୀ ବିଷ ଦେଇ ମାରିବ ।

୧୧୭ । କେଉଁ କଥାକୁ, ନାଆ ଟେପିଲେ ଚାଲ୍ କାଳିକାଳୁ ।
[ସାମାନ୍ୟ କଥାରେ ଭରି ଦେଇ ଗ୍ରାମ ଦଳାଇବା, ବାଂକାଳୁ ।]

୧୧୮ । କେଉଁ ବାସୁଦେବଙ୍କୁ ଦୁଇ ଘୋଡ଼ାରେ ଅଳିବା ।
[ଏକ ସାମାନ୍ୟ କାର୍ଯ୍ୟ ବା ଘଟଣା ଉପଲକ୍ଷେ ବହୁତ ଆୟୋଜନ ।]

୧୧୯ । କେତେବେଳେ ଶଗଡ଼ ଉପରେ ନାଆ, କେତେବେଳେ ନାଆ ଉପରେ ଶଗଡ଼ ।
[ଭାଗ୍ୟ ପରିବର୍ତ୍ତନ, ଅବସ୍ଥା ବିପର୍ଯ୍ୟୟ ।]

୧୨୦ । କେନ୍ଦୁ ପାଚିଲେ ଡାଳକୁ, କଉଣି ସୁଆ କି ଜାଣିବ ତାକୁ ?

୧୨୧ । କେତେବେଳେ ଖୁଣ୍ଟୁ ମାଳୁଆ ଅଥ ଅଥ,
କେତେବେଳେ କାଠି ଫୋଡ଼େ ରସ ରସ ।

୧୨୨ । କେତେବେଳେ ପାଲିଙ୍କି ଉପରେ ପାଟଛତା,
କେତେବେଳେ ବେଙ୍ଗ ଉପରେ ଭୋରଡ୍ଡା ।

୨୩୩ । କେତେକାଳ ଥିବ ରୂପବଦନ, ନ ଘଡ଼ି ରହିବ ଓଁ ମଞ୍ଜୁଆ ପାନ ?
[ଯୌବନ ଓ ରୂପ କ୍ଷଣସ୍ଥାୟୀ । ]

୨୩୪ । କେବେ ଡେଲ୍ ଗାଡ଼ୀ ବାଟ ଲଣ୍ଡା, କେବେ ଓଣ୍ଡ ଓଣ୍ଡ ମୁଣ୍ଡା ମୁଣ୍ଡା ।

୨୩୫ । କେବେହେଁ ନ ଦେଖିବୁ ଟିକର ଗୁପ୍ତ, କର ଦୋଇ ନାହିଁ ଲୋକରେ ଅଣ । ( ବୃତ୍ତିବଚନ । )

୨୩୬ । କେଶା କାଇଣି, ଦେଶୀ ଘୋଡ଼ା,
ଗାନା ଓଁକଳ, ହାକିମ ବେଡ଼ା, ପୁଣି ଏଗା ମଦ ।

୨୩୭ । କେଉଣ୍ଡି ଗୁଣ୍ଡି ଦେଉଳ ଧରିବା ।
[ଅଳ୍ପ ଲୋକ ଆଶାରେ ପ୍ରଥମେ କଷ୍ଟ ବାଷ୍ପ ବା ଭାଗ ଭରିବା । ]

୨୩୮ । କେଳା କୁହୁଡ଼ା, ବାର ମାସରେ ତେର କୁହୁଅ ।
[କେଳାମାନେ ଯାଯାବର ଜାତି, ତେଣୁ କୌଣସି ଏକ ସ୍ଥାନରେ ଥିର ହୋଇ ରହିପାରନ୍ତି ନାହିଁ । ]

୨୩୯ । କେଳା ସୁଅଡେ଼, କେଳୁଣୀ ସେଅଡ଼େ ।
[କେଳାମାନେ ସାଧାରଣତଃ ସେମାନଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ସଙ୍ଗରେ ଧରି ସ୍ଥାନରୁ ସ୍ଥାନାନ୍ତରକୁ ଯାନ୍ତି । ]

୨୪୦ । କୋଇଲି ଅଣ୍ଡା ଫୁଟାଇବା ନ୍ୟାୟ ।
[କୋଇଲି ଅପଣା ଅଣ୍ଡା ଫୁଟାଇ ନ ପାରି କାଉ ବସାରେ ଥୋଇଦେଇ ଆସେ । କାଉ ନିଜ ଅଣ୍ଡା ଭ୍ରମରେ ତାହାକୁ ଫୁଟାଇ ବଡ଼ କଲେ ସେ ଛୁଆ ପୁଣି ଆପଣା ମା ପାଖକୁ ଉଡ଼ି ପଳାଏ । ପରଦ୍ରବ୍ୟ ଆପଣା ଜାଣି ବଢ଼ାଇ ନେବା । ]

୨୭୧ । ଚୋଢ଼ ଖାଇ କୁତ୍ରେଇ ଚାଟିବା ।
[ସ୍ତ୍ରୀ ରୋଗ କଷ୍ଟଦାୟକ ।]

୨୭୨ । ଚୋଟିଲରୁ ଚୋଟିଏ ଓଣା ।
[ଚୋଟିଲରୁ ଚୋଟିଏ ଢମି କରିବା କମ୍ ନ କରିବା ସଙ୍ଗେ ସମାନ । ]

୨୭୩ । ଚୋରଭୁଣାଠଁ ମିସ୍ତ୍ରୀ ନାହିଁ ।

୨୭୪ । ଚୋଣାରକ ଗାମ କେତେ ସୁନ୍ଦର ଚଳ ଲେଖନ ସୁନକେର କାମ, ସେଠି ହଳ ଖାଲି ଧାଏଁ ଥାଆନ୍ତା ଚଳ ପଶି ନ ପାରନ୍ତା ଯମ ।

୨୭୫ । ଚୋଡପ ବର ଚୋଦ୍ଧଲେ ତପ ବର ।
[ତପସ୍ୟା ଦ୍ୱାରା ନହୁଲା କ୍ରୋଧ ପ୍ରଦର୍ଶନ ଦ୍ୱାରା ଦେବତା-ମାନଙ୍କଠାରୁ ବର ପାଇବା ଦେଖା ଯାଇଥାଏ । ]

୨୭୬ । ଚୋଳଥ ଅଟକାଲ ଚୋଢ଼ବ ସେ, ଗୃତ ଅପରେ ହୁଟଲ ନବ ସେ ।
[ଯେ ଅନ୍ୟକୁ ମନ୍ଦ କାର୍ଯ୍ୟରେ ପ୍ରବର୍ତ୍ତାଏ ତାହାକୁ ଅବଶ୍ୟ ତଦ୍ଦ୍ୱାରା ଫଳାଫଳ କୋଟିକାଂଶରେ ଭୋଗ କରିବାକୁ ପଡ଼ିବ । ]

୨୭୭ । ଚୋଳଥ ଓାଲ, ଭୁଣିଆ ଅସିଲେ ଦେ ତାଳି ।
[କୃପଣ ବ୍ୟକ୍ତିର ବନ୍ଧୁ ପ୍ରତି ବ୍ୟବହାର ସମ୍ବନ୍ଧରେ ବ୍ୟଙ୍ଗୋକ୍ତି । ]

୨୭୮ । କୋଳରେ ପୁଅ, କୋଳର ମାଡ଼ିଁଷ ଖାଇ ।
[ଅସ୍ତ୍ରିରୁ ଲୋକ ଶ୍ରେଣୀ ଅନ୍ୱେଷଣ କରିବା । ]

ଶ

୨୪୯। କୋଳରେ ସ୍ତ୍ରୀ, କାନରେ ଚକ୍ଷୁ, ତା କଥା କି ଅନ୍ୟଥା ହୁଏ.
[ଆପଣା ସ୍ତ୍ରୀର ବଚନ ମନୁଷ୍ୟ ଲଙ୍ଘେ ନାହିଁ। ]

୨୫୦। କୋଳି ଟାଳି କୋଳି ମଞ୍ଜି ପୋତିବା।
[ କୌଣସି ପଦବୀ ବା ସ୍ଥାନରେ ପୁରୁଷାନୁକ୍ରମରେ ଚିର-କାଳ ରହିବାର ଆଶା ପୋଷଣ କରିବା। ]

୨୫୧। କୋଳପୋଛା ପୁଅ ତେଲ୍‌ବସର, ଲେଞ୍ଜପଡ଼ା ମୁହଁଟା ଧଡ଼ିଶି ସୁନ୍ଦର।
[ ବାପ ମା ବଡ଼ ସାନ ପୁଅଙ୍କୁ ବିଶେଷ ସ୍ନେହ କରିବାର ଦେଖାଯାଏ। ]

୨୫୨। କୋଶେ ଯାଅ, ଧୋଇ ପାଅ, ଚୋବେଇ ଖାଅ, ଶୋଇଲେ ଲମ୍ବା ଚେଇଁଲେ ଖୁଲଥା।
[ ବାଟ ଚାଲି ଟିକିଏ ବିଶ୍ରାମ କରିବା ପରେ ପରିମିତ ଆହାର କଲେ ସ୍ୱାସ୍ଥ୍ୟ ଭଲ ରହେ। ]

୨୫୩। କୋଶେ ଗଲେ ପୋଷେ ମିଳେ।
[ ଦୂର ଦେଶରେ ଚାକିରି କଲେ ନିଜ ଗ୍ରାମ ଅପେକ୍ଷା ସେଠାରେ ଅଳ୍ପବହୁ ଅଧିକ ଅର୍ଥ ଉପାର୍ଜ୍ଜନ ହେବ। ]

୨୫୪। କୋହଳ ପାଇଲେ ଦୋହଳ ( ଦୋର୍ଦ୍ଦଣ୍ଡ ) ଦେଖନ୍ତି।
[ ସୁବିଧା ପାଇଲେ ଲୋକେ ଅନ୍ୟଠାରୁ ଦୁଇଗୁଣ କାମ କରାଇ ନିଅନ୍ତି। ]

୨୫୫। କୌରବଙ୍କର ଖାଇ ପାଣ୍ଡବଙ୍କର ଗାଇବା।
[ ପୌରାଣିକ ପ୍ରବଚନ। ଶକୁନି କୌରବଙ୍କ ପକ୍ଷରେ ଥାଇ ବରାବର ଗୋପନରେ ପାଣ୍ଡବମାନଙ୍କୁ ସାହାଯ୍ୟ କରୁଥିଲେ। ସେହିପରି ଜଣକର ଦାନା ଖାଇ ଗୋପନରେ ତାର ଶତ୍ରୁକୁ ସାହାଯ୍ୟ କରିବା। ]

## — ଖ —

୧ । ଖଜୁରି ଗଛର କି ଗୁଣ ବର୍ଣ୍ଣିବା, ସେତ ମୂଳରୁ ଫାମ୍ପାତ ଫାମ୍ପାତ ।
[ ଯାହା ଦୋଷପୂର୍ଣ୍ଣ ତାହାଁକୁ ଦୋଷ ବାଛି ଲାଭ ନାହିଁ ।]

୨ । ଖଣ୍ଡା ବଣ୍ଡ ଥୋଡ଼, ଥୋଡ଼ ବଣ୍ଡ ଖଣ୍ଡା । [ ଏକ ଭାବଯୁକ୍ତ ପୁନରାବୃତ୍ତି ।]

୩ । ଖଣ୍ଡିକ କୁଟେଇଁ କି ପେଣ୍ଡିକ କୁଟେଇଁ ।
[ ଯାହା କୌଣସି କାମରେ ଲାଗିପାରିବ ନାହିଁ । ]

୪ । ଖଣ୍ଡରେ ଖାର ମିଶାଇବା ।
[ ଭଲରେ ମନ୍ଦ ମିଶାଇବା । ]

୫ । ଖଣ୍ଡା ହାଣେ, ଫର ଯଶ ନିଏ ।
[ ଜଣେ କାମ କରେ, କିନ୍ତୁ ଆଉ ଜଣେ ବାହାଦୁରି ନିଏ ।]

୬ । ଖଣ୍ଡି ଖଣ୍ଡି କାଶ, ଖର ନିଃଶ୍ୱାସ, ବୁଝି ତୋ ମନ ଏ ।
[ ଆସନ୍ନ ମୃତ୍ୟୁର ଲକ୍ଷଣ । ]

୭ । ଖଣ୍ଡିଏ ଧାନରେ ଅଣେଇଶ ଭାମ୍ପି ପୋଲ, ଆଉ ଘାମ୍ପିଭ ଗୋଡ଼ ମାଡି ।
[ ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ଅଶାଢ଼ ଓ ଗୋଛ ମାଟି-ମୂର୍ତ୍ତି ଥାଏ । ]

୮ । ଚେଣ୍ଡିଆ ଗୀତ, ଭିକ ମାଗିତ, ଝୋଥାବା ସଙ୍ଗୀତ, ଭଣ୍ଡା-ମିଛ, ଏତେଖି ଦନାଇ ଏ କାହିଁକି ହୁତ ।
[ ଦନାଇ ଦାସଙ୍କ ପଦ୍ମଳା । ]

୯ । ଚେଣ୍ଡିଆ ମହାଦେବଙ୍କୁ ଡରେ ନାହିଁ ।
[ସେ ଦୁନିଆରୁ ଅଲଗା, ସେ କାହାରିକୁ ଭୟ କରେ ନାହିଁ ।]

୧୦ । ଚେଣ୍ଡିବଣିଆର ବାମ୍ଭଣ ସରେ । ଅଟିକା ପୋଷ୍ଟର ମାଢ଼ପ ମରେ । [ କୃପଣ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ବଚନ । ]

୧୧ । ଖଣ୍ଡାଧାରରେ ଶୁକିବା ନ୍ୟାୟ ।
[ ନ୍ୟାୟ ଅନ୍ୟାୟ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖି ଚାଲିବା । ]

୧୨ । ଖଡ଼ କୁଡ଼ରେ ସ୍ୱର୍ଗର ସ୍ୱପ୍ନ ।
[ ଖାଟ ଦୁଃସ୍ଥ ଲୋକର ଉଚ୍ଚ ଅଭିଳାଷ ପୋଷଣ । ]

୧୩ । ଖଡ଼ କୁଡ଼କୁ ଅଣି ଦେବା ନ୍ୟାୟ ।
[ ତୁଚ୍ଛ ଜଘନ୍ୟ ବସ୍ତୁ ପ୍ରତି ଲାଳାୟିତ ହେବା । ]

୧୪ । ଖଡ଼କୁଟା ନିଆଁରେ ଜଙ୍ଗଲ ପୋଡ଼େ ।
[ ସାମାନ୍ୟ ଘଟଣାରୁ ବେଳେ ବେଳେ ବୃହତ୍ ଅନିଷ୍ଟ ସାଧିତ ହୋଇଥାଏ । ]

୧୫ । ଖତ ବରଟେ, ଚଷ ସୁକୁଟେ ।
[ ଖତ ଅପେକ୍ଷା ଚଷ ଜମିର ଉର୍ବରତା ବଢ଼ାଇବାରେ ଉପଯୋଗୀ । ]

୧୬ । ଖତ ଗଦାରେ ପଦ୍ମ ଫୁଟିବା ।
[ ଅନୁନ୍ନତ ବା ଅଶିକ୍ଷିତ ପରିବାର, ଗ୍ରାମ ବା ଅଞ୍ଚଳରେ ଅସାଧାରଣଗୁଣସମ୍ପନ୍ନ ବ୍ୟକ୍ତିର ଆବିର୍ଭାବ । ]

୬୭ । ଖର ଚୈତ୍ର ମେଳ, ଖସ୍ତ ସତେଇ ବୋଳି, ଖଣ୍ଡିଆ କନ୍ଥାରୁ ହାଣ୍ଡିଶାଳ ଗୁହାଳ, ସବୁ ତୋ ମନ ଏ ।

୬୮ । ଘର କାଣ୍ଡର ଷାଁର ସୁଅଦ ।

୬୯ । ଖଣ୍ଡ ସତନ୍ତ୍ର ମେଣ୍ଟ, ଜଣ୍ଡ ସତନ୍ତ୍ର ଗୋଷ୍ଟ, ଖଣ୍ଡ ସତନ୍ତ୍ର ମୂଲିଆ ବାପୁଡ଼ା, ଖଣ୍ଡ ସତନ୍ତ୍ର ଭଲ୍ଲ ।

୭୦ । ଖର ବଳଦ ମଇଷି, ଘଷାଳ ଭାତ ଦହିକି, ଖଣ୍ଡ ନଡ଼ିଆ ଖଇକି, କାନବାଲି କଣ୍ଟା ପହିକି, ସବୁ ବଡ଼ ମନ ଏ ।

୭୧ । ଖଲିଆ ବୋଇଲା ପାଟଳାରେ ଦେଖ ମୋର ଗୁଳିକି, ତୁ ମୁଁ ଦୁହେଁ ସାଙ୍ଗ ହୋଇଗଲୁ ଗୋଟିଏ ଖାଇବା ଜାଳିକି ।
[ ଖଲିଆ ଓ ପାଟଳା ବଳଦ ଗୃହସ୍ବାମୀର ଅପଘାଳ- ଧାରକ । ]

୭୨ । ଖାଲି ଢାଳ ଦାନା, ଢଂସା ଢାଳ ଗିନା ।

୭୩ । ଖବରଦାର, ଡଗାବର ଢେଙ୍କା ଚୌକିଦାର ।

୭୪ । ଖୋସିଲେ ବାସ୍ତୁ, ଘଷିଲେ ଚନ୍ଦନ, ବାସିଲେ ମାଙ୍କଡ଼ ନ ଯାଏ ବାକା ।

୭୫ । ଖା ଠାକୁର ଖା ଶାଗ, ବାଟା ପାଇଲୁଣ୍ଡ ନାକଘଷିବ ।
[ କୌଣସି ପ୍ରକାରେ ପୂଜା ବନ୍ଦାଇ ଦେବା । ]

୭୬ । ଖା, ଭୁଞ୍ଜ, ଗିଳ ଏକା କଥା ହେଁ ।
[ଅର୍ଥ ଏକ ହେଲେହେଁ ପ୍ରକାଶଭଙ୍ଗୀର ତାରତମ୍ୟ ଅଛି ।]

୭୭ । ଖାଁ ଖାଁ ବୋଇଲେ କି ଧନ ସରେ, ଦାଁ ଦେଖ ଦେଖ ବୋଲିଲେ ଭୁଷୁଣ୍ଡ ହରେ ?

୨୮। ଖାଆନ୍ତି କୁରୁବଳଙ୍କର ଯୁଝନ୍ତି ପାଣ୍ଡବଙ୍କର ।

୨୯। ଖାଇ ଜାଣା ପଚାର ହଗା । (କୃତଘ୍ନ ବ୍ୟକ୍ତି)

୩୦। ଖାଇବ ଯାହାର ଗାଇବ ତାର ।
[ ଉପକାରୀ ବ୍ୟକ୍ତିର ପ୍ରଶଂସାକାର ହେବା । ]

୩୧। ଖାଇବ ପଖାଳ, ଶୋଇବ ଅକେଳ, ଉଠିବ ସକାଳ ବୁଲିବ ବେଢେଗ ।

୩୨। ଖାଇ ଶୋଇଲେ ବଢ଼ଇ ଅଗ୍ନି, ଖାଇ ଧାଇଁଲେ ବଢ଼ଇ ବାୟୁ,
ଖାଇ ବସିଲେ ବଢ଼ଇ ପେଟ, ଖାଇ ଗାଇଲେ ଯମର ଭେଟ ।
(ସ୍ୱାସ୍ଥ୍ୟରକ୍ଷା ବଚନ)

୩୩। ଖାଇଲେ ଜାତ ଯାଏ ନାହିଁ, କହିଲେ ଜାତ ଯାଏ ।

୩୪। ଖାଇବ ପଖାଳ, ଶିଖିବ ମଲ୍ଲାଳ, ଦାଣ୍ଡଘରଚଣ୍ଡି ଅଣ୍ଟୁଆଁ ଭର ।
ଅଧେ ଆପଣା ଅଧେ ପର, ଦେଖିବ ଓଡ଼ିଶାରେ କରିବ ଘର ।
[ ଅତ୍ୟାଚାରୀ ବର୍ଗୀଙ୍କ ଅମଳରେ ପ୍ରଜାଙ୍କ ଅବସ୍ଥା । ]

୩୫। ଖାଇବାକୁ ପାଇଲେ ଗାବଗାଣ୍ଡୁ ବଣ ଦୁଅନ୍ତି ।

୩୬। ଖାଇବା ପତ୍ରରେ ଧୂଳି ଦେବା ।
[ କୌଣସି ବ୍ୟକ୍ତିର ଖାଇବାରେ ବାଧା ଦେବା । ]

୩୭। ଖାଇବା ଶାଗରେ ମଣ୍ଡା, ମଣିଷ ଯାକରେ ଲଣ୍ଡା ।
ବ୍ରାହ୍ମଣ ଯାକରେ ପଣ୍ଡା, ମଇଁଷି ଯାକରେ ପଣ୍ଡା ।
ଗାଁ ଯାକରେ ଦାଣ୍ଡା, କୁଢଅର ଯାକରେ ଖଣ୍ଡା ।
ଏ ସବୁ ବଡ଼ ଦୁଣ୍ଡା ।

୩୮। ଖାଇବା ହାତ ପୁଣ୍ୟ ବାଆଁ ହାତ ପାଏ ନାହିଁ ।
[ଜଣକର ପୁଣ୍ୟ ଆଉ ଜଣେ ଭୋଗ କରିପାରେ ନାହିଁ । ]

୯ । ଖାଇଲି ବ୍ରାହ୍ମଣ ଚଳିଲି ଦୃଷ୍ଟା, ବୋଲୁଅ ଗହଳି କାଣ୍ଡିକିଆ ତଷା, ଲେଖୁ ଦନାଇ ଟେକ ଦେବେଣ ଦଶା ।
[ସମାଜେ ହୁଡ଼ହୁଡ଼ା ହୁଅନ୍ତି ।]

୫୦ । ଖାଇଲେ ପେଟ ପୂରେ, ନା କହିଲେ ପେଟ ପୂରେ ?

୫୧ । ଖାଇଲେ ଖାଇଲି ଧଁ'କୋରଡ଼ା,ମନ ଊଣାନା ମେଣ୍ଟିଲା ।

୫୨ । ଖାଇବ ପିଠା, ଗାଇବ ଗୀତା; ତେବେ ହୋଇବ ଜଗତଜିତା ।
[ ସ୍ୱାସ୍ଥ୍ୟ ପାଇଁ ପିଠା ଓ ଆତ୍ମାର ସଦ୍‌ଗତି ପାଇଁ ଗୀତାଧ୍ୟୟନ ଆବଶ୍ୟକ । ]

୫୩ । ଖାଇବାକୁ ଦାନା ନାହିଁ କି ପିନ୍ଧିବାକୁ କନା ନାହିଁ ।
[ ଘୋର ଦାରିଦ୍ର୍ୟ । ]

୫୪ । ଖାଇ ସାରିଲେ ଗାଈକୁ ପିଣ୍ଡ, ଖାଇସାରିଲେ କାହିଁକି ପିଣ୍ଡ ?
[ ସ୍ୱାର୍ଥସିଦ୍ଧି ହେଲାରୁ ପଛକୁ ଅନାଇଁ ନ ଦେବା । ]

୫୫ । ଖାଇଲାବେଳକୁ ପୁଅର ମା, କୁଳକୁଳ ପଡ଼ିଲେ ବେଳକୁ ଶାଶୁରେ ଘା !
[ ଅନ୍ୟ ଦ୍ୱାରା ନିଜର କାର୍ଯ୍ୟ ସାଧନ କରାଇ ନେବା ପାଇଁ ଚେଷ୍ଟାନ୍ଧ ବ୍ୟକ୍ତି, ଅନ୍ୟ ବ୍ୟକ୍ତିର କୌଣସି କାର୍ଯ୍ୟରେ ସାହାଯ୍ୟ କରିବାବେଳକୁ ପେଟ ଲୁଚାନ୍ତି । ]

୫୬ । ଖାଇଲା ମୁହଁ ହିଁଅ ଭଙ୍ଗ ।

୫୭ । ଖାଇଲେ ବୁଢ଼ା ବଅସର ହୁଏ ।
[ ଉତ୍ତମ ଭୋଜନ ପାଇଲେ ବୃଦ୍ଧ ବ୍ୟକ୍ତି ଯୁବକପରି ବଳିଷ୍ଠ ହୁଏ । ]

୫୮ । ଖାଇ ନ ଜାଣି ଭାତର ଦୋଷ,
ଦେଇ ନ ଜାଣି ପତରର ଦୋଷ ।

୪୯ । ଖାଇ ଦୁଖ, ଖାଉ ମଣ୍ଡା, ଏ ଦୁଇଟା ଦୁର୍ଭସୁଟା ।

୫୦ । ଖାଜଣାର ଅଗ୍ରାଦାର ଭଣ୍ଡାରିକୁ କୁହାର; ଖାଉଳିର ଗାଁ ମାଉଳିଁ ଗଲା ।
[ ଦେଉଳ ଖାଉଳିରେ ପୂଜାର ରଖିଥିବା ମାଛ ଏବଂ ମାଳତିର ଗୁନ୍ଥି ରଖିଥିବା ମାଛ ଭଲରେ ଦେଇଁ କରି ଫଳାଇବା । ସବୁ ଅଣ ଲୋଚ ଖାଇବା । ]

୫୧ । ଖାଲି ବାଲି ଘୃତ, ଖଣ୍ଡ ଟୀକ ଗ୍ରାସ, ଖାଡିଥିବ ସୁଣ୍ଠିଙ୍କା ନାରଚଛ ଖାଣ୍ଡ, ସଖି ହେଗୋ ଭଲ ଏ ।

୫୨ । ଖୁଣ୍ଟି ସୁତେଣି ଘୋଡ଼ା କୁଦେ ।
[ ପୁତ୍ର ବା ସ୍ୱାମୀର ହେମନ୍ତରେ ଭାର୍ଯ୍ୟା ବା ସ୍ତ୍ରୀ ବାହାରେ ଶିକାର ବଢ଼ାଇ ଦେଖାଇ ହୁଅନ୍ତି । ]

୫୩ । ଖୁଡ଼ୀ ଖୁଡ଼ୁଆ, ମୁହଁରେ ଅଦାର ସୁଆ ସୁଆ କପଟ ଦେଖୁ)

୫୪ । ଖୁଦ ଫୁଟିଲା ନାଟବାର ।

୫୫ । ଖୁଣ୍ଟି ଖାଉ, ଟର୍ଣ୍ଣା ଭାର ।
[ ଆପଣା ପୁଅକୁ ଶତ୍ରୁଭାବରେ ହତ୍ୟା କରିବା ପିତାପୁତ୍ରଙ୍କର ଭାଗ୍ୟ । ]

୫୬ । ଖୁଁ ଖୁଁ କାଶ, ଗାଡ଼ ନାଶୋଷ, ଗାର ଭାଣ୍ଡୁ ଥିବା ଘରେ ବାସ, ଖଣ୍ଡ ଗାଁରେ ଘୃତ, ସଖି ହେଗୋ ମନ୍ଦ ଏ ।

୫୭ । ଖୁଁ ଖୁଁ କାଶି, ନଣ୍ଡ ଖାଇ ଘୃତ, ମଇ ଭଳିଆ ହେଉଁ, କଟରେ ଭଳିଆ ଟେକା, ସଖି ବଡ଼ ମନ୍ଦ ।

୫୮ । ଖୋଜିବା ବାଟ ଦୁଆରେ ଦୁଜିବା ବାଟ ଗୋଟାଏ ।

୫୯ । ଖୋଳ ପର୍ବତ ମାରି ମୂଷା ।
[ ସାମାନ୍ୟ ଫଳ ପାଇବାପାଇଁ ବିଶେଷ ପରିଶ୍ରମ ବା ଆୟୋଜନ କରିବା । ]

—ଗ—

୧ । ଗେଣ୍ଡୁର ଖୁଣ୍ଟାଳ ଥୋଇ, ଚମାରେ ବାନ୍ଧିଲେ ।
[ଜଣିକର ବିପଦରୁ ଅନ୍ୟ ଜଣେ ଲାଭ ଉଠାଇବା ।]

୨ । ଗେଣ୍ଡି, ଅଣ୍ଟ୍ରାସ୍ ଟୋଟା, ନାଡ଼ ଖୁଲ୍‌ଥିବ ଯଥା, ଖେଳେବ ସେ ଦେବେବତି ଦେଖା । [ମାଡ଼ୁଆ ଲାଭ]

୩ । ଗଉଡୁଣୀ ଆପଣା ଦହିକୁ ଖଟା କହେ କି ?
[ନିଜର ପଦାର୍ଥ ସେତେ ଖରାପ ହେଲେ ମଧ୍ୟ ତାହାକୁ ଖରାପ ବୋଲି କହନ୍ତି ନାହିଁ ।]

୪ । ଗଣ୍ଡ ଛୁଇଁଲେ ଧଳେ, ଘଟା ଛୁଇଁଲେ ବଉଳେ, ଗେଲବ୍ର ଛୁଇଁଲେ ଖୁସିଲେ ।

୫ । ଗଙ୍ଗା ବୋଲିଲେ ଥିବ, ଗାଙ୍ଗୀ ବୋଲିଲେ ଯିବ ।
[ଶାନ୍ତନୁଙ୍କ ସ୍ତ୍ରୀ ଗଙ୍ଗାଙ୍କ ସମ୍ବନ୍ଧରେ ପୌରାଣିକ ପ୍ରବଚନ । ଆଦର ପାଇଲେ ପ୍ରସନ୍ନ ଓ ଆଦର ନ ପାଇଲେ ଅପ୍ରସନ୍ନ ହେବା ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ।]

୬ । ଗୋଟା ଯା, ଲଣ୍ଡା ଯା, କର୍ମ ଦେଖି ଭୁଞ୍ଜିଆ ।
[ପ୍ରତ୍ୟେକ ବିଷୟରେ କର୍ମର ପ୍ରାଧାନ୍ୟ ।]

୭ । ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି ।
[କୌଣସି ବିଷୟ ବା କାର୍ଯ୍ୟରେ ଅତୃପ୍ତି ।]

୮। ଗଙ୍ଗା ଜଳରେ ଗଙ୍ଗା ପୂଜା କରିବା।
[ଯାହାର ଧନ ତାହାରି ଧନରେ ତାକୁ ସନ୍ତୁଷ୍ଟ କରିବା।

୯। ଗଙ୍ଗାକୁ ଡେଇଁବା ବେଳେ କିଏ ପୁଅ ମାଇପକୁ ପୁଚ୍ଛେ।
[ଆତ୍ମରକ୍ଷାର୍ଥ ବାନ୍ଧବ ପରିବାର ପ୍ରତି ଅନାସକ୍ତି।]

୧୦। ଗଛର ଖାଇ, ମଣିଷର ଧାଇ, ଝିଅଁ ପଡ଼ିଲେ ଝିଅଁ ଭୁଷୁଡ଼ିଯାଇ।

୧୧। ଗଛ ଖସିଲେ ମୂଳରେ ପଡ଼େ।

୧୨। ଗଛ ଚଢ଼ି ନ ଜାଣେ ସେ, ଲୁଅଅଁଠା ଖାଏ ସେ।

୧୩। ଗଛରୁ ପଡ଼ିଲା ମଲା ନ୍ୟାୟ। [ହଣା ଯଣା କଥା]

୧୪। ଗଛ ଉପରକୁ ଚଢ଼ାଇଦେଇ, ମୂଳ କାଟିଦେବା।
[ବିଶ୍ୱାସଘାତକତା ଆଚରଣ କରିବା।]

୧୫। ଗଛ ଥାଉ ଫଳ ଝଡ଼ିଲେ ଯାଉ।
[ପ୍ରସୂତି ଓ ସନ୍ତାନ ଉଭୟଙ୍କର ଅବସ୍ଥା ସଂକଟାପନ୍ନ ଥିବା ଅବସ୍ଥାରେ କେତେକ କହନ୍ତି—ସନ୍ତାନ ଯାଉ ପଛକେ ମା ବଞ୍ଚି ରହିଥାଉ।]

୧୬। ଗଜ ଦାନ୍ତରେ ସୁନା ଯୁଆଣି।
[ଦୁଇଟି ମୂଲ୍ୟବାନ୍ ପଦାର୍ଥ ବା ସୁଗୁଣର ମିଳନ।]

୧୭। ଗଜମୂର୍ଖ ଚଳଣିରେ ସୁର, ଅଣ୍ଟି ନ ପୂରିଲେ ଅଦ୍ଭୁର ଡୋଳ।
[ମୂର୍ଖ ଓ ଜଡ଼ବୋଧ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ।]

୧୮। ଗଜମଣ୍ଡା, ତାକୁ ଖାଇଲେ ହେବ ଦେଣ୍ଡା।
[କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ବଡ଼ଓଷାରେ ତିଆରି ହେବା ନାନା ସ୍ୱାଦିଷ୍ଟ ପୁରରେ ପୂର୍ଣ୍ଣ ମଣ୍ଡାପିଠା।]

ଟଙ୍କା ମଲ୍ଲୁଡ଼ରେ ମୁକ୍ତ ଯାଏ ।
୨. ଟେଙ୍ଗା ମଲ୍ଲୁଡ଼ରେ ବାନ୍ଧନ ଥାଏ ।

୯ । ଟଙ୍କେଇ ଟିପୁ ଟିପୁ ଚାଲିବ କଲମ ।
[ ମହଜି ମଜୁଲିସ ଓ କାଗଜକାଳିରେ ସର୍ବଦା ଲାଗିରହିବା ।]

୧୦ । ଟଙ୍କେଇଥା ଖେଳ, ଅସୁଅ ବେଉର, ଢୁଆଁ ପଲୁଇଆ ଘରେ ଜଣ ଗୋଳ ।

୧୧ । ଗଡ଼େଇଲ କାଗଜରେ ଦୁଷ୍ଟା କରିଙ୍କ ଚିହ୍ନି ନ ପାଇବା ।
[ କାଗ ଖେଳରେ ଅପଣା ପକ୍ଷ ଓ ଶତ୍ରୁ ପକ୍ଷ ଚିହ୍ନି ନ ପାରିବା । ]

୧୩ । ଟେକୁଆଳରେ ଶଣ୍ଢ ବାନ୍ଧିଲୁ ଦେଇ, ବାଣ୍ଡ ଧର ଚଣ୍ଡି ଅଣ୍ଡୁଆ ଧର ।
[ ଟେକୁଆଳ ସ୍ଥାନଙ୍କ ଅତ୍ୟାଚାର ବିଷୟରେ । ]

୧୪ । ଟଙ୍କା ଦେଖାଇ କର ନ ଥାଏ ଠାଣି, ଘର ଗୁରୁଷ୍ଠ ନ ଥାଏ ପଣି, ଥୋଇଲି ମାଇପର ନ ଥାଏ ଠଣି, କହେ ଦାନାଇ ଏ ବାଣ୍ଟିରେ ଗଣି ।

୧୫ । ଘଣ୍ଟିଆ କାହାର ଘଇତା, ବାଣ୍ଡ କାହାର ମାଇପ ।

୧୬ । ଚଣ୍ଡ ମଇଷି ଗୁଆଳ କାଆଁ ।
[ ମୂର୍ଖ ବନ୍ଧୁ ଓ ଗୁଆଳ କାଆଁ କୌଣସି କାମକୁ ଅସନ୍ତି ନାହିଁ । ]

୧୭ । ଗଣ୍ଡି ଘୋଡ଼ା ଦେଉଡ଼ିବା ନାହିଁ । ( ଅସମ୍ଭବ କଥା )

୧୮ । ଭୋକରେ ନ ଦେଲେ ପିଣ୍ଡ କୁଟେଇଁ, ପଥ୍ୟକରେ ନ ବୁଝିଲେ ମୁଣ୍ଡ କୁଟେଇଁ, ଗୁହରେ ନ ଖାଇଲେ ଭୁଣ୍ଡ କୁଟେଇଁ ।

୨୯। ଗରଜ ପଡ଼ିଲେ ଗଧପାଦ ଧରିବାକୁ ହୁଏ।
[ ଅଡ଼ୁଆରେ ପଡ଼ିଲେ ବୁଦ୍ଧିମାନ୍, ଉଚ୍ଚପଦସ୍ଥ ବ୍ୟକ୍ତି ମ-
ନିମ୍ନର ବ୍ୟକ୍ତିର ଶରଣାପନ୍ନ ହୁଅନ୍ତି। ]

୩୦। ଗରଜିଲା ମେଘ ବରଷେ ନାହିଁ, ଭୁକାଳିଆ କୁକୁର କାମୁଡ଼େ ନାହିଁ।

୩୧। ଗରଜିଲା ବାଘ କି ମଣିଷ ଖାଏ ?
[ ଯେଉଁମାନେ ମୁହଁରେ ବଡ଼ାବଡ଼ା କଥା କହନ୍ତି ସେମାନଙ୍କ ଅନ୍ତର ନିଷ୍ଠୁର ହୁଏନାହିଁ।

୩୨। ଗରଜନ୍ତି ମେଘ, ବରଷନ୍ତି ପାଣି, ଉଠନ୍ତି ଦେଶୀ ଦେବଳବାଳି ରାଣୀ।

୩୩। ଗେଣ୍ଡୁଅ ଫୋଡ଼ିବ ତ ଭରୁଆ ପିନ୍ଧ।
[ ସଞ୍ଚୟ କରିବାକୁ ଇଚ୍ଛା କଲେ ଖରଚ କମାଇବାକୁ ହେବ ]

୩୪। ଗେହ୍ଲାର ଭାତ ଯାଏ ନାହିଁ, ମାଠିଆର ଭାତ ଯାଏ।
[ ଭାତ ଅଭାତ ହେବା ଆର୍ଥିକ ଅବସ୍ଥା ଉପରେ ନିର୍ଭର କରେ। ]

୩୫। ଗରିବ ମାଇପ ସବୁରି ଶାଳୀ।
[ ଲୋକର ଦାରିଦ୍ର୍ୟର ସୁଯୋଗ ନେଇ ଲୋକେ ନାନା ଥଟ୍ଟା ପରିହାସ କରନ୍ତି।

୩୬। ଗର୍ଭିଣୀ ଗାଈ ବାଛି ଷଣ୍ଢଦେବା।
[ ଦୁର୍ଦ୍ଧାନ୍ତ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ବଚନ। ]

୩୭। ଗର୍ବ ମନୁଷ୍ୟକୁ ଖର୍ବ କରେ।

୩୮। ଗଧ ମଲା ଏକା କଥା।
[ ନିର୍ବୁଦ୍ଧି ବ୍ୟକ୍ତି ଓ ମୃତ ବ୍ୟକ୍ତି ଉଭୟ ସମାନ। ]

୭୯ । ଗଲି ଅଇଲା, ସାହା ଦେଖିଥିଲା ତାହା କହିଲା ।
[ ଶାଶୁର ମତାମତ ନ ନେଇ ପ୍ରତ୍ୟେକ ଘଟଣା ବର୍ଣ୍ଣନା କରିବା । ]

୮୦ । ଗେଲା ନାଶ ସାଏ ବାଟେ, ମୁଣ୍ଡା ନାଶ ସାଏ ଥାଟେ; ଘଟି ନାଶ ସାଏ ଘାଟେ, ଇଟୀ ନାଶ ସାଏ ନାଟେ ।

୮୧ । ଗବ ବଢ଼ିଲେ କି ଲୁଆଲା ହୁଏ ?

୮୨ । ଗହଣା ନାଇଲେ ଓଡ଼େଇ ଗୁଲ୍, ପୁଅ ନେଇଥିଲେ ଘୋଡ଼େଇ ଗୁଲ୍ ।

୮୩ । ଗହମ ଚୋଡ଼ିଚଣିଆ, ଲୁଟି ଖାଉଛୁ କାଏ ?
[ ବାଘୁଷଡୋଲର ଚରମ ସୀମା । ]

୮୪ । ଗାଁ ଜଣାଁ ସିଙ୍ଘାଣିନାକୀ ।

[ ଅପଣା ଗାଁ ଲୋକ ଯେତେ ଗୁଣୀ ବା ସୁନ୍ଦର ହେଉ ପଛେ ଲୋକେ ସହଜରେ ତା ସ୍ୱୀକାର କରନ୍ତି ନାହିଁ । ]

୮୫ । ଗାଁ ପରଘୁଣ ଧୋବାକୁଠୁ ଜାଣେ, ବାହୁପରଘୁଣ ଅପବାଦରୁ ଜାଣେ, ଝିଅକୁ ପରଘୁଣ ନାକ ଦ୍ରୁତ ଦେଖେ, ବୋହୂ ପରଘୁଣ ନାକ ଝରେଖେ, ଶାଶୁ ମରଘୁଣ ପାଖିରେ ବସେ, ପୁଅ ପରଘୁଣ ବାପକୁ ପୋଷେ ।

୮୬ । ଗାଁ ପଇମଳି ଧୋବା ଲୁଗାରୁ ଜଣାଯାଏ ।
[ ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ଧୋବା ଲୁଗାରୁ ଲୁଗା ଦେଖି ଜାଣିବା । ]

୮୭ । ଗାଁ ମୁଣ୍ଡ ଘର ଖେଳୁଛନ୍ତି, ଗୁହାଳକାଳି ବାଘ ପଶୁଛନ୍ତି ।

୪୮। ଗାଁ ଟୋକର କି ବାଡ଼ିରେ ବଣା ?
[ଗ୍ରାମବାସୀ ବ୍ୟକ୍ତି ସେହି ଗ୍ରାମବାସୀ ଅନ୍ୟ ବ୍ୟକ୍ତିର ଗାଁ ଟୋକର କରିବାକୁ ଗଲେ କିନ୍ତୁ ପରସ୍ପର ଅଛି ସବୁ ଗୁଣ ଜନ୍ମମୂଳରୁ ଜଣା ଥିବାରୁ ତାଙ୍କୁ କୌଣସି ପ୍ରକାର ଅସୁବିଧା ହୁଏ ନାହିଁ ।]

୪୯। ଗାଁ ଯୋଗୀକୁ ଭିକ ନ ମିଳେ ।
[ ତାର ସକଳ ଅବସ୍ଥା ସମ୍ବନ୍ଧରେ ଜାଣିଥିବାରୁ ଗ୍ରାମବାସୀ ଭିକ ଦିଅନ୍ତି ନାହିଁ । ]

୫୦। ଗାଁ ବଳଦ ବିକାହୁଏ ନାହିଁ ।
[ କାରଣ ଲୋକେ ତାର ଗୁଣ ଅବଗୁଣ ଜନ୍ମମୂଳରୁ ଜାଣିଥାନ୍ତି । ]

୫୧। ଗାଁ ଗଉଡ଼ଅ ସ୍ୱପ୍ନରେ ରଜା ।

୫୨। ଗାଁ ବଳଦଅ ବିକାଏ ନାହିଁ,
ଘର ବିକାଏ ଜୋଇଁ ନାହିଁ ।

୫୩। ଗାଁ ଭିନ୍ ଭିନ୍ ମୁଣ୍ଡେ ଏକା ।
[ ମନୁଷ୍ୟର ପ୍ରକୃତି ସର୍ବତ୍ର ସମାନ । ]

୫୪। ଗାଁ ବାହାରେ ଘର, ଚୋରର ନାଆଁକୁ ଡର ।

୫୫। ଗାଁରେ ଯେତେକ କାଙ୍ଗାଳି ଘର, କିନ୍ତୁ ଆପଣା ଜାଣୁ ଘର ।
[ ଗ୍ରାମରେ ଲୋକଙ୍କର ଶତ୍ରୁ ମିତ୍ର ଉଭୟେ ଥାନ୍ତି । ]

୫୬। ଗାଁ ଯୋଉଁଠି ସେଇଁଠି ପଟେଣ, ପଧାନ ହେଲ ସେଇଠି ତଟେଣ ।
[ଗ୍ରାମର ପ୍ରଧାନ ବ୍ୟକ୍ତି ଗ୍ରାମର ଶ୍ରେଷ୍ଠ ଜମି ଖଣ୍ଡିକ ଭୋଗ କରେ । ]

୮୭ । ଗାଁ ଯୋଗୀର ପୋଡ଼ୁ ଭାତ, ଶାଶୁକୁ ଦେଇଥିବ ଅଗତ କର ।
[ ଏ ଶ୍ରେଣୀର ଢଗି ଅତ୍ୟନ୍ତ ଖବର । ]

୮୮ । ଗାଁ ଯୋଗୀ, ଘାଇ ବେଦ୍ୟ, ନ ମିଳେ ଋଣ, ପିଲା ଭଉଣୀ, ଘରର ଲୁଣ, ଝିଅ ମରଣ, ଏତେକ ଦୁଃଖ ପଛେ ସୁଖ ।

୮୯ । ଗାଅଣୀକୁ ଟା କହିଲେ ରାଗ ନାହିଁ, ଭାହ୍ମଣୀକୁ ଖା କହିଲେ ଖାଏ ନାହିଁ ।
[ ନିଜର ସ୍ବଭାବ ଧାରରେ ପଡ଼ିଥିବା ଅଭ୍ୟାସରେ । ]

୯୦ । ଗାଈ ଚରିଥିବ କୁରଳୁ, ବଳଦ କରିବ ବେପାର, ଅଣ୍ଟା ବାଳିକୁ ମାରେଣା ନ କରିବ, ପାଏ କରିବ କଣା ।
[ କୃଷି ଓ ଗୋରୁଙ୍କ ସମ୍ବନ୍ଧେ ଉପଦେଶ ବଚନ । ]

୯୧ । ଗାଈ ପୁଅ ଅଣ୍ଡିରା, ପରେ ନ ବାଢେ କାଣ୍ଡିଆ ।
[ କାଣ୍ଡିଆଙ୍କ ଭଳି ନୀଚ ଜାତିର ଲୋକେ ମଧ୍ୟ ଗାଈପୁଅ ଅଣ୍ଡିରା ଦ୍ୱାରା ଭୂମି କର୍ଷଣ କରନ୍ତି ନାହିଁ । ]

୯୨ । ଗାଈ ପେଟରୁ ମାଣିକ ଜାତ ।
[ ଗାଈପେଟରୁ ମାଣିକ ଜାତ ହେବା ଭଳି ଦୁର୍ଲ୍ଲଭ । ]

୯୩ । ଗାଈ ମୁହଁରେ ଦୁଧ ।
[ ଦୁଧର ପରିମାଣ ଗାଈର ଖାଦ୍ୟ ଉପରେ ନିର୍ଭର କରେ । ]

୯୪ । ଗାଈ ଗୁହାଳରେ ଗୁଆଳ ମୁଠେ ।
[ ବୃଦ୍ଧ ଲୋକଙ୍କ ପାଇଁ ଅଳ୍ପ ଖାଦ୍ୟର ବ୍ୟବସ୍ଥା । ]

୯୫ । ଚାଁଉଳି ଲୋକ, ପଥର ଦେଖିଲେ ନ କରେ ଶୋକ ।

୬୬। ଗାଈ ନ ବୋଲେ ତୋହାରି ବୋଲି, ଗୋଟି ଧାଇଁଛୁ ଦୋହଣି ଧରି।

୬୭। ଗାଣ୍ଡି ଲଙ୍ଗଳା ମୁଣ୍ଡରେ ଫୁଲ, ଝୁଲି ଯାଉଥାଏ ଝୁଲ୍ ଝୁଲ୍।
[ ବୃଥା ଆଡ଼ମ୍ବର ପ୍ରଦର୍ଶନ କରିବା। ]

୬୮। ଗାଣ୍ଡିକନା ମୁଣ୍ଡରେ ବାନ୍ଧବା।
[ କ୍ରୋଧୀ ଓ ଏକଜିଦିଆ ବ୍ୟକ୍ତି ପ୍ରତି ଉପଲକ୍ଷ୍ୟ ବଚନ। ]

୬୯। ଗାଣ୍ଡିମୁଣ୍ଡା ପିନ୍ଧବା ଲୋକ ମୁଣ୍ଡବାଳୁ ବାଛି ରଖିଥାଏ।

୭୦। ଗାନ୍ଧାରୀର ଘଇତା ଯେତେ ମଲେ, ଧୃତରାଷ୍ଟ୍ରର ମାଇପ ସେତେ ମଲେ। ( ପୌରାଣିକ ପ୍ରବଚନ )

[ ଉପଯୁକ୍ତ ସ୍ୱାମୀର ଉପଯୁକ୍ତ ପତ୍ନୀ। ]

୭୧। ଗାମୁଛା ନ ଥାଉ କା ସ୍ନାହାନ, ଆଦର ନ ଥାଉ କା ଭୋଜନ।

୭୨। ଗାରୁଡ଼ି ମନ୍ତ୍ର ଖାଲୁ ଖାଟେ, ଅନ୍ୟ ଲୋକର ମୁଣ୍ଡରେ ବାଟେ।
[ ଗାରୁଡ଼ି ମନ୍ତ୍ର ଜାଣିଥିବା ଲୋକ ଅନ୍ୟର ଅନିଷ୍ଟ ଘୋଟାଇବାର ଦେଖାଯାଏ। ]

୭୩। ଗୁଆ କାଟୁ କାଟୁ ୦।
[ ବିନା ଅଭ୍ୟାସ ଓ ଉଦ୍ୟମରେ କୌଣସି କାର୍ଯ୍ୟ ହୋଇପିବା। ]

୭୪। ଗାଳି ଦେଲେ ଧାନ୍ଦ୍ର ଛିଣ୍ଡିଯିବ ନାହିଁ।

୭୫। ଗାଳି ଦେବା ଲୋକ ବଡ଼ ନୁହେଁ, ଗାଳି ସହିବା ଲୋକ-ବଡ଼।

୭୬। ଗାଲୁଅଙ୍କର ବାରବାଟି ଚାଷ। ( ଗୁପ୍ତ )

ଗାଲକୁ ମାଲ ସବୁ ବୁଝେଁ ।

୭. [ ବଳ ପ୍ରୟୋଗ ଦ୍ୱାରା ଗାଲ ମାରୁଥିବା ବ୍ୟକ୍ତିଙ୍କୁ ଧାର ଦେବ ନାହିଁ । ]

୭୮ । ଗାଲୁଆକୁ ମାଲୁଆ ହାତେ, ଖଜୁରିଆକୁ ତେଲ ହାତେ ।

୭୯ । ଗାଲ ଟିପିଲେ ଦୁଧ ବାହାରିବା ନ୍ୟାୟ ।
[ ଅଳ୍ପ ବୟସ୍କ ବ୍ୟକ୍ତି ପ୍ରତି ବୟସ୍କମାନଙ୍କର ଅବହେଳୋକ୍ତି । ]

୮୦ । ଗାଲରେ ଚୂନ କାଳି ଦେବା ନ୍ୟାୟ ।
[ ଘୋର ଅପମାନିତ କରିବା । ]

୮୧ । ଗାଲରେ ହାତଦେଇ ବସିବା ।
[ ଚିନ୍ତିଗ୍ରସ୍ତ ଓ ଚିନ୍ତା । ]

୮୨ । ଗିଧର ଦୃଷ୍ଟି ଗହ୍ୱରେ ଭାଗେ ।
[ ଶାଗୁଣା ବହୁଦୂରରୁ ମଢ଼ର ସନ୍ଧାନ ପାଇଲାପରି ଲୋଭୀ ବ୍ୟକ୍ତିର ଦୃଷ୍ଟି ସୁଦୂରପ୍ରସାରୀ ଅଟେ । ]

୮୩ । ଗୀତ ନାଶ ଯାଏ ବାଟେ, ପାଣି ନାଶ ଯାଏ ଘାଟେ, ସ୍ତ୍ରୀ ନାଶ ଯାଏ ହାଟେ ।

୮୪ । ଗୁଆ ମାରି ଚେବକୁ ପାଣି ଢାଳିବା ।
[ ବହୁମୂଲ୍ୟ ପଦାର୍ଥ ଅବହେଳିବାକୁ ଦେଇ ଅଳ୍ପମୂଲ୍ୟ ପଦାର୍ଥର ଯତ୍ନ ନେବା । ]

୮୫ । ଗୁଆ ଗଛମୂଳେ କେନ୍ଦୁ ଗାଁଅନ୍ତି ।
[ ଗୁଆଗଛ ସବୁବେଳେ ପାଣି ଦରକାର କରେ । ]

୮୬ । ଗୁଆ ଠାଣି ପାନ, ଘୁଆ ଠାଣି ଧାନ, ଚୂନ ଠାଣି କାଶ, ଲୁଣି ଠାଣି ମାଛ ।

୮୭ । ଗୁଡ଼ଗୁଡ଼ିଆର ମାଲପ ମଠର ।
[ କୃପଣ ବ୍ୟକ୍ତିର ସ୍ତ୍ରୀ ଖାଇବାକୁ ନ ପାଇ ପ୍ରାଣତ୍ୟାଗ କରେ । ]

୮୮ । ଗୁଞ୍ଜି ପାଣିରେ ପଡ଼ିଲେ ଲକ୍ଷ୍ମୀ ଯାଏ ନାହିଁ ।
[ ପ୍ରତିକୂଳ ପରିସ୍ଥିତି ପ୍ରକୃତ ଗୁଣୀ ଲୋକର ପ୍ରତିଭାକୁ ମଳିନ କରିପାରେ ନାହିଁ ।

୮୯ । ଗୁଡ଼ ଗୁଡ଼ୁ ଗୁଡ଼ୁ ଯାଏ, ତେଲ ମାଡ଼ୁ ମାଡ଼ୁ ଯାଏ ।

୯୦ । ଗୁଡ଼ ଘରେ ପିମ୍ପୁଡ଼ି ପରଖ ।
[ଖାଦକକୁ ଖାଦ୍ୟ ଜଗିବାକୁ କହିବା । ]

୯୧ । ଗୁଡ଼କୁ ଗଣେଶ କରି ଚାଣ୍ଡି କାଟି ନୈବେଦ୍ୟ ଦେବା ।
[ଯାହାର ଧନ ତାକୁ ଭେଟି ଦେଇ ପ୍ରଶଂସା ଅର୍ଜନ କରିବା । ]

୯୨ । ଗୁଡ଼ ଟେଳା ହେଲେ ଚଳ, ପୁଅ ବେଢ଼ା ହେଲେ ଭଲ ।

୯୩ । ଗୁଡ଼ ଅଭାବେ ତେନ୍ତୁଳି ପଣା ।

୯୪ । ଗୁଡ଼ ଘରେ ପିମ୍ପୁଡ଼ି ଖାଇପିବା ।
[ଅତ୍ୟନ୍ତ ଲାଭପ୍ରଦ ପରିସ୍ଥିତି । ]

୯୫ । ଗୁଣ ଥିଲେ କାନ୍ଧ, ବାଳ ଥିଲେ ବାନ୍ଧ ।

୯୬ । ଗୁଣ ଥିଲେ ବାହୁନା, ଘର ଥିଲେ ଗୁହାଳି ।

୯୭ । ଗୁଣ ସୁନ୍ଦର ବୋଲି ତୋଳ ପିନ୍ଧିବ କି ?
ରୂପ ସୁନ୍ଦର ବୋଲି ପାଣି ଶୋଇବ କି ?

୯୮ । ଗୁଣିଆ ନ ଡାକିଲେ ଡାହାଣୀ ନ ଛାଡ଼େ ।

୯୯। ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ ।
[ବଣିଆ ସୁନା ଚିହ୍ନିଲା ପରି ପ୍ରକୃତ ଗୁଣୀ ଲୋକ ଅନ୍ୟର ଗୁଣ ଗ୍ରହଣରେ ସମର୍ଥ । ]

୧୦୦ । ଗୁଣ ସାଗର, ଗୁଣ ରଖିଗଲ୍ ଅଖା ଭିତର ।
ଅଖା ଖୋଲୁଥିବ, ଗୁଣ ଗାଉଥିବ ।
[କୃଷ୍ଣ ଓ ଅକ୍ରୂରଙ୍କର ବାର୍ତ୍ତା ପ୍ରତି ବ୍ୟଙ୍ଗୋକ୍ତି । ]

୧୦୧ । ଗୁଣ ଟାଣିଲୁ ଧନୁ ଟାଣି ।

୧୦୨ । ଗୁଣ ଥିଲ୍ ଶ୍ରେଷ୍ଠ କନ୍ଦର୍ପ ।

୧୦୩ । ଗୁଣ ଦାନ୍ତେ ଧନୁ ବଙ୍କା,
ଚନ୍ଦ୍ର ବଙ୍କା ଧବଳ ଦାନ୍ତେ,
ଟେଲୁଲା ସବନ୍ଦୀ ବଙ୍କା,
ମୂର୍ଖ ବଙ୍କା ସବୁଦାନେ ।
[ମୂର୍ଖ ଲୋକଙ୍କୁ ବୁଝାଇ ବାଟକୁ ଅଣିବା କଠିନ । ]

୧୦୪ । ଗୁଣକୁ ପୂଜା, ଅବଗୁଣ ହେଲେ ବାଇଧ ବଙ୍କା ।
[ମନ୍ଦ ଗୁଣ ଯୋଗୁଁ ଶୀଘ୍ର ଦୁର୍ନାମ ରଟେ । ]

୧୦୫ । ଗୁଣ୍ଡିମୂଷା ସେତୁବନ୍ଧ ବାନ୍ଧିବା ନ୍ୟାୟ ।
(ପୌରାଣିକ ପ୍ରବଚନ ।)
[ନିସ୍ତାପର ବ୍ୟକ୍ତିର କ୍ଷୁଦ୍ର ଉଦ୍ୟମ ଫଳରେ ବୃହତ୍ କାର୍ଯ୍ୟ ସାଧିତ ହୋଇପାରେ । ]

୧୦୬ । ଗୁପ୍ତ ଦାନର ଗୁଣ ବେଶୀ,
ଗୁପ୍ତ ପାପର ଦୁଣ ବେଶୀ ।

୧୦୭ । ଗୁଡ଼ କୁଟା ଅଣି ଘରେ ପୂରାଇବା । [ଅଭିଳେଖ]

୧୦୮ । ସୁସ୍ଥକୁ ମାଇଲେ ମୂର୍ଖକୁ ପଡ଼େ ।
[ନୀଚ ବା ଖଳ ଲୋକର ସମାଲୋଚନା କଲେ, ନିଜେ ଲଜ୍ଜିତ ହେବାର ସମ୍ଭାବନା ଅଛି । ]

୧୦୯ । ସୁସ୍ଥ କାଢ଼ି କାଉଁ ଗାଲରେ ହାତ ?
[ନୀଚ କାର୍ଯ୍ୟ କରି ଉଦ୍ଧତ ଭଙ୍ଗୀ ପ୍ରକାଶ କରିବା ।]

୧୧୦ । ସୁସ୍ଥର ଲୁଚପିଠି ସମାନ ।
[ଯାହା ନୀଚ ଓ ଘୃଣ୍ୟ ତାହାକୁ ଯେଉଁ ଦିଗରୁ ବିଚାର କଲେ ମଧ୍ୟ ସେହି ଏକାକଥା ।]

୧୧୧ । ସୁସ୍ଥରେ ଗୋବର ଲେପିବା ।
[ଅଧିକ ଅପବିତ୍ର କରିବା ।]

୧୧୨ । ସୁସ୍ଥାଳ ସୁତର ଗାଣ୍ଡି ଦୁମାଳ ପଡ଼ଶ ।
[ଆଦର, ଯତ୍ନ ପାଇଲେ ଲୋକେ ବଡ଼ ବଡ଼ ଅଣି ପହଞ୍ଚନ୍ତି ।]

୧୧୩ । ଚେଣ୍ଡ୍ରା ଦେହାଇ ଖର୍ଚ ଯାଲ୍ଟେ ।
[କ୍ଷୁଦ୍ର ନଗଣ୍ୟ ବସ୍ତୁ ସମୟକ୍ରମେ ମୂଲ୍ୟବାନ ବସ୍ତୁରେ ପରିଣତ ହୁଏ ।]

୧୧୪ । ଚେଣ୍ଡ୍ରେଇଷୁଣୀଲୋ, 'ପିଠା ଖା ମୋ ଗୋଡ଼ ନ କାଟ ।
[ଏହି କଥା କହି ଗ୍ରାମର ସ୍ତ୍ରୀଲୋକମାନେ ଶ୍ରାବଣ ଅମାବାସ୍ୟା ଦିନ ପୋଖରୀରେ ନଡ଼ିଆ ପିଠା ପକାଇ ଦେଇ ଆସନ୍ତି । ଏହା କଲେ ଚେଣ୍ଡ୍ରା ଗୋଡ଼ କାଟିବନାହିଁ ବୋଲି ପ୍ରଚଳିତ ବିଶ୍ୱାସ । ]

୫। ଗୋ କନ୍ୟା ଭାଗ୍ୟେ ଥିଲେ ପାଇ ।
[ଭଲ ଗୋଟିଏ କନ୍ୟା ଗୁଣବତୀ ସ୍ତ୍ରୀଟିଏ ପାଇବା ଭାଗ୍ୟ ଉପରେ ନିର୍ଭର କରେ । ]

୬। ଗୋଇଠା ମାରି ଶିଷ୍ଟ ନେହୁରା ।
[ପ୍ରଥମେ ଅପମାନ ଦେଇ ପରେ କ୍ଷମା ପ୍ରାର୍ଥନା କରିବା । ]

୧୧୭। ଗୋଇଠା ମାରି ଫଣସ ପଚାଇବା ।
[କୃତ୍ରିମ ଉପାୟରେ କଞ୍ଚା ଫଣସ ପଚାଇବା । ]

୧୧୮। ଗୋଇଠା ଖାଇ ଗୋଇଠା ମାରିବା ଗୋଡ଼କୁ ଆଉଁସିବା ।
[ତୋଷାମଦ କରିବା । ]

୧୧୯। ଗୋଟିଏ ଧାନକୁ ରଙ୍କା ମୂଲ୍ୟ ଦେଇପାରେ ନାହିଁ ।
[ଦେଢ଼ିବୁଢ଼ି ସୁଧରେ କରଜ ନେଇଥିବା ଧାନ ସୁଝିବା କଷ୍ଟକର । ]

୧୨୦। ଗୋଟିଏ ଗୁହାଳରେ ବନ୍ଧା ।
[ସୂଦର ନିର୍ଗୁଣ ତେବେହେଁ ।]

୧୨୧। ଗୋଟିକଣାକ ତୁଳସୀ ।
[ଦୋଷଶୂନ୍ୟ ବାଳକ । ଭଣ୍ଡ, ଅସାଧୁ ବାଳକ ପ୍ରତି ବ୍ୟଙ୍ଗୋକ୍ତି । ]

୧୨୨। ଗୋଟିଏ ହାତରେ ତାଳି ବାଜେ ନାହିଁ ।
[କଳହ ବା ବିବାଦ ପାଇଁ ଦୁଇପକ୍ଷ ଦୋଷୀ ହୁଏ । ]

୧୨୩। ଗୋଟାଏ ଢେଲରେ ଦୁଇଟା ଆମ୍ବ ଝାଡ଼ିବା ।
[ଏକାବେଳକେ ଦୁଇଟି କାର୍ଯ୍ୟ ସାଧନ କରିବା । ]

୧୨୪ । ଗୋଟାଏ ହାଣ୍ଡିରେ କାଶି ଆଉ ଗୋଟାଏ ହାଁ ଛିଙ୍କି ଦେବା ।
[ଅତ୍ୟନ୍ତ ବୁଦ୍ଧିମାନ୍ ଓ ସିଆଣା ବ୍ୟକ୍ତି ।]

୧୨୫ । ଗୋଠଛଡ଼ିଆ ଗାଈ ।
[ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ସଙ୍ଗେ ମିଳି ମିଶି ରହିବାକୁ ସୁହାଏ ନାହିଁ ।]

୧୨୬ । ଗୋଠ ଷଣ୍ଢିଅର ଗୋବରଇଁ ମଠର ।

୧୨୭ । ଗୋଠ ମାଡ଼ିଲେ ଷଣ୍ଢିଅ (ଷଣ୍ଢା) ମାଡ଼ନ୍ତି ।
[କୌଣସି ଦଳ ବା ଗୋଷ୍ଠୀ ଅନ୍ତର୍ଗତ ଦୁର୍ବଳ ଓ ଅସମର୍ଥ ଲୋକେ ଅନ୍ୟମାନଙ୍କ ସଙ୍ଗତରେ ମାଡ଼ ଜିତନ୍ତି ।]

୧୨୮ । ଗୋଠ ସୁସ୍ଥାର ଥିଲେ ଗାଈ ସ୍ୱମାଳା ପଡ଼େ ।

୧୨୯ । ଗୋଠକୁ ସୁନ୍ଦର ଗାଈ, ଗାଁକୁ ସୁନ୍ଦର ଜହ୍ନଆଲୁଅ ଛାଇ,
ସ୍ତ୍ରୀଅଙ୍କୁ ସୁନ୍ଦର ଗୋଇଁ, ଘରକୁ ସୁନ୍ଦର ପିତଳ ଚୌବାଡ଼ି ।

୧୩୦ । ଗୋଡ଼ଠେ ଅଣ୍ଡିରା ଘରେ ମାଣ୍ଡି, ବଂଶ ବୁଡ଼ିଲାରେ ଖାନ୍ ।

୧୩୧ । ଗୋଡ଼ାଇଥିବୁ ଧରିବୁ ନାହିଁ, ଡରାଇଥିବୁ ମାରିବୁ ନାହିଁ ।
[ଦଣ୍ଡବିଧାନ ନ କରି ଭୟପ୍ରଦର୍ଶନ ଦ୍ୱାରା କାର୍ଯ୍ୟସାଧନ ବିହିତ ଅଟେ ।]

୧୩୨ । ଗୋଡ଼ ଖସିଲେ ଜଣେ ମରେ,
ତୁଣ୍ଡ ଖସିଲେ ବଂଶ ମରନ୍ତି ।
[ କଥା କହି ନ ଜାଣିବା ଫଳରେ ବହୁ ଲୋକ କ୍ଷତିଗ୍ରସ୍ତ ହୁଅନ୍ତି । ]

୧୩୩ । ଗୋଡ଼କୁ ସୁନ୍ଦର ଦେଉଡ଼ି ଟଙ୍କା, ମୁଣ୍ଡକୁ ସୁନ୍ଦର ଓଢ଼ଣା ଛତା ।

୧୩୪ । ଗୋତ୍ରମଣ୍ଡ ଭାଙ୍ଗୁକ, ବଂଶ ମଣ୍ଡ ଗୁଣ୍ଡୁରୁ ।
[ ଦେଶ ଶତ୍ରୁର ବଶୀଭୂତ ହୋଇ ଆତ୍ମୀୟ ସ୍ୱଜନମାନଙ୍କର କ୍ଷତି ଘଟାଏ । ]

୧୩୫ । ଗୋଦଣ୍ଡ ଦେଖ ! ତା ଗୋଡ଼କୁ ଅନା ।
[ଦୋଷଦର୍ଶୀ ଲୋକଙ୍କୁ ପ୍ରଥମେ ନିଜ ଦୋଷ ସମ୍ବନ୍ଧରେ ଅବହିତ ହେବା ପାଇଁ ଉପଦେଶ ବଚନ । ]

୧୩୬ । ଗୋଦର ଗୋଡ଼କୁ ଫୁଲ ଚନ୍ଦନ ।
[ଅଯୋଗ୍ୟ ପାତ୍ରରେ ଅର୍ଘ୍ୟ ପ୍ରଦାନ । ]

୧୩୭ । ଗୋଦର ଗୋଡ଼ର କଣ୍ଟା ଫୁଟିଲେ ଫୁଟିଲେ ଯାଏ ।

୧୩୮ । ଗୋଦର ଦେଖିଲେ ଲସିବ, ଦାନ୍ଦୁର ଦେଖିଲେ ହସିବ ।
[ଯେ ଦାନ୍ଦୁର ହୁଏ ସେ ଆଉ ଦାନ୍ଦୁର ହେବାର ଆଶଙ୍କା ନାହିଁ, କିନ୍ତୁ ଗୋଦର ହେବାର ସମ୍ଭାବନା ରହିଛି । ]

୧୩୯ । ଗୋଦର ଗୋଡ଼ରେ ଲାତି ପୋଟଳା ।
[ଦୁଇଟି ରୋଗ ବା ଦୁର୍ଗୁଣର ଏକତ୍ର ସମାବେଶ । ]

୧୪୦ । ଗୋଦର ଗୋଡ଼େ ଯେତେ ମାଡ଼େ ସେତେ ।
[ ଗୋଟିଏ ଦଳରୁ କାର୍ଯ୍ୟରେ ଅଗ୍ରସର ହେଉଥିବାବେଳେ ନିଜର ଅସାବଧାନତା ବା ଅନାଗ୍ରହବଶତଃ ହେଉଥିବାର ଅନ୍ୟ ଦୃଷ୍ଟିରୁ ବହୁତ ଦୋଷ ତ୍ରୁଟି ରହିଗଲେ ଏହି ଉଦାହରଣ ଦିଆଯାଏ । ]

୧୪୧ । ଗୋଦର ଦୋଷ, ଏ ଦୁର୍ଦ୍ଦିନେ ନାହିଁ ବିଶ୍ୱାସ ।
[ଜଳବାୟୁ ଥିବାରୁ ଚେଷ୍ଟାକଲେ କାହାକୁ ଅଜମଣି ଖବର ଠିକଣା ନାହିଁ । ]

୧୪୨। ଚୋରଦାସଙ୍କ ଶ୍ରୀକାନ୍ତୀ (ଶ୍ରୀମତୀ) କହୁଥିଲେ ସେ ଚୋରି ଭୁଲିଲାଣି ପଛାଏ।
[ଅଭ୍ୟାସରେ ସମ୍ମାନ ଅର୍ଜନ କଲେ ସେ ଗର୍ବରେ ଫୁଲେ।]

୧୪୩। ଚୋଖି ଖାଟ ବାଣ ପଡ଼ଥଣ୍ଡ ମାଇଲେ ଗ୍ରତିଭ (ଅନ୍ତର୍ବ୍ୟାସ।)

୧୪୪। ଚୋରପେଟରେ ବାଢ଼ିବା।
[ଗୁପ୍ତ କଂସର ଅଜ୍ଞାତସାରରେ ଚୋରପେଟରେ ବାଢ଼ିବା ଓଳି ଅଲକ୍ଷ୍ୟରେ ଥିବା।]

୧୪୫। ଚୋରର ସାକ୍ଷୀ ନ ଥାଇ ଚୌତେଜର (ଗାଣ୍ଠିଆ) ସେପାଞ୍ଚିବା।

୧୪୬। ଚୋରକୁ ଚେହ୍ଲାଇଁ ପାଞ୍ଚଲମ୍ବିଦାଳୀ ଦେଖାଇବା।
[ପ୍ରଲୋଭନ ଦେଖାଇବା।]

୧୪୭। ଚୋରବଧ ପାତକ ମହାଦେବଙ୍କୁ ପାର ଯାଉନାହିଁ।
[ପୌରାଣିକ ପ୍ରବଚନ। ମହାଦେବ ପୂଜା ପାଇଁ ରଖିଥିବା ଫୁଲ ଚୋରିଏ ବାଳୁଙ୍ଗା ଚୋରିଯିବାରୁ ମହାଦେବ କ୍ରୋଧରେ ସେ ବାଳୁଙ୍ଗାଟିକୁ ହତ୍ୟା କଲେ ଏବଂ ତାଙ୍କର ଏହି ପାପ ନିମନ୍ତେ ବାଳୁଙ୍ଗାର ମୁଣ୍ଡଟି ତାଙ୍କ ହାତରେ ଲାଗିରହିଲା।]

୧୪୮। ଚୋରବଧ ପାତକ ଚାଞ୍ଚିଆ ମୁଣ୍ଡରେ ଯାଏ।
[ନିଜକୃତ ପାପ ଅନ୍ୟ ବ୍ୟକ୍ତି ମୁଣ୍ଡରେ ଲଦି ପ୍ରାୟଶ୍ଚିତ୍ତରୁ ନିସ୍ତୃତ ଲଭିବା।]

୧୪୯। ଚୋରର ଗଣେଶ। (ଅକର୍ମଣ୍ୟ ଓ ଅପାଙ୍ଗ୍ୟ ବ୍ୟକ୍ତି।)

[illegible] ଖୀରସରେ ପୋଡ଼ିଥାଏ ଯେଣୁ ମହି ଦେଖିଲେ ଡରେ ।
[ଉତୁଳା ଦୁଧରେ ହାତ ପୋଡ଼ି ପକାଇଥିବା ବ୍ୟକ୍ତି ଦହି ଦେଖି ଭୟ କରେ ।]

୧୫୧ । ଗୋରୁ ମାରି ଜୋତା ଦାନ ।
[ପାପ ଅର୍ଜିତ ଅର୍ଥ ଦ୍ୱାରା କିଛି ପାପରୁ ଉଦ୍ଧାର ପାଇବା ପାଇଁ ଚେଷ୍ଟା କରିବା ।]

୧୫୨ । ଗୋରୁ ମାରିଲେ ମଲି, ଗୋରୁକୁ ମାରିଲେ ମଲି ।
[ଦୋଟାଇ ବା ଦୋଛକିରେ ପଡ଼ି ନିଜର କର୍ତ୍ତବ୍ୟ ନିରୂପଣ କରି ନ ପାରିବା ।]

୧୫୩ । ଗୋରୁ ଲାଙ୍ଗୁଡ଼ ଛୁଇଁ ସଂକଳ୍ପ କରିବା ।
[ଗୋରୁ ଲାଙ୍ଗୁଡ଼ ଛୁଇଁ ମିଥ୍ୟା କହିଲେ ଘୋର ପାପ ହୁଏ ବୋଲି ଲୌକିକ ବିଶ୍ୱାସ ।]

୧୫୪ । ଗୋରୁ ଲାଙ୍ଗୁଡ଼ ଧରି ବୈତରଣୀ ପାରି ହୋଇଯିବା ।
[ପହଁରି ଜାଣି ନଥିବା ଲୋକ ଗୋରୁ ଲାଞ୍ଜ ଧରି ନଦୀ ପାରି ହୋଇଯିବା ପରି ଅନ୍ୟର ଅଣ୍ଟା ଧରି ଉଦ୍ଧାର ପାଇଯିବା ।]

୧୫୫ । ଗୋରସ ଅମିଷ ଏକାଠେଇଁ ବିଷ । (ସ୍ୱାସ୍ଥ୍ୟରକ୍ଷା ବଚନ ।)

୧୫୬ । 'ଗୋରୁ ଠାକୁଆ ବଞ୍ଚନ୍ତି, ମଣିଷ ଠାକୁଆ ମରନ୍ତି ।

୧୫୭ । ଗୋରୁ ମୁଣ୍ଡ ଥାପି କଣା ତୋଳିବା ।
[କଣା କ୍ଷେତ୍ରରେ ବନ୍ୟଜନ୍ତୁମାନଙ୍କୁ ଦୂରଛଡ଼ାଇବା ପାଇଁ ଗୋରୁମୁଣ୍ଡ ଥାପିଲା ପରି ଅନ୍ୟକୁ ଆଗରେ ରଖି ନିଜର ସ୍ୱାର୍ଥ ସାଧନ କରିଯିବା ।]

୧୫୮ । ଗୋରୁ ପଛକେ ମରୁ, ମାଣିକ ବାହାରୁ ।
[ଗୋରୁ ମୁଣ୍ଡରେ ମାଣିକ ଥାଏ ବୋଲି ଜନଶ୍ରୁତି ଅଛି ।]

୧୫୯ । ଚୋଲ୍ଲ ମାଛ ଶାଗୁଣା ଚପାଗିବା ।
[ଉପକାରୀ ବ୍ୟକ୍ତିର ଅନିଷ୍ଟ ସାଧନ କରି ଅପକାରୀ ବ୍ୟକ୍ତି କଲ୍ୟାଣ ସାଧନ କରିବା । ]

୧୬୦ । ଚୋଟେଇଁ ନଥିଲେ ଘନ ଚେର ।
[ଗୃହର ମୁରବୀ ନଥିଲେ ଭୃତ୍ୟଗଣ ତାହାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ନାନା ବିଶୃଙ୍ଖଳା ଘଟାଇ ଥାନ୍ତି । ]

୧୬୧ । ଗ୍ରହଣ ଡେଣ୍ଡିଆ ।
[ ଚନ୍ଦ୍ର ବା ସୂର୍ଯ୍ୟଗ୍ରହଣ କାଳରେ ମାତାର ଗର୍ଭଧାନ ହୋଇଥିଲେ ଶିଶୁ ଭଦ୍ରାକାର ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି । ]

## —ଘ—

୧ । ଘରୁଛି ଅଟଣାଟ୍ୟ ପଡ଼ଶୀ, ମାଇପ ଶୁଏ ସନ୍ତୁରି ବଢ଼େଇ ।

୨ । ଘରୁଡ଼ା ଶାଶ୍ୱାର ଜନକ ପାଉର, ତାଙ୍କୁ ପାଟଶାଢ଼ୀ ଦେଉଛେ ମାଉର ।

[ ଶାଶ୍ୱାର ସ୍ୱାମୀ ରାଜାଙ୍କର ଚାକ୍ରାପରଲୋକ, ତାଙ୍କୁ ପାଟଶାଢ଼ୀ ଅଦ୍ଭୁତ ଲାଗେଁ । ]

୩ । ଘରୁଡ଼ା ଘର ଘର ବୋଉନି ମାଲୁଣ ଜଳେଇ ଅଖି ଦେଖାଇବା ।

[ସ୍ୱାମୀର ଜୀବନ ସଙ୍କଟାପନ୍ନ ଥିବା ଅବସ୍ଥାରେ ସ୍ତ୍ରୀ ସିନ୍ଦୂର ଜାଜଳି ଦେଖିବା । ]

୪ । ଘରୁଡ଼ା ପଡ଼ୁଛି ମଣ୍ଡୁ, ସଭାବୁଣୀ ଖୁଣ୍ଡ ଦେଖ ।

[ନିଜର ଘର କାଣ୍ଠ ପ୍ରତିବେଶୀ ଉପରେ ଧାଡ଼ି ସାଧିବା । ]

୫ । ଘଣ୍ଟିକି ଘଣ୍ଟି ଅନ୍ତର ।

୬ । ଘଣ୍ଟେକେ ଚୋଡ଼ା ଫୁଟିବ ।

} ଘନ ଘନ ପରିବର୍ତ୍ତନ ଘଟିବା ।

୭ । ଘଣ୍ଟକ ସ୍ୱାମୀ ଖାଣ୍ଡାଢ଼ ତୋଡ଼େ । (ଢୋଡ଼େ)

[ଅଳ୍ପକାଳ କ୍ଷମତାରେ ଥିବା ଲୋକ ତାହାର ପ୍ରଭାବ ଦେଖାଇବା ପାଇଁ ଚେଷ୍ଟାକରେ । ]

୮ । ଘଣ୍ଟା ବାଜିଦ, ଘଣ୍ଟାକୁ ଫିଟିଗଲା ଚୋଥିକା ଲିଦ ।
[ଢେଙ୍କିଘର ବାଜିଦାର କମା ବାହାମ ନ ଥାଏ । ]

୯ । ଘଣ୍ଟା ବାଜିଦାର ଗୋଠର କି ସମ୍ଭବ !
[ଗୋଠକୁ ଯିବାପାଇଁ ତାକୁ ଅବସର ମିଳେ ନାହିଁ । ]

୧୦ । ଘଣ୍ଟାର ଅଟେଇ କି ଡଣ୍ଟାର ଟାଣି ।
[ଡଣ୍ଟା ଘଣ୍ଟାରେ ଅନାବଶ୍ୟକର ଟେଜି ହୋଇଯାଏ । ]

୧୧ । ଘର ଭିଙ୍କି କମ୍ବୀର ।
[ ଆତ୍ମୀୟ ଲୋକେ ବିଶ୍ୱାସଘାତକତା ଆଚରଣ କରିବା । ]

୧୨ । ଘର ଲାଞ୍ଜ ଅଣ୍ଟିରେ ଘୂରେଇବା ନ୍ୟାୟ ।
[ନିଜ ଘରର ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ବୃଥା ଚେଷ୍ଟା କରିବା । ]

୧୩ । ଘରପୋଡ଼ାଠାରୁ ବାପକୁ ନାହିଁ ; ଘୋଡ଼ାଚଢ଼ାଠାରୁ ସମ୍ଭ୍ରମ ନାହିଁ !

୧୪ । ଘର ପୋଡ଼ିରୁ କୁଟାଗିଏ ମିଳିଲେ ସବୁ ।
[ସର୍ବସ୍ୱ ନଷ୍ଟ ହୋଇ ଯାଉଥିବା ବେଳେ ଅଳ୍ପକିଛି ମିଳିଲେ ତାହା ଶ୍ରେୟସ୍କର । ]

୧୫ । ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି, କଣା (ଅନ୍ଧ) ଭଣ୍ଡୁଙ୍କୁ ମେଘ ଦୁଲୁକୁଛି ।

୧୬ । ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି, ପୁଅ ଲୁଆଣିଆପଣ ଘୁଷୁନାହିଁ ।
[ଅସଲ ବିପଦ ପ୍ରତି ସଚେତନ ନ ଥିବା ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ । ]

୭ । ଘର ଗଉଣୀ ମା ବାପ ।
[ଅପଣା ଗୃହରେ ସଞ୍ଚିତ ଧାନ ପିତାମାତା ପରି ବଞ୍ଚାଏ । ]

୮ । ଘର କଥା ଘୋର ।
[ଘର କଥାରେ ନାନା ଲଞ୍ଛନା ଓ ବହୁ ଦୁଃଖକଷ୍ଟ ସହିବାକୁ ପଡ଼େ । ]

୧୯ । ଘର କହୁଛୁ ଷାଣ୍ଢରେ, ଘରତେ ନ ମିଳୁ ବାଣ୍ଡରେ, ଘରଦ୍ୱାର ଭାଙ୍ଗୁ ଅଣ୍ଟରେ ।

୨୦ । ଘରକୁ ସୁନ୍ଦର ଚୁଡ଼ା ଚୁଡ଼ୀ, ଦାନ୍ତକୁ ସୁନ୍ଦର ଦନ୍ତା ମୁଣ୍ଡି ହାତକୁ ସୁନ୍ଦର ବାହାଚୁଡ଼ି, ଛାତିକି ସୁନ୍ଦର ଟଙ୍କାଟେଣ୍ଡି, କାନକୁ ସୁନ୍ଦର କୋଡ଼ାକୋଡ଼ି ।

୨୧ । ଘର ଭଣୀ ଭଣୀ ( ଭନ ଭନ ) ବାହାରେ ଝୋଟି ( ଝୁଣ୍ଟି )
[ ସମ୍ବଲପୁରର ଘର ଭିତର ଅନ୍ଧାରେ ପୁଣ୍ଟି, ଅଥଚ ବାହାରେ ଶୋଭା ପଡ଼ୁଛି । ]

୨୨ । ଘର ପରସୁଣେ ବାଲେଇ, ଦାସୀ, ଖୁଣ୍ଟାନ୍ତ ଟୋପି ବାଉଳି ପାଇଁ ।
[ ଲୁଗାପଟା ଅଧ ଘରେ ଧୂଆ ହୋଇଥିବା ବେଳେ ସେଥିରେ ବାଘୁଣିମାନେ ଖୁଅନ୍ତି । ]

୨୩ । ଘର ତୋଳିବାକୁ ବହୁତ କାଳ, ଭାଙ୍ଗିବାକୁ ଦଣ୍ଡେ ବେଳ ।
[ ଗଢ଼ିବାକୁ ଯେତେ ସମୟ ଲାଗେ, ଭାଙ୍ଗିବାକୁ ସେତେ ଲାଗେ ନାହିଁ । ]

୨୪ । ଘରଭେଦେ ରାବଣ ମଲା ।
( ପୌରାଣିକ ପ୍ରବଚନ । )

[ ରାବଣ ଓ ବିଭୀଷଣ ମଧ୍ୟରେ ଗୃହବିବାଦ ହିଁ ରାବଣଙ୍କ ମୃତ୍ୟୁର ପ୍ରଧାନ କାରଣ । ]

୨୫ । ଘର ଦେଖ, ବର ଦେଖ, କାନ୍ଥ ଖୋଲି ଝିଅ ଦେଖ ।
[କନ୍ୟା ବିବାହ ଦେବା ଦେଖିଲେ ବରପରର ସବୁ କଥା ଉତ୍ତମ ଭାବରେ ବୁଝି ସୁଝି ଦେବାକୁ ହୁଏ । ]

୨୬ । ଘର ପଡ଼ୁ ପୋଡ଼ୁ, ଓଢ଼ଣି ତ ମଇଲି ।
[ ସାମାନ୍ୟ ଉପକାର ପାଇଁ ବୋର କ୍ଷତି ବରଣ କରିବା ଭଳି ମୂର୍ଖତା । ]

୨୭ । ଘରପୋଡ଼ି ବେଳେ କୁଅ ଖୋଳା ।
[ ହାସ୍ୟାସ୍ପଦ କଥା । ]

୨୮ । ଘର ଭାଙ୍ଗିଲେ ଧନ ଧଣ୍ଡୁରେ କାଠ ।
[ କାଠର ଅଭାବ ରହେ ନାହିଁ । ]

୨୯ । ଘର ଭିତରେ ଦେଉର, ସହରରେ ଶ୍ୱଶୁର ।

୩୦ । ଘର ଭିତରେ ଦାଣ୍ଡ ନଚେଇବା ।
[ ଘର ଭିତରେ ନାନା ଅଶାନ୍ତି ଓ ଅତ୍ୟାଚାର କରିବା । ]

୩୧ । ଘରର କେହି ନୁହେଁ, ଧାନ ବେଁଷରେ କୁଆ ବସେଇ ଦାଣ୍ଡନି ।
[ ଅନଧିକାର ଚର୍ଚ୍ଚା ]

୩୨ । ଘର ଧାଁ ନ ପୁଛି ପର ଧାଁ ପୁଛିବା ।
[ ନିଜ ସନ୍ତାନ ଓ ସମ୍ପତ୍ତିରେ ଯାହା ଉପୁଜୁଛି ତାହା ପ୍ରତି ଅବହେଳା ପ୍ରଦର୍ଶନ କରିବା ]

୩୩ । ଘର ଗାଈ ଓଳେଇ କୁଆର ମୁହଁରେ ପୋଷାଣ୍ଡ ବସିବା ।
[ ପଣ୍ଡ ପରିଶ୍ରମ କରିବା । ]

। ଧରଣୀ ଗଙ୍ଗା, ଘେଣ୍ଟ ପିଲଙ୍କର ବାପଙ୍କୁ ସଙ୍ଗା ।

୭ [ କୃପଣ ସ୍ତ୍ରୀ ]

। ଧରମୁହାଁ, ସ୍ୱରମୁହାଁ, ମାଇମୁହାଁ, ଭାତମୁହାଁ ଏ କୁହନ୍ତି କାହିଁ ।

[ ଏମାନେ ଜୀବନରେ ଉନ୍ନତି କରି ପାରନ୍ତି ନାହିଁ । ]

୩୬ । ଧରକରଣୀ ବୁଝି ଯାହାକୁ ଅତେଷ, ଗାଣ୍ଡିକୁ ମୁଣ୍ଡକୁ ଲଗା ଟେଣ୍ଡା ଦେଇ ବଢେ ।

[ ମିତବ୍ୟୟୀ ବ୍ୟକ୍ତି । ]

୩୭ । ଧଣ୍ଡି ଖାଇ ଘୋଡା ଅଗରେ ଡେଇଁବା ।

୩୮ । ଧଣ୍ଡି ଖାଇ ବଣିଜ ଶିଖିବା ।

[ ବିନା ପାରଦର୍ଶିତାରେ ଅନ୍ୟର କାର୍ଯ୍ୟ କରିବା । ]

୩୯ । ଧରେ ନ ପଶୁଣୁ ଗୁଳ ବାଜିବା ।

[ କୌଣସି କାର୍ଯ୍ୟ କରିବା ପୂର୍ବରୁ ବାଧା ଜାତ ହେବା । ]

୪୦ । ଘରେ ନାହିଁ ନେଣ୍ଟୁଲୁଣ, ବାଣ୍ଡରେ ଦେଖ ଗୁଡରାପଣ, ସଭାରେ ବର୍ଣ୍ଣଣ ଭଜା ଭଜଣ ।

[ ବୃଥା ବାହ୍ୟ ଆଡ଼ମ୍ବର । ]

୪୧ । ଘରେ ଘରେ ଠାକୁର ବାଡ଼ି ।

[ କୌଣସି ବିଷୟ, ଅନୁଷ୍ଠାନ ବା ପରମ୍ପରା ସର୍ବସାଧାରଣ-ଭାବରେ ନ ଥାଇ ସ୍ୱତନ୍ତ୍ରଭାବରେ ପ୍ରତ୍ୟେକ ଗୃହରେ ଥିଲେ ଏହି ଉଦାହରଣ ଦିଆଯାଏ । ]

୪୨ । ଘରେ ନାହିଁ ଭରନ୍ ଚଟୁ, ପିନ୍ଧୁ ବାହୁଟିଛ ମେଣ୍ଟେ (ମାଣିଆ) ବନ୍ଧୁ ।

[ ବୃଥା ଅଭିଳାଷ ପୋଷଣ । ]

୪୩। ଘରେ ଥାଏ ସିଆନ, ହାଟକୁ ଯାଏ ଗୁଆଁର ।
[ ବୁଦ୍ଧିମାନ୍ ଲୋକ ସ୍ୱାବଲମ୍ବୀ, ତେଣୁ ତାକୁ ପ୍ରତ୍ୟେକ ଜିନିଷ ପାଇଁ ହାଟକୁ ଯିବାକୁ ପଡ଼େ ନାହିଁ । ]

୪୪। ଘରେ ଚୁଲିଦେଇ ଓଷା, ଦାଣ୍ଡରେ ବସି ଶାଗରେ ଘିଅ ହାତ ମାରୁଛି ।
[ ବୃଥା ବାହ୍ୟ ଆଡ଼ମ୍ବର ପ୍ରଦର୍ଶନ । ]

୪୫। ଘରେ ନାହିଁ ଖୁଦ ପାଏ, ଢିଙ୍କୁଣୀ ଦେଖି ହସିଲେ ଯାଏ ।

୪୬। ଘା ଶୁଖେ, କଥା ମେଣ୍ଟେ ନାହିଁ ।
[ କଠିନ କଥା ଅପମାନର ସ୍ମୃତି ମନରୁ ଲୋପ ହୋଇଯାଏ ନାହିଁ । ]

୪୭। ଘାସ କାଟି ଯାଇ ଘରବୁଝଣି ।
[ ଅନଧିକାର ଚର୍ଚ୍ଚା । ]

୪୮। ଘିଅଖିଆ ଦେହ ଝରଣ ପଡ଼ୁଛି ।
[ ଅଭ୍ୟସ୍ତ ଝାଳ ବୋହୁଥିବା ଦେହ । ]

୪୯। ଘିଅ ଖାଇ ତୋରାଣିରେ ଅଚେଇଁ ହେବା ।
[ ଅତ୍ୟଧିକ ଶୌଖି ପ୍ରଦର୍ଶନ କରୁଥିବା ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି । ]

୫୦। ଘାଣି ମୁହଁରେ ଯାଉଛି, ବାଲି ଗଣାକୁ ଗୁଣୁଛି ।
[ ଅନ୍ୟ ବାଟରେ ଧନର ବିପୁଳ ଅପଚୟ ହୋଇଥିବା ବେଳେ ସାମାନ୍ୟ କଥାରେ କୃପଣତା ପ୍ରକାଶ କରିବା । ]

୫୧। ଘିଅ ହାଣ୍ଡିରେ ପଡ଼ିଲା ନା, ମୁଗ ପଥିତରେ ପଡ଼ିଲା ।
[ କୌଣସି ଭଲ ପଦାର୍ଥ ଉପଯୁକ୍ତ କାର୍ଯ୍ୟରେ ଲାଗିବା । ]

ଘୁଙ୍ଗା ଖାହ୍ମା ସପନ ଦେଖେ, ମନ କଥା ମନରେ ରଖେ ।

୭ ଘୁମା ଘୁଙ୍ଗୁଡ଼ା ପାଲୁଆ, ଏ ତିନିହେଁ ଖଲୁଆ ।

ଘୁମୁଡ଼ିଙ୍କୁ ବାଘ ମଣିଷ ନ ଖାଏ ।
[ କାରଣ ମଣିଷମାନେ ତାହାର ଶବ୍ଦ ଶୁଣି ଆଗରୁ ସତର୍କ ହୋଇଯାଆନ୍ତି । ]

୫୫ । ଘୁଷୁରି କି ଜାଣେ ଖାଇଲେ କଦଳୀର ସୁଆଦ ।
[ଅଯୋଗ୍ୟ ବ୍ୟକ୍ତି ଉତ୍ତମ ଜିନିଷ ବ୍ୟବହାର କଲେ ବି ତାର ମୂଲ୍ୟ ବୁଝି ନ ପାରି ସେଥିପ୍ରତି ଅନାଦର ଭାବ ପ୍ରକାଶ କରେ । ]

୫୬ । ଘୁଷୁରି କି ଖାଇବ କଦଳୀ,
ଅନ୍ଧହାତେ ଚଲ୍‌ମୁଦ,
ଖେସ୍ତ୍ର ଦେହଳିକ ସୁବର୍ଣ୍ଣ ପଞ୍ଜୁରୀ,
ଦୋବିଡ଼ ସୁମଦ ଜାଧ ।

୫୭ । ଘୁଷୁରି ପ୍ରକୃତି ପଡିଳା ଚୋଟେ,
ମଣିଷ ପ୍ରକୃତି ମରିଲ ଛୁଟେ ।
[ ଯାହାର ଯାହା ପ୍ରକୃତି ତାହା ସହଜରେ ବଦଳେ ନାହିଁ । ]

୫୮ । ଘୁଷୁରି ଛୁଆ ପଡିଲ, ବାଘ ଛୁଆ ଗୋଟିଏ ।
[ ଅନେକ ମୂର୍ଖ ଅଯୋଗ୍ୟ ସନ୍ତାନ ଜନ୍ମ କରିବାଠାରୁ ଗୋଟିଏ ସୁଯୋଗ୍ୟ ସନ୍ତାନ ଜନ୍ମ କରିବା ସୌଭାଗ୍ୟର ବିଷୟ । ]

୫୯ । ଘୁସୁର ଫୁସୁର ଦୁଇଁରେ ନାକ, ଦେଖିବ ସାଇନାଙ୍କୁ ଖେଳ-ଲୁଚାଇ ।
[ ନପୁଂସ ପ୍ରକୃତି ଅବର୍ଣ୍ଣନୀୟ । ]

୮

୬୦ । ଘୁସୁର ଘୁସୁର ଖୁରିରେ, କାଳିଆ ମାଈକୁ ପରିବେ ।
[ ଅସମର୍ଥ ଅକ୍ଷମ ଲୋକର ଟାଣପଣ ପ୍ରତି ବ୍ୟଙ୍ଗୋକ୍ତି । ]

୬୧ । ଘୋଡ଼ା ଛ' ଟଙ୍କା, ଦାନା ନ' ଟଙ୍କା ।
[ ଘୋଡ଼ା ପାଳିବା ଅର୍ଥେ ଘୋଡ଼ା ଖୋରାକ ଦାମଠା; ଭଳି ମଟେଢ଼ା । ]

୬୨ । ଘୋଡ଼ା ଚଢ଼ାଟାକୁ ସମ୍ଭାଳି ନାହିଁ, ଏବେ ଗୋଡ଼ାଟାକୁ କପଡ଼ ନାହିଁ ।

୬୩ । ଘୋଡ଼ା ଦଉଡ଼ୁ ଦଉଡ଼ୁ ସେଇଁଟି, ହାତୀ ଚାଲୁଚେଲ୍ ଚାଲୁଚେଲ୍ ସେଇଠି ।

୬୪ । ଘୋଡ଼ାର ଦୁଃଖ ମାଉଡ଼ ଘୋଡ଼ା ଜାଣେ ।
[ ଯାହାର ଦୁଃଖ ନିଜ ବ୍ୟତୀତ ଅନ୍ୟ ଜଣେ ଅନୁଭବ କରି ପାରେ ନାହିଁ । ]

୬୫ । ଘୋଡ଼ା ଘାସ ନ ଖାଇଲେ ପୁରାଣ ପଣ୍ଡାର ଦୋଷ ।
[ ଅବୁଝାମଣା ବିଚାର । ]

୬୬ । ଘୋଡ଼ାକୁ ଭାଗବତ ଶୁଣାଇବା ନ୍ୟାୟ । [ ପୁରାଣ ]

୬୭ । ଘୋଡ଼ାକୁ ଡାହାଣିରୁ ନାଶ୍ୟାସ୍ତି, ହାତୀକୁ ଡାହାଣିବ ଉଣ୍ଠାସ୍ତି, ସ୍ତ୍ରୀକୁ ଡାହାଣିବ ମାଟେ, ରଜାକୁ ଡାହାଣିବ ଦାଟେ ।

୬୮ । ଘୋଡ଼ା ଗାଣ୍ଡିରେ ଚୋଷ୍ଟୁଏ ବାଳ ଘୋଡ଼ାକୁ ସୁନ୍ଦର ଦିଶେ ।
[ ଯାହାର ଯାହା ବିଶେଷତ୍ୱ ତାହା ତାକୁ ଶୋଭାଏ । ]

୬୯ । ଘୋଡ଼ାଟାଏ ଦେଇ ଗଧଟାଏ ଆଣିବା ।
[ ମୂଲ୍ୟବାନ୍ ବସ୍ତୁ ବିନିମୟରେ ତୁଚ୍ଛ ବସ୍ତୁ ଆଣିବା । ]

୭୦ । ଘୋଡ଼ା ପିଠି କାଠ ମୁଠି । [ ଉଭୟ ବିପଜ୍ଜନକ ]

ଘୋଡ଼ା ପିଠି, ଖଣ୍ଡା ମୁଠି, ସେ ପାଇବ ତାର ।

୭. [ଏହି ଦୁଇଟିକୁ ଯୋଗ୍ୟ ବ୍ୟକ୍ତି ଏଣା ଚେଷ୍ଟା କରିବା ପାଇଁ ସକ୍ଷମ । ]

ଘୋଡ଼ା ପେଟରୁ ଜନ୍ମ, ଖୋଲଇ ଛାଟକୁ ଡରୁଛି ?

୭୩ । ଘୋଡ଼ା ଦେଖିଲେ କି ଗୁରୁଙ୍କ ପାଇଁ ଅଟକାବ ?

୭୪ । ଘୋଡ଼ାରେ ଚଢାଇଲେ ଚୋରର ଗଧ, ଗାଁ ଏଟି ଦାନାପାଣି ସେଇଟି ଦାନା ।

[ ଭିନ୍ନସ୍ଥାନରେ ସମାନ ଅବସ୍ଥା । ]

୭୫ । ଘୋଡ଼ା, ସ୍ତ୍ରୀ, ଧନ, ଅଟିଲ୍ଲୁ ନ କରିବ ଆନ ।

୭୬ । ଘୋଡବନ୍ତ ବଳିବନ୍ତ ।

[ ଯେତି ଯୋତି ମନେ ଲଗିବା ଦ୍ୟଶ୍ଚ ତୁଚ୍ଛ ବାଂଗାଳି । ]

# —ଚ—

୧ । ଚଇତ, ଶୀତ ଯାଏ ବୋଲିତ ।
[ଚୈତ୍ର ମାସଠାରୁ ଶୀତ ଏକାବେଳକେ ଚାଲିଯାଏ । ]

୨ । ଚଷା ଭିଜାଉ ଅଠା ଭିଜା ।
[ଉଭୟ ପକ୍ଷର ଅବହେଳା ହେତୁ କାର୍ଯ୍ୟରେ ବାଧା ସୃଷ୍ଟି ହେବା । ]

୩ । ଚୁଲା ପୋଡ଼ିବ ନାଁ ଖଣି ଚଣିବ ?
[ ଏକ ସମୟରେ ଦୁଇ କାର୍ଯ୍ୟ କରିବା ପାଇଁ ବୃଥା ଚେଷ୍ଟା କରିବା । ]

୪ । **ଚୋରୁ ଚୋରେ** ଯାଇ ସବୁଦା ଯାଉ ଯେତେଲି ଲେଡ଼େଲ ।
[ ଠକିବାର ଧର୍ମଘର ଆସିବାଳକର ବାଟେଲିଦ ହୁଏ । ]

୫ । ଚଢେ ଗଲେ ବାଉଁଶ ।
[ ଏକ ସମସ୍ୟା କୌଣସି ପ୍ରକାରେ ଅତିକ୍ରମ କରିଗଲେ ପୁଣି କିଛିକାଳ ନିଶ୍ଚିନ୍ତରେ କଟିଯିବାର ସମ୍ଭାବନା । ]

୬ । ଚଢେଇ, ପକ୍ଷୀ ଜନ୍ମରୁ ପାଳିକର ।
[ ଶିଶୁଙ୍କୁ ଚଢାଇବା ପଦ । ]

୭ । ଚୂଲି ଅଇଁଷ, ବେଣ୍ଟା ନିରାମିଷ ।
[ ମାଛ ବା ମାଂସ ରନ୍ଧା ହୋଇଥିବା ଚୂଲିର ଅଗ୍ରଭାଗକୁ ଅମିଷ ଓ ନିମ୍ନଭାଗକୁ ନିରାମିଷ ମନେ କରିବା ଭଳି ହାସ୍ୟାସ୍ପଦ କଥା ।

୮ । ଚୂଲି କି ଜାଣେ ରନ୍ଧଣାର ସୁଆଦ ?

୯ । ଚୂଲି ଉପରେ ଝିଣାର ଘା ।
[ କଷ୍ଟ ଉପରେ ଅତିରିକ୍ତ କଷ୍ଟ ଦେବା ।]

୧୦ । ଚଢ଼େଇ ଚାରଗୁଣୀର ପେଟ କଥା ଜାଣିବା ବ୍ୟକ୍ତି ।
[ ଅତ୍ୟନ୍ତ ଧୂର୍ତ୍ତ ବ୍ୟକ୍ତି । ]

୧୧ । ଟୋକାଣି ମାଛର ମୁଣ୍ଡରେ ବାଡ଼ି ।
[ ଅଗ୍ରଗାମୀ ବ୍ୟକ୍ତିଙ୍କୁ ପ୍ରଥମେ ଦୁଃଖ ଭୋଗ କରିବାକୁ ହୁଏ । ]

୧୨ । ଚଣା ବେଳକୁ ଦାନ୍ତ ନାହିଁ, ଦାନ୍ତ ବେଳକୁ ଚଣା ନାହିଁ ।

୧୩ । ଚତୁରେ ଚତୁରେ କୋଳାକୋଳି ।
[ ଧୂର୍ତ୍ତ ଚତୁର ବ୍ୟକ୍ତିଙ୍କର ଛଳନାପୂର୍ଣ୍ଣ ମିଳନ । ]

୧୪ । ଚତୁର ଚେଲ୍ ଗୁଡ଼ର ଖାଏ, ଅତି ଚତୁର ବାସ୍ତା ଖାଏ ।
[ ଅତି ଚତୁର ବ୍ୟକ୍ତି କେତେକ ବେଳେ ବିପଦରେ ପଡ଼ନ୍ତି । ]

୧୫ । ଚାବୁଥିବ ମାରିବ ନାହିଁ, ଗୋଡ଼େଇବ ଥିବ ଧରିବ ନାହିଁ ।
[ ଦଣ୍ଡ ବିଧାନ ଅପେକ୍ଷା ଭୟପ୍ରଦର୍ଶନ ଅଧିକ ଫଳପ୍ରଦ । ]

୧୬ । ଚନ୍ଦ୍ରମଣ୍ଡଳ ମଧ୍ୟରେ ତାରା, ମେଘ ବରଷିଲ ମୁଷଳଧାର ।

୧୭। ମେଣ୍ଢା ଜାଣେ କି ଲୁଣି ଜାଣେ ।
[ ଯିଏ ଯେଉଁ କାମର ଦାୟିତ୍ୱ ନେଇଛନ୍ତି ସେ ସେଇଆ ବୁଝନ୍ତି । ]

୧୮। ମେ ଉଲୁଣି ଯଉ ଲଟି ନଦ୍ଧିବା ।
[ କୌଣସି ବିଷୟରେ ଜିଦ୍ ଧରିବା ।]

୧୯। ମେ ଦଉଡ଼ି, ଘାଣ୍ଡି ଥିଲେ ଅଛି ଜଉଡ଼ି ।
[ ମନୁଷ୍ୟ ଯେତେ ଦୁର୍ବଳ ହୋଇ ପଡ଼ିଲେ, ଅସ୍ଥି ଯେଁ ଥିଲା ପର୍ଯ୍ୟନ୍ତ ଧନ ଅର୍ଜନ କରିପାରେ । ]

୨୦। ମେ ଧନ ଶଧନ ଧନ, କଂସା ପିତଳ ଅଧେ ଧନ ।
ସୁନା ରୁପା ପୁରା ଧନ ।

୨୧। ମେ ବାଉଦ କୋଟଣ, ଲୁଣ୍ଡ ବାଇଦ ସହସ୍ର କୋଶ ।
[ ମୁର୍ଖର କଥା ଅତିଶୀଘ୍ର ଦୂର ଦୂରାନ୍ତରକୁ ବ୍ୟାପିଯାଏ । ]

୨୨। ମେରେ ସିଅଁରୁ କି କାମରେ ସିଅଁରୁ ।
[ କେତେକ ମନୁଷ୍ୟର ରୂପକୁ ଆଦର କରନ୍ତି, ଗାଣ୍ଡି, କାମକୁ ଆଦର କରନ୍ତି । ]

୨୩। ମେଣ୍ଢୁଟିଆ ପ୍ରକୃତ ( ତୋଷାମଦକାରୀ ବ୍ୟକ୍ତି )

୨୪। ମେଷା କି ଜାଣେ ପଞ୍ଚାର କଥା ? ଫାଡ଼ିଲେ କୋଲେଇ ଦାଗ ।
( ଗାନ୍ଧି )

୨୫। ମେଷା କି ଜାଣେ ପଇଡ଼ି ପାଣି; ପିଇଲେ କୋଲେଇ ଥିଲ ତୋରାଣି ।

୨୬। ମେଷ ଭୁଞ୍ଜିଲେ ବଳରେ, ମୁଳିଆ ଭୁଞ୍ଜିଲେ ଧାବରେ, ଦେବତା ( ଦଣ୍ଡୁଆ ) ଭୁଞ୍ଜିଲେ ସୁଲ୍ଲରେ ।

୨୭ । ଚଷା, ଲକ୍ଷେ ପୋଷା ।
[ ଚଷା ଲକ୍ଷ ଲକ୍ଷ ଲୋକଙ୍କୁ ଅନ୍ନ ବସ୍ତ୍ର ଯୋଗାଇ ପୋଷଣ କରେ । ]

୨୮ । ଚଷା ମୂଷା ସମାନ । ( ଉଭୟ କଠିନ ପରିଶ୍ରମୀ । )

୨୯ । ଗୁଡ଼ିଆ ହାଣ୍ଡିରେ କେତେ ନାଁ ଚେମା ମାଛିକ ମରନ୍ତି ।

୩୦ । ଗୁଡ଼ିଆ କଣାରେ ଧର, ଯାହାକୁ ଯେତେ ଦେଲେ ଅଧିକ ନ ହେବଟି ସୁନ୍ଦର ।
[ ଗ୍ରାମରେ କଣିକିଆ ଲୋକ ସମ୍ମାନ ପାଏ ନାହିଁ । ]

୩୧ । ଗୁଡ଼ିଆ ଦୋକାନ କୁକୁରକୁ ଦେଇ ଥାନ ଦୋକାନ ପାଇଁ ପହରାଦି ଥିବା ।
[ ନିଜର ସମ୍ପଦ ବାବଦରୁ ଖାଇ ଯାଉଥିବା ଲୋକଙ୍କ ନିକଟରୁ ଅନ୍ୟଠାରେ ହାତ ପତାଇବା । ]

୩୨ । ଗୁଜର କୁକୁର ସମାନ ।
[ କୁକୁର ପରି ଗୁଜର ବି ପ୍ରତିବାଦରେ କାନ୍ଦିନା ସହ୍ୟ କରେ । ]

୩୩ । ଗୁନ୍ଦ୍ରି ଭାଜିଲିଛି ଗୁଡ଼, ଅଗ୍ନି ଅସ୍ଥି ଜାଣି ନାହିଁ ।
[ ଡାଲି ଚଣା ଖାନ୍ଦରୁ ଚିନ୍ନିଲେ ସ୍ୱାସ୍ଥ୍ୟ ଶବ୍ଦ ଦମ୍ ।

୩୪ । ଗୁନ୍ଦ୍ରି କରି କାଁଅ ଦେଖ୍ ଚୋଳିଣ ?
[ ପରିଚିତଙ୍କ ସହିତ ଅପମାନ । ]

୩୫ । ଗୁହାଲର ମୂଅ ଭୂତ, ସ୍ତ୍ରୀତ ଘର ପୁଅ ଭୂତ ।
[ ମିଛକ ଦେଖି ତାର ପରିବାରର ଗୋପ୍ରାଣୀ ଉପରେ ନିର୍ଭର କରେ ।]

୩୬ । ଘୁଞ୍ଚ ଘର ଘୁଅ ଭାତେ ଖାଏ ।
[ ମହତ ପରିବାରର ମିଳ ଅସଦାଚରଣ କରେ ନାହିଁ । ]

୩୭ । ଘୁଷ ପଡ଼ିଲେ ବାପ ବୋଲେ ।
[ ଅକାଳ ପଡ଼ିଲେ ଲୋକେ ଅନ୍ୟର ବଶ୍ୟତା ସ୍ୱୀକାର କରନ୍ତି । ]

୩୮ । ଘୁଷି ଦଣ୍ଡକଣ୍ଟାଙ୍କର ସଂସାରରେ କାହାରିକୁ ଡର ନାହିଁ ।
[ ଯେଉଁ ଲୋକ ସଂସାରର ସମସ୍ତ ସମ୍ବନ୍ଧ ଛିନ୍ନ କରନ୍ତି ସେ କାହାରିକୁ ଭୟ କରେ ନାହିଁ ।

୩୯ । ଘୁଷି ମାଡ଼ିପିଠେର ଘୁରୁଣ୍ଡଥା, ଘୁଷି ପିଣିପିଠେର ଘୁରୁଣ୍ଡଥା ।

୪୦ । ଘୁଲ୍‌ଲେ ଝାଟୁରେ ଜଣ୍ଟା ଦେଖିବା ।
[ବିନା କାରଣରେ ଅନ୍ୟକୁ ହଇରାଣ କରିବା । ]

୪୧ । ଘୁଲି ନ ଜାଣି ଦେବୁଣ୍ଡି ବାଙ୍କା ।

୪୨ । ଘୁଲି ନ ଜାଣି ଦେଉଳ ଦୋଷ, ଦେଉଳ ଖାଉଛି ଅଣ୍ଟେଇ କୋଶ ।
[ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟ ଉପରେ ଦୋଷାରୋପ କରିବା । ]

୪୩ । ଘୁଲିଲି ଗଡ଼ଡ଼ିରେ ହାତ ପୂରେଇବା ।
[ ବୃଥାରେ ଆପଦାକୁ ବରଣ କରି ଆଣିବା । ]

୪୪ । ଘୁଲୁଣି କହେ ଛୁଞ୍ଚିକି ତୋ ବାଣ୍ଟିରେ ଚୋଟାଏ କଣା ।
[ ଅସଂଖ୍ୟ ଦୋଷରେ ପରିପୂର୍ଣ୍ଣ ବ୍ୟକ୍ତି ଅଳ୍ପ ଦୋଷଯୁକ୍ତ ବ୍ୟକ୍ତିର ଦୋଷ ଦର୍ଶାଇବା । ]

୪୫ । ଘୁଷି ଦେବର ( ଦେବର ) ବଣିଜ୍ଜ ମଠ ( ଧୀର )

୪୬। ଘୁଷ ଗୁଡ଼ିଲେ ବାହରେ, ପାଠ ଗୁଡ଼ିଲେ ଘୁରୁରେ ।

୪୭। ଘୁଷ ନାହିଁ ଘାର, ବାଘ ନାହିଁ ଡାର ।

୪୮। ଘୁଷ ଟେପେବ ଭର ବର୍ଷିବ, ଘାଟଙ୍ଗ ଥିବ ସୁଖ ।

୪୯। ଘୁଷୁରୀ ପାଙ୍କରେ ଦଶୁଣି ପଶିଲେ, ବୋଲେ ସାହାସାରମୁଦ ।

୫୦। ଘୁଷୁରୀ କି ଜାଣେ କର୍ପୂରର ଗୁଣ, ସୁଙ୍ଘି ସୁଙ୍ଘି କହେ ସବୁଆଡ଼ି ଲୁଣ ।

[ ଯେ ଯେଉଁ ବିଷୟରେ ଅବଗାହୀ ନୁହେଁ, ସେ ସମ୍ବନ୍ଧରେ ତାର ଅନଭିଜ୍ଞତା ସ୍ୱାଭାବିକ । ]

୫୧। ଘିଅଁ କି ରେ, ଯାକର ଖଣ୍ଡିଏ ଚୁନା ଖୋଇଲେ ତାହାର ମଧୁର ଯାଉଛି ରେ ?
[ ଶର୍କରାର ମିଠା ଗୁଣ ଲୋପ ନ ପାଇଲା ପରି ଗୁଣୀ ଲୋକର ମହତ୍ତ୍ୱ ଘୋର ଦୁରବସ୍ଥାରେ ମଧ୍ୟ ଲୋପ ପାଏ ନାହିଁ

୫୨। ଘିଅଁଟେଲ୍ ଧରେଶ, ଘୁଲିଲେ ଟେକାଟେଶ ।

୫୩। ଘ ତେସ୍ତା ଯାହା, ଚକଣିଆ ଭଣ୍ଡାର, ଘିଅଁ ଜାଳିବା ବାଟପୀ-ଡାଙ୍ଗ ସଭି, ବାଡ଼ ମଧ୍ୟ ।

୫୪। ଚିକାକୋଳିଆ ଫୋଣ କାହାର ଚୋଡ଼ । (ଗଞ୍ଜାମ ପ୍ରଚଳିତ ପ୍ରବଚନ ।)

[ ଚିକାକୋଲ୍ ଅଞ୍ଚଳର ଓଡ଼ିଆମାନେ ଅସ୍ପୃଶ୍ୟ ହୋଇଥିବାରୁ ଗଞ୍ଜାମ ଅଞ୍ଚଳର ଓଡ଼ିଆମାନେ ତାଙ୍କ ସଙ୍ଗେ ବନ୍ଧୁ ବାନ୍ଧିବାକୁ ପସନ୍ଦ କରନ୍ତି ନାହିଁ । ]

୫୫ । ଚିକଟା ମାଟି, ଘେଞ୍ଚ କଲେ ଯାଏ ଫସର ଫାଟି ।
ବର୍ଷାରେ ଯାଏ ଫାଟିଫୁଟି ।

୫୬ । ଚିଲ୍ ଘୁଞ୍ଚିଣି ବରକଡ଼ ମିଳିଲ । ( ମନ ଅନୁଯାୟୀ ଫଳ ମିଳିଲ)

୫୭ । ଚିଲ୍ ଦୁଷ୍ଟ ଭଗ୍ନ ଶଠ ଲକ୍ଷଣ, ଦାଢ଼ା କାଟି ମାଳା ଭଡେଇ ଭଜନ, ଲୁହେଁ ନେବାପାଇଁ ପରର ଧନ ।
କହେ ଦନାଇ ଏ ଠକ ଦୁର୍ଜନ । (ଦନାଇ ଦାସଙ୍କ ପଦ୍ୟାଂଶ)

୫୮ । ଚିଲ୍ ଛାଡ଼ିଣି ପାତ, ମା ଛାଡ଼ିଣି ବାତ ।

୫୯ । ଚିଲ୍ ଯେତେବ ଦୁରକୁ, ତେତେବ ଦାଣ୍ଡ ସାହୁରେ ଘର ।

୬୦ । ଚିତା ନିଦେଶୁଣ୍ଡି ଧର୍ମ ପଥ୍ୟାଣ୍ଡି ।
[ ବାହ୍ୟ ନିଦର୍ଶନ ଦେଖି ପୁରାଣୀର ଗହ୍ଣତତ୍ତ୍ୱ ପ୍ରତ୍ତବକ୍ୱା । ]

୬୧ । ଚିନ୍ତା ଖାଏ ରକ୍ତି, ଲୁଣ ଖାଏ ଭ୍ରାନ୍ତି ।

୬୨ । ଚିଲୁଣ୍ଡି ଚୋରିଚିଲ ମୁଣ୍ଡରେ ଟୀକା ।
[ ସ୍ୱଳ୍ପ ଦୋଷ ପାଇଁ ଗୁରୁ ଦଣ୍ଡ । ]

୬୩ । ଚିନ୍ଦୁଣ୍ଡି ମାରିବ ବୋଲି, ମାଟି ଗୁଣ୍ଡି ଖାଇ ଛାଡିଥିଲି ବାଣୁଆ ଅସିଲେ ବୋଲି ।

୬୪ । ଚିଠି ସଭ କଜୁଲା । (ଲୌକିକ ବିଶ୍ୱାସ )

୬୫ । ଚିରି ଯାଉଥିଲେ ଲମ୍ବା ହୋଇଯାଏ, ଗୁଣ୍ଡି ହୋଇଥିଲେ ଛୋଟ ହୋଇଯାଏ ।
[ ଚିରି ଯିବା ଲୁଗା ଲମ୍ବା ହେଲେ ଭଲ ବୁଝାଯାଇ ଲୋକେ ଅଧିକ ପ୍ରୀତି ଦେଖାଇ ଥାଆନ୍ତି । ]

୬ । ନଈକୂଳ, ଗଛମୂଳ, ଏ ସଦାକାଳେ ଭଲ୍ ।

୭ । ନଈ ବାଙ୍କ କି ଚୋରଁ ବାଙ୍କ ।
[ବକ୍ରଗାମୀ ନଦୀ ଏବଂ ଚୋରଙ୍କର ହୃଦୟର ଭାବ ଜାଣି ତାଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର ।]

୮ । ନଈ ନ ଦେଖୁଣୁ ନଙ୍ଗଳା ।
କୌଣସି ସମସ୍ୟା ବା ବିପଦର ସମ୍ମୁଖୀନ ହେବା ପୂର୍ବରୁ ବ୍ୟତିବ୍ୟସ୍ତ ହେବା । ]

୯ । ନଈ ଧାଏ ଥଳ, ବଇ ଧାଏ ବଳ ।

୧୦ । ନଈକୂଳିଆ ଗାଈଘୋଡ଼ା, କୁଟିଳଗଣ୍ଠିଆ ବ୍ରାହ୍ମଣ, ଖାଲୋଲା-ଡିଆ ଦେଉଳ, ଗାଁ ଗୋଟିଆ ବଇଦ୍ୟ; ଏ ଗୁରୁଙ୍କର ନାହିଁ ବରକତ ।

୧୧ । ନଈରେ ବାଙ୍କ ଦେଶରେ ଫାଙ୍କି ।
[ଦେଶ ଭେଦରେ ଅନୁର ବ୍ୟବହାରରେ ଭିନ୍ନତା ଦୃଷ୍ଟ ହୁଏ । ]

୧୨ । ନଈ ବଢ଼ିକି ଧାଅଁ ଗୁଣ ।
[ଧାଅଁ ଦୋହୁ ଦେଲେ ନଈବଢ଼ି ଘୁଞ୍ଚୁ ନ ଥିବା ପର କେବଳ ଧାଅଁ ଗୁଣ ଫଳାଇଲେ ବିପଦ ଆପେ ଆପେ ଘୁଞ୍ଚିବ ନାହିଁ । ]

୧୩ । ନଈ ଶୁଖିଲେ କା ଭରସ ନାଅ, ଥନ ଶୁଖିଲେ କା ଭରସ ନାଅ ।
[ଉଭୟ ଅନାବଶ୍ୟକ ବୋଧ ହୁଅନ୍ତି । ]

୧୪ । ନଈ ସୁଅକୁ ବାଲିବନ୍ଧ (ପଣ୍ଡ ଶ୍ରମ)

୧୫ । ନଈରେ ବାଲିଆ ଉଠିଥିଲା । କଉଳ ସିନ୍ଧୁର ଦେବ ବୋଲି ଗୁଣ୍ଡି ଗୁଣୀ ବାଳିଆ (ଗୁଣିଆ) ଲେଉଟିଲା ।
[ ଯୁଗଲକ୍ଷଣର ପରିବର୍ତ୍ତନରେ ଅଥବା ଅବାହ୍ନିତ ପ୍ରବର୍ତ୍ତନ ପ୍ରତି ଆକ୍ଷେପୋକ୍ତି । ସିପାହୀ ବିଦ୍ରୋହର ବେଳା ଗୁଣି ଗୁଣିଆଙ୍କ ପୁନର୍ବାର ଆତ୍ମପ୍ରକାଶ କରିବା ସମ୍ବନ୍ଧରେ କିମ୍ବଦନ୍ତୀ । ]

୧୬ । ନଈଁ ପଶିଥିବ ଯେତେକବେଳେ,
ବାଧାଏ ମାରିବ ସେତିକବେଳେ ।

[ ଲୋକ ବିପଦରେ ପଡ଼ିଥିବାବେଳେ ସୁଯୋଗ ଜାଣି ତାର ପ୍ରତିଶୋଧ ନେବା । ]

୧୭ । ନକଲରେ ଅକଲ କି ?

୧୮ । ନଈରେ ଛୁଣ୍ଡିବା କଥା କୁମ୍ଭୀରମାନେ କାହିଁ ଯିବ ?

୧୯ । ନଖ ବାଳ ରଖି ଗାଲୁଏ ଯେତେ ଯୋଗୀ ହେଲେଣି ।
ପାଣିରେ ଥାଇଣି ମାଛ ସେତେ ସ୍ୱର୍ଗେ ଗଲେଣି ।
[ ନଖ ବାଳ ନ କାଟି ସ୍ନାନ କରି ଧର୍ମ ଅର୍ଜନ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ପ୍ରତି ବ୍ୟଙ୍ଗୋକ୍ତି । ]

୨୦ । ନ ଖା, ନ ପି, ନ ଡର ।
[ ଯେ କାହାର କିଛି ଖାଏ ନାହିଁ ବା ଧାରେ ନାହିଁ ସେ ତାହାକୁ ଭୟ କରେ ନାହିଁ ।

୨୧ । ନଡ଼ିଆର କେଉଁ ଶିରାରେ ପାଣି ।
[ ନଡ଼ିଆ ଭିତରକୁ କେଉଁ ଶିରାରେ ପାଣି ପଶୁଛି ଜାଣିବା ଅସମ୍ଭବ । ସେହିପରି ମନୁଷ୍ୟର ଅନ୍ତର୍ଗତ ଭାବ ବୁଝିବା କଠିନ ।]

୨୨ । ନଡ଼ିଆ ଲଗେଇ ବଙ୍ଗଳା ଯା, ଗୁଆ ଲଗେଇ ଘରେ ବସିଥା ।
[ନଡ଼ିଆ ଗଛ ବଢ଼ିବା ପାଇଁ ବିଶେଷ ଯତ୍ନ ଲୋଡ଼େ ନାହିଁ, କିନ୍ତୁ ଗୁଆଗଛର ବିଶେଷ ଯତ୍ନ ନେବାକୁ ପଡ଼େ । ]

୨୩ । ନଡ଼ିଆକୁ, ନଡ଼ିଆଁ ଛଡ଼ା ଲଗାଅ ତାକୁ ।
[୧୮ ହାତ ଛାଡ଼ି ନଡ଼ିଆ ଗଛ ଲଗାଇଲେ ଭଲ ହୁଏ ।]

୨୪ । ନ ଦେଖିଲୁ ଟାଙ୍କୁ ବାଛି କିଏ ?
[ବାଛି ପଥରୁ ପଥର ପିବା ।]

୨୫। ନ ଦେଖିଲୁ ଓଳି ଛପଡ଼ା, ଭାଡ଼ି ପକାଇଲେ ପାଣିପଡ଼ା ।
[ଶୁଣା କଥାରେ ଅତିରଞ୍ଜନ ଥିବା ସ୍ୱାଭାବିକ ।]

୨୬। ନ ଦେଖିଲୁ ପୁଅ ଦେଖ ତା, ଭଉଁରି କାଢ଼ିଛୁ ବେଙ୍ଗ ।

୨୭। ନ ଜନ୍ମିଲୁ କେଣ୍ଡୁ ଘର ଛପର ଭରନ୍ତ ନାହିଁ ।

୨୮। ନ ଦେଖୁ ଧନ, କମ୍ବୁଲୁ ଦବୀ ବଚନ ।

୨୯। ନ ଦେଖିଲା ପୁଅ ଦେଖାରେ, ଭଉଁମ କାଢ଼ିଛୁ ବେଙ୍ଗରେ ।

୩୦। ନ ଦେଖିଲେ ଝୁରୁଥାଏ, ଦେଖିଲେ କଥା ନ କହେ ।

୩୧। ନନାଙ୍କ ସମ୍ବାଦର ସନ୍ଧ୍ୟା ।
[ନିଜେ ନ କରି ଅନ୍ୟର ନାଁରେ ପାପ ଲଦାଇଦବା]

୩୨। ନ ପଢ଼ି ପଣ୍ଡିତ । (ବୁଦ୍ଧିଆ ଲୋକ)

୩୩। ନ ପଢ଼ିଲୁ ଲେଖକଲୁ ସଖୀରେ ଥୋ ।

୩୪। ନ ବରଷଇ କଳା ମେଘ, ବରଷଇ ଧଉଳିଆ ।
ନ ଫୋଟଇ ଗୁଡ଼ ଗିରିକଣିଆ, ଫୋଟଇ କଣ୍ଡିରିଆ ।

୩୫। ନବାବ ପୁଅକୁ ଜବାବ ଦେବା (ଲୋକ)
[ନିର୍ଥକ ବାକ୍ୟ] ।

୩୬। ନବାବ ଘରର ଖାନସାମା ଦୋନ୍ଧ ।
[ହାସ୍ୟାସ୍ପଦ କଥା ]

୩୭। ନ ମରୁ ବାଳ ଜନନୀ, ନ ମରୁ ବୁଢ଼ା ଘରଣୀ ।
[ ବାଲ୍ୟ କାଳରେ ମାତାଙ୍କୁ ହରାଇବା ସନ୍ତାନ ଓ ବୃଦ୍ଧ କାଳରେ ସ୍ତ୍ରୀ ହରାଇବା ବ୍ୟକ୍ତି ଅତ୍ୟନ୍ତ ଦୁଃଖ ପାଆନ୍ତି । ]

୭୮ । ନର କଥା [ମାୟା] ନାରାୟଣଙ୍କୁ ଅଗୋଚର ।
[ମନୁଷ୍ୟର ଅନ୍ତର୍ଗତ ଭାବ ସାକ୍ଷାତ୍ ଭଗବାନ୍ ମଧ୍ୟ ଜାଣି ପାରନ୍ତି ନାହିଁ । ମନୁଷ୍ୟର କପଟାଚାର ସମ୍ବନ୍ଧରେ ଉକ୍ତି ।]

୭୯ । ନର ମୁହେଁ ନାରାୟଣ ।

୮୦ । ନରସିଂହବେଶଧାନ ହେଲେ କି ଶିଙ୍ଗି ମୁଣ୍ଡାକୁ ନ ଅଟେ !

୮୧ । ନଟଭଣ୍ଡଙ୍କ ସାଙ୍ଗେ ଖୁଣ୍ଟିଆ ବଣିଛ ।
[ ବଡ଼ଲୋକ ସାଙ୍ଗେ ସାମାନ୍ୟ ଲୋକ ଦଳ ହେବାକୁ ଚେଷ୍ଟା କରିବା ଭଲ ପାଗଳାମି । ]

୮୨ । ନାଳ ଅଡ଼ରେ ବଳ କାହାର ?
[ ଦୁଇ ପକ୍ଷଙ୍କ ମଧ୍ୟରେ ଭୂମି ନେଇ ବିବାଦ ହେଲେ ନାଳ ବା ଭୂମିମାପ କରିବା ପଦ୍ଧତି ଦ୍ୱାରା ଯାହା ନିର୍ଦ୍ଧାରିତ ହୁଏ ତାହାକୁ ଉଭୟ ପକ୍ଷ ବାଧ୍ୟ ହୋଇ ମାନନ୍ତି । ]

୮୩ । ନାଲୀ ଚୋଡ଼ର ଘା, କୁଆର ମୁହଁର ସାକ୍ଷ ।
[ ନାଲୀ ଚୋଡ଼ର ଘା ଓ କୁଆର ମୁହଁ ମଝାଇବା ଅତ୍ୟନ୍ତ କଷ୍ଟକର । ]

୮୪ । ନ ଲଟିବାର ପୁଅ, ବାର ଗଣ୍ଡି ବୁଝ !
[ ଯେଉଁ ଲୋକର କାମ କରିବାର ଇଚ୍ଛା ନ ଥାଏ ସେ ବେଶୀ ମଜୁରି ମାଗି ବସେ । ]

୮୫ । ନାଆ ଧାର ବାଟେ ଯାଏ, ନାଉରିଆ ମୁଣ୍ଡ ଖାଏ ।

୪୬। ନାଲିକି ଛାଣି ପାଣିକି ଝୁଟିଆ।
[ କୃପଣଙ୍କ କର୍ମସ୍ଥଳ କଡ଼ା ହେଲେ ଅଧୀନସ୍ଥ ଲୋକେ ଢଳୁପର ହୁଅନ୍ତି। ]

୪୭। ନାକ କାଟିଲେ ମୁହଁରେ ପଟେ।

୪୮। ନାକୁ ଛ ଗୁଣ୍ଡା ଖାଇବା।

୪୯। ନାକ ଶୀକଟିକୁ ଜିଭ ନ ଯାଏ।

୫୦। ନାକରେ ନିଶ୍ୱାସ ଥାଉ, ମନୁଷ୍ୟଙ୍କୁ ବିଶ୍ୱାସ ନାହିଁ।

୫୧। ନାକ ଧରି ଟାଣିଲେ ମୁହଁ ଆପେ ଆପେ ଆସେ।
[ ଦଳର ପ୍ରଧାନ ବ୍ୟକ୍ତିଙ୍କୁ ଖାତିର କଲେ ଅନ୍ୟ ଲୋକେ ବଳେ ବଳେ ଅକ୍ତିଆରକୁ ଆସନ୍ତି। ]

୫୨। ନାକେଇ ନାକରେ ଗୁଣା, ପାଦେଇ ଖାଡ଼ୁ ଟଣା, କୁମ୍ଭାର ଭଣ୍ଡାରେ ଘୁନ୍ଦୁଅ ଟଣା। ଏ ସବୁ ବଢ଼ିମଣା।

୫୩। ନାକ ନ ଥିଲେ ମାଇପେ ଗୁହ ଖାଆନ୍ତେ।
[ ସ୍ତ୍ରୀମାନଙ୍କର ଖାଦ୍ୟଲାଳସା ପ୍ରତି ଘୃଣାସୂଚକ ଅଭିଯୋଗ। ]

୫୪। ନାକଗୁଡ଼ ହେବାଯାଏ ବଢ଼ ଲୋକ, କେବେଁ ନ ଛୁଟେ ଅପଣା ଟେକ।

୫୫। ନାକ ହୁଁ ହୁଁ ପିତ୍ତଳ ଗୁଣା।
[ ସାମାନ୍ୟ ପିତ୍ତଳ ଗୁଣାଟିଏ ପିନ୍ଧି ଦେଖାଇହେବା ସ୍ତ୍ରୀଲୋକ ପ୍ରତି ଆକ୍ଷେପୋକ୍ତି। ]

୫୬। ନାଟର ଗୁରୁ ଗୋବର୍ଦ୍ଧନ।
[ ସବୁ ଅନର୍ଥର ମୂଳ କାରଣ। ]

୫୭ । ନାଚି ନ ଜାଣି ଅଗଣାର ଦୋଷ ।
[ ନିଜର ଅପାରଗତା ଘୋଡ଼ାଇବା ପାଇଁ ବୃଥାରେ ଅନ୍ୟ ଉପରେ ଦୋଷାରୋପ କରିବା । ]

୫୮ । ନାଉରି ବେଳକୁ ଗୋଡ଼ ପରକାଠ ।
[ ଆଗରୁ ଦମ୍ଭ ପ୍ରକାଶ କରି ଆସଲ୍ ଡାକ ବେଳକୁ ଅପାରଗତା ପ୍ରଦର୍ଶନ କରିବା । ]

୫୯ । ନାକରେ ତେଲ୍ ଦେଇ ଶୋଇବା ।
( ନିଶ୍ଚିନ୍ତ ହେବା )

୬୦ । ନାଁଟି ମୋର ଘର, ନ ଜର ମୋତେ ପର ।

୬୧ । ନାଟୁଆଠାରୁ ଧନ୍ଧୁଆ ଦଡ଼ ।
(ଧନ୍ଧୁଆ—ଯେ ମଶାଲ ଦେଖାଏ)
[ ନେତାଠାରୁ ଅନୁଚର ଅଧିକ ଡେଇଁ କୁଦିବା । ]

୬୨ । ନାନା ମୁନିଙ୍କର ନାନା ମତ ।

୬୩ । ନାମ ବଡ଼, ଦର୍ଶନ ଥୋଡ଼ା ।

୬୪ । ନାଳିଆ ମୁହିଁ ଘାଟି ।
[ କଟକ ଜିଲ୍ଲା ନାଳିଆମୁହିଁ ନାମକ ସ୍ଥାନରେ ପୂର୍ବେ ବହୁତ ଡକାୟତ ହେଉଥିଲେ । ଦସ୍ୟୁମାନେ ପଥିକମାନଙ୍କୁ ଅତର୍କିତ ଭାବରେ ଆକ୍ରମଣ କରି ସର୍ବସ୍ୱ ଲୁଟି ନେଉଥିଲେ ।]

୬୫ । ନାହାକ ପଣ୍ଡିତ, ନ କହନ୍ତି ସତ, ଦୁଆରୁ ଦୁଆର ହୋଇ ମାଗନ୍ତି ଭାତ ।

୬୬ । ନାହିଁ ମାମୁଁଠାରୁ କଣା ମାମୁଁ ଭଲ ।
[ କିଛି ନ ମିଳିବା ବା ନ ଥିବାଠାରୁ ଅଳ୍ପକିଛି ମିଳିବା ବା ଥିବା ଶ୍ରେୟସ୍କର । ]

୬୭। ନାହକୁ ଉପାୟ ନାହିଁ। ମଲାକୁ ଔଷଧ ନାହିଁ।

୬୮। ନିଆଁ ନ ଥାଇ ଧୂଆଁ ବାହାରେ ନାହିଁ।
[ କାରଣ ନ ଥାଇ କାର୍ଯ୍ୟ ଦେଖାଯିବା ଅସମ୍ଭବ। ].

୬୯। ନିଆଁ ପାଖରେ କି ଘିଅ ରହେ।
[ ଯୁବକ ଯୁବତୀଙ୍କର ସହାବସ୍ଥାନ ସମ୍ବନ୍ଧରେ ଉକ୍ତି। ]

୭୦। ନିଆଶ୍ରିତ ଲୋକଙ୍କୁ ଦାଉଦ ସାହା।

୭୧। ନିକାଞ୍ଚ ଅଗରେ କି ଯୁକାଞ୍ଚ।

୭୨। ନିଜେ ଖୁଣ୍ଟି ନିଜେ ଟେକି।

୭୩। ନିକମା ଦାସୀ କି କରେ ବସି, ମୁଖ ଦେଖୁଥାଏ ଦର୍ପଣ ଧରି।

୭୪। ନିତାଇଙ୍କର ଟାଙ୍କ ହୋଇଛି, ଖଣ୍ଡ୍ ଖଣ୍ଡ୍ ଖାଉଥାଏ କୁଣ୍ଡା,
ନିତେଇଙ୍କର ବାହା ହୋଇଛି, ଗାଲକୁ ମାରନ୍ତି ନିତ ଗୁଣ୍ଡା।

୭୫। ନିଜ ମାଗଣାକୁ ( ଦାନକୁ ) ଦାନ୍ତ ନାହିଁ,
ନିଜ ମଡ଼କୁ ଗୁହାରି ନାହିଁ।

୭୬। ନିଜ ଦେହିଁ ଯେ ପଙ୍କୁ ଥାଏ, ତାହାରେ କି ଭରସା ଥାଏ।

୭୭। ନିଦ ନ ଆସେ ରୋଗୀ କି, ନିଦ ନ ଆସେ ଭୋଗୀ କି।

୭୮। ନିଦ ନ ଜାଣେ କଣ୍ଟା ଖୁଦା, ଭୋକ ନ ଜାଣେ କଞ୍ଚା ପୋଡ଼ା।

୭୯। ନିମ୍ବ ପିତା, ଦେହକୁ ହିତା।

୮୦। ନିଷ୍ଠ ସୁତେଣି ପୋକ ବରକତ।
[ ନିଷ୍ଠା ଅନୁଯାୟୀ ମନୁଷ୍ୟ ପୁରସ୍କୃତ ହୁଏ। ]

୮୧। ନିଯୁତ ନ ପୁରିଲେ ମରଣ ହେଲେ ନାହିଁ।
[ କାଳ ନ ପୁରିଲେ ମୃତ୍ୟୁ ଆସେ ନାହିଁ। ]

୮୨। ନିଜ ଶିଙ୍ଗରେ ନିଜେ ମାଟି ଖୋଳିବା।
[ ଆତ୍ମନିର୍ଭରଶୀଳ ହେବା। ]

୮୩ । ନିର୍ଲଜ୍ଜ ଲୋକ, ଟେକାଟାକ ଦେଲେ ପିଠିକୁ ଯାଉ, ମାଡ଼ ମାଡ଼ ଘଡ଼ୁ ଥାଉ ।
[ ଲଜ୍ଜାହୀନ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି । ]

୮୪ । ନିଶୁଅ ଚେଲା, ଯାତ୍ରା ଦେଲା ।।
[ ଭଲ ମନ୍ଦ ବିଚାର ନ କରି ଚେଠ ଅଗକୁ ଛୁଟେଲ । ]

୮୫ । ନିର୍ଲଜ୍ଜ ଖାଏ, ସଲ୍ଲଜ ବାଏ, ଅଧ ଅଲଜ୍ଜୁକ ନାଚି ନାଚି ଯାଏ ।
[ ଗୀତ, ନାଚ ଓ ବାଦ୍ୟ ସମ୍ବନ୍ଧରେ ଉକ୍ତି । ]

୮୬ । ନଣନ୍ଦକୁ ଝିଅଣୀ ଟୋକିଁ ହେଲା, ଦେଖ ଦେଲି କରି କାନ୍ଦୁଥା ଭାଳ ।

୮୭ । ନାଗ ପାଣିରେ କି ଶୋଷ ଯାଏ ।

୮୮ । ନୀଚ ପାଇଲେ ଅଧିକାର, ଋଷିଙ୍କି ବୁହାଇଲେ ଭାର ।
[ ନହୁଷ ନୃପତିଙ୍କ ସମ୍ବନ୍ଧେ ପୌରାଣିକ ଘଟଣା ]

୮୯ । ନାଲି କାଚ ଟୁକେ କି ନୀଳା ସମାନ ।
ଛେଳି ପାଦେ କି ଧାନ ମର୍ଦ୍ଦନ ।

୯୦ । ନୂଆ ନୂଆ ଅଦର, ପୁରୁଣା ହେଲେ ଛି କର ।

୯୧ । ନୂଆ ନୂଆ ଧନା ଭେଟେ, ନୂଆ ସେଙ୍ଗିଟି ପୁରୁଣା ହେଲେ, ନାମ ଧରୁଛି କଳା ଟୋପେ ।
[ ନାମ ଧରୁଛି ପର ଅବାଞ୍ଛନୀୟ । ]

୯୨ । ନୂଆ ନୂଆ ଶାଗ, ନୂପଡ଼ ଅନୁରାଗ, ନାଡ଼ ନାତୁଣୀଙ୍କ ଠାରେ ବୁଢ଼ାର ସରାଗ, ସହିଁ ଟେଟା ଭଲ ଏ ।

୯୩ । ନୂଆ ଟୋପୀ ଭଟଭ ବାଜ, ପାଇ କି ନ ପାଇ ଭୁଲୁଥାଇ ।

୯୪ । ନୂଆ ଡାହାଣୀ ମୁଣ୍ଡ ଖାଇ ଶିଖିବା ।

୯୫ । ନେଇ ଆଣି ଥୋଇ ଛାଣିଦେଲ ନେତ୍ରର ବାଦ୍ୟ ଭଳି ।
[ନିଷ୍ଫଦାୟକ ।]

୯୬ । ନେଉଳ ଧାଇଁଲେ କିଆ ବାଡ଼ ଯାଏ ।
[ କ୍ଷୁଦ୍ର ବ୍ୟକ୍ତିର ଶକ୍ତି ସୀମାବଦ୍ଧ ।

୯୭ । ନେଉଳ ଛୁଆ, ସେଠଣି ଲଙ୍କା ଦେଖେଣି ଯାଇ !
[ ନେଉଳ ଦର୍ଶନ ଭଲ ଯାତ୍ରା ଫଳେ ଶୁଭ 'ହୁଏ ବୋଲି ଲୌକିକ ବିଶ୍ୱାସ ଅଛି । ]

୯୮ । ନେଣ୍ଟିଗୁଡ଼ ବଳୁଣିଆ ବୋହୁଖିବା ।
[ ଉପଯୁକ୍ତ ସମୟ ବା ସୁଯୋଗ ଅପେକ୍ଷା ଚାହାଁରହିବା । ]

୯୯ । ନେବୁ ଘୃତ, ଅଣିବୁ ଘୃତ; ସେତେବେ ଦେଖିବୁ ମୋହର ଛାଞ୍ଚ ।
[ ମଇଁଷି ଏମ୍ବ ସ୍ୱଳ୍ପ ପାରନ୍ତି ନାହିଁ ! ]

## —ପ—

୧ । ପଇଡ଼ ପାଣିରେ ପୁଷ୍ଟାଏ ମାଛ, ଆଖିରେ ଦେଖିଲେ ଢୁଅଳ ମିଛ ।

୨ । ପଇଡ଼, ବଇଦ, ମଦାଘଣ୍ଟା, ଭାମ ସବୁଠଲ୍ ଗଡ଼ବାଡ଼ା ।
[ ତାଙ୍କ ସାଧନ କ୍ରିୟାରୁ ପଗୁରନ୍ତି ନାହିଁ ।]

୩ । ପଇସା ନେବ ଗଣି, ପାଣି ପିଇବ ଛାଣି ।

୪ । ପଇସା ଥିଲେ ବାଘ ଦୁଧ ମିଳେ ।

୫ । ପଇସା ଦେଲେ ବାଘ ଗାଣ୍ଡି ପଡ଼ାଏ ।

୬ । ପଇସା ଥିଲେ ମା ବାପ ଭାଇ ସବୁ ମିଳେ ।
[ ଅର୍ଥ ବଳରେ ଅସାଧ୍ୟ ସାଧିତ ହୁଏ । ]

୭ । ପରକଲ୍ୟ ଛେପ ଚୋବିବ ନାହିଁ, ଦେଇ ଦାନ ଫେରିବ ନାହିଁ ।
[ ଦାନ ପ୍ରତ୍ୟାଖ୍ୟାନ କରିବା କିମ୍ବା ପ୍ରତିଶ୍ରୁତି ଭଙ୍ଗ କରିବା ଅନ୍ୟାୟ । ]

୮ । ପଣ୍ଡୁ ଅଧା ରାମାୟଣ ଶୁଣି ନାରେଳାରେ କୃଷ୍ଣ ନାମ ପଚାରିବା ।
[ ବହୁ କଥା ଶୁଣି ନିଜର ଅଜ୍ଞତା ପ୍ରକାଶ କରିବା । ]

୯ । ପଞ୍ଚ ମୁଖେ ପରମେଶ୍ୱର ।
[ ପାଞ୍ଚଜଣ ବୁଝି ଏକତ୍ର ଯେଉଁ କଥା କହନ୍ତି ତାହା ଈଶ୍ୱରଙ୍କ ଉକ୍ତି ତୁଲ୍ୟବାନ୍ । ]

୧୦ । ପଣ୍ଡା ଆଗରେ ଗୁଡ଼ର ।

୧୧ । ପଣ୍ଡା ନ ଥିବ ଯେଉଁଠି, ଭଙ୍ଗ ଭାଙ୍ଗିବୁ ସେଇଠି ।
[ ପ୍ରେତବେଣୀ ଗୁହାର ସବୁ ଛାଲ ଗୁଲ ଜଗନ୍ନାଥଙ୍କପେ ଲାଗିଥିବା ଖୋଲ୍ଡ ଘରଙ୍କର କାଣ୍ଡ ବେଶି ଶୁଣାଏ କହିବା ଦ୍ୱାରା ମନୁଷ୍ୟ ସ୍ୱାଧ୍ୟାନ୍ଦ ହୁଏ । ]

୧୨ । ପଟ୍ଟାକ୍ଷଣୀ ପିଠା ଦେଖି ବଡ଼ବଡ଼ ଶରେବଳ, ଘଷି ପଡ଼ାରେ ଗୁଡ଼ ଲଗେଇ ଖଣ୍ଡ ଖଣ୍ଡ ରହେବେଇ । (ପ୍ରବାସିଙ୍କ ପ୍ରତି ଭର୍ତ୍ସନା । )

୧୩ । ପଣ୍ଡିତ ଦାସ୍ୟ ଶାଠ ଖାଏ, ଭାଗ୍ୟବାନ୍ ଦାସ୍ୟ ଭଗିବ ଶୁଏ ।

୧୪ । ପଣର ଚେଷ୍ଟା, ପର ମୁଖକୁ ପରଠେ ନ ପିଲିବେ ବୋଧ ।

୧୫ । ପଣର ଖାଏ କିଏ ? ଷଣ୍ଢାର ମୁଣ୍ଡରେ ଅଠା ବୋଳାଯାଏ ।
[ ପରକୃତ ଅପରାଧ ପାଇଁ ଆଉ ଜଣେ ଧରା ହେବା । ]

୧୬ । ପଟେଣି ପାଇଲେ ଷଟେଣି ଖାଏ ।
ଭାଗ୍ୟବେଣି ପାଇଲେ ଧନଧାନ ଗୃହୁଥାଏ ।

୧୭ । ପଣା, ଆମ୍ବ ପାଟେ ବଣା କଣା ।
[ ପଣା ସନ୍ଥାନ୍ତକୁ ଆମ୍ବ ପାଟେ । ]

। ପଣ୍ଡିତ ପୁଅ ମାଙ୍କଡ଼ ମାଇଲେ ଦୋଷ ନାହିଁ ।
[ ଅନ୍ୟର ପୁଅ ଜୀବହତ୍ୟା କଲେ ପଣ୍ଡିତେ ଶାସ୍ତ୍ରବଚନ ଉଦ୍ଧାର କରି ପ୍ରାୟଶ୍ଚିତ୍ତର ବିଧାନ କରନ୍ତି; କିନ୍ତୁ ଆପଣା ପୁଅ ଜୀବହତ୍ୟା କଲେ ଦୋଷ ନାହିଁ ବୋଲି କହନ୍ତି । ]

୧୯। ପଥ ପସୁର ସୀତାଘର ସିବ, ଅନ୍ୟ ଅଭଶାଷା ମନ ନ କରିବ ।
[ ସୀତାଙ୍କୁ ବନରେ ଛାଡ଼ିଦେଇ ଲକ୍ଷ୍ମଣ ସୀତାଙ୍କୁ କହିବା ଉକ୍ତି ]

୨୦। ପଦା ଭୂଇଁରେ ଗଛ ଧାନ୍ଧୁ ।
[ ମୂର୍ଖ ସଙ୍ଘରେ ଅଳ୍ପ ପାଠୁଆ ହେଲେ ମହାପଣ୍ଡିତ ଭଳି ସମ୍ମାନିତ ହୁଏ ।]

୨୧। ପଦ୍ମ ପୁଷ୍ପ ପୁଷ୍ପ ଖାଉଛି, କାଦରେ କି ହେବ ଭଗ୍ନଚାମଚା
ମାଂଛ ମାରଣ ଖାଉଛି ।
[ ଲକ୍ଷ୍ୟ ହୀନର ଭୂଷଣ ଭୂରିକୁ ଖାଲିଦିବା । ]

୨୨। ପଡ଼ିଲ ଗୋହାଳିଆ ବେଙ୍କ ଘୋଡ଼ା ମୂଲ୍ୟ କରିବା ।
[ ଅନଧିକାର ଚର୍ଚ୍ଚା । ]

୨୩। ପରଧନ ସୁଡ଼ ସୁଆଁ ପରି }
୨୪। ପରଘିଅ ବଡ଼ ସିଠା । }
ପରଧନ ଅନୁଗୃହୀତ ଶୀଘ୍ରରେ ଅପବ୍ୟୟ କରିବା ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି ।

୨୫। ପର ସୁଅ ମଲ୍ଲ, ମୋଁ ବେଲିବ ବାହାରେ ବାହାରେ ଗଲ୍ଲ ।
[ ନିଜ ବିପଦରୁ ରକ୍ଷା ପାଇବାକୁ ଯାଇ ଅପର ବ୍ୟକ୍ତିକୁ ମୃତ୍ୟୁମୁଖକୁ ଠେଲି ଦେବା । ]

୨୬। ପର ସ୍ତ୍ରୀଣିଲ୍ଲ ଚୋଖି ବା (ବାଆ) ପରି ଲାଗେ ।
[ଅନ୍ୟର କଟୁକ ବଚନ ଆପଣାକୁ ଜଣାପଡ଼େ ନାହିଁ । ]

୨୭। ପର ଲୁଗା ପିନ୍ଧି ଖାଉଳା ଜାଏ ।
ପସୁଲଲେ ମୁଣ୍ଡ ହୁଙ୍ଗାଲି ଥାଏ ।

୨୮। ପର ଲୁଗା ପିନ୍ଧି ଲମ୍ବର ପସର,
ଦାନ୍ ପୁଛିଲେ ଲାଜର ମର ।

୨୯ । ପର ବଳଦ ପର ଚିନ୍ତା, ତା ବୋହୁଥାଏ ଉଦରସିଂହା ।
[ନିଜର କୌଣସି ସ୍ୱାର୍ଥ ନ ଥିବାରୁ ସମ୍ମାନ ଛୋଡ଼ି ଅନ୍ୟ ପାଇଁ ଯେଖାଟିଏଁ ଖଟିବା । ]

୩୦ । ପର ଘରେ ଥାଇ ପର ପଖଣୀ ।
ବେଳକାଳି ଜାଣି ଯାଏ ଠୋକ୍ରଣି ।

୩୧ । ପର କେବେ ଆପଣାର ହୁଏ ?

୩୨ । ପର ପୁଅକୁ ପୁଅ କରଅଛି ତାକୁ ନ ବୋଲିବ ଜାଳିକ ।
ଅଣ୍ଡୁଅ ସୁତାକୁ ଖିଅଳ ପାଇଲେ ତାକୁ ନ ବୋଲିବ ସଳଖ ।
ଚୋଙ୍ଗାଣି କଂସାକୁ ଗୁଣ୍ଡାଏ ପଣ୍ଡିଲେ ତାକୁ ନ
ବୋଲିବ ବେଳିକ ।
ଛୋଟି ଛୋଟି ହୋଇ ମେଘ ବରଷିଲେ ତାକୁ ନ
ବୋଲିବ ପାଳିକ

୩୩ । ପର ଘରେ ଖାଇ ମାଗଣା କୁଟା,
ଷଣ୍ଢ ମାତିଯାଇ ଖେଳିବା ପଣା ।
ବାଡ଼ିଠାବ ଲଉଡ଼ା ମିଳନ୍ତି ଚଟା ।
ସାଙ୍ଗ ବା ପୁଅକୁ ଲୁଚାଇ ଖୁଆ ।
ଏ ସବୁ ପଦକୁ ପସରପସା ।

୩୪ । ପରଘରେ ମଙ୍ଗଳବାର । (ଅନଧିକାର ଚର୍ଚ୍ଚା)
[ମଙ୍ଗଳବାର ପୂଜା ଅନ୍ୟ ଘରେ କରନ୍ତି ନାହିଁ । ]

୩୫ । ପର ପୁଅ ମାନ କଲା, ଆପଣା ସେବକ ହାନି କଲା ।
[ବୃଥା ଅଭିମାନ କରି ନିଜର କ୍ଷତି ଘଟାଇବା । ]

୩୬ । ପର ପୁତ୍ର ପରମେଶ୍ୱର ।
[ପର ପିଲା ପ୍ରତି ଈଶ୍ୱରଜ୍ଞାନରେ ସେବା ଓ ଯତ୍ନ କରିବା । ]

୭୭। ପରଶୁଖିଲା, ଦଶା ଅବଳଟେର ମାଙ୍କଡ଼ା ହେଲ ।
[କର୍ମ ଅବାଳଙ୍କୁ ସ୍ୱର୍ଣ୍ଣମଣି ମାଙ୍କଡ଼ା ପଥର ପାଲଟିବା ପର ଅଭାଗ୍ୟବାନ୍ ବ୍ୟକ୍ତିର ବିଦ୍ୟାବୁଦ୍ଧି ଲୋପ ପାଇବା । ]

୭୮। ପରର ଘୃତେ କୁକୁର ମାଞ୍ଜ ।

୭୯। ପରର ଧାନକୁ ପରର ଲିଅ ।
[କି ଶୁକ୍ରବାର କି ବୁଧବାର ପରଧନ ନିର୍ବିଘ୍ନରେ ଖର୍ଚ୍ଚ କରିବା । ]

୮୦। ପରତେ ନ ଯିବୁ ଦାଣ୍ଡ ସୁନାରୁ; ପରତେ ନ ଯିବୁ ବାଂଶୀ ନାଉ । ପରତେ ନ ଯିବୁ ଚଣ୍ଡି କଣ୍ଟାକୁ, ପରତେ ନ ଯିବୁ ଚୁଟି କଣ୍ଟାକୁ । ପରତେ ନ ଯିବୁ ଭଣ୍ଡୀରେ ପୁତା, ଗାଏ ବାଣ ପୁଣି ରେଣ୍ଡୁଏ ମୁଣ୍ଡା ।

୮୧। ପରଧନରେ କୁମ୍ଭୀ ହୁଲଇ, ଝାଙ୍କର ମାରି ନେବ ଛଞ୍ଚାଳ ।

୮୨। ପରବୁଝାଁ କି ଜାଣନ୍ତି ଗୁଣ୍ଡଳର ମୂଲ୍ ।

୮୩। ପର ପଟଣ ଘର ନାଟଶ ।

୮୪। ପରର ପୁଅ ଭୁଞ୍ଜମଲା, ମୁଁ ଦେଖୁଥିଲି ହୃଦ୍ କରି ।
[ ଅନ୍ୟକୁ ଘୋର ବିପଦରେ ପଡ଼ିବାର ଦେଖି ମଧ୍ୟ ନୀରବ ସାକ୍ଷୀ ହୋଇ ରହିବା । ]

୮୫। ପରଲୁଣ୍ଡ ମଶିଣାରେ ଶୋଇ ଲଟେଇ ହୋଇ ସ୍ୱପ୍ନ ଦେଖିବା ।

୮୬। ପର୍ବତକୁ ଟେକିଲା ( ଟେକା ) ମାରିବା ।
[ ଶକ୍ତିହୀନ ବ୍ୟକ୍ତି ମହାଶକ୍ତିବାନ୍ ବ୍ୟକ୍ତିକୁ ଆକ୍ରମଣ କରିବା ଭଳି ହାସ୍ୟାସ୍ପଦ କଥା । ]

୮୭। ପର୍ବତାସ୍ୱା ତଡ଼ିଲକ ଚିଙ୍ଗିଡ଼ି ଅହାର ।
[ ବହୁଭୋଜୀ ବ୍ୟକ୍ତିକୁ ସ୍ୱଳ୍ପ ଖାଦ୍ୟ ପ୍ରଦାନ । ]

୪୮ । ପର୍ବତର ମୂଷିକ ପ୍ରସବ ।
[ ବିରାଟ ଆୟୋଜନରୁ ସାମାନ୍ୟ ଫଳପ୍ରାପ୍ତି । ]

୪୯ । ପହିଲି ଯୁଦ୍ଧରେ ଭୀମ ହାରେ । ( ପୌରାଣିକ ପ୍ରବଚନ )
[ ଭୀମଙ୍କ ପ୍ରତି ଅଭିଶାପ ଥିଲା ଯେ ସେ କୌଣସି ଯୁଦ୍ଧରେ ପ୍ରଥମେ ସେ ହାରିଯିବେ । ]

୫୦ । ପାଉଛ ଭଉଣୀ, ମଇଁଷି ଦୁହାଣି । (ତୁଳନା ।)

୫୧ । ପାଉଛ ହୋଇ ବେଣାପାଟୁଆ,
ବାଳଦ ହୋଇ ଗୁଳଇ ମଟୁଆ ।
ପୁରୁଷ ହୋଇ ମାଇପି ଗୁହ୍ଟୁଆ,
ଚାମୁଡ ହୋଇ ଢା କଣ୍ଠ ମୋଟୁଆ ।
କହନ୍ତି ଦନାଇ ଏ ହୁଣ୍ଡୁଟିଏ ।
( ଦଣ୍ଡେନାର ଦାସଙ୍କ ପଦ୍ମଜା )

୫୨ । ପାଏଟେ ସାପ, ଟୋପାଏ ତେଲ, ସ୍ତ୍ରୀଙ୍କୁ ଦେଖି ନ ଶିଖ ଚେଳି ।
[ ସାହାଡାଳରେ ସର୍ପ ଓ ତେଲ ଦର୍ଶନ ଅଶୁଭ । ]

୫୩ । ପାଇଟି ହାଣ୍ଡି ଦଶ, ଶନି ମାରି ସୁଖ ।

୫୪ । ପାଇଲି ଗଡ଼ିଆ ଶୁଖାନ୍ତି ।
[ ମାଛ ମିଳୁଥିବା ଗଡ଼ିଆରୁ ଅଧିକ ମାଛ ପାଇବା ଆଶାରେ ପାଣି ସେଞ୍ଚି ଶୁଖାଇବା ପରି, ଥରେ ଧନ ପ୍ରାପ୍ତ ହୋଇଥିବା ସ୍ଥଳରୁ ପୁନଃପ୍ରାପ୍ତିର ଉଦ୍ୟମ । ]

୫୫ । ପାଆ ଥିଲେ କା ପଡ଼ିଶିର ଭୁଆଲି ।
[ ମୂଳବସ୍ତୁ ଥିଲେ ବାହ୍ୟ ଆବରଣର ଅଭାବ ରହିବ ନାହିଁ । ]

୫୬ । ପାଇଲେ ବାଘର ଆହାର, ନ ପାଇଲେ ସାପର ଆହାର ।
[ ମିଳିଲେ ବାଘ ପରି ବହୁତ ଖାଦ୍ୟ ଏକାବେଳକେ ଖାଇବା ଓ ନ ମିଳିଲେ ସାପ ପରି ସାମାନ୍ୟ ଆହାରରେ ଜୀବନଧାରଣ କରିବା । ]

୫୭ । ପାଖରେ ଶୁଏ, କାନରେ କୁହେ, ତା କଥା କି ଅନାଥା ( ଅନ୍ୟଥା ) ହୁଏ ।
[ ଅନୁଚର ତୋଷାମୋଦକାରୀ ବ୍ୟକ୍ତି ପ୍ରତି କଟାକ୍ଷ ବଚନ । ]

୫୮ । ପାଞ୍ଚ ଅଙ୍ଗୁଳି ପାଟିରେ ପୂରିବା । [ ଅତ୍ୟଧିକ ଲୋଭ । ]

୫୯ । ପାଞ୍ଚ ଅଙ୍ଗୁଠି ଶାକ ସମାନ ନୁହେଁ ।
[ ଜଗତରେ ସାନ ବଡ଼, ସବଳ ଦୁର୍ବଳ, ଇତ୍ୟାଦି ଭେଦ ରହିବା ସ୍ୱାଭାବିକ । ]

୬୦ । ପାଞ୍ଚ ମିଶିପରେ ପାଞ୍ଚ କଥା, ପାଞ୍ଚ ମାଇପିରେ ପାଞ୍ଚ କଥା ।

୬୧ । ପାଞ୍ଚ ବରଷର ପୁଅ କହିଲେ ପଚାଶ ବରଷର ବୁଅ ମାନେ ।
[ ଅଳ୍ପ ବୟସ୍କ ବ୍ୟକ୍ତିର ମତାମତ ବିଚାରଯୋଗ୍ୟ । ]

୬୨ । ପାଞ୍ଚ ମନ ପଚିଶି ପ୍ରକୃତି ।
[ ମନୁଷ୍ୟ ଭେଦରେ ସ୍ୱଭାବର ଭିନ୍ନତା । ]

୬୩ । ପାଟ ବାନ୍ଧୁ ବାନ୍ଧୁ କଟେଇ ବଇଖାନ୍ତୁ । ( ଧୁପୁର ଖାଲ ମଙ୍ଗଳ ସୁରରେ )
[ ଆଳସ୍ୟପରାୟଣ ଦୀର୍ଘସୂତ୍ରୀ ବ୍ୟକ୍ତି ପ୍ରତି ଆକ୍ଷେପୋକ୍ତି । ]

୬୪ । ପାଟରେ ପଇସା ଥିଲେ ବାପ ମା ଖାଉ ବନ୍ଧୁ ମିଳେ ।

୬୫ । ପାଞ୍ଚ ( ପଞ୍ଚ ) ମାଇଲେ ମର । ଭଲା ମାଇଲେ ମର ।
[ ଲୋକାଙ୍କ ସଦ୍ଗୁଣ ପଞ୍ଚ ବା ପଞ୍ଚାୟତଙ୍କର ଦଣ୍ଡ ଦେବାର ଶକ୍ତି ଅଛି । ]

୬୬ । ପାଞ୍ଚ କନାରେ ଗୁଞ୍ଜାଫଳ, ଛୁଣ୍ଡା କନାରେ ମୋତିମାଳ ।
[ ଅସଦ୍ଗୁଣ ବସ୍ତୁଦ୍ୱୟର ବିଚିତ୍ର ସମାବେଶ । ]

୬୭ । ପାଞ୍ଚ ଜଣା ଲେଖିଲେ ପାଞ୍ଚ ।
[ ଅବସ୍ଥା ବ୍ୟତିକ୍ରମରେ ମଧ୍ୟ ମହତ ବ୍ୟକ୍ତିର ମହତ୍ତ୍ୱ ଅକ୍ଷୁଣ୍ଣ ରହେ । ]

୬୮ । ପାଟି ସୁଆଦ, ପେଟ କି ଜାଣିବ ତହିଁର ଭେଦ ।
[ ପେଟରେ ସ୍ୱାଦ ଅସ୍ୱାଦର ଭେଦ ନାହିଁ । ]

୬୯ । ପାଟିରେ ବାଟୁଳି ନ ବାଜିବା ।
[ ଅନର୍ଗଳ ଭାବରେ କହିବା । ]

୭୦ । ପାଟିରେ ଭଣ୍ଡ ବେଙ୍ଗ ବସା ହୋଇଛି କି ?
[ ନିରୁତ୍ତର ବ୍ୟକ୍ତି ପ୍ରତି ଉପହାସ ବଚନ । ]

୭୧ । ପାଠ ବଡ଼ ନା ଶାଠ ବଡ଼ ?
[ ଶାଠ—ବୁଦ୍ଧି, ଚତୁରତା । ]

୭୨ । ପାଠ ପଢ଼ିଥିଲେ ଗୀତ ଗାଉଥାଏ ବାଉଳ କଣ୍ଠର ସୁଅ ।

୭୩ । ପାଠ ପଢ଼ା ବଡ଼ ଦୁଃଖ । ଦୁଧ ଭାତ ବଡ଼ ସୁଖ । ( ପାଇଲେ ବଡ଼ ସୁଖ । )

୭୪ । ପାଟେଣା ଗଲେ ନିଶ୍ୱାସ ।
[ ଗୁରୁ ଦାୟିତ୍ୱରୁ ଅବ୍ୟାହତି ମୁକ୍ତି ମିଳିଲେ ମଧ୍ୟ ମନୁଷ୍ୟଙ୍କୁ ଶାନ୍ତି ବୋଧହୁଏ । ]

୭୫ । ପାରୁଅକୁ କଣ୍ଟାରେ ମାରିଲେ କଣି ।
[ ବଳ ପ୍ରୟୋଗ କରି ଠକକୁ କାବୁ କରିବା ସମ୍ଭବ ନୁହେଁ । ]

୭୬ । ପାଣି ଘୋଟେ ପଣସ, ଭଣ୍ଡାରୁ ଆଣେ ଶୁକୁଷ । ( ଲୌକିକ ସଂସ୍କାର—ପାଣି ଗଡ଼ାରୁ ସ୍ତ୍ରୀମାନେ କାଟିବା ନିଷିଦ୍ଧ । )

୭୭ । ପାଣି ପୁଅଟେ ଛଡ଼ା ପିଅଟେ ।
[ ଷୁଣ୍ଡାବାଦୀ ବ୍ୟକ୍ତିର ଲକ୍ଷଣ । ]

୭୮ । ପାଣିରେ ଘର କରି କୁମ୍ଭୀର ସଙ୍ଗେ ବାଦ ।

୭୯ । ପାଣିକି ଛେଲା ।
[ ଛେଲାପରି ପାଣିକୁ ଭସ୍ମ କରିବା । ]

୮୦ । ପାଣିହର ଚାର ।

୮୧ । ପାଣି ଗଡ଼ାରୁ ବେଙ୍ଗଦିକାର କାଳ ପୋଛିଲେ ହୁଏ ।
[ ହାଡ଼ ପୋଛି ଆଁଖୁ ଛଡ଼ାଇଦେଲେ କେହି ଜାଣି ପାରିବେ ନାହିଁ । ]

୮୨ । ପାଣିରେ ଘର ପକାଇବା ।
[ କଳ୍ପନାପୂର୍ଣ୍ଣ କୌଶଳ କଥା କହି ଅନ୍ୟ ବ୍ୟକ୍ତିର ମନରେ ବିଶ୍ୱାସ ଜନ୍ମାଇବା । ]

୮୩ । ପାଣି ପିଇଲେ କି ଧ'ଷମ ହୁଏ ?

୮୪ । ପାଣି ବାଡ଼େଇବା । [ ପଣ୍ଡ ଶ୍ରମ ]

୮୫ । ପାଣିରେ ପାଣି ମିଶେ, ରକ୍ତରେ ରକ୍ତ ମିଶେ ।
[ ସାଦୃଶ୍ୟଯୁକ୍ତ ଦୁଇ ବସ୍ତୁର ମିଳନ । ]

୮୬ । ପାଣିବୁହାଳୀଙ୍କ ମୁଣ୍ଡରେ ଟୋପା,
ଘୋଡ଼ାଇ ହୋଇ କରୁଥାଇ ଓଁପା !
ଘର ଗାଈ ଦୁହିଁ ଘର ଘର ଫଣା,
କହେ ଦାନାଇ ଏ ବାଶମ ଦଶା ! ( ଦାନାଇଦାସଙ୍କ ପଦ୍ମଲ )

୮୭ । ପାଣି ପଚ୍ଚୁ ଧାନ, ତେଲ ପଚ୍ଚୁ ପୁଅ ।
[ ଧାନ ଗଛ ପାଇଁ ଯଥେଷ୍ଟ ପାଣି ଏବଂ ପିଲାର ସ୍ୱାସ୍ଥ୍ୟ-ବର୍ଦ୍ଧନ ପାଇଁ ତୈଳମର୍ଦ୍ଦନ ଏକାନ୍ତ ଆବଶ୍ୟକ । ]

୮୮ । ପାଣିକୁ ଠେଙ୍ଗା, ଗୁଡ଼କୁ ଛଡା ।

୮୯ । ପାଣ୍ଡୁ, ତୁମେ ଯାହିଁ ପାଇଁ ଲକ୍ଷ୍ୟଭେଦର ଅଟେ ମୋର କଥା ଜାଣୁ ।
[ କୌଣସି ଲୋକର ଚାଲିଚଳନ ଓ ବକ୍ତବ୍ୟରୁ ତାର ଅନ୍ତର୍ଗତ ଭାବ ଅବଗତ ହେବା । ]

୯୦ । ପାଦକେ ଶୀର, ପାଦକେ ମୃତଶୀର ।
[ ସଂକ୍ରାନ୍ତିଦିନରେ ସୂର୍ଯ୍ୟର ସମ୍ପଦ ବଢ଼ିବା ବା କ୍ଷୀଣହେବା ଦେଖାଯାଏ । ]

୯୧ । ପାନିତାର ଟେଁ ଭାତ ଖୁଆ,
ଗୁଡ଼ର କେଁ ଦେଖବନ୍ ବସା । (ସମ୍ବଲପୁର)
[ ପାଣିଭୁଖାରୀ ସ୍ତ୍ରୀଲୋକ ମୁଣ୍ଡରେ ଖୋସା ବାନ୍ଧିବା କିମ୍ବା ଧନମଞ୍ଜୁଷିଆ ସ୍ୱଭାବରେ ବସି କାଳକ୍ଷେପ କରିବା ସମ୍ଭବପର ନୁହେଁ । ]

୯୨ । ପାପ ଗଲ ଦେଖନ୍ତୁ, ମଳା ଗୁଡ଼ିଲା ମୁହଁରୁ । ( ଉପମା )

୯୩ । ପାପ ପାତାଳକୁ ଦାବାରେ ।
[ ପାପ ଲୁଚେ ନାହିଁ । ]

୯୪ । ପାପକୁ ପ୍ରାୟଶ୍ଚିତ, ମଳକୁ ଗାଡ଼ ସୂତ । ( ଉପଦେଶ )

୯୫ । ପାପ ଧନ ପ୍ରାୟଶ୍ଚିତରେ ଯାଏ । ( ଅନୁଭବ )

୯୬ । ପାପ ଗୁନାଟକୁ ପିନ୍ଧାଏ ନାହିଁ ।
[ ପାପ ଅର୍ଜିତ ଧନରେ ମଙ୍ଗଳ ନାହିଁ । ]

୯୭ । ପାପ ଦେହୁରେ ମୁଣି ଟେକିବ ରୋଗ ।

୯୮ । ପାପୁ ଶକଟା, ସୁଅ ରଙ୍ଗ, ଯୋ ନାସ୍ତୁବଳ ବେଶୀସଙ୍ଗ,
ଏ ଛଡ଼ ରସରେ ଯେଉ ପୁଅ ଥାଏ, ସେଥିରେ ମଣି ଟାକର ଖାଏ ।

୯୯ । ପାବ ନ ପାରେ ପରକୁ, ଟାଣି ବନ୍ଧୁଥାଏ ଘରକୁ ।
[ ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣି ପଣ ଦେଖାଇବା । ]

୧୦୦ । ପାଳ ଦୋକାନର ଅଳମୂଳ ନାହିଁ ।
[ ଶୃଙ୍ଖଳାବିହୀନ କାର୍ଯ୍ୟ । ]

୧୦୧ । ପାଳ ପକାଇ ବଡ଼ ହେବା ।
[ ଅନ୍ୟର ଅନୁଗ୍ରହରେ ବଡ଼ ହେବାପାଇଁ ଅଭିଳାଷ ପୋଷଣ । ]

୧୦୨ । ପାଳିଙ୍କି ଭୂଇଁରେ ପାଟ ଛଡ଼ା, ବେଙ୍ଗ ଉପରେ ତୋରଣ୍ଡା ।
( ଭ୍ରାମ୍ୟପରିବର୍ଜିତ )

୧୦୩ । ପାଦୁ ଲୁଣ, ନାହିଁ ବାସ, ଥାଳା ଲୁଣ, ଘରେ ବସ ।
[ ଦୁର୍ବ କର୍ମିଲୁଷ ଅଭକ୍ତଙ୍କର ଦ୍ୱାରହିଁ । ]

୧୦୪ । ପିତାମାନଙ୍କରେ ମଣ୍ଡା ଖାଇଥିଲି, ବ୍ରାହ୍ମଣମାନଙ୍କରେ ପଣ୍ଡା ।
ମଣିଷ ମାନଙ୍କରେ ଲଣ୍ଡା ଖାଇଥିଲି, କନ୍ଦୁମାନଙ୍କରେ ଚଣ୍ଡା ।
ପଶୁଅ ମାନଙ୍କରେ ଦଣ୍ଡା ଖାଇଥିଲି, ପକ୍ଷୀମାନଙ୍କରେ ଗଣ୍ଡା ।

୧୦୫ । ପିଠିରେ ମାର ପେଟରେ ମାର ନାହିଁ । ( ଅନୁଭବ )

୧୦୬ । ପିଠି ଅରକ୍ଷିତ, ମୁହଁ ନିର୍ବନ୍ଧ ।
[ ଦରଦ୍ର ବ୍ୟକ୍ତି ଶ୍ରୌକି ଦେଖାଇବା । ]

୧୦୭ । ପିଠା ଭଳଣି, ଦାଲିଲୁ ଲୁଣି ।

୧୦୮ । ପିଠା ଲୁଚଣି ଲୁଚା ।

୧୦୯ । ପିଠା ମାଠା ଅଛି, ପ୍ରଜାପତି ସମ୍ଭୃତ ।
[ ପୂର୍ବ ଜନ୍ମାଙ୍କର ଦ୍ୱାରାହ୍ନ ସମ୍ଭାବିଷ୍ଣୁ ଉକ୍ତି । ]

୧୧୦ । ପିଠା ଭୁଜିଲି ଲଡ୍ଡୁ ଖୁଇଲି ।

୧୧୧ । ପିତ୍ତଳ ଗୁଣ୍ଡାଙ୍କୁ ବାଙ୍କ ହାଣ୍ଡି ହାଣ୍ଡି, ସୁନା ଗୁଣ୍ଡା ଥିଲେ କେତେ ?
[ ସାମାନ୍ୟ ଧନଶାଳୀ ବ୍ୟକ୍ତି ଗର୍ବରେ ସ୍ଫୀତ ହେବା ପ୍ରତି ଉପହାସବଚନ । ]

୧୧୨ । ପିତୃମାତୃପାଳକୁ ପିତୃଲୋକେ ତାରଣ ।
[ ସାତାବଳୀ ଅମାବାସ୍ୟା ପରେ ପୁଣି ବର୍ଷକ ପର୍ଯ୍ୟନ୍ତ ପିତୃ-ଶ୍ରାଦ୍ଧ ଅନ୍ତ ନାହିଁ । ]

୧୧୩ । ପିମ୍ପୁଡ଼ିକୁ ମୂତ ପହଁରିଏ ।

୧୧୪ । ପିମ୍ପୁଡ଼ି ପାଟଲୁଗା ଉପରେ ଚଢ଼ିଲେ ତାକୁ ସ୍ୱର୍ଗ ଦି'ଅଙ୍ଗୁଳ ଦୂରେଣ । ( ସେ ଜନ୍ତୁ ଉଦ୍ରେ ମାପନ ନାହିଁ । ସେ କହେ ମୁଁ ବଡ଼ା । )
[ ନୀଚ୍ଚ ଲୋକ ବଡ଼ ପଦ ପାଇଲେ ଗର୍ବରେ ସ୍ଫୀତ ହେବା ପ୍ରତି ଉପଲକ୍ଷ ବଚନ । ]

୧୧୫ । ପିମ୍ପୁଡ଼ିଙ୍କ ପେଟରେ ପକ୍ଷୀ ଲଗିଲେ ମରନ୍ତି ।
ପୁଅ ଦେବତା ନ ମାନିନ୍ତି ।

୧୧୬ । ପିମ୍ପୁଡ଼ି ଟାଣ୍ଡିରେ ପକ୍ଷୀ ଲଗିଲା ।
[ ବର୍ଷାର ମୂଳ ଲକ୍ଷଣ । ]

୧୧୭ । ପିମ୍ପୁଡ଼ି ଭେଳା ବାନ୍ଧିଲେ ସମୁଦ୍ର ପାର ହୋଇଯାନ୍ତି ।
[ ଏକତା ଦ୍ୱାରା ଅସାଧ୍ୟ ହୋଇ କୌଣସି କାର୍ଯ୍ୟ ନାହିଁ । ]

୧୧୮ । ପିଠେଇ ପାଣି ହୋଇଯିବା । [ ଘୃଣାସ୍ପଦ ହେବା ]

୧୧୯ । ପୀରଙ୍କୁ ସୁସୁଟିଲଗିବା ।
[ ଆପଦ୍ ସମସ୍ତରେ ଠାକୁରଙ୍କୁ ଭୋଗ ଆଦି ସବୁ ନ-ଦେବା । ]

୧୨୦ । ପିଲାରେ ପିଲାରେ କଥାରେ ଦ୍ୱନ୍ଦ;
ତରୁଣର ତରୁଣରେ କଥାରେ ଛନ୍ଦ ।
ରସିକେ ରସିକେ କଥାରେ ହସ,
ବୁଢ଼ାରେ ବୁଢ଼ାରେ କଥାରେ କାଶ ।

୧୨୧ । ପୁଅ ନାଁରେ ମା ଖାଏ ।
ବାଂଝ ମାଇପ ମୁହଁ ବନ୍ଦିଥାଏ । ( ଅନୁଭବ )

୧୨୨ । ପୁଅ ସୁନା ବୋଲି କି ମୁହଁ ସୁନା ?
[ ବାପମାଙ୍କୁ ପୁଅ ସୁନ୍ଦର ଦିଶିଲେ ମଧ୍ୟ ତାର ଗୁର୍ଣ୍ଣ-ସୁନ୍ଦର ଦେଖାଯାଏ ନାହିଁ । ]

୧୨୩ । ପୁଅ ଜଙ୍ଘରେ ହଗିଦେଲା କି ଜଙ୍ଘ କାଟି ପକାଇବ ?
[ ପୁଅର ଦୋଷ ପିତାମାତା ସହିବା ଉଚିତ । ]

୧୨୪ । ପୁଅ ହେଲେ ଯୋଗ୍ୟ ଧନ କାହିଁ ପାଇଁ ସଞ୍ଚି, ପୁଅ ହେଲେ ଅଯୋଗ୍ୟ ଧନ କାହିଁ ପାଇଁ ସଞ୍ଚି ।
[ ଯୋଗ୍ୟ ପୁଅକୁ ପିତୃସଞ୍ଚିତ ଧନ ଲୋଡ଼ା ନାହିଁ,
ଅଯୋଗ୍ୟ ପୁଅ ସଞ୍ଚିତ ଧନ ଉଡ଼ାଇ ନଷ୍ଟ କରି ଦେବ । ]

୧୨୫ । ପୁଅ ହାତରେ ପିଠା ଦେଲେ ତିନି ଜଣ ସନ୍ତୋଷ ।
[ ପିତା, ମାତା ଓ ପୁଅ ]

୧୨୬ । ପୁଅ ନ କାନ୍ଦିଲେ ମା କ୍ଷୀର ଦିଏ ନାହିଁ ।
[ ମନର ଅଭିଳାଷ ପ୍ରକାଶ ନ କଲେ ତାହା ପୂରଣ ହେବାର ସମ୍ଭାବନା ଅତି କମ୍ । ]

୧୨୭। ପୁଙ୍କି ଗୁଣ୍ଡୁଚିଙ୍କ ପନିକି ବେଢ଼ା ।
[ ସାମାନ୍ୟ କାର୍ଯ୍ୟ ପାଇଁ ବିଶେଷ ଅଡ଼ମ୍ବର ନିଷ୍ପ୍ରୟୋଜନ ।]

୧୨୮। ପୁରୁଷୋତ୍ତମରେ ଭାତ ନାହିଁ, କଟକରେ (କଲିକତାରେ) ଗୃହ ନାହିଁ ।

୧୨୯। ପୁରୁଷ ହୋଇ କେ ଅଛି ଯତି, ସ୍ତ୍ରୀ ହୋଇ କେ ଅଛି ସତୀ ?

୧୩୦। ପୁରୁଷ ମୁଅଁଲୁ ତେଲି ଦୋଷ, ମାଇକିନା ହିଁଅଲୁ ନାଗ ଦୋଷ ।
[ ପୁରୁଷ ପକ୍ଷରେ ଚୌର୍ଯ୍ୟବୃତ୍ତି ଓ ସ୍ତ୍ରୀ ପକ୍ଷରେ ବ୍ୟଭିଚାର କଳଙ୍କ । ]

୧୩୧। ପୁଷ, ଶୀତ କଟେ ଝୁପ୍ ଝୁପ୍ ।

୧୩୨। ପୁଷର ବେଳ ପୁଅ କହଯାଏ ।
[ ଶୀତ କାଳରେ ଦିନ ଛୋଟ ଓ ରାତି ବଡ଼ ହୁଏ । ]

୧୩୩। ପୁଷ ମାସରେ ବାଉଳ (କୁକୁର) ହାଣ୍ଡିରେ ପେଜ ।

୧୩୪। ପୁଷ ମାସରେ ବାଉରୁଣୀ ହାତରେ ପିଠା ।
[ ପୌଷ ମାସରେ ଧାନ ଅମଳ ହେବାରୁ ଅତି ଦରିଦ୍ର ଲୋକେ ମଧ୍ୟ ସୁଖରେ କାଳଯାପନ କରନ୍ତି । ]

୧୩୫। ପୁଷ, ଡୋଳା ଫୋପ ।
[ ପୁଷ ମାସରେ କୃଷକମାନେ ଧାନ କାଟି ବନ୍ଧୁଛ ପହିଆ ଦେଖି ଜାଣନ୍ତି । ]

୧୩୬। ପୁଷ ପୁନୀର ଝର ଶୁଝିବ କେବେ ?
ପଞ୍ଚୁକେଦାର ମଳ ଭାଙ୍ଗିବ କେବେ ?
[ ପୁଷମାସରେ କରଜ କଲେ ଶୁଝିବାକୁ ଢେର ଦିନ ଲାଗେ

ଏବଂ ସନ୍ଧ୍ୟାବେଳେ ତାହାର ମୂଳ ଦେଲେ ଅର୍ଶୀମାନଙ୍କୁ ଦୀର୍ଘକାଳ ଉପକାର କରିବାକୁ ହୁଏ । ]

୧୩୭ । ପୁଷେ ଠେଲ, ମାଘେ ବଇଲ, ଚଇତେ ଚଣା, ବୈଶାଖେ ଘାଟର ଅଣାବଣା । (ଅନ୍ୟ ଫସଲ ସମ୍ବନ୍ଧରେ ଉକ୍ତି)

୧୩୮ । ପୁଷେ ଗଇ, ମାଘେ ଦହି, ଚଇତେ ନିମ ଚକୁଲିଖାଇ । [ଖାଦ୍ୟ ସମ୍ବନ୍ଧରେ ଉପଦେଶ ।]

୧୩୯ । ପୂଜିଲେ ଦେବତା ନ ପୂଜିଲେ ପଥର । [ଦେବତାର ଦେବତ୍ୱ ମନୁଷ୍ୟର ଭକ୍ତି ଓ ନିଷ୍ଠା ଉପରେ ନିର୍ଭର କରେ ।]

୧୪୦ । ପେଣ୍ଟୁ ଟେ, ଆର ଜନ୍ମରେ ଲମ୍ବା ବେଣୀ, ଏବେ ପାଉଛୁ ବେଙ୍ଗି ।

୧୪୧ । ପେଣ୍ଟୁ, ଦେଢ଼ଶୁର ଅଇଣ୍ଠା ଖାଇ ଝାଡ଼ିଗୋଡ଼ ତୋର ପେଣ୍ଟା । [ଲୌକିକ ବିଶ୍ୱାସ ଅଛି ଯେ ଯେଉଁ ସ୍ତ୍ରୀ ଲମ୍ବା ବେଣୀ କରିଥାଏ କିମ୍ବା ଦେଢ଼ଶୁରର ଅଇଣ୍ଠା ଖାଇଥାଏ ସେ ପରଜନ୍ମରେ ପେଣ୍ଟୁ ହୋଇ ଜନ୍ମ ହୁଏ ।]

୧୪୨ । ପେଟକୁ ଦାନା ନାହିଁ କି ଗାଣ୍ଡିକୁ କନା ନାହିଁ । [ ଘୋର ଦାରିଦ୍ର୍ୟର ଚିତ୍ର । ]

୧୪୩ । ପେଟକୁ ଭାତ ପିଠିକୁ ନାଡ଼,
୧୪୪ । ପେଟକୁ ଦେ, ପିଠିକୁ ମାର
[ ଶିଶୁର ଖାଇବାକୁ ଦେଇ ଦଣ୍ଡ ଦେଲେ ସୁହାଏ ।

୧୪୫ । ପେଟ ପୂରିଲେ ଅମୃତ ପିଠା,
୧୪୬ । ପେଟ ପୂରିଲେ ଖୀର ତୋରାଣି
[ ଉଦର ପୂର୍ଣ୍ଣ ହୋଇଥିଲେ ସ୍ୱାଦିଷ୍ଟ ଖାଦ୍ୟ ମଧ୍ୟ ଅରୁଚିକର ବୋଧହୁଏ । ]

୧୪୭ । ପେଟ ପୋଷିଲେ ଦୁନିଆ ପୋଷେ । ( ଅନୁବାଦ )

୧୪୮ । ପେଟ ପୋଷ ନାହିଁ ଦୋଷ ।
[ଜୀବନ ନିର୍ବାହ ପାଇଁ ଯେ କୌଣସି ବୃତ୍ତି ଅବଲମ୍ବନୀୟ ।]

୧୪୯ । ପେଟ ଜ୍ୱାଳାରେ ମାଥୁଆ ଯୋଗୀ ।
[କ୍ଷୁଧା ଜ୍ୱାଳାରେ ସନ୍ନ୍ୟାସ ଅବଲମ୍ବନ ।]

୧୫୦ । ପେଟେ ଭୋକ ମୁହଁରେ ଲାଜ ।
[ ଲଜ୍ଜାବଶତଃ ଖାଇବାକୁ ନ ମାଗିବା । ]

୧୫୧ । ପେଟ କାଟି ମୁଣ୍ଡ କାଟି, ଦୁହେଁ ସମ ଏକା ଘାଟ ।
[କ୍ଷୁଧାରେ ମାରିବା ଓ ହତ୍ୟା କରିବା ଉଭୟ ସମାନ ।]

୧୫୨ । ପେଟ ଜ୍ୱାଳାରେ ହାଣ୍ଡି ଘରେ ପଶିବା ।
[କ୍ଷୁଧା ଜ୍ୱାଳାରେ ଖାଦ୍ୟଘରର ଆଶ୍ରୟ ନେବା ।]

୧୫୩ । ପେଟକୁ ଚଢ଼ୁ ପଥର ପିଟିବା ।
[ ଶୈଶବାବସ୍ଥାରୁ ଅତ୍ୟନ୍ତ କର୍ମକ୍ଳେଶ ପ୍ରକାଶ କରିବା । ]

୧୫୪ । ପେଟରେ ଓଦାକନା ଦେଇ ଶୋଇବା ।
[ ଉପବାସ ରହିବା । ]

୧୫୫ । ପେଟକୁ ନୁହେଁ କି ପିଠିକୁ ନୁହଁ । [ଦୁର୍ଭିକ୍ଷ କଥା]

୧୫୬ । ପେଟଲାଗି କୁକୁର କି ପାଦ ଚଟେ ।
[ବାଧ୍ୟବାଧକତାରେ କାର୍ଯ୍ୟସିଦ୍ଧି ହୁଏ ନାହିଁ ।]

୧୫୭ । ପୋଖରୀରେ ପାଣି ଥିଲେ ଅଞ୍ଚଳ ଶୀତଳ ।
[ଗୁଣୀ ବା ଧନୀ ଲୋକର ପାଖରେ ଥିବା ଲୋକେ ମଧ୍ୟ ତାଙ୍କଦ୍ୱାରା ଉପକୃତ ହୁଅନ୍ତି ।]

୧୫୮ । ପୋଷୁଗଲା ଭଅଁଶରେ ଅଣ୍ଟି କା ସୁଆଦ ?
[ଯେଉଁ ବାଷ୍ପରେ ସ୍ୱାଦ ଓ ସରସତା ରହିବାର ପାଇଁ ନଷ୍ଟ ହୋଇଅଛି । ]

୧୫୯ । ପୋଡ଼, ପୋତ, ପକା—ଏ ତିନିହେଁ ଏକା ।
[ଶବକୁ ପୋଡ଼ିବା ପୋତିବା ବା ପକାଇଦେବା ଏକା କଥା । ଶବ୍ଦ ଭିନ୍ନ ହେଲେହେଁ ଉଦ୍ଦେଶ୍ୟ ଏକ ।]

୧୬୦ । ପୋଡ଼ା ଘା'ରେ ପୁଣି ଖୁଲିଆ ଚିହ୍ନ ଦେବା ।

୧୬୧ । ପୋଡ଼ା ଘାରେ ଚୂନ, ପଚ୍ଚ ଘାରେ ଲୁଣ ।
[କଷ୍ଟ ଉପରେ କଷ୍ଟ ଦେବା ।]

୧୬୨ । ପୋଢ଼ ବାସ୍ତୁଣ ବାଘୁଣ୍ଡା, ଏ ତିନି ଓଁ ନାହିଁ ସହଜନ୍ତାର ।
[ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ ।]

୧୬୩ । ପୋଡ଼ପିଠା, ସେଥିପାଇଁ ପୁଣି ଏତେ ଛାଟ ।

୧୬୪ । ପୋଡ଼ର ଆଷାଢ଼ରେ ପୁଅ ନାହିଁକା ଉତ୍ସବ ନାହିଁ ।

୧୬୫ । ପୋତା ଘେତେର ଭାଣ୍ଡି ଘେରିଛି ।
[ଚଳନ୍ତି ଓ ଗଚ୍ଛିତ ସମ୍ପଦ ଥିବା ଧନୀ ଲୋକ ।]

୧୬୬ । ପୋଢାମୁହାଁ ମଣିଷ ପୋଢାମୁହାଁ ବଳଦ ସଙ୍ଗୀ ହେଲେ ମନ୍ଦ ଏ ।

୧୬୭ । ପୋଥିଗତ ବିଦ୍ୟା, ପରହସ୍ତ ଧନ ।
[ଜୀବନରେ କୌଣସି କାର୍ଯ୍ୟରେ ଲାଗେ ନାହିଁ । ]

୧୬୮ । ପୋଥି ବାଇଗଣ ନା ବାଡ଼ି ବାଇଗଣ ।
[ ପୋଥିରେ ଅଙ୍କିତ ଥିବା ବାଇଗଣ ପରି ଯାହା ବାସ୍ତବ ଜୀବନରେ ପ୍ରୟୋଜନରେ ଲାଗେ ନାହିଁ । ]

୧୬୯ । ଘୋଡ଼ିରେ ଚଢ଼ାଇ ବନ୍ଧାଦେବା (ଶିକ୍ଷା ସମାପ୍ତି)

୧୭୦ । ଘୋଲଘିଅ ଦେଖାଇଛୁ ।
[ଶ୍ରମ ନ କରି ଅନ୍ୟ ଉପରେ ନିର୍ଭର କରି ରହୁଥିବା ବ୍ୟକ୍ତି ।]

୧୭୧ । ଘୋଡ଼ାମାନଙ୍କ ବଣରେ ଶୀଘ୍ର, ଘୋଡ଼ା ନ ମାନେ ଆପଣା ଶିକ୍ଷ ।
[ନିଜ ଲାଳସା ଦମନ କରିବା ଅତୀବ କଷ୍ଟକର । ]

୧୭୨ । ଘୋଡ଼ା ପୁଅକୁ ପୁଅ କହୁଅଛି ତାକୁ ନ ବୋଲିବ ବାଳକ, ଘୋଷଣି କଂସାରେ ପୁଣ୍ଡାଏ ପଡ଼ିଲେ, ତାକୁ ନ ବୋଲିବ ବେଳକ, ଟିକ୍ ଟିକ୍ ହୋଇ ବଢ଼ୁଥିବେ ତାକୁ ନ ବୋଲିବ ଘାଳକ ।

୧୭୩ । ଘୋଷାବୁଅ ଶୁଙ୍ଖାଳୁଅ । (ତୁଳନା)

୧୭୪ । ଘୋଡ଼ିଲ୍ଲ ବାଘ ଗୋଷିଅଁ ଖାଏ ।
[ ଆଶ୍ରିତ ବ୍ୟକ୍ତିର ବିଶ୍ୱାସଘାତକତା ଆଚରଣ । ]

୧୭୫ । ଘୃଣିତ ମଲେ ଯାଏ ।

୧୭୬ । ଘଣାର ଅନ୍ଧ । ( ତୁଳନା କର )

୧୭୭ । ଘାଣେ ରସି ଶତ୍ରୁ ସାଧିବ, ଭୁଇଁକି ସାଧିବ ଶୁଣେ ।

୧୭୮ । ଘୀତ ନ ଭରିବ ଘଣ୍ଟରେ, ଗୀତ ନ ଗାଇବ ଦାଣ୍ଡରେ ।
ମାଡ଼ ନ ମାରିବ ମୁଣ୍ଡରେ, ବିଶ୍ୱାସ ନ କରିବ ଗଣ୍ଡରେ ।

୧ । ଫଁ ଫଁ ବଳଦ ମାରେ ନାଡ଼ି ।

୨ । ଫଗୁଣ, ଶୀତ ଯାଏ ଦ୍ୱିଗୁଣ ।

୩ । ଫଗୁଣ ବୁଣି ଭେଣ୍ଡୁଅ ବାଣ୍ଡି ।
[ ଫଗୁଣ ମାସରେ ଧାନ ବାଲି ଉଷ୍ମରୂପେ ବୁଣ ଦଲେ ଓ ଶ୍ରାବଣ ମାସରେ ଧାନ କାଅର ଉଷ୍ମରୂପେ ବାଣ୍ଟିଲେ ଭଲ ଧାନ ହୁଏ । ]

୪ । ଫଗୁଣ ବୁଣି, ମାଘରୁ ଖେଣ୍ଡି ।
[ ଫଗୁଣ ମାସରେ ଘର ଛୁଆଣି କଲେ ବର୍ଷା ପବନରେ ଭସ୍ମ ରହେ ନାହିଁ । ]

୫ । ଫଗୁଣେ ତଳ, ସୁତା କତ; ଚୈତେ ତଳ, କୁହୁଡ଼ି ପୋତ; ବୈଶାଖେ ତଳ, ହାକିମ ପୋତ; ଜ୍ୟେଷ୍ଠେ ତଳ, ଘରେ ଥାଅ । [ ଧାନଖେତ ବୁଣ ସମ୍ବନ୍ଧରେ ଉକ୍ତି । ]

୬ । ଫଟା କାନ୍ଥରେ ଗୋବର ( କାଦୁଅ ) ଲେସିବା ।
[ ବ୍ୟର୍ଥ ପ୍ରୟାସ ]

୭ । ଫଟା ମୃଦଙ୍ଗକୁ ଭଙ୍ଗା ଗାୟକ ।
[ ଯେଉଁଠାରେ ସାଧକ ଓ ସାଧନ ଉଭୟ ଅକର୍ମଣ୍ୟ ।

୮। ଫଳିଲା ଗଛ ଟୋପାଘାତ ସହେ ।

[ ଫଳିଲା ଗଛକୁ ଫଳ ତୋଳିବା ପାଇଁ ଲୋକେ ଟୋପାଙ୍କ- ମାରିବା ପରି ଗୁଣୀ ଲୋକଙ୍କୁ ବହୁ ସମାଲୋଚନା ସହ୍ୟ- କରିବାକୁ ହୁଏ । ]

୯। ଫଳ ଗଛକୁ ବୋଝ ନୁହେଁ ।

[ସନ୍ତାନ ସନ୍ତତି ଯେତେ ବେଶୀ ହେଲେ ମଧ୍ୟ ମାଆର ଆଦର କମି ଯାଏ ନାହିଁ । ]

୧୦। ଫଳ ନାହିଁକି ଫୁଲ ନାହିଁ, କିସ ଲାଭ ଏସ ବେଲ ଲଗାଇ ?

୧୧। ଫଳାହାର ଦେଖି ଏକାଦଶୀ ।

[ ଲାଭର ମାତ୍ରା ଅନୁଯାୟୀ ତ୍ୟାଗ କରିବା ।]

୧୨। ଫଳ ଦେଖି କାମ କରଇ ଭୋଗୀ, ଫଳ ତେଜି କାମ କରଇ ଯୋଗୀ ।

୧୩। ଫାଟେ ଫୁଟେ, ଧୋବାର ଯାଉଛି କେତେ ?

୧୪। ଫାଙ୍କୁଆ, ବାଙ୍କୁଆ, ଛନମ ଚୋଟା,
ଭୁଲିଲେ ବାଟ, ଦେଖ ମୁଣ୍ଡଫଟା ।

୧୫। ଫିଟି ଫିଟି ବରଷା, ଫଗୁଣ ମାସରେ ମଶା, ଫିଟିଫିଆ ସ୍ତ୍ରୀ- ପରଶା—ମୂର୍ଖ ଚେଶା ମନ ଏ ।

୧୬। ଫୁଟିଲା ଆଖିରେ ମଇଳ ଘଷା । ( ବୃଥା ଶ୍ରମ )

୧୭। ଫୁଲ ତୋଳି ସେବକ ନ ଥାଏ ବାସ,
ଫୁଲଶିଆ ସେବେ ହୁଏ ନରେଶ,
ଫଣ୍ଡା କରୁ କେବେ ଦଖଲ ହେଲା,
ଭରେ ଧନାର ଏ ଭୁଆଳ ଖେଳା ।

## — ବ —

୧ । ବଅଁସ ବେଳେ ନାଥଣ ଧରନା, ବୁଢ଼ୀ ଧଡନ ଘରମଧର ଚିଲା । [ ବୁଢ଼ା ନାଗୁର ଧର୍ମଭାବ ପ୍ରତି ବ୍ୟଙ୍ଗ । ]

୨ । ବଇଦ ଲୁଚାଇ ପଥ୍ୟ ଖାଇବା ।
[ ଉପକାରୀ ବ୍ୟକ୍ତିର ଧନ ଆତ୍ମସାତ୍ କରିବା । ]

୩ । ବଇଦ, ପଣ୍ଡିତ, ମଦାବଡ଼ା, କାମ ସରିଲେ ଗଡ଼ାଗଡ଼ା ।
[ ଉପକୃତ ହୋଇ ସାରିବା ପରେ ଉପକାରୀ ବ୍ୟକ୍ତିକୁ ତ୍ୟାଗ କରିବା । ]

୪ । ବଇଦ ଗୁଣିଆ ବାଡ଼କୁ ବଣା ( ତୁଳନା )

୫ । ବଇଁଶିଆ ଝିଅ ବାହାଘର, ପେଟର ପିଲାକୁ ଦୁଇଟି ଗୋଡ଼ ।
[ ଅସ୍ପୃଶ୍ୟ ବ୍ୟକ୍ତିମାନଙ୍କର ଅନାସ୍ଥା ଦେଖାଇବା ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି । ]

୬ । ବଗଡ଼ ବେକରେ ବେଙ୍ଗ ବାଡ଼ି ଝୁଣ୍ଟେ ନାହିଁ ।
[ ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ଦାଉ ସାଧେ । ]

୭ । ବଗ ବେଙ୍ଗରେ ଭିଙ୍କି । [ ଦୁର୍ବଳ ବ୍ୟକ୍ତି ଉପରେ ଗୁରୁଭାର ନ୍ୟସ୍ତ କରିବା । ]

୮। ବଗ ମୁହଁ ଶୁଙ୍ଘି ବଗୁଲି କହେ,
ତୋ ମୁହଁ ମୋ ମୁହଁ କେମିତି ଦିଶେ।
[ ସନ୍ତାନସ୍ନେହ ଦମ୍ପତି ପ୍ରତି କଟାକ୍ଷ କରେ । ]

୯। ବଗଙ୍କର ବେକ ବଢ଼ିଲେ ମୀନଙ୍କର ଦୁର୍ଗତି ।
[ ଅତ୍ୟାଚାରୀର ସାଧନ ବୃଦ୍ଧି ପାଇବା ଫଳରେ ଅତ୍ୟା-ଚାରିତର ଦୁର୍ଦ୍ଦଶା ବଢ଼େ । ]

୧୦। ବଢ଼ିଆ ଘାତ, ନଡ଼ିଆର ଘାତ ।
[ ବଢ଼ିଆ ଅଙ୍କାଣ୍ଡିଆ ଲୁହଳର ଘାତ ମୃତ୍ୟୁଦାୟକ । ]

୧୧। ବାଘଗୋଡ଼ ନାଲିଆ ଦେଖି ବେଙ୍ଗ ଗୋଡ଼ ନାଲିଆ କରିବା ପାଇଁ ମନ ବଳାଇବା ।
[ ଧନୀ ବା ଗୁଣବାନ୍ ବ୍ୟକ୍ତିର ସମକକ୍ଷ ହେବା ପାଇଁ ଦରିଦ୍ର ବା ନିର୍ଗୁଣ ବ୍ୟକ୍ତିର ଅପଚେଷ୍ଟା । ]

୧୨। ବାଙ୍ଗାଲ ଭଣ୍ଡୀ, ଭଙ୍ଗୁଡ଼ି ଗଣି ସଙ୍ଗା ଖାଆନ୍ତି ।

୧୩। ବଚନ ମଧୁର, ଛଳକ ସ୍ଥୂଳ, ଏମାନେ ଜାଣିବ ଠକଙ୍କ ମୂଳ ।

୧୪। ବଟେଇଆ ବଣି, ବୁଢ଼ାସ୍ତ୍ରୀ ବ୍ରାହ୍ମଣୀ, ବାଡ଼ ବାଇଗଣକୁ ଦେବତର ପାଣି, ସଖି ଗୋ ଭଲ ଏ ।

୧୫। ବଜାର, ହଟାର, ସୁନାର, ଦାଣ୍ଡ ଏ କେତେବେହେ ନୁହନ୍ତି ଭାଣ୍ଡାର ।

୧୬। ବଡ଼ ଲୋକ ଗୁହାଳ ଘେରିଲେ ବାଘ ସିଂହନାଶନ;
ଗରିବ ଗୁହାଳ ଘେରିଲେ ଶିଆଳ ଖାଏ ।

୧୭। ବଡ଼ବଡ଼ଙ୍କୁ ସବୁ ପାରି ଯାଏ, ଗରିବ ବଡ଼ା ହୋଇଯାଏ ।

୧୮। ବଡ଼ଲୋକଙ୍କୁ ଉତ୍ତର ନାହିଁ, ମୂର୍ଖକୁ ଶିକ୍ଷା ନାହିଁ ।

୧୯ । ବଡ଼ ଲୋକଙ୍କ ବଡ଼ ଘାଟି, ଗୁଳିଟିକି ଠାରେ ( ମୂଢଗଲେ)
ଯାଇ ଛାଡ଼ିଲୀ ବାଟେ ।
[ ବଡ଼ଲୋକଙ୍କୁ ଅଯଥା ଆଡ଼ମ୍ବର ଶୋଭା ପାଏ । ]

୨୦ । ବଡ଼ ମାଛର କଣ୍ଟା ଯାଉ ।

୨୧ । ବଡ଼ ବଡ଼ ଗଲେ ପଥରଫାଟି,
ସାନ ଅଚ୍ଛେଲେ ବେଙ୍ଗର ଛାଟି ।
[ ଶକ୍ତିମାନ ବା ଦୁର୍ବଳ ବ୍ୟକ୍ତି ଗୁରୁ ଦାୟିତ୍ୱ ବହନ କରିବା ପାଇଁ ଅଗଭର ହେବା । ]

୨୨ । ବଡ଼ ଥିଲେ ବାଘୁଣି, ସାନ ଥିଲେ ପଘୁଣି ।

୨୩ । ବଡ଼ ଲୋକର ଗୁଅ ଚାଟିବାକୁ, ଛୋଟ ଲୋକର ଗୁଁ ଖାଇବ ।

୨୪ । ବଡ଼ ନାଅ ଯେଣିଁ ବାଟେ, ସାନ ନାଆ ସେହି ବାଟେ ।
[ ସାନମାନଙ୍କର ବଡ଼ମାନଙ୍କୁ ଅନୁକରଣ କରିବା ପ୍ରତି ଉପଲକ୍ଷ ବଚନ । ]

୨୫ । ବଡ଼ ଲୋକ ହୋଇ ନ ଥାଏ ବୁଦ୍ଧି,
ବ୍ରାହ୍ମଣ ହୋଇ ନ ଥାଏ ସିଦ୍ଧି ।
ଖାଇବ ଜନ୍ତୁ ନାହିଁ ତୋଡ଼ରେ ସୁଧ,
ଭେଷ ଧ ନାକ ଏ ନିର୍ଲଜ୍ଜ ବୁଦ୍ଧି ।

୨୬ । ବଡ଼ ଘର ବଡ଼ ବାଟିଆ, ବଡ଼ କଥା ବଡ଼ଙ୍କୁ ସାଜିଆ ।
[ ବଡ଼ଲୋକଙ୍କ ପାଖବାଲା ଘଟଣା ବହୁକାଳ ରହେ । ]

୨୭ । ବଡ଼ଦେଉଳରେ ଲାଗିଛି ନାଟ ନଡ଼ ଗୁଣିଅ ନଡ଼ ହାଟ ।

[ ପୁରୀ ଜଗନ୍ନାଥ ମନ୍ଦିରର ଭୋଗମାନେ ଓ ଦୈନନ୍ଦିନ ଖଣ୍ଡୁବ ପ୍ରତି ଲକ୍ଷ୍ୟ । ]

୨୮ । ବଳି ବଡ଼ୁଆ ଭଣ୍ଡ ! ଅନ୍ଧାରରେ ଅସ ଆଲୁଅରେ ଯା, ବାଇଶି ପାହାଚରେ ମାଣ୍ଡୁଆ ଖାଇ ଚଳଚଳୁଥା !

[ ଦୀପାବଳୀ ଅମାବାସ୍ୟା ଦିନ ପିତୃଶ୍ରାଦ୍ଧ ଦେଇ ସାରି ପାପ ଦାନ କରି କାଉଁରିଆ କାଠିର ଜୁଳା ଉପରକୁ ଦେଖାଇ ପିତୃପୁରୁଷଙ୍କୁ ଏ ପଦ ବୋଲି ଡାକନ୍ତି । ]

୨୯ । ବଣି ବିଁରେ ଖଲୁଅ ଝଡ଼ା ।

[ ଅତି ସାମାନ୍ୟ ବ୍ୟକ୍ତି ସେଇଁଠାରେ ନିଜର ପ୍ରତାପକୁ ଦେଖାଏ । ]

୩୦ । ବଣି ଧଇଁକୁ ପଡ଼ରେ ଜୋଳୁଣୀ (ଦେଉଳା) ଲୁହାଏ ।

୩୧ । ବଣି ନାଶ କରେ ବାଉଁଶ, ବାଡ଼ ନାଶ କରେ ଟୁସୁର ପାଣି, ଘର ନାଶ କରେ ସୁଲୁପ । (ଭାଦ୍ର ସୁଲୁପ) ।

୩୨ । ବଣି ଲୁଚୁଡ଼ା ମାଂସ ଧଇଁଙ୍କ ଋଣ ସୁଝିବା ।

[ ଅପର ବ୍ୟକ୍ତିର ଧନରେ ଋଣରୁ ମୁକ୍ତି ଲଭିବା । ]

୩୩ । ବଣି ଦେଖିଆ ବନ୍ଧୁ, ଖାଇ ଅଶିନ, ଥୋଇ ଅଶିନ, ଅଶିରୁ ଦୁହୁଁଙ୍କୁ ଦେବନ୍ତୁ । (ବ୍ୟଙ୍ଗୋକ୍ତି)

୩୪ । ବଣମାଳତୀ ବଣରେ ଫୁଟି ଝଡ଼ିବା ।

[ ଗୁଣବାନ୍ ବ୍ୟକ୍ତିର ଗୁଣ ଲୋକରେ ପ୍ରକାଶ ନ ପାଇବା । ]

୩୫ । ବଣିଆ ଜାଣିଲି ବଣିଜ ଗୁଣ, ଯେଉଁ ବଣିଜରେ ସେତେ ଲାଭ ।

୩୬ । ବଣିଆ ଜାଣେ ବଣିଜର ସୁଖ, ମାଳି ଜାଣେ ଫୁଲବେଣ, ଶବଦକର ଜାଣେ ରୂପର ବେଉାର, ବେଢା ଜାଣେ ବୋଣ- ଘୋଷ ।

୩୭ । ବଣିଆ ପାଞ୍ଚିଶ ଫୁଙ୍କି ସୁନା ଯାଉଣେ ।

୩୮ । ବଣିଜ ସାଜିଲେ ମିଳଇ ମୂଳ, ଯୁଦ୍ଧ ସାଜିଲେ ଯାଏ ଦୁକୂଳ ।

୩୯ । ବଢେଇ ଘଏ ପରକୁ, ଭୁଞ୍ଜି ନ ଅସଇ ଘରକୁ ।

୪୦ । ବଢେଇ ବୋଲୁ ଭୁଞ୍ଜି, ମାଗି ଆଣିଲୁ ଭଉଣୀ ।
[ ଭକ୍ଷ୍ଣ କ୍ଷଣସ୍ଥାୟୀ ]

୪୧ । ବଣ ରଖାଏ ଗାଁ ଅନ୍ତୁ ବଣାଏ ।
[ମନୁଷ୍ୟର ଭୁଙ୍ଗ ପ୍ରତି ତାହାର ଶାଃସ୍ୱନଙ୍କୁ ଲୋକଙ୍କର ଉଦାସୀନତା ସମ୍ବନ୍ଧରେ କଟାକ୍ଷ ବଚନ । ]

୪୨ । ବଧିର ଗାଁରେ ସୁବୀଣାସଜ୍ଜ ବଜାଇବା । (ହାସ୍ୟାସ୍ପଦ କଥା)

୪୩ । ବନସ୍ତ ବଣ୍ଡା ମୂଳକୁ ଟୋଙ୍କା (ବେଲସ୍ତ ଠୋଙ୍କା) ।
[ ଜନ୍ମଗତ ପ୍ରକୃତି । ]

୪୪ । ବନ ପୋଡ଼ୁଥିଲେ ସମସ୍ତେ ଜାଣନ୍ତି,
ମନ ପୋଡ଼ୁଥିଲେ କିଏ ଜାଣିବ ?

୪୫ । ବନ ଦୁର୍ଗାଙ୍କୁ ବନ ମାଳିଚା, ଧୂପ ନାହିଁ ଦୀପ ନାହିଁ ଭୁଞ୍ଜା ଥାଳିଚ ।
[ ଲୋକଙ୍କର ଅବସ୍ଥା ଦେଖି ଦେବତାପୂଜା ଚର୍ଚ୍ଚା କରିବା । ]

୪୬ । ବନ୍ଧ ତଳିଆ ବାସ, ନଈତଳିଆ ଘର, ଅଲୁଣି ମୁହଁକୁ ଅଶ, ଯଶ ଦେବା ମନ ଏ ।

୪୭ । ବନ୍ଧ ପରସ୍ତିଣ ଅପବାଦକୁ, ଗାଁ ପରସ୍ତିଣ ଧୋବା ଭୂତକୁ ।

୪୮ । ବନ୍ଧତଳ ବାସ, ବନ୍ଧ ତଳ ଘର ।

୪୯ । ବରଷେ ଗଲେ ସୁରୁଷେ ଯାଏ ।

୫୦ । ବରଷା ହିତ, ଗୋଲାମ ଜୀତ । ( ତୁଳନା )

୫୧ । ବର୍ଷାଗତ, ଶୀତ ପାହାନ୍ତ, ଦାଶହରୀ ବେଳ,
ଏ ତିନି ବେଳେ ଯେ ବାହୁଡ଼ିଲା ଚାଷ, ତାର୍ ଥାଇଁ ଥାଇଁ ମଲା ।

୫୨ । ବର ତରୁଣ, କନ୍ୟା ଦଶ ।
[ ପୂର୍ବ କାଳରେ ତରୁଣ ବର୍ଷ ବୟସ୍କ ପୁରୁଷ ,ସହିତ ଦଶ ବର୍ଷ ବୟସ୍କା କନ୍ୟାର ବିବାହ ଉପଯୁକ୍ତ ବିବେଚିତ ହେଉଥିଲା । ]

୫୩ । ବରଘର ମାଉସୀ, କନ୍ୟାଘର ପିଉସୀ ।
[ ଉଭୟ ପକ୍ଷରେ ଥିବା ଲୋକ ପ୍ରତି ଉପହାସ-ବଚନ । ]

୫୪ । ବରଯାତ୍ରୀ, ପେଟୁ ପଡ଼ନା ତେଲେଣୀ ଅଗ୍ନି ।
[ ସୁବିଧାବାଦୀ ବ୍ୟକ୍ତି । ]

୫୫ । ବରଷା ବେଳା, ଭୁଞ୍ଜା ମଇଳା, ଟୋପାଏ ଦାସ, ନିମୁଣ୍ଡି ଗାଈ, ସୁଆଙ୍କ ଦାଉ ସହି ନ ପାରି ।

୫୬ । ବଳଦ ଦୁହାଏ ନାଁ ହୋଇଁ ଦୁହିଁ ।
[ଅସମ୍ଭବ ବିଷୟ ପାଇଁ ଅନୁରୋଧ ।]

୫୭ । ବଳଥିଲା ବାହୁଟିଏ ପଙ୍କରେ ଲକ୍ଷଣ ନାହିଁ ।
[ବଳୁଆ ଲୋକ କେଉଁ କାର୍ଯ୍ୟରେ ହଟେ ନାହିଁ । ]

୫୮ । ବଳଦର ଦାନ୍ତ ଘାସର ଅନ୍ତ ।
[ବଳଦ ଯେତେବେଳେ ଯେତିକି ଘାସ, କୁଟା ଅଦା ପାଇବ ଏବଂ ଖାଇ ଦେବ ସେତିକି ଦାନାପାଣି ପାଇବ ସେତିକି କାର୍ଯ୍ୟକାରୀ ହେବେ । ]

୫୯ । ବଳଦ କମାଏ ଟଙ୍କା, ଘୋଡ଼ା ଖାଏ ଦାନା ।
[ଜଣକର ଉପାର୍ଜିତ ସମ୍ପତ୍ତିରେ ଆଉ ଜଣେ ମଉଜ କରିବା ।]

୬୦ । ବଳଦ ଯେଉଁଠିକି ଗଲେ ଖାଏ କୁଣ୍ଡା ।
[ସ୍ଥାନ ପରିବର୍ତ୍ତନ ଦ୍ୱାରା ବଳଦର ଖାଦ୍ୟ ପରିବର୍ତ୍ତନ ହୁଏ ନାହିଁ ।]

୬୧ । ବଳି ଯାଉ ଭୂଞାଙ୍କ ତାଉ ।
[ ଅନୁଗୁଳରେ ପ୍ରଚଳିତ ଜନଶ୍ରୁତି । ଭୂଞାଙ୍କ ନାମକ ଗ୍ରାମପାଇଁ ଅନୁଗୁଳ ଓ ଢେଙ୍କାନାଳ ରାଜାଙ୍କ ମଧ୍ୟରେ ବିବାଦ ହୋଇ ଅନୁଗୁଳ ରାଜା ବିଜୟୀ ହେବାରୁ ସେ ଭୂଞାଙ୍କର ଅଧିକାରୀ ହେଲେ । ]

୬୨ । ବଳା ପାଇଲେ ବଳା ଛୁଟେ ।
[ପୁତ୍ର ଉପାର୍ଜନକ୍ଷମ ହେଲେ ପିତା ମାତାଙ୍କ ଦୁଃଖର ଲାଘବ ହୁଏ । ]

୬୩ । ବଲାଙ୍ଗୀର ଟେଙ୍ଗା ଖିର ଭିତରେ ।
[ବଡ଼ୁଆ ଲୋକଙ୍କୁ ସମସ୍ତେ ଭୟ କରନ୍ତି । ]

୬୪ । ବସିବାଠାରୁ ବାଟିବା ଭଲ ।
[ଆଳସ୍ୟରେ ସମୟ ଅତିବାହିତ କରିବାଠାରୁ ସାମାନ୍ୟ କାର୍ଯ୍ୟ କରିବା ଭଲ ।]

୬୫ । ବସିଖାଇଲେ ଗଙ୍ଗାବାଲି ସରେ ।
[ଉପାର୍ଜନ ନ କରି ଘରେ ବସି ଆଳସ୍ୟରେ ବ୍ୟୟ କଲେ ଗଙ୍ଗାବାଲି ପରି ଅକଳନ ସମ୍ପତ୍ତି ମଧ୍ୟ ନିଃଶେଷ ହୁଏ । ]

୬୬। ବସିଲା ଲୋକ କସିଲେ ମଲା, କସିଲା ଲୋକ ବସିଲେ ମଲା।
(ସମ୍ବଲପୁର ଅଞ୍ଚଳରେ ପ୍ରଚଳିତ)
[କର୍ମଯୋଗୀ ପୁରୁଷ ଆଳସ୍ୟରେ ବସି ରହିଲେ ଏବଂ ସୁସ୍ଥି ଆଳସ୍ୟପରାୟଣ ଲୋକ କାର୍ଯ୍ୟ କଲେ ରୋଗାକ୍ରାନ୍ତ ହୁଅନ୍ତି।]

୬୭। ବାହୁଳ ଚପା, ପଚାଳା ଲୁଚ।
ପିଲାଙ୍କୁ ଅଳଙ୍କାରରେ ଧଇଲେ କାଶ,
କେହିଂ ଦନାଇ ନ ଭଣିବ ଅଶ।

୬୮। ବହିଗଲା ପାଣି ଯାଉ ତେଣିକି, ବନ୍ଧାଇଲା ପାଣି ରହୁ ଏଣିକି।
[ଗତକଥା ପାଇଁ ଶୋଚନା ନକରି ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବା।]

୬୯। ବହୁ ମଣିଷରେ (ଲୋକରେ) ଦୂଆ ମରେ ନାହିଁ।
୭୦। ବହୁ ସନ୍ନ୍ୟାସୀରେ ଗଜଣ ନାଶ।
[ବହୁ ଲୋକଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ ହେବା ଫଳରେ ନାନା ବିଶୃଙ୍ଖଳା ଉପୁଜି କାର୍ଯ୍ୟସିଦ୍ଧିରେ ବିଘ୍ନ ଘଟେ।]

୭୧। ବହୂ ଅଚେତ ଶାଶୁର କଥା, ଶାଶୁ ଅଚେତ ବହୂର କଥା।
[ଭୁଲୁଲି କହିବା।]

୭୨। ବଂଶମରା ଡାହୁକ, ଚୋରମରା ଗୁଣ୍ଡୁଚ।
[ସ୍ୱପକ୍ଷୀୟ ଲୋକର ଅନିଷ୍ଟ ସାଧନ କରିବା କିମ୍ବା ଶତ୍ରୁପକ୍ଷଙ୍କୁ ସାହାଯ୍ୟ କରିବା ବ୍ୟକ୍ତି।]

୭୩। ବାଅଙ୍କୁ ବିଡ଼ା।
[ଗ୍ରାମ୍ୟଲୋକର ବିପଦ ସମ୍ବନ୍ଧରେ ସାଧାରଣ ସତର୍କତା ଅବଲମ୍ବନ।]

୭୪। ବାଇଗଣି ବିକା କନ୍ୟାଦେଖା, ଏକ ଯାତ୍ରାରେ ସମାଧାନ କରିବା।
[ଏକ କାମ କରିବାକୁ ଯାଇ ଦୁଇକାର୍ଯ୍ୟ ସାଧନ କରିବା।]

୭୫ । ବାଉଶ ଗରଗଡ଼ା, ତେଇଶ ବଂଡ଼ା,
ପାଗ ପାଇଲେ ହୁଏ ମୁନ୍ଦା ବାଂଗୁଡ଼ା ।
[ଧାନ କ୍ଷେତରେ ବାଉଶ ବର୍ଷ ପର୍ଯ୍ୟନ୍ତ ଗରଗଡ଼ା ମଞ୍ଜିରୁ ଗଛ ହୁଏ, ତେଇଶ ବର୍ଷ ପର୍ଯ୍ୟନ୍ତ ବାଙ୍କୁଡ଼ା ମଞ୍ଜିରୁ ଗଛ ହୁଏ ଏବଂ ମୁନ୍ଦା ନାମକ ଘାସ ପାଗ ପାଇଲେ ବହୁବର୍ଷ ପରେ ମଧ୍ୟ ହୁଏ । ]

୭୬ । ବାଇଗଣ ଟଙ୍କୁ ଅଙ୍କୁଡ଼ି ବଢ଼ାଇବା ।
[ଦେବାପାଇଁ ବ୍ୟକ୍ତି ପ୍ରତି କହାଯାଏ ।]

୭୭ । ବାଇଗଣି ବାଙ୍ଗୁଳୁ ଗାଈମୁଣ୍ଡ କଣ୍ଟୁଆ ।

୭୮ । ବାଉଁର ଭାଙ୍ଗୁ ମଦଳୁ, ବ୍ରାହ୍ମଣ ଭାଙ୍ଗୁ ବାଦଲୁ ।

୭୯ । ବାଉଁର ପାଞ୍ଜରେ ମାଣିକ ପଡ଼ିଲେ ଚୋରୁହାଡ଼ ଚେଯନ୍ତ ଚିହ୍ନନ୍ତି । [ଅଯୋଗ୍ୟ ଲୋକେ ପ୍ରକୃତର ମୂଲ୍ୟ ବୁଝନ୍ତି ନାହିଁ ।]

୮୦ । ବାଉଁଶ ଫୁଲିଲେ ମରିବ, ମଣିଷ ଫୁଲିଲେ ମରିବ ।

୮୧ । ବାଉଁଶବାଡ଼, ହାଣ୍ଡିରେ ଦେଇ ଥିଲେ ତାମକୁ ନ ଯାଆନ୍ତି ।
[ଅଳାଂଶ ଗ୍ରାମଜାତର ।]

୮୨ । ବାଘ ଶୁଣିଲ କି କୁକୁର କହିଛି । (ବ୍ୟଙ୍ଗରେ)

୮୩ । ବାଘର ଫାଗକୁ ଡର ।
[ ବାଘପରି ଲୋକ ଫାନ୍ଦ ବା ଚୋରିଲେକୁ ଭୟ କରେ । ]

୮୪ । ବାଘ ସ୍ତ୍ରୀବାଣକୁ ଚେଳିନି ଦୁର୍ବଳ ।

୮୫ । ବାଘ ଚେବାଠାରୁ ବାଘ ଘୋଷଣା ବାଟେ ।
[ ବାଘ ମନୁଷ୍ୟକୁ ଧରି ତାହାକୁ ନେବାବେଳେ

ବଣ, ପାହାଡ଼, ପର୍ବତ ଜଙ୍ଗଲରେ ଘୋଡ଼ାଇ ଘୋଡ଼ାଇ ନିଏ । ତେଣୁ ମୁକ୍ତ ଅରଣ୍ୟ ତାହା ଅଥବା ସନ୍ତୋଷ-ଦାୟକ ବୋଧହୁଏ । ]

୮୬ । ବାଘ ଘର ଛତୁ ଶିକାରକୁ ଲୁଚେଇ ଭାବୁ ଖାଏ ।
[ ସେତେ ଶକ୍ତିମାନ୍ ହେଲେହେଁ କୌଣସି ଅତ୍ୟାବଶ୍ୟକ ବସ୍ତୁ ଅପଶୂନ୍ୟ ନୁହେଁ । ]

୮୭ । ବାଘର ଘରେ ମିରିଗର ନାଚ ।

୮୮ । ବାଘ ବଳଦ ଏକା ତୋଠରେ ପାଣି ପିଅନ୍ତିବା ।
[ ଖାଦ୍ୟ ଖାଦକ ବୁଦ୍ଧିକୁ ଏକଜ କରିବାବେଳେ ଅସୀମ ପରାକ୍ରମ । ]

୮୯ । ବାଘ ବାଅଣ ଚୋଟାଏ, ଧନ୍ଦୁର ବାଅଣ ପଡ଼ିଲ ।

୯୦ । ବାଘ ନ ଦେଖିଲେ ବିଲେଇ ଦେଖ,
ବଣ୍ଡ ( ପଦ ) ନ ଦେଖିଲେ ବଣିଆ ଦେଖ ।

୯୧ । ବାଘର ମାଉସୀ ବିଲେଇ, କାହିଁ ମାରିଗଲା ନେଉଳ ସାନ୍ଧ୍ର, ମାଛ କଣ ଶୁଙ୍ଘି ପେଷଲା ନାହିଁ ।

୯୨ । ବାଘ କୁଆଁକୁ ଶୁଆଳ ଢଙ୍କା । ( ବୃଥା ପ୍ରୟାସ )

୯୩ । ବାଘର ଦେହରୁ ରୋମ ଟାଣିବା । [ ଦୁଃସାହସ ]

୯୪ । ବାଘ ସାପରେ ମା ମାଉସୀ ଖେଳିବା ।

୯୫ । ବାଘ ମାମୁଁଙ୍କୁ ପିଠା ପୂଜା ।
[ ଭାଦ୍ରବ କୃଷ୍ଣ ପଞ୍ଚମୀ ଦିନ ଘାଣ୍ଡ ଓ ବାଡ଼ି ଜବାଟରେ ଭୈରବ, ମହାଦେବ ଓ ଗଣେଶଙ୍କ ଚିତ୍ର ଲେଖି ଗୁହରେ ଏକୁଣି ବନରେ ଭକ୍ତିରେ ପିଠା ପୂଜା କରି ସାନ୍ଧ ଯେପ ଜବାଟ

ଅନ୍ଧକାର ହେଉ ଘର ଭିତରୁ "ବାଘ ମାମୁଁ ପିଠା ଖା"
ବୋଲି କହନ୍ତି । ]

୯୬ । ବାଘର ଶୁଣି ଗୋବରପରେ ପ୍ରାପ୍ତିର ଶଧ ।
[ ହାସ୍ୟାସ୍ପଦ କଥା । ]

୯୭ । ବାଇଗରେ ସିଂଗୀ ବାଜା, ଭୁକା ଦେଖି, କୁକୁଡ଼ା ଦେଖି:
ବାଇଗରେ ସିଂଗୀ ବାଜା ।
[ କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ ବୃଥା ଗୋଳ ପ୍ରଦର୍ଶନ । ]

୯୮ । ବାଂଝ କି ଜାଣେ କାଅଣ କଥା । ( ପ୍ରସବ ବେଦନା )

୯୯ । ବାଂଝ ମାଇପର କି ପାଇଛି, ( ସମ୍ପତ୍ତି )
ହଳଦୀ ବାଟୁଆ ଉଖଳପାତ ।

୧୦୦ । ବାଂଝ ବେଲ୍କା, ଶଣ ଉପାସ କଣ୍ଟ ଦୋହଲା ।

୧୦୧ । ବାଟରେ ଦେଖିଲି କମାର, ଫାଳ ଗଢ଼ିଦେ ଅମର ।
[ କୌଣସି ବ୍ୟକ୍ତିକୁ ବାଟରେ ଦେଖି କାର୍ଯ୍ୟ ସାଧନ ପାଇଁ
ଅଯଥା ଅନୁରୋଧ କରିବା । ]

୧୦୨ । ବାଡ଼ ଯେବେ ଗୁଳି ବସିବ ଶଗଡ଼ ଘର ଦଣ୍ଡା,
ପିଠା ଯେବେ ଭରି ବସିବ ନାଲି ନଡ଼ିଆ ମଣ୍ଡା,
କଲି ଯେବେ ଜମି ବସିବ ବୁଢ଼ୀଲୋଗ ଭେଣ୍ଡା ।

୧୦୩ । ବାଡ଼ି ଦୁଇ ଦୁଇ କାଠିକି ଲଡ଼ିବା,
ବାଟେ ଛିଣ୍ଡିବାର ଦେଖିବ ଏକା,
ପାଖରେ କୁମ୍ଭାର, କୋଳରେ ତେଲି,
ବାପ ଘର ହେଲେ ନ ଯିବ ଖେଳି ।
[ ଯାତ୍ରା ସମୟରେ ଏମାନଙ୍କୁ ଦେଖିଲେ ଅଶୁଭ ହେତୁ
ଯାତ୍ରା ନାସ୍ତି । ]

୧୦୪। ବାଡ଼ ହୋଇ ଯେବେ ଖାଏ ଦେବଭୂଷା,
ବାଲୁଭ ହୋଇ ସେ ନ ମାରେ ମୂଷା,
ରାଜା ହୋଇ ଯେବେ ତସ୍କର ପଶା,
କହ କି ହୁଅଇ ସେ ଦେଶ ଦଶା ।

୧୦୫। ବାଡ଼ ହୋଇଲେର ଦେବ ଡାଙ୍ଗ ହେଉଛି ତାକୁ ନ ଛାଡ଼ିବ ଯତନେ,
ଶତ୍ରୁକୁ ଆଶ୍ରିବ, ପାଣିକୁ ଭର୍ଷିବ ସଙ୍ଗେ ହୋଇଥିବ କନେ ।

୧୦୬। ବାଡ଼ି ଫଳ ଓ ଘରେ, ନା ଚୋଟ ସୁଅ ଓ ଘରେ ।

୧୦୭। ବାଡ଼ ଘୁଞ୍ଚିବ ନାହିଁ କି ଖାଟ ମରିବ ନାହିଁ ।
[ ଦୁଇ କୁଳକୁ ସୁହାଇଲା ଭଳି କାର୍ଯ୍ୟ କରିବା । ]

୧୦୮। ବାଣିଜ୍ୟ ଗ୍ରାହକୁ ଅଣା ନାହିଁ । (ବିବାହର ଅତ୍ୟନ୍ତ ଅନାଗ୍ରହ ।)

୧୦୯। ବାଣି ଝୋଣି, ମାଣି ଯାନି, ରେଙ୍କୁ ନ ମିଳିଲେ ଅମୁକ ଦୋକାନକୁ ଅଣ ।
[ ଅତ୍ୟନ୍ତ ମଫସଲର ପଣ୍ୟ ଦ୍ରବ୍ୟ ବିକି କରୁଥିବା ସୌଦାଗର ପ୍ରତି କଟାକ୍ଷ ବଚନ । ]

୧୧୦। ବାଦକୁ ସାତ ପୁଅ ଦେଇବା ।
[ ଈର୍ଷା ପରାୟଣା ନାରୀ ପ୍ରତି କଟାକ୍ଷ ବଚନ । ]

୧୧୧। ବାଦୁଡ଼ି, ବାଦୁଡ଼ି ଭୂତା, ଦେଉଁ ଫଳ ଖାଇ ପିତା ।
[ ସନ୍ଧ୍ୟାବେଳେ ବାଦୁଡ଼ି ଉଡ଼ି ଯାଉଥିବା ବେଳେ ଏହା କହିଲେ ଫଳ ବାଦୁଡ଼ିକୁ ପିତା ଲାଗେ ବୋଲି ଲୌକିକ ବିଶ୍ୱାସ । ]

୧୧୨। ବାଙ୍ଗଲା ଡଙ୍କା ପୁଅଙ୍କ ( ପିଲାଙ୍କ ) ବଳଦ ।

୧୧୩। ବାଘ ମାରିଲେ ପିଣ୍ଡେ ମରନ୍ତି ।

୧୧୪ । ବାଜା ବାଇଲୁ କଳା କରିବା ପାଇଁ,
କଣ୍ଟା ବାଡ଼ିରେ ଲଙ୍ଗା ପକାଇ ।

୧୧୫ । ବାପ ଝିଙ୍କା ମୁଠାଏକ ପୋଷି ନ ପାରେ ।
ମା ଖୁଦ ମୁଠାଏକ ପୋଷି ପାରେ ।

୧୧୬ । ବାପ ଥିଲେ ପୁଅ ଦଶଟର ହାତରେ ।

୧୧୭ । ବାପାଙ୍କ ଋଣ ଝିଙ୍କିଟି ଚିଳ ।
[ ଅସାଧ୍ୟ ସାଧନ କରିବା ପାଇଁ ବଳାତ୍କାର କରିବା । ]

୧୧୮ । ବାପ ଟେଙ୍ଗିଆ ଖାଇ, ପୁଅ ମୁଣ୍ଡକୁ ବାଳ ।
[ ବାପ କରିଯାଇଥିବା ଋଣ ବଢ଼ି ବଢ଼ି ପୁଅକୁ ବିପଦରେ ପକାଏ । ]

୧୧୯ । ବାପ ମା ଯିନା ଜନମ ଦେଇଛନ୍ତି, କରମ ତ ଦେଇ ନାହାନ୍ତି ।

୧୨୦ । ବାପ ଡେଇଁଲେ ବାଉଁଶ ଲମ୍ବା, ପୁଅ ଡେଇଁଲେ ବେଙ୍ଗ ଉଚ୍ଚ ।

୧୨୧ । ବାପ କୁମ୍ଭ ଋଷି, ପୁଅ ଅଗସ୍ତି । [ ପୌରାଣିକ ଆଖ୍ୟାନ ]
[ ପୁଣି ପରାକ୍ରମରେ ପିତାଙ୍କୁ ବଳିଯିବା । ]

୧୨୨ । ବାପ ପୁଅ ଦୁହିଁଙ୍କ ବୁଦ୍ଧି ଅନାଗ୍ରା, ଏଣେ ମୂଷାର ଗାଣ୍ଡି ମେଲା ।
[ ଅସାବଧାନତା ଯୋଗୁଁ କ୍ଷତି ହେବା । ]

୧୨୩ । ବାପ ଦେହୁରି, ପୁଅ ପୂଜାରି, ଘଣ୍ଟି ମୁଣ୍ଡ ସବୁ ତାଙ୍କର ।
[ ଗୋଟିଏ ପରିବାରର ଲୋକ କୌଣସି ଅନୁଷ୍ଠାନରୁ ସବୁ ଲାଭ ଉଠାଇବା ପ୍ରତି କଟାକ୍ଷ କଲେ । ]

୧୨୪ । ବାପକୁ ନ ମିଳେ ଖୁଦ, ପୁଅ ଖେଳୁଥାଏ ଦୁଧ ।

୧୨୫ । ବାପଘରର ହାଣ୍ଡି ଥକ ଥକ, ଶାଶୁ ଘର ହାଣ୍ଡି ଥର ।
[ କୁଟଦେଶ ]

୧୨୬ । ବାପ ଜାଣି ପୁଅ, ମା ଜାଣି ଝିଅ ।
[ ପୁଅଠାରେ ବାପର ଏବଂ ଝିଅଠାରେ ମା'ର ଗୁଣ ଓ ରୂପର ଅଧିକ ସାମଞ୍ଜସ୍ୟ ଲକ୍ଷିତ ହୁଏ । ]

୧୨୭ । ବାପ ଭଲ ଝିଅ ମା ଭଲ ପୁଅ ସୁଖ ପାଏ । (ଲୌକିକ ସଂସ୍କାର)

୧୨୮ । ବାପ ଥିଲେ ପୁଅ ସବୁଦିନେ ପିଲା ।

୧୨୯ । ବାମନ ହୋଇ ଜହ୍ନକୁ ହାତ ବଢ଼ାଇବା ।
[ ନିର୍ଗୁଣ ଓ ଅଯୋଗ୍ୟ ବ୍ୟକ୍ତି ଉଚ୍ଚାଭିଳାଷ ପୋଷଣ କରିବା । ]

୧୩୦ । ବାମୁଣ, ଭାଲୁଅ, ବଙ୍ଗାଳି, ଶ୍ୱାନ,
ଜୁଟିଲେ ହେଉ ଅସ୍ଥିର ସ୍ଥାନ ।

୧୩୧ । ବାୟା ହାତରେ ନାହିଁ ଫେସ୍ ।
[ ଉଚ୍ଛୃଙ୍ଖଳ ବ୍ୟକ୍ତି ହସ୍ତରେ ଗୁରୁଦାୟିତ୍ୱ ନ୍ୟସ୍ତ କରିବା । ]

୧୩୨ । ବାୟା ଚଢ଼େଇର କି ଯାଏ, ବା କଲେ ବସା ଦୋହଲୁଥାଏ ।
[ ସଂସାରର ଦୁଃଖ ଜଞ୍ଜାଳ ମୁକ୍ତ ଶିଶୁସୁଲଭ ଅନାସକ୍ତିର ପ୍ରଦର୍ଶନ । ]

୧୩୩ । ବାର ସାଆନ୍ତରେ ଘର, ତାହାକୁ କରିବ ପର ।
[ ଏକାଧିକ ପ୍ରଭୁଙ୍କ ଅଧୀନସ୍ଥ ଭୃତ୍ୟର ହଟହଟା ହେବାର ଉକ୍ତି । ]

୧୩୪ । ବାର କଥାରେ ବାହା ।
[ ବରପକ୍ଷ ଓ କନ୍ୟା ପକ୍ଷ ମଧ୍ୟରେ ବହୁ ଆଲୋଚନା ପରେ ବିବାହ ସ୍ଥିର ହୁଏ । ]

୧୩୫ । ବାର ବର୍ଷରେ କି କଅଁଳ କାଠ ହେବ ?

୧୩୬ । ବାର ବର୍ଷ ମାଟିରେ ପଡ଼ିଲେ ( ପାଣିରେ ପଡ଼ିଲେ ) ବାଉଁଶର ଚେନ୍ଧାଡ଼ ଯାଏ ନାହିଁ ।

୧୩୭ । ବାର ବରଷ ମଳିକା ପୋଟେଇ, ଶୁକ୍ରିଡ଼ା ଦେଖିଲେ ଲୁଗାରେ ବସେ ( ଖୋଳକରେ ପଡ଼େ ) ।

୧୩୮ । ବାର ବର୍ଷର ଘରସ୍ୱା ଛୁଞ୍ଚୁଆ ପୋଡ଼ା (ହେଣ୍ଡଳ) ରେ ଯିବା ।
[ ବହୁ କାଳର ସାଧନା ସାମାନ୍ୟ ବିଚ୍ୟୁତି ହେତୁ ପଣ୍ଡ ହେବା । ]

୧୩୯ । ବାର ଶହ ବଢ଼େଇଙ୍କର ଦାସ୍ତୁ ନାଁ ପୁଅରେ ଦାସ୍ତୁ ।
[ କୋଣାର୍କ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ କିମ୍ବଦନ୍ତୀ । ]

୧୪୦ । ବାରହାତ କାଙ୍କୁଡ଼ିକୁ ତେର ହାତ ମଞ୍ଜି ।
[ ଅତିରଞ୍ଜନ, ମିଥ୍ୟା । ]

୧୪୧ । ବାର ବର୍ଷର ଚୋରି ଦିନେ ବାହାରେ ପଡ଼େ ।
[ ଗୁପ୍ତ କଥା ପ୍ରକାଶ ପାଇବା । ]

୧୪୨ । ବାର ଦ୍ୱାର ଗୁଣ୍ଡି ମିଶ୍ରୀ ହେବା [ ଅଦୃଷ୍ଟ ହୀନ ହେବା ]

୧୪୩ । ବାର ବର୍ଷର କଥା ସୁଆଁଇଲେ ନୂଆ ।

୧୪୪ । ବାର ଜାତି ତେର ଚୋକା, ବୈଷ୍ଣବ ହେଲେ ସବୁ ଏକ ।
[ ବୈଷ୍ଣବ-ମାନେ ଜାତି ଭେଦ ସ୍ୱୀକାର କରନ୍ତି ନାହିଁ । ]

୧୪୫ । ବାର ଓଡ଼ିଆଙ୍କୁ ତେର ଚୁଲି ।
[ ଓଡ଼ିଆମାନଙ୍କ ମଧ୍ୟରେ ଏକତାର ଅଭାବ ପ୍ରତି ଲକ୍ଷ୍ୟ । ]

୧୪୬ । ବାଳି ପାଚିଲେ ବୋଲନ୍ତି ମଞ୍ଜୀ,
ଘଣ୍ଟ ଛିଣ୍ଡିଲେ ପାଆନ୍ତି ଗଣ୍ଡଶା ।

୧୪୭ । ବାଳ ପୋଡ଼ିଲେ ପାଉଁଶ ହୁଏଁ କି ଅଙ୍ଗାର ହୁଏଁ ।

୧୪୮ । ବାଲି ବନ୍ଧରେ କି ଜଳ ବନ୍ଧି ସମ୍ଭାଳେ ?

୧୪୯ । ବାଲିବନ୍ଧ, ଶଠ ପ୍ରୀତି, ଏ ଦୁଇହେଁ ଏକାପ୍ରଭ ।

୧୫୦ । ବାଲିଆ ମାଙ୍କଡ଼ର ବାଡ଼ ନାହିଁ, ବଇଷ୍ଣବଙ୍କର ଜାତି ନାହିଁ ।
( ବ୍ୟଙ୍ଗ )

୧୫୧ । ବାଲିଙ୍କି ବାଲୁଣି କାହାଣି ଆଠ ଘଡ଼ି ।
[ ବାହାନିଆ ଲୋକଙ୍କୁ ତ ]

୧୫୨ । ବାସି ପେଜ ଲାଗି ଟୁଟି ଥିବା ଧର ହିଅ ଲୋତ୍ଥାଏଂଘିଅ ।

୧୫୩ । ବାହା ହୋଇ ନାହିଁ ବୋଲି କଣ ବରଯାତ୍ର ଯାଇନାହିଁ ? [ କୌଣସି ବିଷୟରେ ସାମାନ୍ୟ ଅଭିଜ୍ଞତା ଥିବା ବ୍ୟକ୍ତିର ଉକ୍ତି । ]

୧୫୪ । ବାହାପିଅଙ୍କର ସୁଖ, ବାହାରେ ଚନ୍ଦ୍ର ଭାସ ବାହୁଡ଼ୋଇ ଘରେ ନ ମିଳିବ ଦାନା ।

୧୫୫ । ବାହା ବେଳକୁ ବାଇଗଣ ରୁଆ ।
[ ଅତ୍ୟନ୍ତ ଅସମୟରେ କାର୍ଯ୍ୟାରମ୍ଭ କରିବା । ]

୧୫୬ । ବାହାଘର କୁହେଁ ଭୁଆଘର ।
[ ଆମ ଦେଶରେ ବାହାଘର ଅତ୍ୟନ୍ତ ବ୍ୟୟସାପେକ୍ଷ । ]

୧୫୭ । ବାହାଘରେ ଯେତେ ମଲ ମଲ କୁହନ୍ତି, ତାଳ ଟୋପାରେ ସେତେ ମଲ ମଲ । [ ଦାୟିତ୍ବ ବହନ କରିଥିବା ଲୋକ ଦେହେରେ ହେବା ବ୍ୟକ୍ତିଙ୍କ ପ୍ରତି ଅଭିଯୋଗ । ]

୧୫୮ । ବିଛୁମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା ।
[ ସାମାନ୍ୟ କାର୍ଯ୍ୟ ପାଇଁ ଯୋଗ୍ୟତା ନ ଥାଇ ଗୁରୁତର କାର୍ଯ୍ୟରେ ହାତ ଦେବା ଭଳି ଦୁଃସାହସ ଓ ମୂର୍ଖତା । ]

୧୫୯ । ବିଲୁଅଡ଼ ଦେହରେ ଗାଣ୍ଡି ଘେଷିବା । [ବିପଦ ବରଣ କରିବା]

୧୬୦ । ବିଦୁର ଘରେ ମହାପ୍ରଭୁ ଶାଗଭାଜି ଖାଇବା ନ୍ୟାୟ ।
[ ପୌରାଣିକ ଉପାଖ୍ୟାନ । ]

୧୬୧ । ବିଧାତା ଶିର ଭଣ୍ଡି ଦେଖି ଦିଅନ୍ତି ।
[ ଯେ ଯେତିକି ଦୁଃଖ ସହି ପାରିବ ତାହାକୁ ସେତିକି ଦିଅନ୍ତି । ]

୧୬୨ । ବିନା ମେଘେ ବଜ୍ରପାତ । [ଅଚାନକ ବିପଦ ମାଡ଼ି ଆସିବା ।]

୧୬୩ । ବିନା ସୂତାରେ ହାର ଗୁନ୍ଥିବା ।
[ ମୂଳଧନ ନ ଥାଇ ଲାଭ ଉଠାଇବା । ]

୧୬୪ । ବିନାଶ କାଳେ ବିପରୀତ ବୁଦ୍ଧି ।

୧୬୫ । ବିନାଶ କାଳେ ବିପରୀତ ବାଣୀ;
ଗୁଳକୁ ଦୂଷା ପଣ୍ଡ ମାରନ୍ତି ବହୁଣୀ ।

୧୬୬ । ବିଲ୍ଲ ସଜିଲେ ଦେବା ମୁହଁ ପୋଡ଼ା ।
[ ଧାର୍ମିକଙ୍କ ପଟର ସାଧନାର ଉପକରଣ ପ୍ରତି ଅନାଦର ପ୍ରଦର୍ଶନ । ]

୧୬୭ । ବିଶ୍ୱାସେ ମିଳି ବାସୁଦେବ ତର୍କେ ଯାଏ ।

୧୬୮ । ବିରାଡ଼ି ଆଖି ବୁଜି ଦୁଧ ପିଇବା ।
[ ଅନ୍ୟ ଲୋକ ଜାଣୁନାହାନ୍ତି ବା ଦେଖୁନାହାନ୍ତି ମନେ କରି କୌଣସି ଗୋପନ କାର୍ଯ୍ୟ କରିବା । ]

୧୬୯ । ବାଘର ଭାଗ୍ୟକୁ ଶିକା ଛିଣ୍ଡିବା ।
[ସୁବର୍ଣ୍ଣ ସୁଯୋଗ ପ୍ରାପ୍ତ ହେବା ।]

୧୭୦ । ବାଘର କାମୁଡ଼ ନାହିଁ ବିଶ୍ୱାସ,
ଆପଣା ଛୁଆକୁ କରନ୍ତି ଗ୍ରାସ ।

୧୭୧ । ବାଘର ବେକରେ ଘଣ୍ଟି ବାନ୍ଧୁଛି କିଏ ? [ବ.ଲୋ]
[ମୂଷାମାନେ ଥରେ ସଭାକରି ସ୍ଥିର କଲେ ଯେ ବାଘର ବେକରେ ଗୋଟିଏ ଘଣ୍ଟି ବାନ୍ଧିଦେଲେ ସେ ମୂଷାମାନଙ୍କୁ ଖାଇବାକୁ ଆସିବା ବେଳୁ ଶବ୍ଦ ଶୁଣି ସେମାନେ ସାବଧାନ ହୋଇଯିବେ । କିନ୍ତୁ ତା ବେକରେ କିଏ ଘଣ୍ଟି ବାନ୍ଧିବ ଏ ପ୍ରଶ୍ନ ଉଠିବାରୁ ସମସ୍ତେ ନୀରବ ହେଲେ ! ]

୧୭୨ । ବାଘର ବୈଷ୍ଣବ । [କପଟାଚାରୀ ବାକ୍ୟ]

୧୭୩ । ବାଘର ଶୁଖୁଆମାଳି ପକାଇ ବୈଷ୍ଣବ ହେବା ।

୧୭୪ । ବାଘର ଭାର ଛୁଆକୁ ଏଘର ସେଘର କରିବା ନ୍ୟାୟ ।
[ନିରାପତ୍ତା ପାଇଁ ଇତସ୍ତତଃ ଆଶ୍ରୟ ଗ୍ରହଣ କରିବା । ]

୧୭୫ । ବାଘର [ବିଲେଇ] ହାତରେ ଶୁଖୁଆ ପୋଡ଼ା ।
[ଖାଦକ ହସ୍ତରେ ଖାଦ୍ୟର ଦାୟିତ୍ୱ ଅର୍ପଣ । ]

୧୭୬ । ବାଘର ଛିଙ୍କିବା ।
[ଲୌକିକ ବିଶ୍ୱାସ, ଯାତ୍ରାବେଳେ ବାଘର ଛିଙ୍କିଲେ ଯାତ୍ରା ବିଫଳ ହୁଏ ।]

୧୭୭ । ବାଘର ଅଣ୍ଟାଭଙ୍ଗା ଦେଖି ମୂଷା ଭରମ କରୁଛି ବସି ।
[ପ୍ରଭୁ ଅଯୋଗ୍ୟ ହୋଇଥିଲେ ଅଧୀନସ୍ଥ ଲୋକେ ନାନା ବାହାନା ଦେଖାନ୍ତି । ]

୧୭୮ । ବାଇମାଡ଼ ଦେଖି ଚୋଳିଅ ଡରେ ।
[ଜଣଙ୍କୁ ଦଣ୍ଡିତ ହେବା ଦେଖି ଅନ୍ୟ ଜଣେ ଦଣ୍ଡ ଆଶଙ୍କାରେ ପୂର୍ବରୁ ହିଁ ସାବଧାନ ହେବା । ]

୧୭୯ । ବାଳିଙ୍କୁ ସୁନ୍ଦର କଡ଼, ମୁଣ୍ଡିଙ୍କୁ ସୁନ୍ଦର ବେଣ୍ଟି ।
[କଡ଼—କାନରେ ବାଲି ଛିଡ଼ର ଘାସ ସଫା କରିବା ।]

୧୮୦ । ବାଲିଅ ହେବାରୁ ତା ଲଣ୍ଡିଆ ସୁନ୍ଦର ।
[ନିର୍ଗୁଣ ବଂଶର ଅସ୍ୱବଡ଼ିମା ।]

୧୮୧ । ବାଲିଅ ନନା, ଘର ପୋଡ଼ିଗଲା ପଛକୁ ଅନା ।

୧୮୨ । ବାଲିଅ ବାଘୁର । [ବୃଥା କଳ୍ପନା ଜଳ୍ପନା ।]

୧୮୩ । ବାଟେଳିଇ ପଡ଼ିଲ ଅନ୍ଧାରେ, ମୂଷା ମାରିଲା ଘୁଷୁରେ ।
[ଅନ୍ଧାରରେ ପଡ଼ିଥିବାବେଳେ ମ୍ଳାନ, ଦୁର୍ବଳ ବ୍ୟକ୍ତି ମଧ୍ୟ ସବଳ ଉପରେ ଦାଉ ସାଧେ ।]

୧୮୪ । ବାସ୍ନାକୁ ଧାଇଁଲେ ଚମ୍ପାଫୁଲ ମିଳ। ବାସିବ ନାହିଁ ।
[ଗୋଟିଏ କଥାକୁ ଅଧିକ ଆଲୋଚନା କରିବା ଭଲ ନୁହେଁ । ]

୧୮୫ । ବାସ୍ନାକୁ ଝାଡ଼ି ଦାନ୍ତରେ ଅଣିବା ।
[କୃପଣତାର ଚରମ ଦୃଷ୍ଟାନ୍ତ ।]

୧୮୬ । ବୁଆ ଶୁଙ୍ଘିଲେ ଥୋଇକୁ ନାହିଁ,
ବୁଆ ଶୁଙ୍ଘିଲେ ପାଇକୁ ନାହିଁ ।
[କୃଷି ବଚନ, ଭୁଣା ହୋଇଥିବା ଧାନ ଗଛର ମୂଳ ଶୁଙ୍ଘିଲେ ରହିଲେ ଧାନ ଭଲ ଫଳେ । କିନ୍ତୁ ବୁଆଧାନ ମୂଳେ ପାଣି ନ ରହିଲେ ଗଛ ମରିଯାଏ ।]

୧୮୭ । ବୁଡ଼ି ପାଣିର କଥା, ମୁଣ୍ଡ ଶୁଖିଗଲା ବେଳକୁ ନ ଥାଏ ।
[ବିପଦକାଳର ଉଦ୍‌ବେଗ ମନୁଷ୍ୟ ଶୀଘ୍ର ଭୁଲିଯାଏ ।]

୧୮୮ । ବୁଢ଼ାବଳଦ ଦୋଢ଼ି ଚାଲକୁ ଖାଲକୁ ।
[ମନୁଷ୍ୟର ଥରେ ପତନ ହେଲେ, ସେ କ୍ରମେ ଅଧଃ ପତନର
ଅତଳ ଗହ୍ୱରକୁ ଖସି ଯାଏ ।]

୧୮୯ । ବୁଢ଼ୀଗାଈ ଟେଲିବାର ଗୁଣ୍ଡା ଖିଅକୁ ଅଣା ।
[ବିକଳ ବ୍ୟକ୍ତିର ଅସହାୟତା ପ୍ରତି ଲକ୍ଷ୍ୟ ।]

୧୯୦ । ଭୁଡ଼ ଭୁଡ଼ ମଉଳି ଟାଣି କୁଆଳୀ ତୁଣ୍ଡାଇ ଖାଇଲେ ବାଘ ।
[ଜଣକର ଶ୍ରମ ଅର୍ଜିତ ଧନକୁ ଆଉ ଜଣେ ମାରିନେବା । ]

୧୯୧ । ବୁଢ଼ା ଦେଢ଼ଭାଳିକୁ ଦେଉଛ ଖୁନ୍ଦାଏ ।
[ବସ୍ତୁ ବୁଝି ସେଙ୍ଗ ସେଙ୍ଗ ବୁଝି ଲେପଥାଏ ।]

୧୯୨ । ବୁଦ୍ଧିକି, ବାଲୁଅ ଗାତକୁ ଦୋଳି ।

୧୯୩ । ବୁଦ୍ଧି ନ ଅଟେ ଘରକୁ, ବାଟେଇ ଯାଏ ପରକୁ ।

୧୯୪ । ବୁଦ୍ଧିରେ ବୁଦ୍ଧି ନାଁ ବଳେଇ ଚଣ୍ଡ ଯାଉଛନ୍ତି ଦୂର ।
[ଅତି ଚତୁର ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି ।]

୧୯୫ । ବୁଦ୍ଧି ଥିଲେ ବାପଘରେ ସୁଖ ।

୧୯୬ । ବୁଦ୍ଧି ଅଧ୍ୱଂଶ ହିବା । (ବୁଦ୍ଧି ଲୋପ ପାଇବା)

୧୯୭ । ବୁଲି ବୁଲି ଗୋଡ଼ିଲି ମାଟେ,
ମୋ ଘରେ କୁଣିଆ ଜଣେ ପଶୁଚେ ।

୧୯୮ । ବୁଢ଼ିଲାଇ ଖଇଟଲି ମାଣିକ ଦେଶ୍ରୀ ।
[ଗ୍ରାହକର ଦେବାଦ୍ୱାରା ମୂଲ୍ୟବାନ୍ ବସ୍ତୁର ମୂଲ୍ୟ ହ୍ରାସ ହୁଏ ।]

୧୯୯ । ବେଙ୍ଗ ବୋଲେ ବେଙ୍ଗୁଲିକେ ମଣ୍ଡୁ ଖଣି ଦିଶେକ ଅନ ।
[ପୃଥିବୀ ଚିର ପରିବର୍ତ୍ତନଶୀଳ । ]

୨୦୦ । ବେଙ୍ଗ ପେଟରେ କଣ ଘିଅ ପଶିବ ?
[ କୌଣସି ବସ୍ତୁ ସୁସ୍ତୁରଖି ନ ପାରିବା ବାମ୍ନା ସୁଲୁବାସ୍ତିକୁ ବନ୍ଧନ କରି ନ ପାରିବା ବ୍ୟକ୍ତି ପ୍ରତି କଟାକ୍ଷ ବଚନ । ]

୨୦୧ । ବେଙ୍ଗ ସାଙ୍କୁ ଜଳମ୍ଭଳ ଛଣୀ ଟେକାଇ କହେ ମୁଁ ରାଜା !
[ବୃଥା ବଡ଼ିମା ।]

୨୦୨ । ବେଟିଆ ଖାଏ ତାଙ୍କୁ ପୁଣି ଟୋଟିଆଖାଏ ।
(ହାସ୍ୟାସ୍ପଦ କଥା । )

୨୦୩ । ବେଟି କହି ନ ବୋଲିଣୀ, ଜାଣି ହୋଇ ନ ଅଲଣୀ ।

୨୦୪ । ବେଣ୍ଡ ଉପରେ ଚୋରଡ଼ା । }
୨୦୫ । ବେଣ୍ଡ ଉପରେ ଝଣକର ଘା । }
[ ଦୁଃଖ ଉପରେ ଦୁଃଖ ବା ଦଣ୍ଡ ଉପରେ ଦଣ୍ଡ । ]

୨୦୬ । ବେଣାକୁ ମୋଟ ଜୁଣ୍ଡକୁ ସରୁ ।
[ କୌଣସି କାର୍ଯ୍ୟକୁ ଅବମର୍ଶଣ୍ୟ । ]

୨୦୭ । ବେଣ୍ଟି ଲଡି ମୁଣ୍ଡ ବାଜି ଯାଏ ।

୨୦୮ । ବେପାରୁ ନ ଉଠେ ବାର, ତାକୁ ଧରାଧରି ଶାସ୍ତ୍ର କରୁ ।

୨୦୯ । ବେପାର ଗାଳି ।
[ ବେପାର ବାଣିଜ୍ୟ ସମ୍ପୃକ୍ତ ଅଲଂଘନୀୟ । ]

୨୧୦ । ବେଶ୍ୟାଘରେ କାନ୍ଥ ସମୁଦ୍ରବେଳେ ଟେକ ତାଳ ।

୨୧୧ । ବେଳ ବେଳକ ଖାଇ, ଯୁଗ ଯୁଗକୁ କଥା ।

୨୧୨ । ବେଳସୁଁ ଗାଧୋଇଦେଲୁ କାଠଳ ଧାଉ ।

୨୧୩ । ବେଳକୃଷ୍ଣ ପାନ (ପାଣି) ଜଳେଇ, ଗାଁ ବାହାରର ଘର ସ୍ତ୍ରୁରେଇ, ବୁଢ଼ାଭାଳ ଶାଖ୍ର ପାରେଇ ।

୨୧୪ । ବେଙ୍ଗଅ ଘରେ ଅଲଙ୍କୁକା କୁଣିଆ ।

୨୧୫ । ବେଙ୍ଗଅ ମୁହଁରେ ଗଛ ବେଙ୍ଗ,
ସେ କହେ ମୋତେ ଘୁଷ ଭଙ୍ଗ ।

୨୧୬ । ବେଙ୍ଗଅ କଣ କଇତର ଫଳନ୍ତି ?

୨୧୭ । ବୋଇଁ ଉପରେ ଗଳାଗା ଖିଣ୍ଡା ।
[ ଦାନ୍ତ ଉପରେ ଦାନ୍ତ, ଘୁଷୁରୀର ଦାନ୍ତ ଭଳିବା । ]

୨୧୮ । ବୋଝ ଥାଉଥାଏ ସୁଅ ମୁହଁରେ, ଧିମୁଣ୍ଡ ଗାଡ଼ରେ ଲଡ଼େ ।
[ ଅନ୍ୟ ଘରେ ବହୁ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଅଳ୍ପ ସାମାନ୍ୟ ବିଷୟରେ କୃପଣତା ପ୍ରକାଶ ପାଇବା । ]

୨୧୯ । ବ୍ୟାଘ୍ର ଦେଖି, ଲୁଚ ଦେଖି, ଶତ୍ରୁ ଦେଖି ।
[ ଏମାନଙ୍କୁ ଜାଗର ନ କଲେ ବିପଦରେ ପଡ଼ିବାକୁ ହୁଏ । ]

୨୨୦ । ବ୍ରହ୍ମା ବାଳିକିଲେଲେ ବେଦ ।
[ ପଦସ୍ଥ ବ୍ୟକ୍ତି ଯାହା କହନ୍ତି ପଣ୍ଡିତେ ତାକୁ ବେଦ ବାକ୍ୟ ଭଳି ଅଲଙ୍ଘନୀୟ ବୋଲି ଗ୍ରହଣ କରନ୍ତିବା । ]

୨୨୧ । ବ୍ରାହ୍ମଣ ହୋଇ ପିଇଲି ଦୋ, ଅଥବା ହୋଇଣ ଲଗାଏ ମୁଣ୍ଡ, ଅନ୍ତପାଣି ଥାଇ ନ ଲଭେ ସିଦ୍ଧି, କହନ୍ତି ଦାନାଇ ଏ ନୀତି ବୁଦ୍ଧି । [ ଦାନାଇ ଦାସଙ୍କ ପଦ୍ଧତି ]

୨୨୨ । ବ୍ରାହ୍ମଣ ଭକ୍ତା, ଚଣ୍ଡ ପରକା, ଓଡ଼ ତଳ୍ପ ଅମ୍ଳିଳ ଶୀତଳ ଭକ୍ତା,
ସଖି ଏ ବଡ଼ ମଜା ।

୨୨୩ । ବ୍ରାହ୍ମଣ, ବଇଦ, ବରଣ, ବଢ଼ି,
ଦକ୍ଷିଣା ପାଇଲେ ଯାଆନ୍ତି ଛାଡ଼ି ।
[ ଦକ୍ଷିଣା ପାଇଲେ ବ୍ରାହ୍ମଣ ଓ ବୈଦ୍ୟ ବିଦାୟ ନେବା ପରି ଦକ୍ଷିଣା ପାଇଲେ ବର୍ଷା ଓ ବଢ଼ି ଛାଡ଼ିଯାଏ । ]

୨୨୪ । ବ୍ରାହ୍ମଣ ରୁଷ, ଧୂଳି ହୁଇଁ ହୁଇଁ ଉପରେ ଘାସ,
ମହାନ୍ତି ରୁଷ, ପିଣ୍ଡାରେ ବସ,
ବଣିଆ ରୁଷ, ଗୁଳା ଗୁଣ୍ଡୁ ଗୁଣ୍ଡୁ ଶୁଁ ଶୁଁ ଜାଣ ।

୨୨୫ । ବ୍ରାହ୍ମଣ ଘରେ ଶୁଦ୍ର କୁଣିଆ । [ ଅସୁବିଧା ଜନକ ]

୨୨୬ । ବ୍ରାହ୍ମଣ ଖାଉ, କଠାରେ ସ୍ୱାଦ ।
[ ବ୍ରାହ୍ମଣମାନଙ୍କ ଭୂରିଭୋଜୀ ପ୍ରତି ଆକ୍ଷେପ ]

୨୨୭ । ବ୍ରାହ୍ମଣ କଳା, ଶୂଦ୍ର କଇଁଆ ( କଏଡ଼ ) ଜଙ୍ଘାଳିଆ ଓଡ଼,
ଏ ତିନିଟିଙ୍କି ଆଗରେ ରଖିଲେ ପଛକୁ ହାଣନ୍ତି ଗୋଡ଼ ।
[ ଏମାନେ ଅବିଶ୍ୱାସୀ ]

୨୨୮ । ବ୍ରାହ୍ମଣୀ ହାତରେ ଅଣ୍ଡା ।
[ ଜ୍ୟୋତିଷ ମତରେ ଯେଉଁ ବର୍ଷ ଶନି ଗ୍ରହ ମିଥୁନ, କନ୍ୟା,
ଧନୁ ଓ ମୀନ ରାଶିରେ ଅବସ୍ଥିତ ସେ ବର୍ଷ ଥିବାରୁ ଶସ୍ୟ
ହୋଇବାର ଭାଗ ଥାଏନି ବା ବ୍ରାହ୍ମଣୀ ହାତରେ
ରହେ ଓ ବଜାରରେ ଚାଉଳ ମହଙ୍ଗ ପଡ଼େ । ]

—ଭ—

୧ । ଭଉଣୀ ଘରେ ଭାଇ, ଶ୍ୱଶୁର ଘରେ ଜ୍ୱାଇଁ, ଫଉଅଇଁଠା ଖାଇ ।

୨ । ଭଉଣୀ ରାଣୀ ହେଲେ ଭାଇ ହୁଏନି ରଜା,
ଝିଅ ସେବନ୍ତାରେ ବୋଲାଏ ରାଜାଙ୍କ ପରଜା ।

୩ । ଭତାସ୍ତ ଖାଇଁ ? ନାଁ ମା ପେଟରେ ।
[ ଭିକାରି ଶିଶୁଙ୍କ ଆଚରଣ ପ୍ରତି ଲକ୍ଷ୍ୟ ]

୪ । ଭଗାରି ନ ଥିଲେ ଖାଣ୍ଡାଳିଆ ଭଗାରି ।

୫ । ଭଣ୍ଡାରି ହାତରେ ପଇସା ଛୁଟି,
ସେଣିକି ଓଟାରେ ତେଣିକି ଛୁଟି ।
[ କୌଣସି ବ୍ୟକ୍ତିର ସମ୍ପୂର୍ଣ୍ଣ ଅଧୀନରେ ରହିବା । ]

୬ । ଭଣ୍ଡାରି ପଣ୍ଡୁର ଗୋଡ଼ ଢ଼େଏ, ଭଣ୍ଡାରି ଗୋଡ଼ ଅଣ୍ଟା ଭଙ୍ଗେ ।

୭ । ଭଣ୍ଡାରି ହାଣ୍ଡରେ ସମସ୍ତ ଠାକୁର ।

୮ । ଭଣ୍ଡାରି, ବ୍ରାହ୍ମଣ, କାହାକ, ଭାଟ,
ଏମି ପିଟିଲେ ନ ମରନ୍ତି ଆଉ ।
[ ଏମାନଙ୍କୁ 'ଜାତିଆ ଜୀବାତ୍ମ ପାଇଁ କାରଣ ହୁଏ ସଣ
ହେବାକୁ ପଡ଼େ ନାହିଁ । ]

୯ । ଭଣ୍ଡାର ଦେଖିଲେ ଭାଇଙ୍କୁ ଜିଭ ଭଉଁଚେ ।
[ ସୁଯୋଗ ମିଳିଲେ ସୁବିଧା ମାରି ନେବାର ଅଭିଳାଷ ପ୍ରତି- ଉପଲକ୍ଷ୍ୟ । ]

୧୦ । ଭଣ୍ଡାର ଗଳାରେ ପିବା । [ ବ୍ୟର୍ଥ ହେବା ]

୧୧ । ଭଲ ବେଳକୁ ସମସ୍ତେ, ମନ୍ଦ ବେଳକୁ କେହି ନୁହେଁ ।

୧୨ । ଭଲ କଳେବରେ ଖଣ୍ଡିଆ ହେବା । [ ଅପଦସ୍ତ ହେବା ]

୧୩ । ଭଲ ରାମଚଣ୍ଡୀ ଭଲରେ, କଳାପାହାଡ଼କୁ ଦେଖିଲେ ବଧାଇ ଭଣ୍ଡା ପାଣି ଆଣି ଗଲରେ ?
[ କଳାପାହାଡ଼ ଓଡ଼ିଶାର ସବୁ ଦେବ ଦେବୀଙ୍କର ମୂର୍ତ୍ତିକୁ ଭାଙ୍ଗି ଖଣ୍ଡିଆ କରିଦେଇଥିଲେ ମଧ୍ୟ ରାମଚଣ୍ଡୀଙ୍କୁ ପାରି ନ ଥିଲେ । ରାମଚଣ୍ଡୀ ପାଣି ଆଣିବା ବାହାନାରେ ମନ୍ଦିର ତ୍ୟାଗ କରି ଯାଇଥିଲେ ବୋଲି କିମ୍ବଦନ୍ତୀ ଅଛି । ]

୧୪ । ଭାଗ୍ୟ ନୁହେଁ ଉଟାଣ୍ଡି, ହାଡ଼ ନୁହେଁ ହାଣ୍ଡି ।

୧୫ । ଭାଇ ଘରକୁ ଭଉଣୀ ଗଲେ ସିନ୍ଦୂର ମଥାଏ ।

୧୬ । ଭାଇ ଦ୍ୱନ୍ଦରେ ଲଙ୍କାଗଡ଼ ଭଙ୍ଗ । (ପୌରାଣିକ ଉପାଖ୍ୟାନ)

୧୭ । ଭୂତଙ୍କ ଭାଣ୍ଡ, ମଡ଼ାକୁ କାଠ; ଘୋଡ଼ାକୁ ବାଗ ଶୀତକୁ- ମାଠ ।

୧୮ । ଭୁଲ ଭଡ଼ାଶ୍ୱରେ ଘର ଭଣ, କାଏ ସେ ଅଛି ସତ ଧର ।

୧୯ । ଭାଙ୍ଗକୁ ଚୂଡ଼ା ଘଷା, ମାଉଁସକୁ ମଦ,
ଗଞ୍ଜେଇକି ଘିଅଳୁଣ, ଅଫିମକୁ ଦୁଧ ।

୨୦ । ଭାଙ୍ଗିଲା କାଚ କି ଯୋଡ଼ି ହୁଏ ?

୨୧ । ଭାତ ହାଣ୍ଡିକୁ କୋଡ଼ିଏ ଚାଟିଲେ ସରୁ ।
[ ଅଂଶ ବାଣ୍ଟଣରେ ଦାୟାଦମାନଙ୍କ ସମୁଦାୟ ସମ୍ପତ୍ତିର- ସତ୍ୟାସତ୍ୟ ନିରୂପିତ ହୁଏ ।

୨୨ । ଭାତକୁ ଅଣ୍ଟୁଆ ଟେଙ୍ଗା, ବାଡ଼ିକୁ ଅଣ୍ଟୁଆ ଗୁଡ଼ା ।

୨୩ । ଭାଉଜଙ୍କ ସମ୍ମୁଖରେ ବଡ଼ପ, ଲୁଗାଉଙ୍କ କଣରେ ପଡ଼ଶ ।

୨୪ । ଭାତ ମକ୍‌ମକାଏ କି ବାସ୍ନା ମଚ୍‌ମଚାଏ ।
[ଗୃହଲକ୍ଷ୍ମୀ, ସୁଲକ୍ଷଣ, ସ୍ତ୍ରୀ ଓ ସୁନ୍ଦରର ବାହ୍ୟଶ୍ରୀ
ସୂଚନା ଦିଏ ।]

୨୫ । ଭାତ ଥିଲେ କେତେ ଭାଗୁଆ ଆସନ୍ତି ।

୨୬ । ଭାତ ବାଢ଼ିଲେ ସମ୍ବନ୍ଧ କୁଆ ।
[ପଇସା ଥିଲେ ଲୋକଙ୍କର ଅଭାବ ରହେ ନାହିଁ ।]

୨୭ । ଭାତ ନାହିଁ ସାର ନାଉ ନାହିଁ ଭାର ।
[ଧନସ୍ଥାନ ବାଧ୍ୟ ଦୁର୍ବଳ ।]

୨୮ । ଭାତଖାଇ ଗୁହାଳ ମାରିବା ।

୨୯ । ଭାତ ମଣ୍ଡରଗରେ ପଡ଼ିଲ ଖଣ୍ଡା ।

୩୦ । ଭାଦ୍ରବ ମାସର ଟୋପା, ଅଳପଣ ଲୋକର ଢୋଗ୍ରା ।
[ଜଳବତ୍ କ୍ଷଣସ୍ଥାୟୀ ।]

୩୧ । ଭାଷା ଲଢ଼ି ସାନଶଳାଙ୍କୁ ଦଣ୍ଡବତ ।

୩୨ । ଭିକାରୀକି କଥା କହୁନା, ମାରିବ ଦେ,
ପିଲାକୁ କଥା କହୁନା ଲାଗିବ ଦେ ।

୩୩ । ଭିଟେନିଆଁଲ ଭାଲ ପଣ୍ଡିଣୀ ପଣ୍ଡାଙ୍କୁ ବୋଷ୍ଟୀ କୁହିଲ ।

୩୪ । ଭୀମବଳ କୁନ୍ତୀଙ୍କୁ ଜଣା । [ପୌରାଣିକ ପ୍ରବଚନ]

୩୫ । ଭୁଞ୍ଜି, ଟିକି, ଖା, ମରଣାନ୍ତ, ଭୋଗାଣି, ଠା ।
[ଖାଦ୍ୟାଭ୍ୟାସ ଚେତେଲେହେଁ ଉପଦେଶ ଏକ ।]

୩୬ । ଭୁଲୁଣ୍ଡରେ ନିଷ୍ପଳ ଗାଧୁ ।

୩୭ । ଭୁଷଣ୍ଡବା ଯାଗ ବାର୍ ବାର୍ ମହାଭାରତ ଯୁଦ୍ଧ ଶେଷ ।
[ପୌରାଣିକ ପ୍ରବଚନ । ଏକାନ୍ତ ଦୀର୍ଘସୂତ୍ରୀ ବ୍ୟକ୍ତି ପ୍ରତି ଉପହାସ ବଚନ । ]

୩୮ । ଭୂକିଅ ବୁଢେଣା ଚୋର, ପିଠେ ତେଲ୍‌କୁଣ୍ଡା ।

୩୯ । ଭେକଥିଲେ ଭିକ ମିଳେ ।

୪୦ । ଭେକ ବାଜିଲେ ତେଲୁଟି ଶିଳଭା ।

୪୧ । ଭୋକ ରଖି ଖା, ଭୋକ ଦେଖି ଖା, ତେବେଠି ରୋଗର ପାଖେ ନ ଯା । [ ସ୍ୱାସ୍ଥ୍ୟରକ୍ଷା ବଚନ ]

୪୨ । ଭୋକେ ଉଖୁଆ ଶାଗ ଖାଏ ।

୪୩ । ଭୋଗବଢ଼ାଳୁ ଭଣେ, ଗଣ୍ଠି ମନ୍ତ୍ରଥାନ୍ତି ପଣେ ।

୪୪ । ଭୋଗୀକୁ ଅସୁଖ ନାହିଁ, ରୋଗୀକୁ ମରଣ ନାହିଁ ।

୪୫ । ଭୋଜନ ଅନ୍ତେ ତାମ୍ବୁଳ ପସ୍ତୁର (କସ୍ତୁର) ।

୪୬ । ଭୋଗୀ ହୋଇଥିଲି ବରଷେ, ଯୋଗୀ ହେଉଥାଇ ପୁରୁଷେ ।

୪୭ । ଭୋଦୁଅ ମାସର ଖରା; ବାଘ ନାହିଁ ଖାଏ ଚରା ।
[ଭୋଦୁଅ ମାସର ଖରା ବାଢେ । ]

୪୮ । ଭୋଦୁଅ ବର୍ଷି, ଅଶିଣ ଖୁଣ୍ଡି ।
[ଭୋଦୁଅ ମାସରେ ଧାନ ବନ୍ଧ ଖାଲ ପାଣି ବନ୍ଧି ନାଅନ୍ତରେ ମଡ଼ାଇଲେ ଏବଂ ଅଶ୍ୱିନ ମାସରେ ଛିଟି ଛିଟି ବର୍ଷା ହେଲେ ଧାନଫସଲ ଭଲ ହୁଏ । ]

୪୯ । ଭୋଳାନାଥ ଯୋଗୀ, କର୍ପୂର ପାନ ଭୋଗୀ ।
[ଭଣ୍ଡ ତପସ୍ୱୀ । ]

# —ମ—

୧ । ମଇଁଷି ଶିଙ୍ଗ ଫଟା, ଘୁଷୁରିଙ୍କ ଦେଖିଲୁ ଡୋଳା ।
[ବାହ୍ୟ ଶକ୍ତି ସମ୍ପନ୍ନ ଲୋକର ଅଭ୍ୟନ୍ତରୀଣ ଦୌର୍ବଲ୍ୟ ସ୍ଥଳ ସମ୍ବନ୍ଧ ଭାବରେ ପ୍ରତିରୋଧ କରିବା । ]

୨ । ମଇଁଷି ମରଣେ କୁହାଟେଣାଖିଆ , ଘୁଷୁରି ମରଣେ ଥାଇଁ ।
[ଘୁଷୁରି ଉଠିବାଠାରୁ ମଇଁଷି ଉଠିବା କଷ୍ଟକର ।

୩ । ମଜ୍ଜନମୁଣ୍ଡାଁକୁ ଘରଡେ ନାହିଁ ।

୪ । ମଲାରେ ମଙ୍ଗଳ ଅଠିଲାରେ ସୁତା,
ଦାସୀପୁଅ ହେଲେ ଧରିବ ଛତା । (ଟୋଂଅଡ ବଚନ)

୫ । ମଘଦେଶୀସ୍ତ୍ରୀ ଅଣ୍ଟା ଖାଇଲେ ସିଂହଳ ରହ ନ ଥାଏ ।
[ଯେଉଁ ଦେଶରେ ଅଣ୍ଟା ହୁଏ ନାହିଁ ସେ ଦେଶର ଲୋକେ ଅଣ୍ଟାଖାଇଲେ ସେବକଭିକର ଖାଆନ୍ତି । ]

୬ । ମଙ୍ଗଳ ଶୁକ୍ର ବୁଧ ପାହାନ୍ତି, ସେଠିଣି ଯାଇ ଦେଖେଣି ସଣ ପାଆନ୍ତି । ( ମଙ୍ଗଳବାର ଶୁକ୍ର ବୁଧବାର ପାହାନ୍ତିରେ ଅନୁକୂଳ କରି ଯାତ୍ରା ଶୁଭ ହୁଏ । )

୭ । ମଣି ବାଘକୁ ବାଘ ଖାଇଁ, ବାଘ ଫଳାଫଳ ଛରକା ଯାଇ ।

୮ । ମଣ୍ଡି ଘୁରେଣି ଫଳ, ତୀର୍ଥଘୁରେଣି ଜଳ ।

୯ । ମଟୁଆ ବଳଦ କାନ୍ଧରୁ ଚେତେ, ଗାଈ ଠାଇଁ ଥାଇଁ ମନ୍ଦରୁ ଭେଟେ ।

୧୦ । ମନ୍ଦୁରୁ ଥାଇଲେ ଚେଲୁର ତାଳେ ।

୧୧ । ମଠରେ ଟାଳି ଗଛରେ ବେଙ୍ଗଡେଞ୍ଚିବା ।
[ଶିଳ୍ପାନୁରାଗ ସ୍ଥାନରେ ଭାଳଶାସନ ଚଳିବା । ]

୧୨ । ମଠ ଭୁକରୁଆ ଖୋଲିବୁ, ସେବକ ଅନ୍ନରୁଆ କୋଳିବୁ,
ଘଣ୍ଟି ବାଜିବାକୁ ଚାହିଁବୁ, ମଠ ମଠ କରି ଖାଇବୁ,
ମଠଟି ଭିତରେ ମାଠଟି ଘୋଡ଼େଇ ଭାଠଟି ପରି ଶୋଇବୁ ।
[ ଆମ ଦେଶର ସଦାବ୍ରତ ମଠମାନଙ୍କରେ ଭୁକାଳି କରୁଥିବା ବାଳକଙ୍କୁ ବାଲ୍ୟରେ ଖାଇବାକୁ ମିଳିବାର ଅଭ୍ୟାସ । ]

୧୩ । ମଡ଼ ସେଜିଁଠି ଟାଗୁଣୀ ସେଇଠି ।

୧୪ । ମଣିଷ ଫୁଲିଲେ ଶୋଇଲେ ଭୁତ, ସେଠ ଫୁଲିଆଏ ଖାଇଲେ ଗତି । [କୃଷିବଚନ ]

୧୫ । ମଣିଷ ଭୁଖା ହେଲେ ମଲା, ଭୁଇଁ (ଧୂଆଁପତ୍ର) ପଞ୍ଜା ହେଲେ ଭଲ ।

୧୬ । ମଣିଷ ବସିଲେ ଜଣାପଡ଼େ, ସୁନା ଘଷିଲେ ଜଣାଯାଏ ।
[ ସ୍ଥଳ ଚଳନରୁ ମନୁଷ୍ୟର 'ପ୍ରକୃତ' ଜଣାଯାଏ । ]

୧୭ । ମଣିଷ ଗୋଟିକେ ପ୍ରକୃତି ଗୋଟିଏ ।

୧୮ । ମଣିଷ ଗାଙ୍କରେ ଲକ୍ଷ୍ମୀ ବିଟାଳି,
ବ୍ରାହ୍ମଣ ଗାଙ୍କରେ ଚଣ୍ଡୀ ବିଟାଳି ।

୧୯ । ମଣି କାଞ୍ଚନ ସଂଯୋଗ । ( ଦୁଇଟି ଉପଯୁକ୍ତ ବସ୍ତୁର ମିଳନ )

୨୦ । ମଦ ଖାଇ ମଦ ବୋଲି ହେବା । (ନିଶାରେ ଚୁର ହେବା)

୨୧ । ମଦ ଖାଇବ ବୋଲି କଣ ଧୂମରେ ବୋଲା ହେବ ?

୨୨ । ମଦାପଡ଼ା, କାମ ସରିଲେ ଛେଡ଼ଛେଡ଼ା ।
[ ମଦାଗଡ଼ା ପରି କାର୍ଯ୍ୟ ସିଦ୍ଧି ପରେ ଉପକରଣକୁ ପରିତ୍ୟାଗ କରିବା । ]

୨୩ । ମଦନ ଝିଅ, ପାନ ନାହିଁ, ଗୁଆ ନାହିଁ ଖାଲି ବହିଅ ।

୨୪ । ମନ ଛତ୍ରି ଛଟିଲେ ଡେଙ୍ଗା ( ଗାଲୁଆ ) ଢଙ୍ଗ ।

୨୫ । ମନ ଗଗନ ଉପରେ ଥାଏ, କର୍ମ ଦାଉଁଳ ବଣ୍ଣୁଥାଏ ।

୨୬ । ମନ ଦୃଢ଼ ଥିଲେ ଦାସ୍ତ ସାଙ୍ଗରେ ଘର ।

୨୭ । ମନଫୁଲଣିଆ ଗୀତ ଗାଏ, ରସିକା ନାସ୍ତି ବାଡ ଘର ଯାଏ ।

୨୮ । ମନରେ ନାହିଁ କି, ମାଳାରେ ନାହିଁ; ଜପି ଭଜି କରି ପାଇବୁ କାହିଁ ?

୨୯ । ମଣିଷର ସବୁ ଭଣ୍ଡିବ, ମରଣ ଭଣ୍ଡିବ ନାହିଁ ।

୩୦ । ମଣିଷ ମାସ୍ତୁରେ ଦେବତା ପଣ ପାରନ୍ତି ନାହିଁ ।

୩୧ । ମନ ଟେଳୁଛି, ମନ ଟେଳାଇଲି କିଏ ଦେଖିଲୁ ?

୩୨ । ମନକୁ ଜିଣିଲେ ମୁନି ।

୩୩ । ମଟଳ ମଟଳ ଜାଣି ପିଠା ଖାଉଛି । ( ବ୍ୟଙ୍ଗ )

୩୪ । ମଟନ ମଟନ ଭଣ୍ଡ ଖାଇବା । ( ବ୍ୟଙ୍ଗ )

୩୫ । ମନବୋଧ ଚଉତିଶା ପଢ଼ାଇବା ।
[ ବୃଥା ସାନ୍ତ୍ୱନା ଦେବା । ]

୩୬ । ମନ ଭାଙ୍ଗିଲେ ଛେଉଁପା, ହାଣ୍ଡି ଭାଙ୍ଗିଲେ ଖପରା ।

୩୭ । ମଳ ମଳ ଗୁରୁବର ବାଆ, ଝୋଡ଼ାଝୋଡ଼ା ମେଘର ଖାଅ, ଶଶୁରକୁ ବୋଲେ ବାହୁଡ଼ି ଭଳ, ଅଣ ନ ବର୍ଷିବ କାଳ ।

୭୮ । ମସ୍ତକ ଚେନ୍ଦୁଆଇ ଅଣ୍ଟିକୁ ଲୁହ ଗଡ଼ାଇବା ।
[ ଭାବର ଛଳନା କରିବା ]

୭୯ । ମଳ ଧାଡ଼ିକୁ ବଳ, ମଳ ଧାଡ଼ିକୁ ଭାଳ ।
[ କୋଷ୍ଠ ପରିଷ୍କାର ହେଲେ ସ୍ୱାସ୍ଥ୍ୟ ଭଲ ରହେ, ଏବଂ ବନ୍ଧ ଝାଡ଼ା ହେଲେ ସ୍ୱାସ୍ଥ୍ୟହାନୀ ଦେହ ଖରାପ ହୁଏ । ]

୮୦ । ମଲା ପୁଅ ମହୁସୂଦନ ।
[ ଯେଉଁ ପିଲା ଶିଶୁ ଅବସ୍ଥାରେ ମରେ ସେ ବୁଦ୍ଧିମନ୍ତ ଓ ସୁନ୍ଦର ହୋଇଥାଏ । ]

୮୧ । ମଲା ପୁଅ ସୁନ୍ଦର, ପଳାଇଲା ମାଛ ବଡ଼ ।
[ ହୃତ ବସ୍ତୁକୁ ମନୁଷ୍ୟ ସବୁବେଳେ ବଡ଼ କରି ଦେଖାଏ । ]

୮୨ । ମଲା ନାଁ, ଭଲା ପାଞ୍ଚିକୁ ଗଲା ।

୮୩ । ମଲା ପୁଅର ଜଳା ଚେନ୍ଦି ।

୮୪ । ମଲା ବେଳକୁ ସତ୍ୟ ପଥ କହୁଛି ।
[ ମୃତ୍ୟୁ ସମୟରେ ସତ୍ୟ ପ୍ରକାଶ କରିବା ଯେତ ଉପଲବ୍ଧ । ]

୮୫ । ମଲା ମୁଣ୍ଡ ପଶ୍ଚିମକୁ ନଇଲେ ଉତ୍ତରକୁ ।
[ ପଶ୍ଚିମକୁ ବା ଉତ୍ତରକୁ ମୁଣ୍ଡ କରି ଶୋଇଲେ ଅକାଳ ମୃତ୍ୟୁ ଘଟେ । ] (ଲୌକିକ ବିଶ୍ୱାସ )

୮୬ । ମଲା ଘୋଡ଼ାର ଥାଙ୍କ ମାରିବା । ( ବ୍ୟର୍ଥ ପ୍ରୟତ୍ନ )

୮୭ । ମରେ ଖଣ୍ଡି କପଡ଼ା ଛାଡ଼େ ନାହିଁ ।

୮୮ । ମରେ ହଂସ, ନ ଖାଏ ଟେଗା ମାଂସ ।

୮୯ । ମରିବ ବୋଲି କଣ କାଢି ଘୋଡ଼ାଇ ଦେଇ ଶୋଇବ ।
[ ମୃତ୍ୟୁକୁ ଅକାରଣ ଭୟ କରିବା । ]

୫୦ । ମଲାଠାରୁ ଘୋଡ଼ଶ ବାଘେ ।
[ ମୃତ୍ୟୁଠାରୁ ଜଞ୍ଜାଳରେ ଅଙ୍ଗହାନି ସତ୍ତ୍ୱେ ଛଟ ପଟ ହେବା ଅଧିକ ଦୁଃଖଦାୟକ । ]

୫୧ । ମଲ ମଣିଷର ଲହୁଣୀର ଅଁଶି । ( ଲୌକିକ ବିଶ୍ୱାସ )

୫୨ । ମଲ୍ଲୀକୁ କେମ ପାଟି ନ ଫିଟାଇବା । ( ନୀରବତା ଅବଲମ୍ବନ)

୫୩ । ମଳ୍ପ ଲେଉଟୁଥିଲା ପଇଡ଼ ପାଣି,
ବଳଦ ବୋଇଲା ଧାଅ ଦୋହଣି ।

୫୪ । ମଳି ସାଙ୍ଗେ ନଡ଼ର ଜଳ, ମାଘ ଗଲେ ଫଗୁଣକୁ ଅଢ଼ିବ ହିଁଛି । [ବସନ୍ତ ପବନ ବାଜିଲେ ଦେହରୁ ମଳ ଉପୁଡ଼ିଯାଏ । ]

୫୫ । ମଲେ ମଶାଣିର କାଥ ଭରିବ । [ ନୈରାଶ୍ୟ ]

୫୬ । ମଲେ ମଇଷି, ବ୍ରାହ୍ମଣଙ୍କ ଭାଗରେ ଶିଙ୍ଗ ।

୫୭ । ମଶାର ପାଖରେ ଧୂଆଁରୁ ଛୁଏ ନାହିଁ ।
[ ମଶାରି ବାହାରେ ଶୋଇଲେ ବେଶୀ ମଶା କାମୁଡ଼ନ୍ତି । ]

୫୮ । ମସ୍ତୁରି ବେଶ ଅଶୁଭ ବେଳକୁ ଚୋଷ୍ଟ ସଜା ହେବା ନ୍ୟାୟ ।
[ ଲୋକର ଅଳସ୍ୟପରାୟଣତା ହେତୁ ସୁଯୋଗ ହରାଇବା । ]

୫୯ । ମହୁରଟେକୁ ଯାଇ କାନ୍ତାରରେ ପଡ଼ିବା ।
[ ଗୋଟିଏ ବିପଦରୁ ଯାଇ ଅନ୍ୟ ଏକ ବିପଦରେ ପଡ଼ିବା । ]

୬୦ । ମହାନ୍ତି ଭଜନ୍ତି ନାଁ ଖାଏ, ବଙ୍ଗାଳି ଭଜନ୍ତି ମାଟି ଖାଏ ।
[ ମହାନ୍ତିମାନେ ବିବାହାଦିରେ ବାଣ ପୋଡ଼ିରେ ଏବଂ ବଙ୍ଗାଳିମାନେ ଦୁର୍ଗା ପୂଜାରେ ବହୁତ ଅର୍ଥ ବ୍ୟୟ କରନ୍ତି । ]

୬୧ । ମହାନଦୀ ସଙ୍ଗେ ଯୋଗ, ଲହୁଣୀକୁ ନେଇଣି ଦ୍ୱଳ କରୁଥିଲେ ସୁବର୍ଣ୍ଣ ସଙ୍ଗେ କି ଛୁଲ ?

୬୨ । ମହାପ୍ରସାଦ ତରତଣେ ପାଇଲେ ତେଣ ଛଉତଣେ ପାଇଲେ ତେଣ ।
[ ମହାପ୍ରସାଦ ସେବାରେ ଅଳ୍ପ ବହୁତ ଭେଦ; ଭକ୍ତି
ନୁହେଁ । ]

୬୩ । ମା ବାପଠାରୁ ସୋଦର ନାହିଁ ।
ଅଗ୍ନି ଗୁଡ଼ଠାରୁ ମଧୁର ନାହିଁ ।

୬୪ । ମା ଅଭକ୍ତି ଗୋଟିଏ, ଗୁଣ୍ଡ ଅଭକ୍ତି କୋଟିଏ ।
[ ନିଜର ବ୍ୟବହାର ଓ ମିଷ୍ଟାଳାପଦ୍ୱାରା ମନୁଷ୍ୟ ସମସ୍ତଙ୍କୁ
ପୁଣି ଭଲ ଅପଣାର କରି ପାରିବ । ]

୬୫ । ମା ଛେଳଗଣ୍ଡି, ବାପ ଛେଳଗଣ୍ଡି ପୁଅଟିଏଁ ବଳା ଅଜ୍ କା ଦାଣ୍ଡ ।

୬୬ । ମା ନଥିଲେ ମାଉସୀ, ଗାଈ ନଥିଲେ ମଇଁଷି ।

୬୭ । ମା ମଲେ ପୁଅର କି ଷଠୀ ଘର ?
[ ଘୋର ବିପଦ ବେଳେ କୌଣସି ଉତ୍ସବ ପାଳନ ପାଇଁ
ଅବକାଶ ନଥାଏ । ]

୬୮ । ମା ନ ଥିଲେ ମାଉସୀ ପୋଷେ, ବାପ ନ ଥିଲେ ପିଉସା ପୋଷେ ।

୬୯ । ମା ଗାଳି ଦାଣ୍ଡ ଧୂଳି ।
[ମାତାର ଅଭିଶାପ ସନ୍ତାନଙ୍କ ଉପରେ ପଡ଼ିନାହିଁ । ]

୭୦ । ମା ଗାଳି ପାଣିର ଗାର,
ବାପର ଗାଳି ବଜ୍ରର ଧାର ।

୭୧ । ମା ପେଟ କୁମ୍ଭାର ଭଣ୍ଡା ।
[ ଭଲ ମନ୍ଦ ସବୁ ଏଥିରୁ ବାହାରେ । ]

୭୨ । ମାର ଟୂଙ୍ଗ କୁଣ୍ଡା, ବାପର ସୁନା ମୁଣ୍ଡା ।

୭୩ । ମା ଝିଅ ଭୁଟେଁ ଦେଉଳେ ପଶିଲେ,
ସେଥିବା ସୁଡ଼ ପିଠେ ମନାସିଲେ ।

୭୪ । ମା ଜାଣେ ଯିନା ପୁଅର କଥା, ଶରଣ ଅନ୍ତର ପୋଡ଼େ ତାର ।

୭୫ । ମା ଗଙ୍ଗା ଜାଣନ୍ତି ।
[ ତାହା ମନୁଷ୍ୟ ବୁଦ୍ଧିର ଅଗମ୍ୟ । ]

୭୬ । ମା ଗୁ ଝିଅ, ଘାକୁ ଘିଅ ।

୭୭ । ମାଉ ଅଧା ମାଉସୀ, ବାପର ଅଧା ପିଉସୀ ।

୭୮ । ମା ଡାହାଣୀ ହେଲେ ପୁଅକୁ ଲୁଚେଇବ ?
[ ଅହିଂସ୍ର ଲୋକଙ୍କ ଶତ୍ରୁତା ଆଚରଣ କଲେ ଅସ୍ୱରଷା ଅସମ୍ଭବ । ]

୭୯ । ମା ଭାବେ ମୋ ପୁଅ ବଢୁଛି, ଯମ ଜାଣେ ମୋ ପୁଅ ଛିଡୁଛି ।
[ ମନୁଷ୍ୟ ଆଜନ୍ମରୁ କ୍ରମଶଃ ମୃତ୍ୟୁର ନିକଟବର୍ତ୍ତୀ ହୁଏ । ]

୮୦ । ମା ପୋଡ଼େଇ ପେଟ, ମାଇପ ପୋଡ଼େଇ ଓଠ ।

୮୧ । ମା ଡାହାଣୀ କି ପୁଅ ମହୁଆ, ଘର ସୁଙ୍ଘନ୍ତି ଫଣି ଦେଖୁଅ ।

୮୨ । ମା ଧାନକୁଣ୍ଡୀ ପୁଅ ନାଚେଇ ।

୮୩ । ମାଇପି କଥା, ଖାଣି ବାଉଁଶ, ଏହା ନଶୁଣିବ କାନେ;
ଯେବେ ଶୁଣିଥିବ କାନେ, ମନ ଦେଇଥିବ ଆନେ ।

୮୪ । ମାଇପ ଅଡ଼ରେ ଥାଇକି ଧନ, ପାଣ୍ଡୁକୁ ଦିବାକୁ ନଥାଏ ହାଣ ।

୮୫ । ମାଈ ମାଇପ ଝିଅ, ସ୍ୱାମୀର ଉପରେ ଶୁଅ ।
[ ଲୋକେ ଦୋଷୀର ମା, ସ୍ତ୍ରୀ ଓ ଝିଅକୁ ଲଗାଇ ଗାଳି-ଦଅନ୍ତି । ]

୮୬ । ମାଉଲ ଘରେ ଭୂତ ନ ପଶେ ।
[ ଦୁଷ୍ଟ ଲୋକଙ୍କୁ ଭୂତ ମଧ୍ୟ ଭୟ କରେ । ]

୮୭ । ମାଉଜନିଆ ଝିଅ ବୁଢ଼ୀ ଅସୁରୁଣୀ ।
[ ଝିଅମାନେ ଶୀଘ୍ର ଶୀଘ୍ର ବଢ଼ିଯିବା ସମ୍ବନ୍ଧରେ ପ୍ରବାଦ । ]

୮୮ । ମାଳୀଆ ଚୋରଙ୍କର ସାହୁ, ମାଇପ ହାତରୁ କଢ଼ନ୍ତି ଖାଡ଼ୁ ।
( ବ୍ୟଙ୍ଗ )

୮୯ । ମାଣ୍ଡ ହୁଏନି କ ଖାଣ୍ଡ ହୁଏନି । [ ଅଯୋଗ୍ୟ, ଅକର୍ମଣ୍ୟ ]

୯୦ । ମାଉଁଙ୍କୁ ଦୋଷ, ମାସ୍ତୁଁଙ୍କୁ ଦୋଷ । [ କ୍ଷୟ ପଦାର୍ଥର ଅଂଶ ]

୯୧ । ମାଉଁ ତୋ ମାଉଁ, ପରସ୍ତ୍ରୀ ଯାକ ତୋର, କୁଇଁଟୁ ନାହିଁ ।

୯୨ । ମାଉସୀ ମା, ଘୋଡେଇଲେ ଯାଏ ଶୀତ ଯା' ।

୯୩ । ମାଙ୍କଡ଼ ହାଅଣରେ ସୁନ୍ଦ ରଙ୍କତ ନାହିଁ ।

୯୪ । ମାଙ୍କଡ଼ ହାତରେ ଶାଳଗ୍ରାମ, ଗୁରୁର ହାଲରୁ ଯାଏ ପ୍ରାଣ ।
[ ଅଯୋଗ୍ୟ ବ୍ୟକ୍ତି ହାତରେ ମୂଲ୍ୟବାନ୍ ବସ୍ତୁର ଦୁର୍ଦ୍ଦଶା ।]

୯୫ । ମାଗଣାକୁ କି ମହୁରତ ?
[ଯାହା ବିନା ପରିଶ୍ରମରେ ମିଳେ ତାହା କଦାପି ମହର୍ଘ ହୁଏନାହିଁ ।]

୯୬ । ମାଟି ଅଣିଲା ଭଉଣୀ ଚୋଡ଼ାଏ । ( ଅସ୍ଥିର ନ ହେବା )

୯୭ । ମାଟି ଅଣିଲା ଭଉଣୀ, ଶିଟେଇ ଦେଲା ବୁଝି ।

୯୮ । ମାଟିଖାଏ ସେ ଲାଗେ ନାହିଁ, ଲୁଚିଖାଏ ସେ ମାଟେ ନାହିଁ ।
[ ଭଣ୍ଡ ଓ ସରଳମନା ବ୍ୟକ୍ତିର ତୁଳନା ।]

୯୯ । ମାଟିଖିଆ ଦରେ ଭଲ ଭଉଣୀ ସାଥ ଲଗା ।

୧୦୦ । ମାଟିଖିଆଙ୍କର ଗୁଣର ବଡ଼, ବାଲିଙ୍କି କାଟନ୍ତି ସାତ ଖଗଡ଼ ।

୧୦୧ । ମାଟି ଓଜନି ଖାଇ କଲ୍ୟାଣ । ( ବ୍ୟଙ୍ଗୋକ୍ତି )

୧୦୨ । ମାଘ, ଶୀତ ହୁଏ ବାଘ ।
[ ମାଘ ମାସରେ ଶୀତ ପ୍ରତାପ ସବୁଠାରୁ ବେଶୀ । ]

୧୦୩ । ମାଘ ମାସରେ ନାଆଁ, ମିଛଠାରେ କ୍ଷୀର, ମୁଣ୍ଡି ଖଇଛକାଙ୍କୁ
ସୁଦ୍ଧି ମୁଆଁ, ସବୁ ତୋ ଭଲ ଏ ।

୧୦୪ । ମାଘ ବରଷା, ମା ଫରଶା ।

୧୦୫ । ମାଘ ବରଷେ, ସୁନା ଝରେ,
ଚଷାର ମାଇପ ଖିଲ୍ ଖିଲ୍ ହସେ ।
[ ମାଘମାସରେ ବର୍ଷା ହେଲେ ଭଲ ଫସଲ ହୁଏ । ]

୧୦୬ । ମାଘେ କଣ୍ଟା, ଫଗୁଣ ଫଟା, ଚଇତେ ଝାଞ୍ଜି,
ଦେଖିବ ସେ ଜାଣିବ ମୁଗର ପାଞ୍ଜି ।
[ ମାଘମାସରେ ଭଲ ବର୍ଷା, ଫାଲ୍‌ଗୁନରେ ଟାଣ ଖରା, ଏବଂ ଚୈତ୍ରରେ ଝାଞ୍ଜିପବନ ବହିଲେ ମୁଗଫସଲ ଭଲ ହୁଏ । ]

୧୦୭ । ମାଘ ମଙ୍ଗିଳି, ବୈଶାଖ ଗାଣ୍ଡ,
ଶ୍ରାବଣ ଦୋଷୀ ଦୋସିଅଁ ଖାଣ୍ଡ ।
[ ଏ ସବୁ ଅଶୁଭକାରକ । ]

୧୦୮ । ମାଘର ଜାଡ଼ ଷଣ୍ଢ ହାଡ଼ ।

୧୦୯ । ମାଘ ସପ୍ତମୀ ଝଡ଼ି ଜାଣି, ଶିମ୍ବଭିଛା ପାଟଣ ଥାଇ ।

୧୧୦ । ମାଘେ ବାରବେଳା ମକରେ ମୂଳା, ଖେଳୁ ମାଉଁସ ସୁଲା ସୁଲା ।
[ମାଘରେ ବାରବେଳା, ମୂଳା ଖାଇବା ନିଷେଧ ]

୧୧୧ । ମାଘେ ଶୀତ, ମେଘେ ଶୀତ ।

୧୧୨ । ମାଛ ଖାଇଲୁ ଓଡ଼, ବାଛୁ ବଳିଲୁ ଭେଣ୍ଡା,
ଗାଈଟି ସୁନ୍ଦର ହାଣ୍ଡି ଅଟାଏ ଏକଦ ଝୋଇଲି ଭେଣ୍ଡା ।

୧୧୩ । ମାଛକୁ ବାଘ ମାଙ୍କଡ଼ସା ।

୧୧୪ । ମାଛି କି ମନ ଜାଣିବ। [ ନିଶ୍ଚିତ ବାକ୍ୟ ]

୧୧୫ । ମାଛି ମରୁ ସାଇଲୁ । [ ଘୋର ନାସ୍ତିକତା ]

୧୧୬ । ମାଛି ମାରି ହାତ ଗନ୍ଧେଇବା ।
[ କ୍ଷୁଦ୍ର ଦୁର୍ବଳ ପ୍ରାଣୀର ଅନିଷ୍ଟ ସାଧନର ନିରର୍ଥକତା ]

୧୧୭ । ମାଛ ଧରୁ ଅଣିଲେ ବାପ ମୋର,
ସାପ ବାହାରିଲେ କରମ ତୋର ।

୧୧୮ । ମାଛ ଖାଇବ ଇଲିସି, ଚାକିରି କରିବ ପୁଲିସି ।

୧୧୯ । ମାଛ ସାଙ୍ଗରେ ପାଣି, ଝାପଟ ସାଙ୍ଗରେ ଟାଣି ।

୧୨୦ । ମାଛ ତେଲରେ ମାଛ ଭାଜିବା ।
[ପରଠାରୁ ଧନ ଆଣି ସେହି ଧନ ସାହାଯ୍ୟରେ ତାର ଅନିଷ୍ଟ
ସାଧନ କରିବା । ]

୧୨୧ । ମାଟି ଖାଉଣ୍ଡି କି ମାଛ ଖାଏ ?

୧୨୨ । ମାଟିର ମହାଦେବ ପଞ୍ଚାମୃତରେ ମିଳାଇ ଯାଆନ୍ତି ।

୧୨୩ । ମାଟିଆ ଘରରେ ପଶିଲେ ସାପ,
ଦାସୀପୁଅ ହେଲେ ରାଜାର ବାପ ।
[ କୁମ୍ଭ ରାଶିରେ କେଉଁ ଗ୍ରହ ଯାହାର ଥିବ ସେ ଦାସୀପୁଅ
ହେଲେ ମଧ୍ୟ ରାଜା ହେବ । ]

୧୨୪ । ମାଡ ମାରିବ ବାଣ୍ଡି, ଭାଗରୁ ନେବ ଛଣ୍ଡ ।

୧୨୫ । ମାଡକୁ ମହାଦେବ ଡରନ୍ତି ।
[ ଦୁଷ୍ଟଲୋକକୁ ସମସ୍ତେ ଭୟ କରନ୍ତି । ]

୧୨୬ । ମାଡ଼ ଟଙ୍କ ଭାଟେଣି [ ମାଡ଼ ଦ୍ୱାରା କାର୍ଯ୍ୟ ସାଧନ କରିବା ]

୧୨୭ । ମାଡ଼ଗିଏ ମହାଦେବ, ମାଡ଼ ଖାଇଲେ ବରଦେବ ।
[ମାଡ଼ ଧମକ ଦେଇ କାମ ହାସଲ କରିବା । ]

୧୨୮ । ମାଙ୍କୁଅ ଠାକୁରଙ୍କୁ କଦଳୀଗିଅ ପୂଜାସ୍ତ ।

୧୨୯ । ମାଣ୍ଡିଆ ଜାଉ ଟୋକେଇ ଦେ,
ସୃତରେ ହାତଗଇ ଚଳିବ ସେ ।

୧୩୦ । ମାଣ୍ଡି ଉପରେ ମୁଣ୍ଡ ଦୋହଲିବା । [ଦୁଃଖରେ ଛଳନା କରିବା । ]

୧୩୧ । ମାଟେ ଭାଗଡ଼ ଯାଏ ଚେଲା, ବାଇଦ ସଙ୍ଗରେ ଉଦର ଦେଲ୍ ।
[ ସ୍ୱାସ୍ଥ୍ୟ ରକ୍ଷା ପ୍ରବଚନ ]

୧୩୨ । ମାଟିଆ ଭୋଳ, ସବୁଥିବା ଚୋପା ଚୋଷା ।
[ ସବୁକଥାରେ ବିନା ବାନ୍ଧରେ ହଁ କରିବା ବାଂକୁ ସୂଚ
ଉକ୍ତାଣି ବଚନ । ]

୧୩୩ । ମାନିଲେ ଦେବତା, ନ ମାନିଲେ ପଥର ।
[ ଦେବଙ୍କୁ ଭକ୍ତର ନିଷ୍ଠା ଉପରେ ନିର୍ଭର କରେ । ]

୧୩୪ । ମା ପରଶା, ସ୍ୱାଦ ବରଷା । [ ଜନନୀ ସ୍ନେହର ]

୧୩୫ । ମାସ ନଥାଇ ଭଥା, ତେଲ ନଥାଇ ମଥା । [ ତୁଳନା ]

୧୩୬ । ମାମୁ ମାଇଁ ଧ ପଡ଼ଶୀ । [ ଅପରାଧୀଙ୍କ ଦାମନ ]

୧୩୭ । ମାମୁ ଘର ଖାଉ, କୁମ୍ଭି ଘର ବେଲ । [ ସ୍ୱଭାବସ୍ତୁ ଭଲିଷ୍ଟ ]

୧୩୮ । ମାମୁ ଘର ଦେଖିବା । [ କାରୁ ବାସ ]

୧୩୯ । ମାଇଲେ ମହାପାତ୍ର, ଗୁଣ୍ଡି ଥିଲେ ଜାଳିବା ।
[ କେତେକ ଗୁଣ୍ଡି ରହୁଥିବା ବେଳେ ଅନ୍ୟ କେତେ ଲଟି ଖାଇଥିବା । ]

୧୪୦ । ମାର୍କଣ୍ଡେଶ୍ୱର ଭଣ୍ଡାରି ।
[ ପୁରୀର ମାର୍କଣ୍ଡେଶ୍ୱର ପାର୍ଶ୍ୱରେ ଭଣ୍ଡାରିମାନେ ଅଧିକ ଅର୍ଥପ୍ରାପ୍ତି ପାଇଁ ପୁରୁଷ ଯାତ୍ରୀଙ୍କର ଚୌର କାର୍ଯ୍ୟ ଏକାବେଳକେ ଆରମ୍ଭ କରି ଦେଇ ଧୀରେ ଧୀରେ ଶେଷ କରନ୍ତି। ସେହିପରି ଅନେକ ପୁରୁଷ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରି କୌଣସିଟିକୁ ଶେଷ ନ କରିବା ବ୍ୟକ୍ତି ପ୍ରତି ଅଭିଯୋଗ । ]

୧୪୧ । ମାଉସୀ ମୁଁ ମଲିଣି, ପାପ ଲୁଚାଇ ଦେଖଣା, ମୁଁ ଶୁଣା ଚୋଉଦଶୀରୁ ମେଲିଣି । [ ଦୋଷ ସ୍ୱୀକାର କରିଥିବା ବ୍ୟକ୍ତି ପ୍ରତି ପୁନର୍ବାର ଦଣ୍ଡ ବିଧାନ ଅନ୍ୟାୟ । ]

୧୪୨ । ମାରି ମାରି ଭଣ୍ଡାରିଆକୁ ମାରୁ ।
[ ନିରୀହ ଦରିଦ୍ର ଲୋକକୁ ଶାସ୍ତି ଦେବା । ]

୧୪୩ । ମାରେ ତ ହାତୀ, ଲୁଟେ ତ ଭଣ୍ଡାର ।[ ଏଥିରେ କୃତିତ୍ୱ ଅଛି]

୧୪୪ । ମାରି ଖାଲି, ଫୁଟା ଥାଳି ।
[ କୌଣସି ପ୍ରକାର ପୁଞ୍ଜି ବଢ଼ାଇବା । ]

୧୪୫ । ମାଳୀ କି ଛେଳି ଅଣ୍ଡୁଆ ।

୧୪୬ । ମାଳି ଟେକିଲେ କି ପାପ ଯିବ ?

୧୪୭ । ମାଳୀ ଘରର ଛେଳି, କୁମ୍ଭାର ଘର ଚୋଟା ।
ତନ୍ତୀ ଘରର ମାଙ୍କଡ଼ ଜନ୍ମିବେ ଘରପୋଡ଼ା ।
[ ଏ ପ୍ରତ୍ୟେକଙ୍କ ସ୍ୱଭାବ ବିଶେଷ ଭାବ ହୁଏ । ]

୧୪୮ । ମାଟିର ଘର ଲଟେଇ କାଏ, ଲୋକେ ଘର ମାଟିର କାଏ ?

୧୪୯ । ମାହାନ୍ତି ଭାଇ, ଉଧାରି ପାଇଲେ କିଣନ୍ତି ଖାଜା,
ସୁଝିଲେ ସୁଝିବେ ପୁଅଙ୍କ ନାତି ।

୧୫୦ । ମାହାଳିଆଙ୍କର ସୁତର ବେଣୀ ।

୧୫୧ । ମାଗୁଣିଆ ମୁକୁଳ ଦେବ । ( ମୁକୁଳା )
୧୫୨ । ମାଗୁଣିଆ ଗୋରୁର ଦାନ୍ତ ଦେଖା ।
୧୫୩ । ମାଗୁଣିଆକୁ ଭାତ ଦଉଣୁ ବାଗୁଣିଆକୁ ।
୧୫୪ । ମିଳିଲେ ବାପର ଆହାର, ନ ମିଳିଲେ ସାପର ଆହାର ।
[ ମିଳିଲା ବେଳେ ବାପବଳି ବହୁତ ଖାଇଦେଇ ଦେବା ଓ ନ ମିଳିବା ବେଳେ ସାପବଳି ପବନାହାରୀ ହେବା । ]
୧୫୫ । ମୁଣ୍ଡ ପିଟିଲେ ଦୁଃଖ ଯାଏ ।
୧୫୬ । ମୁଣ୍ଡକାଟିଠାରୁ ଶାସ୍ତି ନାହିଁ ।
୧୫୭ । ମୁଣ୍ଡ ଦେଇଥିଲେ ତୁଣ୍ଡ ଖାଏ,
ଘର ଦେଇଥିଲେ ଭିକାରି ଥାଏ ।
୧୫୮ । ମୁଣ୍ଡ ଅରଣ୍ଡିଲେ ତୁଣ୍ଡ ଖାଏ ।
୧୫୯ । ମୁଣ୍ଡବାଳ ଲମ୍ବ ଲମ୍ବ ପାଚିଲେ ବୁଦ୍ଧି ଯାଏ,
ଅଣ୍ଟିବାଳ ସାନ ସାନ ଗୁଡ଼ା ହେଲେ ଶୋଭା ପାଏ ।
୧୬୦ । ମୁହେ ମଧୁ ମଧୁ ପେଟେ ଛୁରୀ । [ କପଟାଚାରୀ ବାକ୍ୟ ]
୧୬୧ । ମୁଁ ତ ଖାଏ ମୋର ଭାତ, ତୋର କାହିଁ ଯାଉଛି ହାତ ?
[ ଈର୍ଷାପରାୟଣ ବ୍ୟକ୍ତି ପ୍ରତି କଟାକ୍ଷ ବଚନ । ]
୧୬୨ । ମୁଣ୍ଡଝାଳ ତୁଣ୍ଡରେ ମାରିବା । [ କଠିନ ପରିଶ୍ରମ କରିବା ]
୧୬୩ । ମୁଣ୍ଡରେ ଚେଙ୍ଗୁଲିଆ ଭିଡ଼ି ବାନ୍ଧିବା ।
[ ଚୋର ବୁଦ୍ଧିଆରେ ପଡ଼ିବା । ]
୧୬୪ । ମୁଣ୍ଡକୁ ହାତ ପାଇବା । [ ଅନ୍ୟନିର୍ଭରଶୀଳ ହେବା । ]
୧୬୫ । ମୁଣ୍ଡରେ ଚମ୍ପା ଗାମୁଆ ବାନ୍ଧି ରହିବା ।
[ ଚିରଦିନ ବସିରହିବା ପାଇଁ ଅଶା ପୋଷଣ କରିବା । ]
୧୬୬ । ମୁହେଁ ଲାଜ, ପେଟେ ଭୋକ ।

୧୬୭ । ମୁହେଁ ମୁହେଁ ମୁହାଁଣ, ପଛ ହେଲେ ନିଗୁଣ ।

୧୬୮ । ମୁହେଁ କହିଲେ ମନଧର୍ମ, ପଛେ କହିଲେ ଚୋରପଣ ।

୧୬୯ । ମୁହଁରୁ ପାଣି ଛାଡ଼ି ପିବା । [ ନର୍ଲଜତା ]

୧୭୦ । ମୁହଁରେ ଗୁଣ୍ଡି ବାନ୍ଧିବା ।
[ ବାଧ୍ୟହୋଇ ନୀରବତା ଅବଲମ୍ବନ କରିବା । ]

୧୭୧ । ମୁହଁରେ ବାଡ଼ିବଣା ଦେବା ।
[ ଜବରଦସ୍ତି ପାଟି ବନ୍ଦ କରିବା ]

୧୭୨ । ମୁହଁ ଓଲଅ କରିବା । [ ମନ ଦୁଃଖ କରିବା ]

୧୭୩ । ମୁଲୁକଖିଆ ପ୍ରସବ ହେଲେ, ଠକଙ୍କ ଗୁରୁଗୋସେଇଁ ହେ ।

୧୭୪ । ମୁହଁଟି ଶୁଖିଲା, ଧୋତିଟି ଚେପା, ଟାଣ କାଟିଥାଏ ସରୁ,
ଏ ତିନିଟି ଲକ୍ଷଣେ ଜାଣିବ ବେଶ୍ୟାଙ୍କର ଗୁରୁ ।

୧୭୫ । ମୂର୍ଖକୁ ଠେଙ୍ଗା ବୁଝାଏ ।

୧୭୬ । ମୂର୍ଖଠାରୁ ଶୁଖିଲା କାଠ ସହସ୍ରେ ଗୁଣେ ଭଲ ।

୧୭୭ । ମୂର୍ଖ ପୁଅ, ଅଥବା ଝିଅ, ବାନା ନାଆଁରେ ଦାଣ୍ଡ ଦେଇ ।

୧୭୮ । ମୂଳରୁ ମାଉସୀ ନାହିଁ, ପୁଅ ନାଁ ଗୋପାଳିଆ ।
[ବିବାହ ନ ହେଉଣୁ ପୁତ୍ରର ନାମ ଆଗୁ ସ୍ଥିର କରିବା ଭଳି ହାସ୍ୟାସ୍ପଦ କଥା । ]

୧୭୯ । ମୂଳରୁ ବାଂଝ, ପୁଅ ନାଁ ଦେଉଛି ଶୁଖୁଆ ଲଙ୍କି ।

୧୮୦ । ମୂଢ଼େ ତରନ୍ତି, ଗୁଢ଼େ ତରନ୍ତି, ମଝିମଝିଆ ବୁଡ଼ି ମରନ୍ତି ।

୧୮୧ । ମୂଳାର ମୂଳଭାତ, ପାଳଙ୍କ ଭଜାଭାତ ।

୧୮୨ । ମୂଳୀ ବାର୍ଜିତ, ମୂଳ ଭୁଞ୍ଜିଗଲେ ମୂଳ୍ୟ ପାର୍ଜିତ ।

୧୮୩ । ମୂଳିଆ ବୁଡ଼ିଲେ ଧନେ, ଚଷା ବୁଡ଼ିଲେ ବରଷେ ।

୧୮୪ । ମୂଷା ଗଣ୍ଡାରୁ ଖାଇଲେ ବିଲୁଆଙ୍କ ଉଠେଣା ନାହିଁ ।
[ ନିଶା ଖେଳରେ ଶତ୍ରୁଙ୍କୁ ଚିହ୍ନି ନ ପାରିବା । ]

୧୮୫ । ମୂଲିଆ ଟେଣ୍ଟଶୋ ( ବାପୁଡ଼ା ) ମାନ ଭଲ,
ଅପଣା ସେବକ ଖାଲି ବଲ ।
[ ଧନ ମନୁଷ୍ୟ ପକ୍ଷରେ ମାନଅପମାନ ଅଭାବକ ।]

୧୮୬ । ମୂଷାକୁ ମାଇଲେ ଲାଗେନ ବାଡ଼ି ।
[ ମୂଷିକଧାସୀ ବାଉଁ ଗୁରୁପଣ୍ଡ ସ୍ୱର୍ଣ୍ଣ ବୋଲି ଲୋକଙ୍କର
ବିଶ୍ୱାସ ଅଛି । ]

୧୮୭ । ମୂଳ ଗାଈ ପରେ ନ ପଣ୍ଡୁ ବାଂଶ ବୋଲେ ମୋତେ ବାଛ ।

୧୮୮ । ମୂଷା ମୁଣ୍ଡରେ ତୋଳି ଦେଇଁବା ।
[ ଗୋପନରେ ଶତ୍ରୁକୁ ଷଣ୍ଡୁ ଦେବା । ]

୧୮୯ । ମେଘ ଡେଉଁମଣ୍ଡା ଭଲ, ଦେଖିକ ଗାଈ ଦୁହିଁ ଦୁହିଁ ମଲ ।
[ ଚୈତ୍ର ମାସରେ ବର୍ଷାହେଲେ ଘାସ ଉଠିଁଲେ ଏବଂ ଗାଈ-
ମାନେ ଭଲ ଦୁଧ ଦିଅନ୍ତି । ]

୧୯୦ । ମେଘ ବରଷୁ, କାହା ଦୁଆରକୁ ଡେଇଁ ନ ଆସୁ ।

୧୯୧ । ମେଘ ଗରଜନ, ବ୍ରାହ୍ମଣ ଭୋଜନ,
ଛୁଅଣ ଠେକୁଳି ଘେଷ ମର୍ଦ୍ଦନ,
ଶୀଙ୍ଘା ଗାଣ୍ଠିଲି, ନାହିଁ ଚେଲ୍ଲଫିଙ୍ଗି,
ତେବେ ସେ ବ୍ରାହ୍ମଣ ପାଇନ୍ତି ଭଠର ।
[ ବ୍ରାହ୍ମଣମାନଙ୍କ ଭୋଜନ ସମ୍ବନ୍ଧରେ ଅଳ୍ପୋକ୍ତି । ]

୧୯୨ । ମେଘଅ ଗଛ, ଭୂତ ମଦର, ନିମ୍ବୁଣି ନାହି, ଗୋଧୁଳି,
ଦାଣ୍ଡି, ଏ ସୁଷ୍କ ଖାଦ୍ୟ ସନ୍ଧି ନ ପାରେ ।

୧୯୩ । ମେଣ୍ଢା ଧୋଇଁ ଧୋଇଁ ଲଙ୍ଗଳା ।
[ ଅପବ୍ୟୟରୁ ଯୋଗେ ବନ୍ଧୁ ସହିତ ଧନ ମଧ୍ୟ ନଷ୍ଟ ହୋଇଯାଏ । ]

୧୯୪ । ମେଣ୍ଢା ଦଳରୁ ଗୋଟାଏ ଯେଉଣେ ଯାଏ, ପଛକ ଯାକ ସେହି ଅଡ଼େ ଯାଆନ୍ତି ।

୧୯୫ । ମୋତେ ଦେତେ ମାଟିରୁ ମାଠ, ମୁଁ ସେହ୍ନଦାଉପୋଡ଼ା ଭାତ

୧୯୬ । ମୋ ଦାନାପାଣି କାହ୍ନା ଘରେ, ମୁଁ ଯାଇଥିଲି ବାହ୍ନାଘରେ ।

୧୯୭ । ମୋ ମୁଅ ବନ୍ଧ ପାରଦାର, ଅଚଣା·ଚଣା ଦିଏ ଉଧାର ।

୧୯୮ । ମୋହର ଧନ ମୋତେ ଦେଉ, ମଝିରେ ମଧୁରୁ ଦୋଳଉ ।

୧୯୯ । ମୋ ଶିଣ୍ଡ୍ରାକ ମଠରେ ଗୁଡ଼ୁଲି ।
[ ଦାମ୍ଭିକ ଜ୍ଞାନଶୂନ୍ୟ ବ୍ୟକ୍ତି ପ୍ରତି କଟାକ୍ଷ ବଚନ । ]

୨୦୦ । ମେଷ୍ଟ୍ରକ ଧାଡୁଆ । [ କୃପଣ ବ୍ୟକ୍ତି ]

୨୦୧ । ମୋର ନାକ ନାହିଁ, ମୋ ବନମାଳିଆ ଶ୍ୱଶୁର ନାକ ଅଛି ।
[ ଶକ୍ତିହୀନ ବ୍ୟକ୍ତିର ନିଜ ଛାଡ଼ି ଅପରଙ୍କର କ୍ଷମତା ଓ ପ୍ରଭାବକୁ ଆଳ କରି ବୃଥା ଦମ୍ଭ ଘୋଷଣା କରିବା । ]

୨୦୨ । ମୌନ ମୁହାଁ ମୌନ ମୁଣ୍ଡା, ଏ ଦୁହିଁଙ୍କୁ ପରତେ ନାହିଁ ।

# — ଯ —

୧ । ଯନ୍ତାରେ ପଶିଲେ ବାଘ ହୁଏ ସିଧା ।

୨ । ଯତ୍ନ କଲେ ରତ୍ନ ମିଳଇ ।

୩ । ଯଶ ଅସ୍ତ ଧନ ବ୍ୟସ୍ତ । [ ଅବ୍ୟବସ୍ଥିତ ସ୍ଥିତେ ବସ୍ତୁ । ]

୪ । ଯଦି ବରଷେ ମାଘର ଶେଷ,
ଧନ୍ୟ ସେ ରାଜା, ଧନ୍ୟ ସେ ଦେଶ ।
[ମାଘମାସ ଶେଷରେ ବର୍ଷା ହେଲେ ଭଲ ଫସଲ ହୁଏ ।]

୫ । ଯମର ଭଇଁସ ନାହିଁକି ସଂକ୍ରାନ୍ତି ନାହିଁ ।
[ ମୃତ୍ୟୁ ଦିନବାର ବାଛୁର ଭଲ ଅପେ ନାହିଁ । ]

୬ । ଯମ ନ ଜାଣେ ବଡ଼ ସାନ ।

୭ । ଯମ ନ ଜାଣେ ପାଚିଲା କଞ୍ଚା ।
[ ମୃତ୍ୟୁ ସାନ ବଡ, ବାଳବୃଦ୍ଧ ବିଚାର କରେ ନାହିଁ । ]

୮ । ଯମ ମାରେ, ସର୍ବସ୍ୱର ଦୋଷ ହୁଏ ।
[ ମୃତ୍ୟୁ ଅବଶ୍ୟମ୍ଭାବୀ, ତେଣୁ ଅନ୍ୟ କାହାକୁ ଦୋଷ ଦେଇ ଲାଭ ନାହିଁ । ]

୯ । ଯମ ଝିଙ୍କୁଛି ପାଟେ, ବୈଦ୍ୟ ଝିଙ୍କୁଛି ପାଟେ ।
[ ମୃତ୍ୟୁଠୁଁ ବ୍ୟକ୍ତିକୁ ବଞ୍ଚାଇବା ପାଇଁ ଅକ୍ଳାନ୍ତ ଉଦ୍ୟମ ପ୍ରତି ଲକ୍ଷ୍ୟ । ]

୧୦ । ସମସ୍ତଙ୍କୁ ଭଗବାନ ସାତ ପୁଅ ଦିଅନ୍ତୁ,
ଭଗାରୁଣୀ (ଭଗ୍ନୁଣୀ) କୁ ଟୋକାଏ ନ ଦିଅନ୍ତୁ ।
[ ଈର୍ଷାପରାୟଣା ପ୍ରତିବେଶୀଣୀର ଅନୁଭୂତି । ]

୧୧ । ହନୁମାନ ଘରର ଭାଙ୍ଗିଲି ଲାଉ ।
[ କୁଳ ପୁରୋହିତର ଅନୁଭୂତି । ]

୧୨ । ଯକ୍ଷ ଧନ ଭୂତ ଖାଏ ।
[ କୃପଣ ବ୍ୟକ୍ତିର ଧନ ସଂଚୟ ପ୍ରତି କଟାକ୍ଷ ବଚନ ]

୧୩ । ଯହିଁ ଯତ୍ନ ତହିଁ ଗୁଣ ।

୧୪ । ଯେଉଁଠି ଠିକନ୍ତି, ସେଇଠି ଝିକନ୍ତି ।

୧୫ । ଯହିଁ ପୁଷ୍ପ, ତହିଁ ବାସ ।

୧୬ । ଯହିଁ ନ ଥିବ ଭକତମିଣା, ତହିଁ ନ ଥିବ ଯାଇ ପଢ଼ଣା ।
[ ଯେଉଁ ଗ୍ରାମରେ ଆପଣାର କୁଟୁମ୍ବ ନ ଥାନ୍ତି, ସେ ଗ୍ରାମର ପଡ଼ୋଶୀମାନେ ଶତ୍ରୁର ହୋଇ ପାରନ୍ତି ନାହିଁ ।]

୧୭ । ଯହିଁ ପାଇ ତହିଁ ଗାଇ ।
[ ଲୋକେ ଯାହାଠାରୁ ଧନ ପ୍ରାପ୍ତ ହୁଅନ୍ତି, ତାର ପ୍ରଶଂସା ଗାନ କରନ୍ତି । ]

୧୮ । ଯାଅଁଳା ପୁଅ, ଗୋଟିକ ଥାଇ ଗୋଟିଏ ଯାଅ ।
[ଯାଅଁଳା ପିଲାଙ୍କର ଅଭେଦ୍ୟ ସାଦୃଶ୍ୟ ପ୍ରତି ଲକ୍ଷ୍ୟ । ]

୧୯ । ଯାର ଧନ, ତାର ମାନ ।

୨୦ । ଯାଉଥିବ ଆସୁଥିବ ନ ଭରିବ ଘର,
ବାଡ଼ିରେ ଶୋଇ, ହାଣ୍ଡିରୁ ଖାଇ ବାହୁଡ଼ିବ ଘର ।
[ ବ୍ୟଙ୍ଗୋକ୍ତି ]

୨୧ । ଯାତ ଦେଖି ଯାଉ, ଦେଖିଲେ ପଛୁଆପଣ ଭରସା ।
[ ଅନଧିକାର ଚର୍ଚ୍ଚା । ]

୨୨ । ଯାଗର ହୁଠହିଁ, କା ପାଗର ହୁଠହିଁ,
ମା ବୋଇଲା ଯାଗର ହୁଠହିଁ ।
[ ଅଯୋଗ୍ୟ, ଅକର୍ମଣ୍ୟ ବ୍ୟକ୍ତି ସବୁଥିରୁ ବଞ୍ଚିତ ହୁଏ । ]

୨୩ । (ଯାଚିଲା) ମାଗିବାଠଁ ସାନ ନାହିଁ, ଦେଲାଠାରୁ ପୁଣ୍ୟ ନାହିଁ ।

୨୪ । ଯାଚିଲା ପଦାର୍ଥ (ଘୃତ, କନ୍ୟା) ଛାଡ଼ନ୍ତୁ ନାହିଁ ।

୨୫ । ଯାଚିଲେ ନ ଖୁଏ ମଣ୍ଡା ଗଇଁଠା,
ମାଗି ଖାଉଥାଏ ବାସି ଅଇଁଠା ।

୨୬ । ଯାଚିଲେ ମାଣିକ ଖେଣ୍ଡି, ମାଗିଲେ କପାମଞ୍ଜି ଭଉଣ୍ଡ ।
[ ଯାଚି ବିକିବା ଦ୍ୱାରା ମୂଲ୍ୟବାନ୍ ପଦାର୍ଥର ମୂଲ୍ୟ ହ୍ରାସ ହୁଏ ଏବଂ ଲୁହଦା ଥିଲେ ମୂଲ୍ୟହୀନ ବସ୍ତୁ ଚଢ଼ା ଦରରେ ବିକାଯାଏ । ]

୨୭ । ଯାହା ଦେଖା, ଉଦାଳୀଉଡା ଏକ ବାଟରେ ଗୁଡ଼ ଭାଙ୍ଗି ।

୨୮ । ଯାହାକୁ ରଖିବେ ଜଗା ବଳିଆ,
କି କରିବ ତାର ବଳୀ ବାଡ଼ିଆ ।

୨୯ । ଯାହାକୁ ଦେବେ ଜଗା ବଳିଆ,
ତା ଘରେ ସୁନାର ଝଳିଆ ଝଳିଆ ।

୩୦ । ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ।

୩୧ । ଯାହାକୁ ଯେ, ବାଇଙ୍କି ଗୁଡ଼ିଆ ଭଣ୍ଡାରେ ।
[ ଉପଯୁକ୍ତ ବସ୍ତୁ ଦ୍ୱୟର ଏକତ୍ର ସମାବେଶ । ]

୩୨ । ଯାହାକୁ ସହେ ବନିଅ ଶାଶୁ ଯାଇ ଡ଼ିପରେ ଖଣ୍ଡ ଭରଣ୍ଡ ।
[ ଯାବତ ଶାସ୍ତ୍ରର ବୋଝୁଠାରେ ସମ୍ପନ୍ନତା ପ୍ରତି ଲକ୍ଷ୍ୟ । ]

୭୩ । ଯାହାର କାମ ତାକୁ ସାଜେ,
ଅନ୍ୟ ଲୋକକଠେଙ୍ଗ୍ ଲଟି ବାଜେ ।
[ ଅନଭିଜ୍ଞ ଲୋକ ନୂତନ କାର୍ଯ୍ୟରେ ଲଜ୍ଜାଗ୍ରସ୍ତ ହୁଏ । ]

୭୪ । ଯାହା ଘରେ ଥାଏ ଟଙ୍କା, ତା କଥାଟାମାନ ଟଙ୍କା ।

୭୫ । ଯାହା ନ ଦେଖିବ ଦୁଇ ନୟନେ,
ବଦନେ ନ ଦିବ ଗୁଲୁ ବଚନେ ।

୭୬ । ଯାହା ନ ଦେଖିବ ଆପେ,
ପରତେ ନ ଯିବ ବାପେ ।
[ ପ୍ରତ୍ୟକ୍ଷଦୃଷ୍ଟ ବିଷୟ କେବଳ ବିଶ୍ୱାସଯୋଗ୍ୟ । ]

୭୭ । ଯାହା ପୁଅକୁ ସାପ ଚାମୁଡ଼ି ଥାଏ ତା ମା ଯାଇ ଦଉଡ଼ି ଦେଖିଲେ ଡରେ ।

୭୮ । ଯାହା ପୁଅକୁ କୁମ୍ଭୀର ଖାଏ, ତା ମା ଢେଙ୍କି ଦେଖିଲେ ଡରେ ।
[ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଅସ୍ପୃଷ୍ଟ ପ୍ରଭୃତି କାରଣ ନ ଥାଇ ମଧ୍ୟ ଅଯଥା ଭୟ ପ୍ରକାଶ କରିବା । ]

୭୯ । ଯାହାକୁ ମାରି ନ ପାରିବୁ ହାତେ, ତାକୁ ମାରିବୁ ଭାତେ ।

୮୦ । ଯାହା ମନ ସନ୍ଦେହ ରହେ,
ତାହା ପଥ ତାକୁ ଆନ ନ ଦିଶେ ।

୮୧ । ଯାହା ମନ ସନ୍ଦେହ ରହେ, ତାକୁ କାଅଁଳି ପଥ ବାଟେ ।

୮୨ । ଯାହା ମନ ସନ୍ଦେହ ଯାଏ, ଚଲିଲ୍ ଫିଙ୍ଗି ପଖାଳ ଖାଏ ।
[ ମନୁଷ୍ୟର ରୁଚି ଅରୁଚି ଇଚ୍ଛା ବା ଅନିଚ୍ଛା ତାର ମନ ଉପରେ ନିର୍ଭର କରେ । ]

୮୩ । ଯାହାର ମନ ଯେତେ, ତାର ପ୍ରାପ୍ତି ସେତେ ।
[ ମନୁଷ୍ୟ ନିଷ୍ଠା ଅନୁଯାୟୀ ଫଳ ପାଏ । ]

୪୪ । ଯାହା ଘରେ ନାହିଁ ବୁଢ଼ୀ, ତା ଘର ଯାଏ ବୁଡ଼ି ।

[ ଅଭିଜ୍ଞ ବୃଦ୍ଧା ଲୋକ ନ ଥିଲେ ପରିବାରର ସୁପରିଚାଳନା ସମ୍ଭବ ହୁଏନାହିଁ । ]

୪୫ । ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ ।

[ ମହାଭାରତ ଗ୍ରନ୍ଥରେ ଭାରତ ବର୍ଷର ସ୍ଥିତିଜନ ଅଧି ସବୁ କଥାର ବର୍ଣ୍ଣନା ଅଛି । ]

୪୬ । ଯାହା ନୋହୁଛି ବାଳି କାଳେ,
ତାହା ନୋହିବ ପାଚିଲା ବାଳେ ।

[ କୈଶୋର କାଳରେ ଯେଉଁ କାର୍ଯ୍ୟରେ ମନୁଷ୍ୟ ଅଭ୍ୟସ୍ତ ହୋଇ ନ ଥାଏ ତାହା ଉତ୍ତର ଜୀବନରେ ହୁଏ ନାହିଁ । ]

୪୭ । ଯାହା ବାପ ଚଢ଼େ ଘୋଡ଼ା,
ତା ପୁଅ ଚଢ଼େ ଥୋଡ଼ା ଥୋଡ଼ା ।

[ ପିତାର ସଦ୍‌ଗୁଣାବଳୀ ଓ କୃତିତ୍ୱ ପୁତ୍ରଠାରେ ଅଳ୍ପ ବହୁତ ପରିମାଣରେ ଦେଖାଯାଏ । ]

୪୮ । ଯାହାର ଯାହାର ଭାବ ଥାଏ, ମୁଣ ଗୁହୁଁ ଥିଲେ ଲବ ଥାଏ ।

୪୯ । ଯାହା ଖାଇଥିବ ପେଟକୁ, ଯାହା ଦେଇଥିବ ବାଟକୁ,
ଯାହା ଭରିଥିବ (ସଞ୍ଚିଥିବ) ଘଣ୍ଟିକୁ ।

[ ଯେଉଁଧନ ନିଜେ ଭୋଗ କରିବ ତାହା ନିଜର, ଯାହା ଦାନ କରିବ ତାହା ପରଲୋକରେ ଉପକାରରେ ଆସିବ; ଯାହାକୁ ସଞ୍ଚୟ କରିବ ତାହାକୁ ମୃତ୍ୟୁ ପରେ ବାକି ଲୋକେ ଖାଇ ଉଡ଼ାଇ ଦେବେ । ]

୫୦ । ଯାହାର କର୍ମ ଶତ୍ରୁମିତ, ସୁନାର ବଣିଆ ତା ମିତ ।
[ ସୁନାର ଓ ବଣିଆଙ୍କ ସଙ୍ଗେ ବନ୍ଧୁତା ସର୍ବଦା ଅପକାରକ ହୋଇଥାଏ । ]

୫୧ । ଯାହାର ଗାଏ (ଗାଈ) ନାହିଁ, ତାର କଳି ଥାଏ ନାହିଁ ।

୫୨ । ଯାହା ଡୋଟିରେ ବଥ ଉଠିଲା ସେ କହିଲା ମଲି,
ଯାହା ଗୋଡ଼ରେ କଣ୍ଟା ଫୁଟିଲା ସେ କହିଲା ମଲି ।

୫୩ । ଯାହାର ଥେଲି ପଇସା ଗଳିଗଲା, ସେ କହିଲା ମୋର ଗଲା,
ଯାହାର ଦେଲି ପଇସା ଗଳିଗଲା ସେ କହିଲା ମୋର ଗଲା ।

୫୪ । ଯାହାର ଅଣ୍ଟ ଗୁଣ୍ଡ, ତାକୁ ମିଳିଲା ଦାସ ।

୫୫ । ଯାହାକୁ ଦେବେନ୍ତି ନଷ୍ଟ ସ୍ତ୍ରୀ, ତାକୁ କହନ୍ତି ଭୂପ ଭଳି ।
[ ନାଃସ୍ୱାସ୍ଥ୍ୟ ବାନ୍ଧୁ ଉପରେ ସମସ୍ତେ ଅତ୍ୟାଚାର କରନ୍ତି ।]

୫୬ । ଯାହାକୁ ସାତ ପାଞ୍ଚ ମିଳି ନାଶିବେ,
ତାକୁ ରଖି ନ ପାରିବେ ଦଇବେ ।
[ ବହୁ ଲୋକ ଯାହାର ବିପକ୍ଷ ତାକୁ ରକ୍ଷାକରିବା କଷ୍ଟସାଧ୍ୟ । ]

୫୭ । ଯାହାର ମାଙ୍କଡ଼ ସେ ନଚାଇ ଜାଣେ ।

୫୮ । ଯାହା ନ ଖାଇବ ଝିଅ, ତାହା ଜ୍ୱାଇଁଙ୍କ ପତରେ ଦିଅ ।

୫୯ । ଯାହାର ଲୁଣ ଖାଇବ, ତାର ଗୁଣ ଗାଇବ ।

୬୦ । ଯାହାକୁ କରିବ ଘୃଣା, ତାକୁ ଆଖି ମଳି ମଳି ଚାହାଁ ।
[ ନ ଚିହ୍ନିବା ପରି ଛଳନା କରିବା । ]

୬୧ । ଯାହାକୁ କହିବ ମରମର, ସେ ପାଇବ ଦେବୀର ବର ।
( ସେ ହେବ ଘର ଘର ) ।

୬୨ । ଯାହାକୁ ଢୋଲ ପରବ, ସେ ଢୋଲ ଫୋଡ଼େଇବ ।
[ ସମ୍ବର୍ଦ୍ଧିତ ପିଲାଏ ଦୁର୍ବଳ କ୍ଷୀଣ ହେବାର ଦେଖାଯାନ୍ତି । ଅଥଚ ଅବହେଳିତ ଅସମ୍ବର୍ଦ୍ଧିତ ପିଲାମାନେ ସୁସ୍ଥ ଓ ସବଳ ହେବାର ଦେଖାଯାନ୍ତି । ]

୬୩ । ଯାହାର ମନ ଚଙ୍ଗା, ତାକୁ କୁଣ୍ଡର ଗାଡ଼ୁଅ ଗଙ୍ଗା ।
[ ବସ୍ତୁର ପବିତ୍ରତା ମନୁଷ୍ୟ ମନର ଶ୍ରଦ୍ଧା ଓ ଆସ୍ଥା ଉପରେ ନିର୍ଭର କରେ । ]

୬୪ । ଯାର ଧାନକୁ ତାର ମୁଡ଼ି ( ମୁରୁଜି ),
ଦେ ଭେଜୁଣୀ ଭୁଷ୍ କର ।

୬୫ । ଯାହା ଖାଇବୁ ଖାଇଥା ବୋଧୁ ଅସିବା ଯାଏ,
ଯାହା ପିଇବୁ ପିଇଥା ହୁଇଅ ପିବା ଯାଏ ।

୬୬ । ଯାହା କହେବ ଯାଇଁ, ତାହା ତାହାର ହାତରେ ନାହିଁ ।

୬୭ । ଯାହାକୁ ବୋଲିବ ଡାହାଣୀ, ସେ ସେ ରଖିବ କାଁ ପାଣି ।
[ ଅସୁନ୍ଦର, କୁତ୍ସିତ ବା ଶାରୀରିକ ଦୋଷଯୁକ୍ତ ଲୋକ ଭବିଷ୍ୟତରେ ଗୁଣର ହୁଅନ୍ତି । ]

୬୮ । ଯାହାର ମନ ଶୁଦ୍ଧିକ, ଯାତର ଲଟେ ଭଣ୍ଡିକ ।
[ କୌଣସି କଷ୍ଟକରରେ ମନ ମଜ୍ଜିଗଲେ ମଣିଷ ସେଥିଲାଗି ଅସାଧ୍ୟ ସାଧନ କରିପାରେ । ]

୬୯ । ଯାହାର ବାହା ସେ ଖେଳନ୍ତି ପଶା,
ଧାଇଁ ବୁଲୁଛନ୍ତି ସାହିପଡ଼ିଶା ।

୭୦ । ଯାହା ହୋଇ ନାହିଁ ହବ ନାହିଁ,
ମାଟିଅକୁ ହାଣ୍ଡି ଯିବ ନାହିଁ ।

୭୧ । ଯାହା ହାତରେ ଖାଇ ନାହିଁ, ସେ ବଡ଼ ବନ୍ଧୁଣୀ,
ଯାହା ସାଙ୍ଗେ ଘର କରି ନାହିଁ, ସେ ବଡ଼ ଘରଣୀ ।

୭୨ । ଯିଏ ସାହାର ସିଏ ଖାହାର, ଯିବା ଦାଣ୍ଡକି ସେଣ ବାହାର ।
( ଅତି ନିର୍ଲଜ୍ଜ ସେଣ ବାହାର ! )

୭୩ । ଯେଉଁ ଘରକୁ ଯେଉଁ ବଢା,
ନିର୍ମିଣ କରନ୍ତି (ଫୋପାଡ଼ି କରିନ୍ତି ) ସଧାଣ ।

୭୪ । ଯେଉଁ ମୁଣ୍ଡକୁ ଯେଉଁ ଖୁର । ( ଅବସ୍ଥା ଅନୁସାରୀ ବ୍ୟୟ ! )

୭୫ । ଯେଉଁ ଅଡ଼ୁ ପାଣି ବରଷିବ, ସେହିଅଡ଼କୁ ଛତା ଧରିବା ।
[ ସୁବିଧାବାଦୀ ବ୍ୟକ୍ତି । ]

୭୬ । ଯେଉଁ ଡାଳ ଧରିଲି ସେ ଡାଳ ଭାଙ୍ଗିବା ।
[ ସବୁ ଦିଗକୁ ଅକୃତକାର୍ଯ୍ୟ ବା ସହାୟଶୂନ୍ୟ ହେବା । ]

୭୭ । ଯେଉଁ ପତରରେ ଖାଇବ ସେହି ପତରରେ ଛିଟିବା ।
[ ଉପକାରୀର ଅପକାର କରିବା । ]

୭୮ । ଯେଉଁ ଟୋକ ଖେଳ ଜାଣେ ସେ କାଣି କବାଡ଼ରେ ଖେଳେ ।
[ ଯେକୌଣସି ବିଷୟରେ ଦକ୍ଷତାଯୁକ୍ତ ବ୍ୟକ୍ତି ଅତି ଅଳ୍ପ ସାଧନରେ ମଧ୍ୟ କାର୍ଯ୍ୟ ତୁଲାଇ ନିଏ । ]

୭୯ । ଯେଉଁ ଯେଉଁ ଦେଶରେ ଯେଉଁ ଯେଉଁ ବୋଲି,
କାହିଁ ବୋଲନ୍ତି ମୁଗ ଭଜଣି କାହିଁ ବୋଲନ୍ତି ଡାଲି ।
[ ଭିନ୍ନ ଭିନ୍ନ ଦେଶରେ ଭିନ୍ନ ବୋଲିର ପ୍ରଚଳନ ।]

୮୦ । ଯେଉଁ ଘରେ ଜଣେ ଜଣେ ନାୟକ,
ସେ ଘର ଯିବ କ-ଘରକୁ ନେଇ ?
[ ଏକାଧିକ ପ୍ରଭୁଙ୍କ ଗୃହର ସମୃଦ୍ଧି ଅସମ୍ଭବ । ]

୮୧ । ଯେଉଁ ଗାଣ୍ଡିବ ହାତେ, ସେହି ଗାଣ୍ଡିବ ମାଥେ ।
[ ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରୁ ବାହୁବଳ ହରଣ କରିନେବାପରେ ଅର୍ଜୁନ ଗାଣ୍ଡିବ ଧନୁକୁ ହାତରେ ଧରିବା ପାଇଁ ଅସମର୍ଥ ହୋଇ ମସ୍ତକରେ ବହନ କରିଥିଲେ । ]

୮୨ । ଯେଉଁ ହଳକ ପାଇକ ଯାତେ, ତାମ୍ବୁଲରେ ଠେଙ୍ଗାବାଟେ ।

୮୩ । ଯେ ଦୁଧ ଖାଇବ ସେ ନାଡ଼ ସହିବ ।
[ ସୁଖ ଭୋଗ କରିବାକୁ ହେଲେ ପ୍ରଥମେ କଷ୍ଟ ସ୍ୱୀକାର କରିବାକୁ ହେବ ।

୮୪ । ଯେ ଯାହାକୁ ଦେଖିପାରେ, ଜୁଆଁଇ ଘରେ ଭଉଣୀ ମାରେ ।

୮୫ । ଯେ ନାଆଁ ଟିକିବ ସେ ଅଗାର ଛୁଟିବ ।

୮୬ । ଯେ ଦାଉ ଖାଏଣି ସେ ଗୁଆଡ଼ ଖାଏଣି ।

୮୭ । ଯେ ମଲା ସେ ଗଲା ।

୮୮ । ଯେ ଖାଏଁ ପରର ମଦ, ତା ମଦ ପାଇଁନ୍ତି ଗୋବିନ୍ଦ ।

୮୯ । ଯେ ଯେଉଁ ଗାଡ଼ ଖୋଳେ, ସେ ସେହି ଗାଡ଼ରେ ପଡ଼େ ।
[ ଅନ୍ୟକୁ ବିପଦରେ ପକାଇବାକୁ ଚେଷ୍ଟାକଲେ ନିଜେ ବିପଦରେ ପଡ଼ନ୍ତି ।

୯୦ । ଯେ ରକ୍ଷକ ସେ ଭକ୍ଷକ ହେଲେ କାହାକୁ କହିବ ?

୯୧ । ଯେ ତୋତେ ମାରିଲା ତୁ ତାକୁ ନ ମାର,
ତାକୁ ମାରୁଥିବ ଆନ,
ଦେଖୁଥିବ ତୋର ଦୁଇ ନୟନ,
ଶୁଣୁଥିବ ଦୁଇ କାନ ।

୯୨ । ଯେ ତୋତେ ମାରିଲା ତୁ ତାକୁ ମାର;
ନାଥ ବୋଲେ ଗୁଣ ନାହିଁ ବିଚାର ।

୯୩। ଯେ କରେ ଧର୍ମ, ତାର ପୋଡ଼େ କର୍ମ।

୯୪। ଯେ ମାଗିଖାଇଲାଣି ସେ କି ଲାଗି ଖାଇବ ?

୯୫। ଯେ ଦେଶ ଯାଇ ସେ ଫଳ ଖାଇ।
[ ଯେଉଁ ଦେଶକୁ ଯିବ ସେ ଦେଶର ସ୍ୱଭ ଅନୁଯାୟୀ ଚଳିବାକୁ ହେବ। ]

୯୬। ଯେ ଘର ଯୋଡ଼େ, ସେ କି ଜୁଅ ବାଉଁଶ ଦିଏ ?

୯୭। ଯେଝା ଘରକ ସେ ରଜା।
[ ସମସ୍ତ ଦେଶ ପ୍ରତ୍ୟେକ ଲୋକ ନିଜ ନିଜର ଭଲମନ୍ଦ ଦେଖାନ୍ତି। ]

୯୮। ଯେଝା କଥା ତାହାକୁ ଅଣ୍ଟାଧର ( ଢୋଲ ବଜା )।
[ ପ୍ରତ୍ୟେକ ଲୋକ ନିଜମାନଙ୍କୁ ଉଦ୍ଭ୍ରାନ୍ତ ବୋଲି ମନେ କରନ୍ତି କିମ୍ବା ପ୍ରତ୍ୟେକେ ନିଜ ନିଜ ସମସ୍ୟାରେ ବ୍ୟସ୍ତଥାନ୍ତି। ]

୯୯। ଯେଝା ହାତରେ ସେ ଦେଉଦାତା।
[ଆତ୍ମନିର୍ଭରଶୀଳ ହେବା। ନିଜକୁ ସମସ୍ତଙ୍କ ଠାରୁ ସମକକ୍ଷ ମନେ କରିବା। ପ୍ରତ୍ୟେକ ମନୁଷ୍ୟ ନିଜ ହାତରେ ସ୍ୱାଧୀନ ଥାଏ। ]

୧୦୦। ଯେଝା ଘର ତାକୁ ମଥୁରା ପୁରୀ,
ଯେଝା ବର ତାକୁ ଶ୍ରୀକୃଷ୍ଣ ( କନ୍ଦର୍ପ ) ସରି।
[ ପ୍ରତ୍ୟେକ ନାରୀକୁ ତାର ଘର ଓ ବର ସୁନ୍ଦର ଦିଶେ। ].

୧୦୧। ଯେତେ ବାଉଁଶକୁ ତେତେ ପୋଲ।

୧୦୨। ଯେତେ ଲୁଗା ତେତେ ଧୋଣା।

୧୦୩। ଯେତେ ବଡ଼ ଘାଟି, ତେତେ ବଡ଼ ଗୁଣ୍ଡା।

୧୦୪ । ଯେତେଢ଼ ପୋଥିକୁ ସେତେଢ଼ ଡୋର ।

୧୦୫ । ଯେତେଟି କାଟିଲୁ ଧରେଣ ନାହିଁ,
ସେତେଢି ଦେଖିଲୁ ଘୃଣେ ନାହିଁ ।

୧୦୬ । ଯେତେତ ଗଛକୁ ଟିପ, ସେତେଢ ଫଳ ପାଇବ ।
[ ଶ୍ରମ ଓ ଚେଷ୍ଟା ଅନୁଯାୟୀ ଫଳ । ]

୧୦୭ । ଯେବଣି ଭଙ୍ଗା ସେତେଣି ଘା, କର୍ମ ଯେଣନ୍ତା ଭୁଲିଥା ।

୧୦୮ । ଯେତିକି ଭୁଗାକୁ ସେତିକି ପିଠା [ ଅନୁଯୋଗ ବାଞ୍ଛା । ]

୧୦୯ । ଯେତେଢ଼ ଖୁଣ୍ଟ ସେତେଢ଼ ଘର,
ଯେତେଢ଼ ଜଣାଅ ସେତେଢ଼ ବର ।

୧୧୦ । ଯେତେଢ଼କ ଲଙ୍କାରେ ଜନମ (ଜାତ)
ସମସ୍ତେ ଅସୁର ସମାନ ( ଅସୁରଙ୍କ ସୁତ ) ।

୧୧୧ । ଯେତେଢ଼ କହିଲେ ଖିଟିକାଠ, ତୋଟି ଭୁଲିବ ମୋର ଡାଙ୍ଗ ।

୧୧୨ । ଯେତିକି ଗୁଡ଼କୁ ସେତିକି ମଧୁର ।

୧୧୩ । ଯେତେଢ଼ ପୂଜା ପୂଜ ଦାମୋଦରକୁ,
ଯେତେଢ଼ ନଦ ନଦୀ ସମୁଦ୍ରକୁ ।

୧୧୪ । ଯେତେବ ଖାଇଥାଏ ଘଇତା ଭୁଲୁ,
ଝିଅ ହେଉଥାଏ ବାପ ଘରକୁ ।

୧୧୫ । ଯେତେବ ଥିବ ଅଣ୍ଟାରେ ବଳ,
ସଙ୍ଗାତ ମିଳେ ଶୁଆରେ ଦଳ ।
[ ଧନ ଥିବା ଯାଏ ବନ୍ଧୁବାନ୍ଧବର ଅଭାବ ରହେ ନାହିଁ । ]

୧୧୬ । ଯେତେବ ମୂଳ ଥାଏ ଝୋଲି, ସୁଆର ବଚନ ବୋଲି ।
[ ଧନ ଥାଇଲେ ସମସ୍ତେ ମଧୁର କଥା କହନ୍ତି । ]

୧୧୭ । ଯେତେବ ଅଣିବୁ ଅରଣ୍ୟ, ସେତେବ ଖାଇବୁଁ ଗରଣ୍ଡ ।

୧୧୮ । ଯେତେବ ଦେଖିବୁ ତେଲ, ତେତେବ ନ ଯିବୁ ଗେଲ ।

୧୧୯ । ଯେମିତ ଠାକୁର ସେମିତ ପୂଜା,
ବାଲିଗବଡ଼ାକୁ ଚୂଡ଼ଲ ଭଜା । ( ଗୁଣ ଯେମ୍ନ ଅଦର । )

୧୨୦ । ଯେମିତ କର୍ମ ସେମିତ ଫଳ । ( କର୍ମ ଯେମ୍ନ ଫଳ । )

୧୨୧ । ଯେସାକୁ ତେସା, ଖାଁଦ୍ରମକାଦାକୁ ଝାଡ଼ିଆ ପଶା ।
[ଯେ ଯେପରି ତା ପ୍ରତି ସେହିପରି ବ୍ୟବହାର କରିବା । ]

୧୨୨ । ଯୋଗୀ ଥାଳରେ କି ଭୁଅ ଭୁସୁନା ବାରଣ ।

୧୨୩ । ଯୋଗକୁ କୁସ୍ତା ପାରନ୍ତି ( ଖଣ୍ଡନ୍ତି ) ନାହିଁ ।
[ ଯେତେକ୍ଷ ଶକ୍ତିଶାଳୀ ବ୍ୟକ୍ତି ହେଲେ ମଧ୍ୟ ଯାହା ଭବିତବ୍ୟ ତାହାର ଅନ୍ୟଥାଚରଣ କରିବା ଅସମ୍ଭବ । ]

୧୨୪ । ଯୋଗୀ ଘରେ କି ଢ଼ିଙ୍କି ?

୧୨୫ । ଯୋଗୀ ଗୀତରେ କି ଭଣିତ ?

୨୨୬ । ଯୋଗୀର ନାକ ସୁଅରେ ଅନୁକୂଳ ସିଅରେ ।
[ ଉଦ୍‌ଯୋଗୀ ବ୍ୟକ୍ତି ପକ୍ଷରେ ସ୍ଥାନ ବା ସମୟର ଅନୁକୂଳତା ବିଚ୍ୟୁର୍ଣ୍ଣ ନୁହେଁ । ]

୧୨୭ । ଯୋଗୀ ଯେଉଁଆଡ଼େ, ଯୋଗିଆଣୀ ସେହିଆଡ଼େ ।
[ ସ୍ତ୍ରୀ ସ୍ୱାମୀର ଅନୁଗମନ କରିବା । ]

୧୨୮ । ଯୋଗୀ, ବଳଦ, କୁକୁର, ଘୋଡ଼ା;
କେତେବ ନୁହନ୍ତି ଯୋଡ଼ା ଯୋଡ଼ା ।
[ ଏମାନଙ୍କ ମଧ୍ୟରେ ସମ୍ପ୍ରୀତି ଓ ଏକତା ରହେ ନାହିଁ । ]

୧୨୯ । ଯୋଗୀ ଥାଳ ଛୁଇଁବ ନାହିଁ । ( ଉପଦେଶ )

୧୩୦ । ଯୋଡ଼ାକୁ ଯୋଡ଼ା ସରି ନୁହେଁ ।
[ ଏକଡ଼ା ନିକଟରେ ଅନ୍ୟ ପରାସ୍ତ ହୁଏ । ]

—ର—

୧ । ରଙ୍କ ଭଣ୍ଡା କି ଖୋଇନ ?

୨ । ରଙ୍କ ପାଟିକୁ ଅମ୍ବିଳା ଅମୃ ସୁଆଦ ।

୩ । ରଙ୍କି ଝନା ଜଗମ ଭଥା କାଟେଣି ।

୪ । ରଙ୍କ ଘରେ ହାତୀ କୁଣିଆ ।

୫ । ରଙ୍କି ସଞ୍ଚେ ଧନ, ମୂର୍ଖ କରେ ଜଳପାନ ।

୬ । ରଙ୍କି ସଞ୍ଚେ ଖାଇ ଖାଏ, ଦୁଃଖେ ପାଣି ପଇଁଠାଏ ।
[ କୃପଣ ଲୋକର ସଞ୍ଚିତ ଧନ ଖାଇବୁଲା ଖାଇ ଯାଆନ୍ତି । ]

୭ । ରତେଙ୍ଗ ପାଇଲେ ଜ୍ୱର, ପାଣି ପିଇ ପିଇ ମର ।

୮ । ରକ୍ଷଣୀ ପାଇଲୁ ଲକ୍ଷ୍ମୀ, କଣ୍ଢାମେଣ୍ଟା ଭଣ୍ଡ ଚିହ୍ନିଲୁ ।

୯ । ରକ୍ଷଣୀ ଦୂତେ, ଲୁଙ୍ଗ ନ ଭେଣ୍ଟେ ।

୧୦ । ରକ୍ଷଣୀକୁ ନିଅ ପୁଟିଆ ବଡ଼ ।

୧୧ । ରତେଶ ଘୁଷୁ ମାଡର କାଏ, ମାରେ ଘୁଷୁ ଅଟେଶ କାଏ ?

୧୨ । ରଙ୍ଗଛା ମାଣ୍ଡୀ, ପିନ୍ଧିଲେ ସୁନ୍ଦର ଦଶେଶ କି ଚାଳୀ ?

୧୩ । ରଡଙ୍ଗ ବଡଙ୍ଗ କୁସୁମ ରଙ୍ଗ, ଖଳାଧାରଙ୍ଗ ପୋଛିଲେ;
ମିଛ କଥା କାଣ୍ଡି ପଡ଼ ଦୋଳିବ, ଗଡ଼େଇ ଭଣି ଅଷ୍ଟି ଭକ୍ଷିଲ

୧୪ । ରଙ୍ଗିଆ ଘୁର, ଭାଲୁ ନ ଗୁଣରୁ ଦେଖା ଶୁଣ ।
[ ରଙ୍ଗିଆ ଘର ଧାନ ବୁଣିଲେ ବଳ ପଡ଼େ । ]

୧୫। ରଙ୍କା ଘରର ମଶା ହାତୀ ତିଳେ ।
[ ପ୍ରତାପୀ ଲୋକର ଅଧୀନସ୍ଥ ଦୁର୍ବଳ ବ୍ୟକ୍ତି ମଧ୍ୟ ମହାପ୍ରତାପଶାଳୀ । ]

୧୬। ରଜାର ପରଜା ନୁହେଁ କି ସାହୁର ଖାତକ ନୁହେଁ ।

୧୭। ରଜା ପୁଅ ପଥ ବାହୁଡ଼ିଲେ ଭଲ୍,
ବଜାରେ କୁହନ୍ତି ଘୋଡ଼ାକୁ ଫୁଲ୍ ।

୧୮। ରଜା ଘରେ ଛୁଞ୍ଚିଏ ଖଣ୍ଡି, ଦରବେଳେ ଥରେ ଧାଁଧନ ଛୁଟି ।

୧୯। ରଜାର ଭଣ୍ଡାର ଫିଟେ, ଭଣ୍ଡାରୀର ଗଣ୍ଡ ଫାଟେ ।

୨୦। ରଣଝଣ ଯିବ, ମାଟି ଗୋଡ଼ି ପଡ଼ିଥିବ ।
[ ଭୂସମ୍ପଦର ସ୍ଥାୟିତ୍ୱ ପ୍ରତି ଲକ୍ଷ୍ୟ । ]

୨୧। ରବି ଦଶ ଘଡ଼ି, ସୋମ ଚଉଠା, ବାର ମଙ୍ଗଳ ଶ୍ରେଣୀ ଘଟା,
ଶୁକ୍ର ଚଉଦ ମନ୍ତ୍ରୀ ଆଠ, ବୃହସ୍ପ ଅଷ୍ଟ ଶନିର ପାଠ ।
[ କିଛିକା ବାରର ଏହି ଏହି ସମୟରେ ଯାତ୍ରା ଅନୁକୂଳ କଲେ ଅମଙ୍ଗଳ ଘଟେ । ]

୨୨। ରଣଜିତ ଗୁଣ ବରିଲା ଖାଏ । ( ଐତିହାସିକ କିମ୍ବଦନ୍ତୀ )
[ କପିଳେନ୍ଦ୍ର ଦେବ ଓଡ଼ିଶା ସୈନ୍ୟମାନଙ୍କର ସେନାପତି ରୂପରେ କାର୍ଯ୍ୟ କରୁଥିବା ବେଳେ ସମୟ ସମୟରେ ସୈନ୍ୟମାନଙ୍କ ସଙ୍ଗେ ମିଳାମିଶି ଆହାର କରୁଥିଲେ । ]

୨୩। ରାଗ ପରମ ଚଣ୍ଡାଳ ।
[ ରାଗରେ ମନୁଷ୍ୟ କର୍ତ୍ତବ୍ୟାକର୍ତ୍ତବ୍ୟ ଭୁଲି ନୀଚ ବ୍ୟକ୍ତି ସଦୃଶ ଆଚରଣ କରେ । ]

୨୪। ରାଜା ପୁଅ ଡେଙ୍ଗା ।

୨୫ । ରାଜା ପୁଅ ଯୋଗୀ ହେଲେ ତା ରାଜା ବୁଦ୍ଧି ଘୁଚେ ନାହିଁ, ସେ ଯୋଗୀ ପୁଅ ରାଜା ହେଲେ ତା ଯୋଗୀ ବୁଦ୍ଧି ଘୁଚେ ନାହିଁ ।

୨୬ । ରାଜା ଯୋଗା । ( ଅନୁଗାମଣା )

୨୭ । ରାଜା ମନ ଭଲେ ବର୍ଷେ ଛ ମାସ, ରାଣୀ ମନେ ଭଲେ ଅଣ୍ଟେଭ ।

୨୮ । ରାଜାଙ୍କୁ ଘାଏ ଘାଏ, ରାଣୀଙ୍କୁ ଘତବୁଡ଼ ।

୨୯ । ରାଜା ନାଏ ଦଣ୍ଡି, ତେଲା ନାଏ ଖଣ୍ଡି, ଶାନ୍ତା ନାଏ ଗଣ୍ଡି ।

୩୦ । ରାଜା ଘରେ ଦାଣ୍ଡ ଚାଉ ।
[ ଚୋଷ୍ଟୀ ନ ଦେଖି ବିବାହ କରିବା ଶୁଭ ଛଡ ଲକ୍ଷ୍ୟ । ]

୩୧ । ରାଜା ନାଏ ଦଣ୍ଡି, କଟକର ନାଏ ରାଣ୍ଡି ।

୩୨ । ରାଜା ପୁଅ ସଙ୍ଗେ ଗୁଣ୍ଡୁଅ ବଣିଜ ବାଇ ।

୩୩ । ରାଜା ପୁଅକୁ କି ଟଙ୍କା ଅଭାବ !

୩୪ । ରାଣ୍ଡି ଭାଣ୍ଡି ।

୩୫ । ରାଣ୍ଡି ସଖୀ, ଭାଣ୍ଡି ସଖୀ ।

୩୬ । ରାଣ୍ଡି ବାଆକୁ ଜନ୍ମ ନାହିଁ, ସମୁଦ୍ର ଘଡ଼ିକୁ ଘାଟ ନାହିଁ ।

୩୭ । ରାଣ୍ଡି ହୋଇ ଦେବଙ୍କୁ ମନ୍ତ୍ରେ, ରାଜା ହୋଇ ପରଜା ଖଟେ, ବ୍ରାହ୍ମଣ ହୋଇ ପଞ୍ଜିକୁ ଦାନ୍ତେ, ସାଧୁ ହୋଇ ଖାତକ ଖଟେ, ସ୍ୱର୍ଗରେ ପଡ଼ ଏ ।

୩୮ । ରାଣ୍ଡକୁ ଲଜ୍ଜା ନାହିଁ, ଷଣ୍ଢକୁ ପଘା ନାହିଁ ।

୩୯ । ରାଣ୍ଡୀ ପୁଅ ଅନନ୍ତା । [ ଅଲକ୍ଷ୍ମୀବଳ ସ୍ଥାନ ଭକ୍ତଙ୍କ ସୂଚକ ]

୪୦ । ରାଣ୍ଡ ହେଲେ ଘରଜା ଚରନ୍ତି, ବଣ ବୁଡ଼ରେ ମାରନ୍ତି ।

୪୧ । ରାଣ୍ଡକୁ ଆଉଁଷର ଚିନ୍ତା ।

୪୨ ରାଜ ଦୁଆରରେ ହାତୀ ପଡ଼ିବ ।
[ ରାଜ ଦୁଆରରେ ବଳଦ ଦେଖ ମଧ୍ୟ ଦଣ୍ଡ ଯାଏ । ]

୪୩ । ରାଜ ପାଠ ପଢ଼ା, ଅବଧାନ ହାତରୁ ଛଡ଼ା ।

୪୪ । ରାଜ ଘାଣ୍ଟିଲେ ଭୂମି ବଳିଯାଏ ।

୪୫ । ରାଧେ ରାଧେ, କୁମର ଅଧଂକୁ ଅମର ଅଧେ ।

୪୬ । ରାନ୍ଧି ନ ଜାଣି ହାଣ୍ଡିର ଦୋଷ ।

୪୭ । ରାନ୍ଧୁଣୀ ସଂଗେ ଭାବ ଥିଲେ ଅଗ ଖାଇଲେ ଯାହା ପଛେ ଖାଇଲେ ତାହା ।

୪୮ । ରାଉଣା ବଡ଼ ଚଣ୍ଡିଣା, ଧାନକୁଟା ବଡ଼ ଦୁଃଖୀ,
ଯାଉଣୁ ଆସୁଣୁ ମୁହଁ ଘୁଞ୍ଚା ଟୁଣ୍ଡି ପାଣି ଖଣ୍ଡା ବଡ଼ ଦୁଖ ।

୪୯ । ରାବଣ ଦଶ ମୁଣ୍ଡରୁ ଖାଇଲେ ଏକୋ ପେଟକୁ ଯାଏ ।

୫୦ । ରାବଣ ଯେବେ ସୀତା ନ ନିଅନ୍ତା, ତେବେ କିଆଁ ରାମାୟଣ ହୁଅନ୍ତା ?

୫୧ । ରାମ ରାବଣ ଯୁଦ୍ଧ ।

୫୨ । ରାମ ନାମ ସତ୍ୟ ହେ । ( ଶବବାହକମାନଙ୍କ ଡାକ )

୫୩ । ରାମ ନାମ ବୋଲୁ ଥାନ୍ତି ଯେ ମୁଖେ,
ରାଜ ବନ୍ଦୁଥାନ୍ତି ଜଗତ ଲୋକେ,
ରାଜୁଥ ବୋଲିଣ ତାହାଙ୍କୁ କହୁ,
ଭଣେ ଦାନାଇ ସେ ଯୋଗୀ ହୁଅଇ ।

୫୪ । ରାଣ୍ଡି ମୁଟି, ଶାଶୁ ଚଡ଼ୁଟି । ( କୁଣ୍ଡି ବଚନ )

୫୫ । ରାହୁ ଧରିଲେ ରାହୁ, ଶନି ଧରିଲେ ଶନି ।
[ ପରାକ୍ରମଶାଳୀ ବ୍ୟକ୍ତିର ଅପ୍ରତିହତ ପ୍ରଭାବ ପ୍ରତି ଲକ୍ଷ୍ୟ ].

୪୬ । ରାହୁଅ ମାଡ଼ି, ଖରା ଭଲ୍ ଯାଏ ଫସଲପାଟି ।
ମେଘ ଅସୁରେଙ୍କ ଦେହେର ବାଡ଼ି ।
[ ରହାଳ ( ଝଲା ) ମାଡ଼ି ଖରାହେଲେ ଫାଟି ଯାଏ ଓ ବର୍ଷା-ହେଲେ କାଦୁଅ ହୋଇଯାଏ । ]

୪୭ । ରୁଆ ଧାନ ଥୁଆ । ( କୃଷି ବଚନ )

୪୮ । ରୁଆ ରୁଆ ବତର ମୂଳ । (କୃଷି ବଚନ)

୪୯ । ରୁକୁଣାରଥ ଅଣି ଦେଇଚି ।
[ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସେହି ରଥରେ ବିଜେ କରି ରାମେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଯାନ୍ତି ସେହି ରଥକୁ ରୁକୁଣାରଥ ବୋଲାଯାଏ । ରଥ ବାହୁଡ଼ା ବେଳେ ଏହି ରୁକୁଣା ରଥର ମୁହଁ ବୁଲା ନଯାଇ ବିପରୀତ ପାଟରେ ଦୁଆର ଖୋଲି ରଥକୁ ଫେରାଯାଏ । କୌଣସି ବ୍ୟକ୍ତି କୌଣସି ସ୍ଥାନକୁ ଯାଇ ଆଉ ନ ଫେରିଲେ ବା ଫେରିବାର ସମ୍ଭାବନା ନଥିଲେ ଏହା ଉଲ୍ଲେଖ କରାଯାଏ । ]

୫୦ । ରୂପକୁ ଚାହିଁ, ଗୁଣ ଥିଲେ ସିନା ଆଦର ପାଇ ।

୫୧ । ରୂପ ସୁନ୍ଦର ଦିଶାଯାଏ, ଗୁଣ ସୁନ୍ଦର ଗଢ଼ ଦେଖାଇଥାଏ ।

୫୨ । ରୋଗୀ, ଯୋଗୀ, ଭୋଗୀ ଏ ତିନିହେଁ ରାଗୀ ।

୫୩ । ରୋଗର ଶେଷ, ଋଣର ଶେଷ ରଖିଲେ ଦୁଃଖ ଲାଗେ ।

୫୪ । ରୋପିଲି ଗଛକୁ ଲୁଣ ଯାଏ ନାହିଁ ।

୫୫ । ରୋହିଣୀ ସିଞ୍ଚି, ଶୋଷନ୍ତି ମୃଗ ।

୫୬ । ରୋହିଣୀ କୁଣ୍ଡରେ ବୁଡ଼ ପକାଇବା । ( ମୁକ୍ତି ପାଇବା )

## — ଲ —

୧ । ଲଙ୍କାରେ ଯେତେଲୋକ ଜନମ ସମସ୍ତେ ବାଉନ ହାତ ।
[ କୁଳୋଦ୍ଭବସମ୍ପନ୍ନ ଅଞ୍ଚଳ ବା ପରିବାରର ଲୋକଙ୍କଠାରେ ଅନୁରୂପ ଗୁଣର ପ୍ରକାଶ ।]

୨ । ଲଙ୍କାରେ ହବ ଶଙ୍ଖ । (ଭୁଷଣା)

୩ । ଲଢ଼ାଣିଆ ଗଛ ବାଲି ମାରେ ।

୪ । ଲଙ୍ଗଳା ଗାଁରେ ଘୋଡ଼ା ଚଢ଼ୁଆ । [ନିନ୍ଦା,ବ୍ୟଙ୍ଗୋକ୍ତି]

୫ । ଲଙ୍ଗଳା ମହାଦେବଙ୍କୁ ଭରଣ୍ଡ ଗାଣ୍ଠି ।
[ନାସ୍ତିକ ବ୍ୟକ୍ତିର ନିର୍ଭୀକତା ପ୍ରତି ଉପଲକ୍ଷ୍ୟ ।]

୬ । ଲଟେଣ ଛୁଞ୍ଚିରେ କା ଦାଆ ଦୁଏ ?

୭ । ଲଟେଣ ଦାନ୍ତୁଲାଙ୍କ ପଟେଇ ଭାଣ୍ଡ ।

୮ । ଲମ୍ବ ଗୁଣ ଘରେ ଉପାସ ।

୯ । ଲମ୍ବ ପଣନ୍ତ ବୁଢ଼ିଅଙ୍କୁ ଘାଏ ।

୧୦ । ଲମ୍ବା ନଡ଼ିଆ ଟେକା ଗୁଆ । ଏ ଉଭୟ ଉନ୍ନତି:

୧୧ । ଲଭ୍ କାନ୍ତ, ଅଣି ପିଠିରେ ନ ମରନ୍ତି ଆଉ ।

୧୨ । ଲଭି ବେଳରେ ଲେଣା ନ ପିଲେ ।

୧୩ । ଲଟିଖିଆକୁ ମାଟିଖିଆ ଦଣ୍ଡ ତୁରେଇଁ ।

୧୪ । ଲଙ୍ଗି ନ ଥାଉ ଶେଷଣି ମୁଣ୍ଡଣ,
ଶେସୁଦ କରୁଥାଏ ଅନ୍ଧଣ ପାତେଃ,
ନିଙ୍କ ପଣରେ ଖାଅନ୍ତି ମାଡ଼,
କହିଲୁ ବନାଇ ତାଙ୍କ ମୁଣ୍ଡ ଫୋଡ଼ ।

୧୫ । ଲଙ୍ଗୁଆ ବ୍ରାହ୍ମଣ କାଣ୍ଡିଆ ବେଣୁଦ,
ଖାଁ ମଣିରେ ମେଣ୍ଡେ ଥାଉ ବେଙ୍ଗୁଣ,
କମାରର ମେଣ୍ଡେ ମୁଣ୍ଡିରେ ଯୋଡ଼,
ଏ ସୁଦ୍ଧଙ୍କର ମୁଣ୍ଡି ଫୋଡ଼ ।

୧୬ । ଲଙ୍କ ଗୁଡ଼ ସାଗ ପିମ୍ପୁଡ଼ି ଖାଉଥାଏ ।

୧୭ । ଲୁଆ ଖାଇବ କି ଥାଳ ବାଜିବ ?

୧୮ । ଲୁଚି ଲୁଚି ବରଷା, ପରବେଶକ ଭରଷା,
ବ୍ରାହ୍ମଣ ଡରେ ପରଶା, କହିଁ ଦାନାର ଏ ଫସରଫସା ।

୧୯ । ଲୁଣ ଖାଇବ ଯାହାର ଗୁଣ ଗାଇବ ତାହାର ।

୨୦ । ଲୁଟେଣ୍ଟି ଗାଁ ଟୋଳ ବୁଲୁଛି ଧର୍ମୁଣି ।
[ଲିଖିତେଲି ମଧ୍ୟ ଦୋଷ ପ୍ରକାଶ ପାଇବା । ]

୨୧ । ଲୁହା ବୋଲେଁକୁ କମାର ଦୋକାନେ ।
[ସେହିଁଠାରେ ଡ଼ଙ୍କୁ ନଡ଼େଇକୁବଦା । ]

୨୨ । ଲୁହା ଖାନ ଛୁଇଁଲୁ ମୁଦା । (ଶେଷ)

୨୩ । ଲଙ୍କା ଗରବ ନାହିଁ ଭାଙ୍ଗ ।

୨୪ । ଲଙ୍କା ପୋଡ଼ୁ ଅଗ୍ନି ଦେବତା ମାଡ଼ ଖାଆନ୍ତି ।

୨୫ । ଲଙ୍କା ଲାଗି ଭଗାରୁ ଛାଣି ଦିଏ ।
[ଲୋକ ଅନୁଯାୟୀ ବ୍ୟବହାର । ]

୨୬ । ଲଢେ ତ ଭଣ୍ଡାର, ମାଟେର ତ ହାଣ୍ଡି ।

୨୭ । ଲେଖୁ ଲେଖୁ କାରଣି, ହସୁ ହସୁ ମରଣି ।

୨୮ । ଲେଲୁଟି ପିଲାଙ୍କ ଛାଟ ଚାବୁକା, ଟୋଲମକୁ ବଡପଣ, ମାରିଖିଆଙ୍କର ଛାଟୁ ଡୋଳା—ଏ ଭଜ ଲକ୍ଷଣ ।

୨୯ । ଲୋକଙ୍କୁ ଚାପ, ପାପକୁ ମୁକ୍ତି ।

## —ଶ—

୧ । ଶଏ ଚାଷ, ଦଶର ମୂଳ । [କୃଷି ବଚନ]

୨ । ଶହେକେ ସୁପାରି, ହଜାରକେ ପାନ, ଏଥିରୁ ବଳିଲେ ଦେଖିବୁ ଯାନବାହାନ ।
[ଶହେ ଟଙ୍କା ସଞ୍ଚୟ କଲେ ଗୁଆ ଅଭ୍ୟାସ, ହଜାର ଟଙ୍କା ସଞ୍ଚୟ କଲେ ପାନ ଅଭ୍ୟାସ, ତହିଁରୁ ଅଧିକ ଟଙ୍କା ଥିଲେ ଯାନ ବାହାନ କରିବା ପାଇଁ ଉପଦେଶ । ]

୩ । ଶଏ ଘୁଷି, ଏକ ଠେଙ୍ଗା ।
[ଶଏଥର କହିବା କଥା ଥରେ ଠେଙ୍ଗିବା ସଙ୍ଗ ସମାନ ।]

୪ । ଶତଭୁଆ ଅସିଲେ ମୁଣ୍ଡ ଟେକିଥିଆ ଗୁଞ୍ଜ ପଳାନ୍ତି ।

୫ । ଶଗଡ଼ ପଲ୍ଲରେ କଥା ବାଟରେ ଚଢ଼ି କଡ଼ା କି ଗୁଡ ଖାଏ ?

୬ । ଶଗଡ଼ ଚକଣି ଚେଁ ରହୁଛି ।
[କୌଣସି ଘଟନା ଘଟିଯିବା ପରେ ପରେ ମଧ୍ୟ ଅଭୁଆ ବା ଗୋଳମାଳ ଲାଗି ରହୁବା । ]

୭ । ଶଗଡ଼ ପଟା ତଳ ଉପର । (ଭାଗ୍ୟ ପରିବର୍ତ୍ତନଶୀଳ ।)

୮ । ଶୋଭାରେ ଅବସ୍ଥା ।
[ଜିନିଷର ସ୍ଥାୟିତ୍ୱ ଓ ଉପାଦେୟତ୍ୱ ପ୍ରତି ଦୃଷ୍ଟି ନ ଦେଇ କେବଳ ଶୋଭାର ଗୁଣ ଦୃଷ୍ଟି ଦେଇ କିଣିଲେ ଶେଷରେ ଅସୁବିଧା ହେବା ।]

୯ । ଶାଗଶିଅକୁ ଚେଙ୍ଗଶିଅ ଦେଖି ନ ପାରିବା ।
[ଏକ ଦରିଦ୍ର ବ୍ୟକ୍ତି ଅପର ଦରିଦ୍ର ବ୍ୟକ୍ତି ପ୍ରତି ଈର୍ଷା ପ୍ରଦର୍ଶନ କରିବା ।]

୧୦ । ଶାଗ ଖିମିଳି କଷା କାଠ, ମୂର୍ଖ ସାଙ୍ଗେ ନ ଖୁଲିବ ବାଟ,
ସେତେବେ ମୂର୍ଖ ସାଙ୍ଗେ ଖୁଲିବ ବାଟ,
କହୁଣି ଖାଇବ ଲହଟି ।

୧୧ । ଶାଳଗ୍ରାମର ବସିବା ଶୋଇବା ସମାନ ।
[ବାହ୍ୟ ଆବରଣୀରୁ ଅନ୍ତରର ଭାବ ପ୍ରକାଶ ନ ପାଇବା ।]

୧୨ । ଶାଶୁ ମଲା ବୋହୂ ହେଲା, ଯେଉଁ ଧନ ପ୍ରାଣୀକୁ ସେହି ଧନ ପ୍ରାଣୀ ।

୧୩ । ଶାଶୁ ବୋହୂ କୁହେଁ ଜେବଢ଼ାଠେଲା ଗଲେ,
ଦେଖା ଶୁଙ୍କ ଦେଖା ମନାସି ଅସିଲେ ।

୧୪ । ଶାଶୁ କଥା ଶାଶୁଠାରେ, ବୋହୂ କଥା ବୋହୂଠାରେ ।

୧୫ । ଶିଖ ଶିଖ ଯାଇ ପଣ୍ଡିତଙ୍କୁ ଶିଖ ।

୧୬ । ଶିତେଇ ତେଲି ଭୁଲି ମାଟିଆଶିଲା ଭଅଣ ।

୧୭ । ଶିବଲିଙ୍ଗ ପାଆନ୍ତାରୁ ଦେଉଳ ତୋଳାଇବା ନ୍ୟାୟ ।
[ ଯେଉଁଠାରେ କୋଣାର୍କ ମନ୍ଦିର ନିର୍ମିତ ହୋଇଅଛି ସେଠାରେ ଏକ ଶିବଲିଙ୍ଗ ଥିଲା । ଶିବଲିଙ୍ଗ ପାଆନ୍ତାର ତେଣୁ ଭୂମିରୁ ଯୋଡ ଯୋଡ ଦିଆଯାଇ ଗଣ୍ଡି ମନ୍ଦିରେ ପଥର ଯୋଡ଼ାଇବାରୁ ଗଣ୍ଡି ଯୋଡହୋଇ ନାହିଁ କିମ୍ବା ଦେଉଳ ତୋଳାଯାଇ ପାରିଲା ନାହିଁ । ଏଠାରେ ଶିବଲିଙ୍ଗ ପାଆନ୍ତାର ଅସ୍ଥାପନ କରି ମନ୍ଦିରଟିରେ ଏକ ବୃକ୍ଷ ଉପରେ ଅଣ୍ଡାଏ

ଦେଉଥିବା ବେଳେ ବୁଢ଼ୀ ତାହାକୁ ଗରମ ଭାତ ଏକ ଥାଳିରେ ବାଢ଼ି ଖାଇବାକୁ ଦେଲା । ଶିବେଇ ସାଆନ୍ତରା ଥାଳି ମଝିରୁ ଗରମ ଭାତ ଖାଇବାରୁ ତାର ହାତ ପୋଡ଼ିଯିବା ଦେଖି ବୁଢ଼ୀ କହିଲା ଅରେ ବାପ ତୁ କଣ ଶିବେଇ ସାଆନ୍ତରା ପରି ଦେଉଳ ତୋଳିବା ପରି କରୁଛୁ । ଏ ଘଟଣାରେ ଶିବେଇ ସାଆନ୍ତରା ନିଜର ଭ୍ରମ ବୁଝି ପାରି କେନ୍ଦ୍ରରୁ କୂଳକୁ ପଥର ଉଠାଇ ପୋତିବାରୁ ଦେଉଳ ତୋଳା ହେଲା । ]

୧୮ । ଶିବ ମଥାରେ ସାପ ରଜା ।
[ ବଡ଼ଲୋକଙ୍କର ଆଶ୍ରୟ ପାଇଲେ ଅତି ସାମାନ୍ୟ ବ୍ୟକ୍ତି ମଧ୍ୟ ନିଜର ପ୍ରଭୁତ୍ୱ ବିସ୍ତାର କରେ । ]

୧୯ । ଶିଳ ଶିଳପୁଅ ଦେଦେନ କହୁଛନ୍ତି, ମିରିଚି ତୁଳା ବହୁଛି ତମାଖେ ଭଲ ।

୨୦ । ଶିଳ ମଣ୍ଡପରେ କଣ୍ଟା ବାହାରେ ଅଠକା ଯାଉଛି ?

୨୧ । ଶିଶୁପାଳ ବନାଇବା । ( ପୌରାଣିକ ପ୍ରବାଦ )
[ ଶିଶୁପାଳ କୁଣ୍ଡିନପୁରର ରାଜା ଭୀଷ୍ମକଙ୍କର କନ୍ୟା ରୁକ୍ମିଣୀଙ୍କୁ ବିବାହ କରିବା ସ୍ଥିର ହୋଇଥିଲା । କିନ୍ତୁ ଦ୍ୱାରକାର ରାଜା ଶ୍ରୀକୃଷ୍ଣ ଶିଶୁପାଳଙ୍କୁ ଯୁଦ୍ଧରେ ପରାସ୍ତ କରି ରୁକ୍ମିଣୀଙ୍କୁ ଘେନି-ଯିବାରୁ ଶିଶୁପାଳ ବ୍ୟର୍ଥ ମନୋରଥ ଓ ଅପମାନିତ ହୋଇ ଫେରିବାକୁ ବାଧ୍ୟ ହୋଇଥିଲେ । ]

୨୨ । ଶିମିଳି ତୁଳାକୁ ଗୁଡୁକାଳିକା ବାଣ୍ଟେ ।

୨୩ । ଶୀତକାଳରେ ହେଁସ ଛୁଆଁର ।

୨୪ । ଶୁଆ ମନ ବଦନ, ଦାସୀ ମନ ଧନେ ।

୨୫ । ଶୁଆ ଭୁଲି ଶୁଆ କାଟେ ।

୨୬ । ଶୁଖା ଶ୍ରାବଣ, ଢୁଳିଆ ଭାଦ୍ରବ,
ଅଶ୍ୱିନମାସରେ ନ ଲାଗଇ କାଦୁଅ,
କାର୍ତ୍ତିକ ମାସରେ ବାଆ ବରଷା,
ସେତ ଶୁଷ୍କ କରି ପଳାଏ ଚାଷା । [ କୃଷିବଚନ ]

୨୭ । ଶୁଖିଲା ଭାଟରୁ ପାଣି ବାହାର କରିବା ।
[ ଅତି କୃପଣ ବ୍ୟକ୍ତିଠାରୁ ଧନ ବାହାର କରିବା ।

୨୮ । ଶୁଖୁଆମାନେ ପଡ଼ିଲେ ବାହୁଡ଼ି ବଳଦମ ହେବା । ]
[ ସାଧୁତାର ଛଳନା କରିବା । ]

୨୯ । ଶୁଣ୍ଢିର ସାକ୍ଷୀ ମାତାଲ ।

୩୦ । ଶୁଭ ଅଶୁଭ ପୁଚ୍ଛିଲ ଗାଭିର,
ଲେଞ୍ଜନାଡ଼ାର ଦୋଷ ନଥିବ ।

୩୧ । ଶୂନଘରର କି ପୂର୍ବ ପଶ୍ଚିମ ।

୩୨ । ଶେଉଳ ମରିଲେ ମଜା କାହାର ?

୩୩ । ଶେଉଳି ମାଛ ପଛ କୁଆ ଡେଲାଏ,
ଗୋଟି ଗୋଟି କରି ଖାଣ୍ଟି ପୁରାଏ ।

୩୪ । ଶୋଇଲା ପୁଅର ଭାଗ ନାହିଁ ।

୩୫ । ଶୋଇଲା କୁକୁର ଟେକାଇ ରଖ ।
[ ନାଗର ଦାବୀ ଉପସ୍ଥାପିତ ନକଲେ କେହି ଖାତିର କରନ୍ତି ନାହିଁ । ]

୩୬ । ଶୋଇଲା ପୁଅକୁ ଉଠାଇବ ସେ,
ନାଡ଼ ମାଡ଼ି ଖାଇ ସମ୍ଭାଳିବ ସେ ।

୩୭ । ଶୋଷୀ ଖାଏ ପାଣି ପାଣକୁ ନାଁ, ପାଣି ଖାଏ ଶୋଷୀ ପାଣକୁ ।

୭୮ । ଶୁଣି ମନ୍ଦ ବାତ, କାନ୍ଧୁ ଭିତର ଗାଣ୍ଠି,
କାଗବାଡ଼ିଆ ବୁଝି, ସର୍ଗ ଦେବା ମନ ଏ ।

୭୯ । ଶ୍ରାବଣ ମାସର ଅଧା ବେଳେ,
ଘୁବଦଙ୍କୁ ସେତେକ ମେଘ ନ ଭେଟି,
ଦକ୍ଷିଣ ଦିଗରୁ ବହିଲ ବାଆ,
ଘୁଲି ବୁଲି ଥିବ ଦେଶାନ୍ତର ଗା ।

୮୦ । ଶ୍ରୀ ଅଙ୍ଗରେ ଗାଣ୍ଡିବ ଲଗାଇବା ।
[ ଅତ୍ୟନ୍ତ ପ୍ରତାପଶାଳୀ ବ୍ୟକ୍ତିଙ୍କୁ ଅପମାନ କରିବା । ]

୮୧ । ଶ୍ରୀକୃଷ୍ଣଙ୍କ ଦେଖିଲେ ଘୃଷ୍ଣଙ୍କ ଦାନ୍ତ ଦୁଖ । (ପୌରାଣିକ ପ୍ରବାଦ)
[ଶ୍ରୀକୃଷ୍ଣ ପୂର୍ବଜନ୍ମରେ ନାଗ ଥିବାରୁ ଘୃଷ୍ଣ ତାହାଙ୍କ ସନ୍ଧାନ ଯୁଦ୍ଧ କରିବାକୁ ନାସ୍ତି କରି ଦେଇ ଅନୁତାପ କରୁଥିଲେ ।]

୮୨ । ଶ୍ରୀକୃଷ୍ଣ କରି ଦେଖାଇବା । (ପୌରାଣିକ ପ୍ରବଚନ) ।
[ ଅର୍ଜୁନ.ଶ୍ରୀକୃଷ୍ଣଙ୍କୁ ପଛରେ ରଖି ଯୁଦ୍ଧକୁ କୌଶଳରେ ପରିଷ୍କୃତ କରିବା ତଥା ଅନ୍ୟଙ୍କୁ ନାମକୁ ମାତ୍ର ଆଗରେ ରଖି ନିଜର କୌଶଳରେ କାର୍ଯ୍ୟ ସାଧନ କରିବା । ]

## —ଷ—

୧ ।  ଷଣ୍ଢ ମହାଦେବଙ୍କର, ଗାଈ ସତ୍ୟଦେବଙ୍କର, ବଳଦ ବାଛୁରୀ କାହାକି ଲୁଚନ୍ତି ।

୨ ।  ଷଣ୍ଢକୁ ପଘା ନାହିଁ, ରାଣ୍ଡକୁ ଲଜ୍ଜା ନାହିଁ ।

୩ ।  ଷଷ୍ଠକର୍ଣ୍ଣ ମନ୍ତ୍ରଭେଦ ।
[ କୌଣସି ବିଷୟ ଦୁଇଜଣଙ୍କଠାରୁ ଅଧିକ ଲୋକ ଜାଣିଲେ ତାହା ସମସ୍ତଙ୍କର ପ୍ରକଟ ହୋଇଯାଏ । ]

୪ ।  ଷଣ୍ଢା ନାଁ ଗୋଟିଏ ଗୁହ୍ନିଁ । (ଅସମ୍ଭବ ଅନୁରୋଧ)

୫ ।  ଷାଠ ବଡ଼ ନାଁ ଷାଠ ବଡ଼ ।

୬ ।  ଷାଠିଏ ମଇଁଷି ନାଁ ଦୁଧ ଭଣ୍ଡ ।
[ ଯାହାର ଷାଠିଏଟି ମଇଁଷି ଅଛି ସେ ଦୁଧ ପାଇଁ ବ୍ୟାକୁଳତା ପ୍ରକାଶ କରିବା ଏକ ଅସମ୍ଭବ କଥା ।]

୭ ।  ଷାଠିଏ ହାତ ମଲ୍ଲ ଅଣି ଦାଅ ବେଢ଼େଇ ରହିଲାଣି ।
[ ସବଳ ବ୍ୟକ୍ତି ଅତ୍ୟନ୍ତ ଦୁର୍ବଳ ଓ କ୍ଷୀଣକାୟ ହୋଇଯିବା । ]

୮ ।  ଷାଠିଏ ଶୋଳକ ପଢ଼େ ଶୁଆ, ବିରାଡ଼ି ଦେଖିଲେ ଅନୁଭୁଆ ।
[ ବିପଦ ବେଳେ ବଡ଼ ପଣ୍ଡିତର ବୁଦ୍ଧି ମଧ୍ୟ ଲୋପ ପାଏ ।]

୯ । ଷାଠିଏ ଓଡ଼ ଖୁଳା, ତହିଁରୁ ଅଧ ତୁଳା,
ତହିଁରୁ ଅଧ ଧାନ, ତହିଁରୁ ଅଧ ପାନ ।
[ ଆଖୁ ଫସଲ ପାଇଁ ଷାଠିଏ ଥର ଘୃତ, ତୁଳା ପାଇଁ ୩୦ ଥର, ଧାନ ପାଇଁ ୧୫ଥର ଓ ପାନ ପାଇଁ ଅଠ ଓଡ଼ ଘୃତ ଲୋଡ଼ା ହୋଇଥାଏ । ]

୧୦ । ଷାଠିଏ ମହିଷ ଡିଅ ହେବ ନାଁ ସୁଧା ନାଚିବ ।
[ ସାମାନ୍ୟ କାର୍ଯ୍ୟ ପାଇଁ ବହୁ ବ୍ୟୟବହୁଳ ବ୍ୟବସ୍ଥା ଆବଶ୍ୟକ ହେଲେ ଏପ୍ରକାର ଉପଲକ୍ଷ ହୁଏନାହିଁ । ]

---

## —ସ—

୧ । ସଉତୁଣୀ ଉପରକୁ ମୂତ କୁକୁରୁଣୀ ପଛାଇବା ନ୍ୟାୟ ।
[ ସପତ୍ନୀର ସ୍ୱାଭାବିକ ଈର୍ଷାର ଗୋଟିଏ ଉଦାହରଣ । ]

୨ । ସଉତୁଣୀ ଥାଉ, ସଉତୁଣୀ ବଣ୍ଟା ନ ଥାଉ ।
[ ସପତ୍ନୀର ସନ୍ତାନ ପ୍ରତି ଈର୍ଷା ]

୩ । ସକାଳ ଗାଧୁଅ ସଞ୍ଜାଳ ଶୀଅ ଦାନ୍ତରେ ଚେରବା ଯାଏ,
ଶାଳୀ ସାଙ୍ଗରେ ହାସ ପରିହାସ ଭଙ୍ଗୁଚଳେ ସେତେବ ସହେ ।

୪ । ସକାଳି ପଖାଳ ଖାଇବ, ଦୂର୍ଗ ଶୁଣ୍ଠଥ ପୋଡକ,
ସାହାର ମନ ସମ୍ପୂର୍ଣ୍ଣ, ସାହିର ଲତେଯ ଉହିଁନା ।

୫ । ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆ କୁଣିଆ ନୁହେଁ ।

୬ । ସଙ୍କୀର୍ତ୍ତନ ବେଳେ ହାରିଭଙ୍ଗା ମଥା ଓଁ ଉବଦାଏ ।
[ ଉତ୍ତେଜନାର ବଶବର୍ତ୍ତୀ ହୋଇ ମୂକ ବାଚାଳ ହେବା । ]

୭ । ସଙ୍ଗେ ଶୁଏ, କାନେ କହେ, ଘା କଥା କାହିଁ କୁହେ ?
[ ପତି ଉପରେ ସ୍ତ୍ରୀର ପ୍ରଭାବ ସମ୍ବନ୍ଧେ ଉପାଲମ୍ଭ । ]

୮ । ସତ୍ରୁ ଥିଲେ ଉପାମନ୍ତ୍ରି କାହିଁକି ।

୯ । ସନ୍ଥ ମାର୍ଜିରରେ ଦୋଷ ଲଗାଇବା ।
[ ସାଧୁ ବ୍ୟକ୍ତିଠାରେ କଳଙ୍କ ଆରୋପ କରିବା । ]

୧୦ । ସନ୍ଧେ ପୂଜି ସକାଳେ ଯା, ଭାଙ୍ଗି ପଡ଼ିଲୁ ଘରୁ ଅସୁଖ ଯା ।
[ ଅନ୍ନାସୁଖ ହେବା । )

୧୧ । ସତ କହୁଛ ନାଁ ମିଛ କହୁଛ,
ନାଁ ଯା ଅଟଣ କାବେଇଛୁଞ୍ଚି ତାହା କହୁଛ ।

୧୨ । ସବୁ କହୁଛ, ଖେଳର ମରମ କହୁଛ ନାହିଁ ।

୧୩ । ସବୁ ଯାଉ ମହତ ଥାଉ, ମହତ ଗଲେ ନ ମିଳେ ଆଉ ।

୧୪ । ସବୁ ଛୁଆଁଛ ଭୂତକେ ପାଉ ।

୧୫ । ସବୁ ଖାଇ ପାଣିରେ ହାତ ଧୋଇ,
ପାଣି ଖାଇ କାହିଁରେ ହାତ ଧୋଇ ?

୧୬ । ସବୁ ଛୁଆଁକୁ ଏକା ଭୂତ, ସବୁ ପାପକୁ କୁଳଭୂତ ।

୧୭ । ସବୁ ଡର ଡର ବିକାଯାଏ, ମଣିଷ ଡର ଡର ଖୁଆନଯାଏ ।

୧୮ । ସବୁଅରେ ଥିବ କାହିଁରେ ନ ଥିବ । [ଭୂପତଦଣ୍ଡ]

୧୯ । ସବୁ ଚୋରି କାହିଁରେ ହାତ ଧରୁନି ।

୨୦ । ସବୁ ଶିର ପାକ ବେକରେ ଲୁଣ୍ଡ (ଦେଳ୍ସୁ) ।

୨୧ । ସବୁ ବାଡ଼କୁ ଏକ ବାଡ଼ା ।

୨୨ । ସବୁ ସୁଅର ଏକା ମୁହଁ ।

୨୩ । ସବୁଧାନ ଢିଙ୍କିମୁଣ୍ଡକୁ ଯୋଗା ।

୨୪ । ସବୁ ସୁନ୍ଦର ମୁହଁ ବାନ୍ଦର (ବାନର)
[ ବାନର ମୁହଁ ପରି ଭଲା ବା ଅସୁନ୍ଦର । ]

୨୫ । ସବୁ କୁକୁର ଯଦି କାଶୀଯାନି କହି ଯିବେ ଅଇଁଠା ପତ୍ର
ଗୁଣ୍ଡିବ କିଏ ?
[ ଭଲପୁଅ ଦେଖିତା ନ ଥାଉ ଭଟାଳିଲାଭ ରୋଷଣ
କରିବା ପ୍ରକୃତ ଲୁଦ୍ଧଳଭ । ]

୨୬ । ସବୁ ଦେଉଳ ଖାଲି ମାର୍କଣ୍ଡେଶ୍ୱରଠେଇଁ ଲୁଣ୍ଡ ।
[ ଏକ ସ୍ଥାନରେ ବହୁ ଅସାଧୁ ଲୋକଙ୍କର ଏକତ୍ର ସମାବେଶ । ]

୨୭ । ସବୁରରେ ମେଓ୍ୱା ଫଳେ ।
[ ଧୀର ସ୍ଥିର ଭାବରେ କାର୍ଯ୍ୟ କଲେ ମନୁଷ୍ୟ ସବୁ କାର୍ଯ୍ୟରେ କୃତକାର୍ଯ୍ୟ ହୁଏ । ]

୨୮ । ସବାଶିଆର କି କଥା କହୁନା ?

୨୯ । ସଭାରେ ହାଣ୍ଡି ଭାଙ୍ଗିବା ।
[ ଗୁପ୍ତକଥା ପ୍ରକାଶ କରି ଅନର୍ଥ ସୃଷ୍ଟି କରିବା । ]

୩୦ । ସମସ୍ତେ ଯୋଗୀ ହେଲେ ଭିକ ଦେବ କିଏ ?

୩୧ । ସମୁଦ୍ରକୁ ଶଙ୍ଖେ ପାଣି ।

୩୨ । ସମୁଦ୍ର ଉଚ୍ଛୁଳିଲେ କି କୁକୁରର ଜିଭଧାର ଛୁଟିଯାଏ ?
[କୃପଣ ଧନୀ ହେଲେ ସୁଦ୍ଧା କୃପଣତା ଯାଏ ନାହିଁ । ]

୩୩ । ସମୁଦ୍ରକୁ ଯାଇ ଶୋଷ ନ ମରିବା ।
[ ପ୍ରାଚୁର୍ଯ୍ୟ ମଧ୍ୟରେ ଘୋର ଅଭାବ ଅନୁଭବ କରିବା । ]

୩୪ । ସମୁଦ୍ରରେ ପାଣି ବରଷା ।
[ ଆବଶ୍ୟକତା ନ ଥିବା ସ୍ଥଳରେ ଦେବା ]

୩୫ । ସମୁଦ୍ର ଶୁଖିଗଲେ କି ଅସ୍ଥି ନ ଭେଟେ ?

୩୬ । ସମୁଦ୍ର ଲଙ୍ଘିଲେ କୂଳ ଦେଖେତ ମାଛ ?

୩୭ । ସମ୍ପତ୍ତି ହେଲେ ଗର୍ବ ନ କରିବ,
ବିପଦ ହେଲେ କାତର ନ ହେବ ।

୩୮ । ସର୍ବ ଗୁଣର ଲକ୍ଷଣ, ମିତ୍ରକୁ ଅଟଣା, ଶତ୍ରୁକୁ ଦିଏ ଦକ୍ଷିଣା ।

୩୯ । ସର୍ବମଙ୍ଗଳା ଲଡ଼କାଠ ।

୪୦। ସରସଙ୍କୁ ନିଶୁଣୀ ନାହିଁ, ବଡ଼ଲୋକଙ୍କୁ ଭଉଁରି ନାହିଁ।

୪୧। ସଳଖ ସୂତର ଖେଣ୍ଡିଅଛି, ହାତଗୋଡ଼ ନାହିଁ ଖେଣ୍ଡିଅଛି।
[ ସରଳ ଓ ସୂତର ଅଥଚ ଅକର୍ମଣ୍ୟ ଲୋକ । ]

୪୨। ସବୁ କଥା (ଦୋଷ) ଭଣ୍ଡାରି ଉପରେ ( ଭଣ୍ଡାରି ଢଳାରେ) ଯିବା । [ନିଜର ଦୁର୍ବଳ ଅଧୀନସ୍ଥ ବ୍ୟକ୍ତି ଉପରେ ସବୁ ଦୋଷ ଲଦି ଦେବା । ]

୪୩। ସହସ୍ର ହାଣ୍ଡିକୁ ଏକ ଠେଙ୍ଗା ।
[ ସହସ୍ର ହାଣ୍ଡିକୁ ଉପର ଉପର ରଖି ତଳ ହାଣ୍ଡିକୁ ଏକ ପାହାର ଦେଲେ ସବୁ ଗୁଡ଼ିକ ଚଡ଼ ଭାଙ୍ଗି ଯାଏ । ]

୪୪। ସାଇଁଟିଲା କାଣ୍ଡ କି ସୁଅକୁ ପାଏ ?

୪୫। ସାଗୁଣା ସମସ୍ତଙ୍କ ମାଉଁସ ଖାଏ,
ସାଗୁଣା ମାଉଁସ ଟିକିଏ ଖାଇଲେ ଦେଁ ଦେଁ ହୁଏ ।

୪୬। ସାକୁଲ୍ ଡାକୁଲ୍ ସୁଝିଏ, ଶୀତ୍ ଠୋର୍ ଠୋର୍ ସୁଝିଏ,
ସାଲୁଲୁ ବାଲୁଲୁ ସୁଝିଏ।
[ ବର୍ଷରେ ଶୀତ ଋତୁ ସୂଚନା, ଗ୍ରୀଷ୍ମ ଋତୁ ସୂଚନା ଓ ବର୍ଷା ଋତୁ ସୂଚନା । ]

୪୭। ସାତ କଥାରେ ସତ ଲୁଚେ ।

୪୮। ସାତ ମାଇପିରେ ସାତ କଥା,
ସାତ ମିଶିଲେ ସାତ କଥା ।

୪୯। ସାତ ସମୁଦ୍ର ତେର ନଈପାରି । [ବହୁ ଦୂରବର୍ତ୍ତୀ ସ୍ଥାନ]

୫୦। ସାତ ଜନ୍ମରେ ଅସଲ୍ ଖେଳ୍ ।

୫୧। ସାତ ପାଞ୍ଚିଙ୍କ ଠେଙ୍ଗା ଏକ ଜଣଙ୍କ ବୋଝ ।

୫୨। ସାତ ହାତ ମଦ ଖଣ୍ଡେ ଦସ୍ତି ନଳାରେ ଅଧିକ ।

୫୩ । ସାତଟା ମାଙ୍କଡ଼କୁ ଭୁଲେଇଦେବ ଗୋଟାଏ ଦୁର୍ଗକୁ ଭୁଲେଇବ ପାରିବ ନାହିଁ ।

୫୪ । ସାତକୁ ସତର କରି କହିବା । [ଅତିରଞ୍ଜିତ ଭାବେ କହିବା ।]

୫୫ । ସାତକାଣ୍ଡ ରାମାୟଣ ସରିଲା ସୀତା ମାଆଙ୍କ ଅଣ୍ଡିରା ମାଲୁମ ନାହିଁ ।

୫୬ । ସାତ ଥର ଯିବ ଗଙ୍ଗା, ଥରେ ଯାଇଥିବ ଚନ୍ଦ୍ରଭାଗା,
ମୁହଁ ପଡ଼ିଯିବ ଭଙ୍ଗା ।
[ ପୂର୍ବେ କୋଣାର୍କ ନିକଟବର୍ତ୍ତୀ ଚନ୍ଦ୍ରଭାଗା ତୀର୍ଥକୁ ଯିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା । ]

୫୭ । ସାଉ ଟେଙ୍ଗା, ଯୋଡ଼ାପ୍ରଧାନା, ବାଲୁଙ୍ଗ ଭୁଅଣି, ଗାଲସି କଣ୍ଟା ।
[ ଏସବୁ ମାଛକୁ ଧରିବା ଅତୀବ କଷ୍ଟସାଧ୍ୟ । ]

୫୮ । ସାତ ଚକୁଳି ଚଉଦ ଚେଁ
ଶାଶୁ ଦେବାଇଲେ ଜ୍ୱାଇଁ ସବୁଟି,
ଝାଙ୍କୁଅ ଶିଷୁ ଶିଶୁ ପାଇଲି ଫାଳ ।
ହିଙ୍ଗୁଳା ହାତରେ ମଳି ( ମଞ୍ଜି) ।
[ ଗୋଟିଏ ଗଳ୍ପ ଅଛି ଯେ ଜଣେ ଜ୍ୱାଇଁ ଶ୍ୱଶୁର ଘରକୁ ଯାଇ ଦାଣ୍ଡ ବାରଣ୍ଡାରେ ବସିଥାନ୍ତି । ଆଉ ପାଖ ବଖରାରେ ଶାଶୁ ଚକୁଳିପିଠା କରୁଥାନ୍ତି । ଜ୍ୱାଇଁ ଚେଁ ଶବ୍ଦ ଗଣୁଥାନ୍ତି । ୧୪ଟି ଚେଁ ଶବ୍ଦ ଶୁଣି ଶାଶୁ ୭ ଟି ପିଠା କରିଥିବା ଜ୍ୱାଇଁ ଜାଣି ପାରିଲେ । ତାପରେ ଶାଶୁ ୭ଟି ସାତ ପିଠା ଜ୍ୱାଇଁଙ୍କୁ ଦେବାରୁ ଜ୍ୱାଇଁ କହିଲେ, "ସବୁ ସାତ ପିଠା ତ ମୋତେ ଦେଲ, ତୁମ୍ଭେମାନେ କଣ ଖାଇବ ?" ଏଥିରୁ ଶାଶୁ ବୁଝିଲେ ଜ୍ୱାଇଁ ଚାଲାକ ସବୁଙ୍କି ।

ଲୁଚମଧ୍ୟରେ ଶଶୁର ଓ ଶଳା ବାଳକୁ ଧୂଳି ଲୁଣ୍ଡାଇବାକୁ ଯାଇ ଲଙ୍ଗଳ ଲୁହା ହଜାଇ ଦେଇ ଆସିଥିଲେ । ଶାଶୁଙ୍କଠାରୁ ଜୋଇଁଙ୍କର ସର୍ବଜ୍ଞତା ପ୍ରଶସ୍ତି ଶୁଣି ସେମାନେ ଏକଥା ଜୋଇଁଙ୍କୁ ପଚାରିବାରୁ ଜୋଇଁ କହିଲେ ଲଙ୍ଗଳ ଲୁହା କାଲି ମିଳିଯିବ । ରାତିରେ ଜୋଇଁ ଘରରେ ବାଳକୁ ଯାଇ ବାଳର ଭାଙ୍ଗୁଆ ଯାକ ହାତରେ ଖସୁ ଖସୁ ଲଙ୍ଗଳ ଫାଳଟି ପାଇ ଘରକୁ ଆସି ଭୁଲି ହୋଇ ଶୋଇପଡ଼ିଲେ । ସକାଳୁ ସମସ୍ତେ ଉଠି ଦେଖିଲେ ସେ ଲୁହା ଖଣ୍ଡିକ ଜୁଆଁର ମୁହଁରେ ଥୁଆ ହୋଇଛି । ଏକଥା ଚାରି ଆଡ଼େ ସ୍ପଷ୍ଟ ହୋଇଗଲା ଓ ରାଜାଙ୍କ କାନକୁ ଗଲା । ରାଜା ଜୋଇଁଙ୍କର ସର୍ବଜ୍ଞତା ପରୀକ୍ଷା କରିବା ନିମିତ୍ତ ହାତରେ ଗୋଟିଏ ମଞ୍ଜିଫୁଲ ଧରି ତାହାଙ୍କୁ ପଚାରିଲେ "ମୋ ହାତରେ କଅଣ ଅଛି କହ, ନୋହିଲେ ତୋର ମୁଣ୍ଡକାଟ ହେବ ।" ଏହା ଶୁଣି ଜୋଇଁ ବିଚାରି ହିସେବିକୁ ପଦାଗୁଡ଼ିକ ମନେ ମନେ ଗୁଣି ହୋଇ ସେପଟକୁ କହିଲା, "ଏଥର ରାଜାଙ୍କ ହାତରେ ମଲି ।" ରାଜା ତ ହାତରେ ମଞ୍ଜି ଫୁଲଟିଏ ଧରିଥିଲେ । ସେ ଜୋଇଁଙ୍କ ଉପରେ ସନ୍ତୁଷ୍ଟ ହୋଇ ତାହାଙ୍କ ମୁଣ୍ଡରେ ସବୁଜ ଶାଢ଼ୀ ବାନ୍ଧିଦେଲେ । ]

୫୯ । ସାନି ସାପର ବିଷ ବେଶୀ ।

୬୦ । ସାପ ବଢ଼ିଲେ ଲଞ୍ଜ ବଢ଼େ ।

[ ଲୋକର ଧନ ସମ୍ପଦ ବଢ଼ିବା ସଙ୍ଗେ ସଙ୍ଗେ ତାର କ୍ଷମତା ଓ ଖର୍ଚ୍ଚପତ୍ର ମଧ୍ୟ ବଢ଼ିଥାଏ । ]

୬୧ । ସାପ ହୋଇ ଚାମ୍ବୁଛି, ଗୁଣିଆ ହୋଇ ଝାଡ଼ୁଛି ।

[ ଏକ ପଟରେ ଅନିଷ୍ଟ ସାଧନ କରି ଅନ୍ୟ ପଟରେ ଉପକାର କରୁଥିବାର ତୁଳନା କରିବା । ]

୬୨। ସାପ ମରିବ ନାହିଁ ବାଡ଼ି ଭାଙ୍ଗିବ ନାହିଁ।
[ ଦୋନାଦୋଳିଆ ନୀତି, କୌଣସି ନିଷ୍ପତ୍ତିରେ ନପହଞ୍ଚିବା।]

୬୩। ସାବତ ପୁଅର ବଡ଼ ମୁହଁ ।
[ ସାବତମାର ଈର୍ଷା ସୂଚକ ଉପଲକ୍ଷ । ]

୬୪। ସାପ ମାରି ପର ଗଳାରେ ପକାଇବା ।

୬୫। ସାପ ମାରି ବେଙ୍ଗ ଉପରେ ଢକାଇବା ।

୬୬। ସାପୁଆ ମରେ ସାପରେ, ବାଘୁଆ ମରେ ବାଘରେ ।
[ ଯେଉଁ ଲୋକ ସାପଧରା ସାପକୁ ଧରି ଖେଳାଉଥାଏ ସେ ଦିନେ ସର୍ପାଘାତରେ ମରେ ଓ ଯେଉଁ ଲୋକ ବାଘ ଶିକାର କରୁଥାଏ, ଦିନେ ବାଘର ଆକ୍ରମଣ ଦ୍ୱାରା ତାର ମୃତ୍ୟୁ ହୁଏ । ]

୬୭। ସାବଧାନର ଶତ୍ରୁ ନାହିଁ ।
[ ସାବଧାନ ଥିବା ବ୍ୟକ୍ତିକୁ କ୍ୱଚିତ ବିପଦ ପଡ଼ୁଥାଏ । ]

୬୮। ସାହାଡେ ମରି, ସାହାଡେ ଉଠି, ସାହାଡେ ଘର କୁଆଁରି ଭରି !

୬୯। ସାଲୁ ଭିତରେ ମାଲୁ ।
[ ଉପରକୁ ସହଜ ଜଣା ପଡୁଥିବା ବିଷୟ ଭିତରେ ବିପଦ ବା ଜଟିଳତା ଲୁଚିରହିଥିବା ସୂଚକ ଉପଲକ୍ଷ । ]

୭୦। ସାହୁଘର ପୁଅ ଯୋଗୀ ହେବା ନ୍ୟାୟ ।

୭୧। ସାହୁର ଦେଣା ନାହିଁ କି ବଜାର ଦେଣା ନାହିଁ ।
( ଅଋଣୀ ବ୍ୟକ୍ତି )

୭୨। ସିଂ ଅଛି ବିବର୍ଜିତ । ( ଘୋର ମୂର୍ଖ )

୭୩। ସିଧା ଆଙ୍ଗୁଠିରେ ଘିଅ ବାହାରେ ନାହିଁ ।
[ ବିନା ଶ୍ରମରେ କାର୍ଯ୍ୟ ସାଧନ କଷ୍ଟକର ହୁଏ । ]

୭୪। ସିପେଇରେ ନାଁ ଲେଖାଇ ଲଢ଼େଇକୁ ଡରିବା ।

୭୫ । ସିଂହ ପେଟରୁ କି ଶୃଗାଳ ଜନ୍ମେ ?

୭୬ । ସୁରି, ସୁନାରି, ସୁଥାର, ଏ ତିନିହେଁ ନୁହନ୍ତି କାହାର ।
[ ସୁରି—କୁମ୍ଭାର ]

୭୭ । ସୁଅଗରେ କଣି ନାହିଁ ଯେଁ ଲୁଣି ଖାଉଛୁ ରଟ ରଟ ।
[ ଅଯଥା ଦେମ୍ଭ ଦେଖାଇବା ] ।

୭୮ । ସୁଖ ସ୍ଥଳରେ କୋଟି କୁଣ୍ଡାଳ ହୁଏ ।
[ ମାତଣା ଭୋଜନକାଳୀ ବ୍ୟକ୍ତି ବୃଥାଗଳ୍ପ କରିବା । ]

୭୯ । ସୁଖର ଧନ ଘୋଡାରେ ଯାଏଁ, ଦୁଃଖର ଧନ ହାତୀଚଢ଼ି ଯାଏ । [ ସୁଖର ଧନ ଜଣା ପଡ଼େ ନାହିଁ, ଦୁଃଖର ଧନ ଦୀର୍ଘ ବୋଧହୁଏ । ]

୮୦ । ସୁଖୀ ଦେଖେ ଆପଣା ଜାତି, ଦୁଃଖୀ ଦେଖେ ଅନ୍ଧାର ରାତି ।

୮୧ । ସୁନାରି ଟୁକୁରୁ ଟୁକୁରୁ, କମାର ପାହାରେ ।

୮୨ । ସୁଥାର ଗାଈର ବାଛୁରୀ ମରେ ।
[ ନିର୍ଦ୍ଧନ ଲୋକ ବିପଦରେ ପଡ଼ିବାର ଦେଖାଯାଏ । ]

୮୩ । ସୁନାମୁଦ୍ଦ ହାତରୁ ଟାକାର ଖାଇଲେ ଗଙ୍ଗାସ୍ନାନ ଫଳ ।
( ବ୍ୟଙ୍ଗ )
[ ସମ୍ପଦଶାଳୀ ବ୍ୟକ୍ତିଙ୍କର ବାଣ୍ଡୁକୁ ଅନ୍ୟମାନେ ବରଣ କରିନେବା । ]

୮୪ । ସୁନା ଟିଟେଙ୍କ ବଣିଆ, ସୁଣା ଟିଟେଙ୍କ ସୁଣିଆ ।

୮୫ । ସୁନା ଥାଳିରେ ଖାଇଲେ ବଙ୍କ ଦୃଷ୍ଟି ନ ଯାଏ ।

୮୬ । ସୁନା ସୁଅକୁ କି ରୂପା ଅନୁଙ୍କ ।

୮୬ । ସୂତା ଅଭୁଆ ଘନ୍ତୀ ଛାଡ଼େ ।

[ ଯାହାର ଯାହା ବ୍ୟବସାୟ ସେ ତାହାର ସମସ୍ୟାର ସମାଧାନ କରିବା ପାଇଁ ସମର୍ଥ । ]

୮୭ । ସୂତାକୁ ମାରିଲେ ସରୁ, କଥାକୁ ମାରିଲେ ମୋଟ ।

[ ଅତ୍ୟଧିକ ଆଲୋଚନା ଦ୍ୱାରା କଥା ଅଧିକ ଜଟିଳ ହୁଏ । ]

୮୮ । ସେ କାଳ ପଟୋଳକୁ ବାଘ ଖାଇବା ।

[ ଯାହା ଅତୀତ ହୋଇ ଯାଇଛି ତାହା ଆଉ ଫେରି ନ ଆସିବା । ]

୮୯ । ସେଦିନି ମୂଷଳ, ମାଣିକ ମୁଷଳ ହେଉଛି ସୂତା ଭୂଠ ।

୯୦ । ସେହି ଅର୍ଜୁନ, ସେହି ପାର୍ଥ ( ଥିଲେ )
ସେହି ଗାଣ୍ଡିବ, ସେହି ହାତ ( ଏବେ ନାଥ ) ।

[ଶ୍ରୀକୃଷ୍ଣ ଦେହତ୍ୟାଗ କରିବା ପୂର୍ବରୁ ଅର୍ଜୁନଙ୍କଠାରୁ ବିଷ୍ଣୁ-ଜଣା ସ୍ମରଣ କରି ନେବାରୁ ଅର୍ଜୁନଙ୍କ ପୂର୍ବ ପରାକ୍ରମ ହ୍ରାସ ପାଇଗଲା ଏବଂ ସେଇ ଗାଣ୍ଡିବ ଧନୁକୁ ଅବଜ୍ଞା । ଫଳେ ହାତରେ ଧରି ସେ ଯୁଦ୍ଧ କରୁଥିଲେ, ସେହି ଧନୁକୁ ସେ ଭୂମିରୁ ଉଠାଇ ନ ପାରି ମୁଣ୍ଡ ଉପରେ ବହନ କରି ଦ୍ୱାରକାକୁ ଫେରିଗଲେ । ]

## — ହ —

୧ । ହଡ଼ବଥା, ଲମ୍ବଡ଼ଅଣ୍ଡା ଅଗ ଅଗ ପିଠା ପଛକୁ ଗୁଣ୍ଡା ।
[ଲମ୍ବ ପିଠାପରି ଗାଣ୍ଠିକଥା ପ୍ରଥମେ ସରସ୍ଭବର ବୋଧହେଲେହେଁ ଶେଷକୁ ଧୂଡ଼ବର ହୋଇଥାଏ ।]

୨ । ହାତ କଡ଼ାଇ ଦେଇ ଶୁଣ୍ଢିକି ଲୁହାର ହେବା ।
[ମଦୁଆ ଶୁଣ୍ଢୀକୁ ଲୁହାର ହେବାପରି ପଲ୍ୟାଦେଇ ମଧ୍ୟ କାର୍ଯ୍ୟ ସିଦ୍ଧି ପାଇଁ ନୀଚଲୋକଙ୍କୁ ତୋଷାମୋଦ କରିବାକୁ ବାଧ୍ୟହେବା ।]

୩ । ହଟିବ ନାହିଁକି ପଥ ଛାଡ଼ିବ ନାହିଁ ।
[କୌଣସି କାର୍ଯ୍ୟ ନ କରିବା, ନିଜେ କୌଣସି ସୁବିଧା ଭୋଗ ନ କରି ଅନ୍ୟକୁ ମଧ୍ୟ ସେଥିରୁ ବଞ୍ଚିତ କରିବା । ]

୪ । ହାଗିକରି ପଛକୁ ଅନାଇବା ।
[ବ୍ୟଙ୍ଗୋକ୍ତି—ଅତ୍ୟଧିକ କୃପଣ ବ୍ୟକ୍ତି ।]

୫ । ହୁଗେ ମୁଠେ, ମୁଠେମଖାଏ, ତା କହୁଁଛି ବଇଦ ଯାଏ ।
[ଯେ ଲାମ୍ବିଆ ମଳତ୍ୟାଗ ପରେ ମୁଷ୍ଟି ପ୍ରମାଣରେ ଓ ଖାଇବା ଦ୍ରବ୍ୟକୁ ସ୍ୱାଦ କରେ ସେ ନୀରୋଗୀ ହୁଏ ।]

୬ । ହୁଡ଼ିଲେ ବେଳର ବଡ଼ର ଛାଅଥିଲେ ବେଳକୁ ନ ଥାଏ ।
[ବିପଦ ବା ସଙ୍କଟ ବେଳର ସାହାଯ୍ୟ ପରେ ନ ଥାଏ । ]

୭। ହଜିଗଲେ ଶଗ୍ଡକଣା, ଖୋଜିଲେ ମାଠ ।
[ପଦାର୍ଥ ହଜିଯିବାପରେ ତା ପାଖରୁ ଅନ୍ତର ହୋଇଯିବା ପରେ ତାର ମୂଲ୍ୟ ଅଧିକ ବୋଧହୁଏ ।]

୮। ହଜାରେ ପାଠ ପଢ଼ିଲୁ ଶୁଆ, ବିଲଇ ଦେଖିଲେ ଅଙ୍କୁଆ ।
[ଜାଣିବା ଶୁଣିବା ବ୍ୟତ୍ତ ଅସଲ୍ ପରୀକ୍ଷା ବେଳେ ଜାତବୋଧ ଭଳି ଆଚରଣ କରିବା । ]

୯। ହଡ଼ା ବାଉଁବୋଡ଼ିକୁ ଗଣ୍ଡା ବାନ୍ଧୁଛେଣି ।
[ଅଳ୍ପ ମୂଲ୍ୟର ବସ୍ତୁ ପାଇଁ ବହୁ ବ୍ୟୟ କରିବା ।]

୧୦। ହଜିଲା ବଳଦ ଖୋଜିଲା ଠେଇଁ (ଠାରେ) ।
[ଖୋଜିବା ସ୍ଥାନରେ ହଜିଲା ଜିନିଷ ଅଚିହ୍ନଣରେ ପ୍ରାପ୍ତହେବା ।]

୧୧। ହଜିଲା ଗାଈ ବ୍ରାହ୍ମଣକୁ ଦାନ ।
[ବ୍ୟଙ୍ଗ—ଯାହା ପାଇବାର ଆଶାନାହିଁ ତାହା ଅନ୍ୟକୁ ଦାନକରି ପ୍ରଶଂସା ଅର୍ଜନ କରିବା ।]

୧୨। ହଜାରେ ଦଧରେ ବାନ୍ଧିଲେ ଭଲ,
ବିଡ଼ାରେ କୁହନ୍ତି ଘୋଡ଼ାକୁ ତୁଲ ।

୧୩। ହଜିଲା ବାଟ ଗୋଟିଏ, ଖୋଜିବା ବାଟ ହଜାରେ ।

୧୪। ହାଡ଼ା ବେଦନା ଜୁଆ ନଜାଣେ,
ଠକ ଠକ କରି ଟେକୁରେ ହାଣେ ।
[ନିଜର ସ୍ୱାର୍ଥ ସାଧନରେ ବୁଡ଼ି ରହି ଅନ୍ୟର ଦୁଃଖ ନ ବୁଝିବା ।]

୧୫। ହୁଡ଼ା ମଲେ ଗୁହାଳ ଫୁଲ୍ଲା ।
[କୌଣସି ବ୍ୟକ୍ତିଠାରୁ ଯେଉଁ ବଂଶ ନେତ ପାଇବାର ଆଶଙ୍କା ଥିଲେ ଏହି ଉପମା ଦିଆଯାଏ ।]

୧୬ । ହରିଗୁଣ, ଚୋଢ଼ମିଶା, ଅଜ୍ଞସରୁ ପାଠ ପସରପସା ।
[ଏହୁ ଗୁରୁଶୁଣରେ ଝାଞ୍ଚ ହେଲେ ଅଲପାଠ ସହଜ ହୁଏ ।]

୧୭ । ହରିକଥା, ଘରକଥା, ଖଣ୍ଡ ଲଟା ଗୁରୁ କଥା ।
[ସଂସାରୀ ବ୍ୟକ୍ତିର ସୁଦ୍ଧେଇଁ ଚନ୍ତ୍ରଣାମୁ ବାଘନୁ ।]

୧୮ । ହରି ରଖେ ତ ହରିତାଳି ରଖେ ।
[ବୈଦ୍ୟଶାସ୍ତ୍ର ବଚନ, ରୋଗୀର ଘୋର ସଂକଟାପନ୍ନ ଅବସ୍ଥାରେ ଈଶ୍ୱର ରକ୍ଷନ୍ତି ନା ହରିତାଳ ବସ୍ତୁ ଖୁଆଏ ।]

୧୯ । ହସ୍ତୀମାନଙ୍କୁ ଶଙ୍ଖ ପଣା ।
[ଦେବଣୀ ଖାଇବା ଲୋକଙ୍କୁ ସାମାନ୍ୟ ଖାଦ୍ୟ ଅର୍ପଣ କରିବା ।]

୨୦ । ହଳଧର ମହାମତି, ନାରଣରଙ୍କ ଯାଉ ହୋଇଲେ, କୁହନ୍ତୁ ଦେଖା ହେଉଁ ।
[ପୂର୍ବେ ପଥ ଦସ୍ୟୁ ଓ ଠେଙ୍ଗମାନଙ୍କ ଦ୍ୱାରା ଲୁଣ୍ଠିତ ହୋଇଥିବାରୁ ପଥିକମାନଙ୍କର ଜୀବନ ସଂକଟାପନ୍ନ ବିବେଚିତ ହେଉଥିଲା ।]

୨୧ । ହଳିଲ ପାଣିକୁ ଟୋଡ଼ି ନ ବଢ଼ାଇବା ।
[ନିର୍ବୋଧ ଶାନ୍ତିପ୍ରିୟ ବ୍ୟକ୍ତି ।]

୨୨ । ହଳିଆ ରଶିର ଗଣ୍ଠି ନା, ଭାତ ଖାଲିର ଅଁ ନା ।

୨୩ । ହରି ବୋଲି ଭଜ, ଗୋବିନ୍ଦ ବୋଲ, ଭ୍ରଷ୍ଟିଲ ପଥର ଭୁଣ୍ଡିଲ ଖୋଲ ।
[ବ୍ୟଙ୍ଗ, ନାମକୀର୍ତ୍ତନ ଦ୍ୱାରା ଅସାଧ୍ୟ ସାଧନ କରିବା ।]

୨୪ । ହସନ୍ତି ମନରେ ନ ଥାଏ ଦୟା, ହୃଦୟ ଭିତରେ କରନ୍ତି ମାୟା, ହେଲେ ସେ ତୋଳିଣ ତାହାଙ୍କୁ କହ, ଭଲେ ଜାଣିବ ଏ କଥା ହୁଅଇ ।

୨୫ । ହସ୍ତୀ ପଶେ ଭୁଇଁ ନ ଧଶେ, ଷଣ୍ଢ ଗୋବରରେ ଅଁଶେଇ ବହେ, ଦକ୍ଷିଣ ମେଘ ଭିଣ୍ଡରେ ଅହେ, ନାଥ ବୋଲେ ଘୁଡ଼ା ନିଚନ୍ତୁ ବରଷେ । [ଡାକ ବୃଷ୍ଟି ବଚନ, ବର୍ଷା ହେବାର ପୂର୍ବ ଲକ୍ଷଣ ।]

୨୬ । ହାଡ଼ରେ ରସିକ ରସିଲ, ମଠୁମାଳମାନଙ୍କୁ ଛୁଞ୍ଚ ଦେଇଗଲା ପୋକଣୁଙ୍ଘା ବଣେ ପଶିଲ । [ବ୍ୟଙ୍ଗୋକ୍ତି]

୨୭ । ହାକିମ ଯାଏ, ହୁକୁମ ନ ଯାଏ ।
[ହୁକୁମ ବା ନିୟମର ସ୍ଥାୟିତ୍ୱ ସମ୍ବନ୍ଧୀୟ ଉକ୍ତି ।]

୨୮ । ହାଟ ସରିଲେ ଯେଝାର ବାଟେ ।
[ସ୍ୱାର୍ଥସାଧନ ପରେ ନିଜ ନିଜ ରାସ୍ତା ଦେଖିବା ।]

୨୯ । ହାଟୁଅ ଭୁଲିଲେ ହାଟ ପାଳିଏ, ଚଷା ଭୁଲିଲେ ବରଷେ, ଘରୁଅ ଭୁଲିଲେ ପୁରୁଷେ ।

୩୦ । ହାଟ ଭିତରେ ବ୍ରହ୍ମଜ୍ଞାନ ।
[ବ୍ରହ୍ମଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ହାଟ ମଝିରେ କହିବା ଭଳି ହାସ୍ୟାସ୍ପଦ କଥା ।]

୩୧ । ହାଟରେ ସିନ୍ଦୂର ନାହିଁ, ଅଭାଗୀ କପାଳରେ ନାହିଁ ।

୩୨ । ହାଟ ମଝିରେ ହାଣ୍ଡି ଭାଙ୍ଗିବା ।
[ଗୋପନୀୟ ବିଷୟ ପଦାରେ ପକାଇବା ।]

୩୩ । ହାଟରେ ପଡ଼ି ଦାଣ୍ଡରେ ଗଣ୍ଡ ବଢ଼ି ଦିବା ।
[ ଯେଉଁ ଗୋପନୀୟ ବିଷୟ ସମସ୍ତେ ଜାଣନ୍ତି । ]

୩୪ । ହାଡ଼ ମାଉଁସ ଗଣ୍ଠ ଅଲଗ ହେବ ନାହିଁ ।
[ ଅତ୍ୟନ୍ତ ଶୀର୍ଣ୍ଣଭାବ ବାକ୍ୟ । ]

୩୫ । ହାଣ୍ଡିକୁ ମାର୍ଜାର ଝଣ୍ଟି ପଡ଼ିବା ।
[ ଚୋର ପରଶ୍ରୀକାତରତା । ]

୩୬ । ହାଣ୍ଡି ପଟେର ଫଣିବା ।
[ ନାଡ଼ିଲୋକଙ୍କର ଅସ୍ତ୍ର ସ୍ଥାୟୀ ହେବା । ]

୩୭ । ହାଣ୍ଡି ଖାଏ ଜାଉଳି, ଢୋଲ୍ ଖାଏ ମାଡ଼ ।
[ ଜଣକ ସୁବିଧା ପାଇଁ ଅନ୍ୟ ଜଣେ ତାର କୁଫଳ ସହିବା । ]

୩୮ । ହାଣ୍ଡି ପାଇଁ କୁକୁର ମାଡ଼ ।
[ ସାମାନ୍ୟ ସୁବିଧା ପାଇଁ ପରସ୍ପର ଭିତରେ କଳିତୋଳ କରିବା । ]

୩୯ । ହାଣ୍ଡିରେ ଖୁଦଲ ପକାଇଥିବା ।
[ ଲୌକିକ ବିଶ୍ୱାସ ଅଛି, ଯିଏ ଯାହାକୁ ବାଧାଦେବ ସେ ପୂର୍ବଜନ୍ମରେ ତା ହାଣ୍ଡିରେ ଖୁଦଲ ପକାଇଥାଏ । ]

୪୦ । ହାଣ୍ଡି କୁଣ୍ଡି ଦେବକୁ ଅଣିବା ।
[ ଜାଣି ଜାଣି ବିପଦ ବରଣ କରିବା । ]

୪୧ । ହାଣ୍ଡି ମାଙ୍କଡ଼ଟିଏ ମାରିବା ।
[ ଅଭାବ ହେତୁ ବେପାର ବନ୍ଦ ହେବା ।

୪୨ । ହାଣ୍ଡିରେ ସୁଆର ପାଣ୍ଡିକା ଟେଣିବା ।
[ ବୃଥା ଉଦ୍ୟମ ]

୪୩ । ହାଣ୍ଡି କଳା ନ ପଡ଼ିବା ।
[ ଘନ ଘନ ବାସସ୍ଥାନ ପରିବର୍ତ୍ତନ ଘଟିବା । ]

୪୪ । ହାଣ୍ଡିଶାଳର ହାଣ୍ଡିରେ ମନ;
ସ୍ୱପନରେ ଦେଖଇ ହାଣ୍ଡି ସପନ ।
[ ଅତ୍ୟନ୍ତ ଭୋଜନଲୋଲୁପ ଲୋକ ପ୍ରତି ଉକ୍ତି । ]

୪୫ । ହାଣ୍ଡିରେ ଖାଏ, ଚୋଡ଼ରେ ପଡ଼ିଲେ ଗାଧୋଇ ଯାଏ ।
[ ଘୋର ଉଦାସ୍ତସ୍ତ ବ୍ୟକ୍ତି ଅତି ସାମାନ୍ୟ ବିଷୟରେ ଅସ୍ଥିର- ଜାସ୍ତାର ତୁଳନା କରିବା । ]

୪୬ । ହାତ ଅଳଟେ ନାଗ ବନ୍ଧା ।

୪୭ । ହାଡ ନଡ଼ ବଡ଼ କନ୍ଧୁଣିଖାଏ, ନାକ କୁଣ୍ଡୁଳୁ ହୁଡ଼ିଥାଏ ।

୪୮ । ହାତ ପକ୍ଷୁ ପଡୁ ବାହ୍ମା ପଟଣ ।
[ ଧୀରେ ଧୀରେ କାର୍ଯ୍ୟ ସାଧନ କରିବା । ]

୪୯ । ହାତକୁ ଟସିଲେ ଅଣ୍ଟାବାଡ଼ୁଡ଼ା ।

୫୦ । ହାତେ କଙ୍ଗା ଦର୍ପଣ ଦେଖା ।

୫୧ । ହାତେ ପାଞ୍ଚି, ମଙ୍ଗଳବାର ।
[ ହାତରେ ଉପାୟ ଥାଉଁ ଥାଉଁ ବୃଥାରେ ଧନ ନେବା । ]

୫୨ । ହାତରେ ଗୁଡ଼ ଦେଇ ଢଣ୍ଟିରେ ଗୁର ଦେବା ।
[ ଘୋର ବିଶ୍ୱାସଘାତକତା ]

୫୩ । ହାତକୁ ଖାଇ ବଣିଜ ଶିଖିବା (ଘୋଡ଼ା ଅଡ଼ଗ ଚେଇଁବା)
[ ପଣ୍ଡଶ୍ରମ ]

୫୪ । ହାତକୁ ଖାଇ ଚଣ୍ଟିକୁ ବୋହିବା ।
[ ନିଜର ଯତ୍ନ ଘଟାଇ ଅନ୍ୟର କାର୍ଯ୍ୟ କରିବା । ]

୫୫ । ହାତକୁ ଚଳେ କହୁଣି ଚାଟୁଛି ।
[ ଉପଯୁକ୍ତ ସମୟରେ କାର୍ଯ୍ୟ ନ କରି ପଶ୍ଚାତ୍ତାପ କରିବା । ]

୫୬ । ହାତରେ ନାହିଁ ଧନ, ବଡ଼ା ହିଅକୁ ମନ ।
[ ନିର୍ଦ୍ଧନ ବ୍ୟକ୍ତିର ଉଚ୍ଚାଶା ପୋଷଣ । ]

୫୭ । ହାତରେ ନ ମାରି ଭାତରେ ମାରିବା ।

୫୮। ହାତ କାଟେ କି ହତିଆର କାଟେ ।
[ ହାତ ବିନା ହତିଆର ଅକାମି । ]

୫୯। ହାତ ନ ହଲିଲେ କିଛି ହୁଏ ନାହିଁ ।
[ ବିନା ପରିଶ୍ରମରେ ଅତି ସାମାନ୍ୟ କାର୍ଯ୍ୟ ମଧ୍ୟ ହୋଇ ପାରେନାହିଁ । ]

୬୦। ହାତରେ ଖଡ଼ୁ ନ ପିନ୍ଧିବା ।
[ ଅକର୍ମଣ୍ୟ ଲୋକ । ]

୬୧। ହାତକୁ ଦୁଇହାତ ହେବା । [ ବିବାହ କରିବା । ]

୬୨। ହାତେ ମାପି ଗୋଡ଼େ ଘୁଞ୍ଚିବା ।
[ ଅତ୍ୟନ୍ତ ସାବଧାନ ହେବା ]

୬୩। ହାତ ନ ଲାଗେ ଗୋଡ଼ ନ ଲାଗେ
ଚେଙ୍ଗୁ ପିଠା ଖଣ୍ଡି ସୁଆଦ ଲାଗେ ।
( ଅଳସ୍ୟପରାୟଣ ଭୋଜନପ୍ରିୟ ବ୍ୟକ୍ତି ପ୍ରତି ବ୍ୟଙ୍ଗୋକ୍ତି )

୬୪। ହାତୀ କାଦୁଅରେ ପଡ଼ିଲେ ବେଙ୍ଗ ଗୋଇଠା ମାରେ ।
[ ସବଳ ବ୍ୟକ୍ତି ଅକାଳରେ ପଡ଼ିଥିବା ବେଳେ ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତି ମଧ୍ୟ ପ୍ରତିଶୋଧ ନିଏ । ]

୬୫। ହାତୀ ଗଳିଯାଏ, ପିମ୍ପୁଡ଼ି ନ ଗଳେ ।
[ ବଡ଼ ବଡ଼ ବିଷୟରେ ଅପରିମିତ ବ୍ୟୟ ହେଉଥିବା ବେଳେ ସାମାନ୍ୟ କଥାରେ ବ୍ୟୟକୁଣ୍ଠତା ପ୍ରକାଶ କରିବା ।]

୬୬। ହାତୀ ଦେ, ଘୋଡ଼ା ଦେ, ମୋ ପେଁଡାଳି ବଢ଼ାଇ ଦେ ।
[ ଉଦ୍ଦେଶ୍ୟ ସାଧନା ପାଇଁ ବୃଥା ପ୍ରଶଂସକ ହେବା । ]

୬୭। ହାତୀ ସୁନା କଳସ ଢାଳିବା । (ଐତିହାସିକ କିଂବଦନ୍ତୀ)
[ ରାଜାଙ୍କର ପୁଅ ବା ଅନ୍ୟ କୌଣସି ଉତ୍ତରାଧିକାରୀ ନଥିଲେ ଯାଏ, ମନ୍ତ୍ରୀ ସାମନ୍ତ ଓ ସେନାପତି ପ୍ରଭୃତି ବସି ପୂର୍ବରାଜାଙ୍କ ପାଟହାତୀକୁ ପାଣିଭର୍ତ୍ତି ସୁନା କଳସ ଦେଇ ଛାଡ଼ି ଦିଅନ୍ତି । ସେ ହାତୀଟି ନିଜ ଖୋଜିପାହାରରେ ସେ କଳସଟି ଯାହ୍ ହୁଲ୍ ହୁଲ୍ ଯଃ ଉପରେ ଢାଳିଦିଏ ସେ ରାଜା ହୁଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ପରିଷଦ ବା ମହାସାମନ୍ତ ଚକ୍ର ଅଟନ୍ତି ଯାହାକୁ ରାଜା ହେବାପାଇଁ ବାଛୁଥିଲେ ପାଟ ହାତୀ ଦ୍ୱାରା ତାର ମୁଣ୍ଡରେ ସୁନା କଳସ ଢଳାଇ ତାକୁ ଆଣି ସିଂହାସନରେ ବସାଉଥିଲେ । ]

୬୮। ହାତୀ ଚାଲେ ବଜାର, କୁକୁର ଭୁକେ ହଜାର ।
[ ବହୁ ଦୁର୍ବଳ ଲୋକ ଯେତେ ଗୋଳମାଳ କଲେ ମଧ୍ୟ ପ୍ରଭାବଶାଳୀ ଲୋକ ତାର କାର୍ଯ୍ୟ କରି ଚାଲିଯାଏ । ]

୬୯। ହାତୀ ପାଡ଼ିବ ପାଡ଼ିବ ଫୁଟ୍ ।
[ କୌଣସି ଧନୀ ବା ଶକ୍ତିମାନ୍ ଲୋକଠାରୁ ଆଶାନୁରୂପ ଫଳ ପ୍ରାପ୍ତ ନ ହେବା । ]

୭୦। ହାତୀ ବନସ୍ତରେ ଥିଲେ ରାଜାଙ୍କର ।

୭୧। ହାତୀ ଜୀଇଁଥିଲେ ଲକ୍ଷେ ଟଙ୍କା, ମଲେ ଲକ୍ଷେ ଟଙ୍କା ।
[ ହାତୀ ମଲା ପରେ ତାର ହାଡ଼ ଓ ଦାନ୍ତ ମଧ୍ୟ ମୂଲ୍ୟବାନ ହୁଏ । ]

୭୨। ହାତୀ ଦାନ୍ତରେ ସୁନା ଲଗାଣି ହେବା ।
[ ସମ୍ପଦ ଉପରେ ସମ୍ପଦ ପ୍ରାପ୍ତ ହେବା । ]

୭୩। ହାତୀ ଶୁଣ୍ଢକୁ କଟିଳ ଝଁସି ପଡ଼ିଲେ ଝିମୁଡ଼ିଙ୍କ ସନ୍ଦେଶ ବରଷ ।

୭୪ । ହାତୀକୁ ବାଇଗୋଲି ଆହାର ।
[ ବଡ଼ଲୋକଙ୍କୁ ସାମାନ୍ୟ ସାହାଯ୍ୟ ଦେବା । ]

୭୫ । ହାତୀକୁ ହାତ ଉଠାଏ । [ହାତୀ ଗାତରେ ପଡ଼ିଲେ ତାକୁ ହାତ ଟେକିକି ଉଠାଇବା ପାଇଁ ସକ୍ଷମ ହୁଏ ।]

୭୬ । ହାତୀ ମରି ପଡ଼ିଲେ ସୁଦ୍ଧେ ଲକ୍ଷ ।
[ ମୃତ୍ୟୁ ପରେ ମଧ୍ୟ ମହାପୁରୁଷଙ୍କର ଆଭିଜାତ୍ୟ ବା ଗୌରବ ନଷ୍ଟ ହୁଏ ନାହିଁ । ]

୭୭ । ହାତ ଚଳଉଥିଲାବେଳେ ମୁହଁବା ଚଳଉଥିବା ।
[ ଅତ୍ୟନ୍ତ ଉଦ୍ୟମଶାଳୀ ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ବଚନ । ]

୭୮ । ହାତ ପାତିଲେ କି ଗଛରୁ ଫଳ ପଡ଼ିବ ?
[ ବିନା ଶ୍ରମରେ ଫଳଲାଭ ଅସମ୍ଭବ । ]

୭୯ । ହାତୁଁ ଦେବ ପରେ ନୋହିବ ଲଗା,
ମାତୃଆଙ୍କଠୁଁ ନୋହିଁବ ମଟା,
ଷଣ୍ଢ ବେକରେ ନ ଦେବ ପଘା । [ଉପଦେଶ]

୮୦ । ହାତୀ ଛିଣ୍ଡି ଛିଣ୍ଡି ଗଲେଣି,
ମୂଷା ବାଡ଼ି ବାନ୍ଧି ବୁଝିଲ ଗଲେଣି ।

୮୧ । ହାତେ ମାପି ଗୁଡ଼େଣ୍ଡେ ଚୁଲିବା । [ସାବଧାନତା]

୮୨ । ହାଡ଼ ଜଣା ଜୁଇଟି ଅଛି ସେଥିଁ ଗା ଦେଖାଉ ।
[ ସାର ହାଡ଼ିବା ଜଣିବା ଭୁବନ୍ତୁ ସମାନ ଜ୍ଞାନ କରେ ]

୮୩। ହିନ୍ଦୁ ପୁଅ ପିଣ୍ଡ (ଶ୍ରାଦ୍ଧ) ଖାଏ, ଘେଣ୍ଟ ପୁଅ ଗୁଣ୍ଡି ରଖୁଥାଏ।
[ ଧର୍ମପୁଅ ରେଳଜଣାଇଥିଅ ହୋଇଥିଲେ ନିଜର ଗର୍ଭ [ ପୁଅ-ଠାରୁ ତାକୁ ଅଧିକ ଆଦର କରନ୍ତି। ]

୮୪। ହିନ୍ଦୁ ନ ଖାଏ ପିଅଜ, ମୁସଲମାନ ନ ଖାଏ ବିଅଜ।
[ ମୁସଲମାନ ଧର୍ମରେ ଟଙ୍କା କରଜ ଦେଇ ସୁଧ ନେବା ମନା ଅଛି। ]

୮୫। ହେଣ୍ଡାଗିଆ ପାଟିକୁ ଚିଣ୍ଡିକା ଆହାର।
[ ବହୁଭୋଜୀ ପ୍ରାଣୀ ସ୍ୱଳ୍ପ ଆହାରରେ ସନ୍ତୁଷ୍ଟ ହୁଏ ନାହିଁ। ]

୮୬। ହେଁସ ଖୁଲା ବାଣୀ ନେଉଛି ପଉଛି।
[ ହେଁସ ବାଣୀ ଏବ ବାରମ୍ବାର ୯ ପଛ ସେପଛ ହେବା। ]

୮୭। ହେଳୁ ଶୁଙ୍ଘାଇବା। ( ଠକି ଦେବା )

୮୮। ହେଲା ଭଲେ ହେଲା ଭୂତେଇ।

---

## —କ୍ଷ—

୧ । କ୍ଷୀରରେ ଧୋଇଲେ ଖଣ୍ଡରେ ମୋଡ଼ିଲେ
ନିମ୍ବ କି ମଧୁର ହୋଇବ;
ସେପରି ପରକାରେ ଭୁଞ୍ଜାଇ ରଖିଲେ
ପର କି ଆପଣା ହୋଇବ ?

୨ । କ୍ଷୀର ହାଣ୍ଡିରେ ଗୋଡ଼ ପଡ଼ିବା । (ଗୁଡ଼ ପଡ଼ିବା)
[ ସମ୍ପଦ ବା ସୌଭାଗ୍ୟର ପ୍ରାଚୁର୍ଯ୍ୟ । ]

୩ । କ୍ଷଣେକେ ରଙ୍ଗ ମନୁଷ୍ୟ, କ୍ଷଣେକେ ପାଣି ଦସ୍କୁଡ଼ି ।
[ ମନୁଷ୍ୟ ଜୀବନର ଅନିଶ୍ଚିତତା ସମ୍ପର୍କରେ ଉକ୍ତି । ]

୪ । କ୍ଷୀର ନୀର ସମ୍ପର୍କ । (ଅଭେଦ ପ୍ରୀତି । )

୫ । କ୍ଷୀରରେ ଖାର (ଗାର) ଦେବା ।
[ ବିଶ୍ୱାସରେ ଅବିଶ୍ୱାସ ଆଚରଣ କରିବା । ]

୬ । କ୍ଷୁଦ୍ର ସର୍ପର ବିଷ ଉତ୍କଟର ।
[ ଶିଶୁମାନଙ୍କର ଭିତର ପ୍ରତିଭା ଅଧିକ ଥାଏ । ]

୭। ଖେଳକୁ ଟେକି ଭୁଞ୍ଜା (ଜବାବ, ପାଇଁ) ଧରଣ।
[ ନିଜନ୍ଦପଟର ଦାୟିତ୍ୱ ପଡ଼ିଲେ ମନୁଷ୍ୟ ତାହା ଭୁଲିଯିବା-ପାଇଁ ସଚେଷ୍ଟ ହୁଏ। ]

ମୁଦ୍ରାକର—ଶ୍ରୀ ରାମଚନ୍ଦ୍ର କର,
ସାରସ୍ୱତ ପ୍ରେସ, ଦରଘା ବଜାର, କଟକ—୧୯୬୧

ଦୃଶ୍ୟ ୬ ୮-୫୦ ଦୃ. ଓ.